# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 41 ♦ISSUE-239 ♦BHUBANESWAR ♦FRIDAY ♦23 FEBRUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୩୯ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୩ ଫେବୃଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦


## ମାର୍ଚ୍ଚ ୨୨ରୁ ଆଇପିଏଲ୍-୧୭



ଚେନ୍ନାଇ-ବାଙ୍ଗାଲୋର ଉଦ୍‌ଘାଟନୀ ମୁକାବିଲା

**ମୁମ୍ବାଇ, ୨୦।୨(ଏଜେନ୍ସି):** ବିଶ୍ୱର ସବୁଠାରୁ ବ୍ୟୟ ବହୁଳ ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ପ୍ରତିଯୋଗିତା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଆଗାମୀ ୧୭ତମ ସଂସ୍କରଣ ପାଇଁ କାର୍ଯ୍ୟସୂଚୀ ଜାରି କରାଯାଇଛି। ଦେଶରେ ସାଧାରଣ ନିର୍ବାଚନ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିବାରୁ ଲିଗ୍‌ର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଜାରି କରାଯାଇନାହିଁ। ଗୁରୁବାର ଲିଗ୍‌ର ପ୍ରଥମ ୨୧ଟି ମ୍ୟାଚ୍‌ର କାର୍ଯ୍ୟସୂଚୀ ଘୋଷିତ ହୋଇଛି। ଲୋକସଭା ନିର୍ବାଚନର ତାରିଖ ଘୋଷଣା ହେବା ପରେ ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟସୂଚୀ ଘୋଷଣା କରାଯିବ। ଏଥର ଏହି ହାଇପ୍ରୋଫାଇଲ ଲିଗ୍ ମାର୍ଚ୍ଚ ୨୨ରୁ ଆରମ୍ଭ ହେବ। ଉଦ୍‌ଘାଟନୀ ମୁକାବିଲାରେ ଗତଥରର ଚାମ୍ପିଅନ ଚେନ୍ନାଇ ସୁପର କିଙ୍ଗ୍‌ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମୁହାଁମୁହିଁ ହେବେ।




DSPL-701

## ଶୁଭ ଉଦ୍‌ଘାଟନ



୧୨ଟି ହକି ପ୍ରଶିକ୍ଷଣ କେନ୍ଦ୍ର



୪୮ଟି ବହୁମୁଖୀ ଇନ୍‌ଡୋର୍ ଷ୍ଟାଡ଼ିୟମ



ଟେବୁଲ ଟେନିସ୍ ଏକାଡେମୀ,
କଟକ



ଜିମ୍ନାଷ୍ଟିକ୍ ଏକାଡେମୀ,
ରାଉରକେଲା



ବହୁମୁଖୀ ଇନ୍‌ଡୋର୍ ହଲ,
ଭବାନୀପାଟଣା

## ଭିତ୍ତିପ୍ରସ୍ତର ସ୍ଥାପନ



ହକି ପ୍ରଶିକ୍ଷଣ କେନ୍ଦ୍ର,
ଦେବଗଡ଼



ମହିଳା ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ର,
ଆଳି, କେନ୍ଦ୍ରାପଡ଼ା



ବହୁମୁଖୀ ଇନ୍‌ଡୋର୍ ଷ୍ଟାଡ଼ିୟମ
ରେମୁଣା, ବାଲିଗୁଡ଼ା, କରଞ୍ଜିଆ ଓ ଟିଟିଲାଗଡ଼



ଇନ୍‌ଡୋର୍ ସୁଇମିଂ ପୁଲ,
ଭଦ୍ରକ



ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ର,
କଟକ

OIPR-29001/13/0236/2324

# ନୌସେନା ପାଇଁ କିଣାଯିବ ୨୦୦ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର

■ ନୂଆଦିଲ୍ଲୀ, ୨୨।୨ (ଏଜେନ୍ସି): ଭାରତୀୟ ନୌସେନାର ସମରସାମର୍ଥ୍ୟ ବୃଦ୍ଧି ପାଇଁ ବଡ଼ ନିଷ୍ପତ୍ତି ନିଆଯାଇଛି। ଯୁଦ୍ଧଜାହଜଗୁଡ଼ିକରେ ବର୍ଦ୍ଧିତ ରେଞ୍ଜର ବ୍ରହ୍ମୋସ ସୁପରାସାନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ମୁତୟନ କରାଯିବ। ନୌସେନା ପାଇଁ ୨୦୦ ବ୍ରହ୍ମୋସ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର କ୍ରୟ କରାଯିବ। ଏଥିପାଇଁ ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହରେ ବ୍ରହ୍ମୋସ ଏରୋସ୍ପେସ ପ୍ରାଇଭେଟ୍ ଲିଃ ସହ ପ୍ରତିରକ୍ଷା ମନ୍ତ୍ରଣାଳୟ ଚୁକ୍ତି ସ୍ୱାକ୍ଷର କରିବ। ଏହି ପ୍ରସ୍ତାବକୁ କ୍ୟାବିନେଟ୍ କମିଟି ଅନ୍ ସିକ୍ୟୁରିଟି(ସିସିଏସ୍) ବୁଧବାର ସନ୍ଧ୍ୟାରେ ସବୁଜ ସଙ୍କେତ ଦେଇଥିଲା। ୨୦୦ ବ୍ରହ୍ମୋସ କ୍ରୟ ନିମନ୍ତେ କେନ୍ଦ୍ର ସରକାର ପ୍ରାୟ ୧୯ହଜାର କୋଟି ଟଙ୍କା ବ୍ୟୟ କରିବେ। ୧୯୯୮ରେ ସ୍ଥାପିତ ବ୍ରହ୍ମୋସ ଏରୋସ୍ପେସ ପ୍ରାଇଭେଟ୍ ଲିଃ ହେଉଛି ଏକ ଇଣ୍ଡୋ-ରଷିୟାନ୍ ବହୁରାଷ୍ଟ୍ରୀୟ ବାୟୁ ପ୍ରତିରକ୍ଷା ନିଗମ ଯାହାର ମୁଖ୍ୟାଳୟ ନୂଆଦିଲ୍ଲୀରେ ରହିଛି। ଏହା ଭାରତୀୟ ପ୍ରତିରକ୍ଷା ଗବେଷଣା ସଂଗଠନ (ଡିଆରଡିଓ) ଓ ରୁଷୀୟ ଏନପିଓ ମାସିନୋସ୍ତ୍ରୋୟେନିୟାର ଏକ ମିଳିତ ଉଦ୍ୟୋଗ। ଏହି ଉଦ୍ୟୋଗ ବିଶ୍ୱର ଅନ୍ୟତମ କ୍ଷୀପ୍ରତମ କ୍ଷେପଣାସ୍ତ୍ର ବ୍ରହ୍ମୋସର ଡିଜାଇନ୍ ବିକାଶ, ନିର୍ମାଣ ଓ ବିପଣନ କରିଥାଏ। ଏହି ଉଦ୍ୟୋଗରେ ପ୍ରଥମେ ଭାରତ ଓ ରୁଷ ସମାନ ଅଂଶୀଦାର ଥିଲେ। କାଳକ୍ରମେ ଭାରତ ଏହି ଉଦ୍ୟୋଗରେ ତା'ର ମାଲିକାନା ବଢ଼ାଇଚାଲିଛି। ଏହି ସୁପରସୋନିକ୍ କ୍ରୁଜ କ୍ଷେପଣାସ୍ତ୍ରର ଅନେକାଂଶ ଏବେ ସ୍ୱଦେଶ(ଭାରତ) ନିର୍ମିତ ହୋଇପାରିଛି।


THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-239 ◆BHUBANESWAR ◆FRIDAY ◆23 FEBRUARY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୩୯ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୩ ଫେବୃଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦







**ବାଜିଲା କ୍ୟାବିନେଟ ମୋହର**

# ସଶକ୍ତ ହେବେ କୃଷି ପରିବାର

**କାଳିଆ ଯୋଜନାରେ ଆଗାମୀ ୩ ବର୍ଷ ପାଇଁ ବ୍ୟୟ ଅଟକଳକୁ ଅନୁମୋଦନ**

**୩ ବର୍ଷ ପାଇଁ ୬୦୨୯.୭ କୋଟି ବରାଦ, ଉପକୃତ ହେବେ କାଳିଆ ହିତାଧିକାରୀ**

**ଯୋଗ୍ୟ ଭୂମିହୀନ କୃଷି ପରିବାରକୁ ଅତିରିକ୍ତ ୨୦୦୦ ଟଙ୍କା ଆର୍ଥିକ ସହାୟତା**

**କୃଷି ପରିବାରକୁ ବର୍ଷକୁ ମିଳିବ ୧୪୫୦୦ ଟଙ୍କାର ଆର୍ଥିକ ସହାୟତା ରାଶି**

**ଯେକୌଣସି ସମୟରେ ସରକାର ପ୍ରଦାନ କରିପାରିବେ କାଳିଆ ସହାୟତା**



**ଚାଷୀଭାଇଙ୍କ ପାଇଁ ୩ ବଡ଼ ନିଷ୍ପତ୍ତି**

■ ଭୁବନେଶ୍ୱର, ୨୨।୨ (ସମିସ): କୃଷକମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର କାଳିଆ ଯୋଜନା ପ୍ରଣୟନ କରିଛନ୍ତି। ୨୦୧୮-୧୯ରୁ କାର୍ଯ୍ୟକାରୀ ଏହି ଯୋଜନା ଚାଷୀଭାଇଙ୍କ ଜୀବନରେ ଅଭୂତପୂର୍ବ ପରିବର୍ତ୍ତନ ଆଣିପାରିଛି। ଏହି ଯୋଜନା ମଧ୍ୟ ଭୂମିହୀନ କୃଷି ପରିବାରର ଦ୍ୱାରିଦ୍ର୍ୟ ଦୂରୀକରଣରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଏହି ଯୋଜନା ସଂକ୍ରାନ୍ତରେ ଆଉ ୩ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାର କାଳିଆ ଯୋଜନାକୁ ଆଉ ୩ ବର୍ଷ ୨୦୨୪-୨୫ରୁ ୨୦୨୬-୨୭ ଯାଏଁ ବ୍ୟୟ ଅଟକଳକୁ ଅନୁମୋଦନ କରିଛନ୍ତି। ଏହି ୩ ବର୍ଷ ପାଇଁ ମୋଟ ୬୦୨୯.୭୦ କୋଟି ଟଙ୍କାର ବ୍ୟୟ ଅଟକଳକୁ ରାଜ୍ୟ କ୍ୟାବିନେଟ୍ ଆଜି ମଞ୍ଜୁରୀ ଦେଇଛି। ଯାହାଦ୍ୱାରା ରାଜ୍ୟର ସମସ୍ତ କାଳିଆ ହିତାଧିକାରୀ କୃଷକ ପରିବାର ଉପକୃତ ହୋଇପାରିବେ ବୋଲି ସରକାର ଆଶା ପ୍ରକାଶ କରିଛନ୍ତି। ସେହିପରି ଦ୍ୱିତୀୟ ବଡ଼ ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ସମସ୍ତ ଯୋଗ୍ୟ ଭୂମିହୀନ କାଳିଆ ହିତାଧିକାରୀ ପରିବାରକୁ ରାଜ୍ୟ ସରକାର ୨୦୦୦ ଟଙ୍କାର ଅତିରିକ୍ତ ଆର୍ଥିକ ସହାୟତା ପ୍ରଦାନ କରିବେ। ଯାହାଫଳରେ ଏଣିକି ସେମାନେ ବାର୍ଷିକ ୧୪୫୦୦ ଟଙ୍କା ପାଇପାରିବେ। ପୁନଶ୍ଚ ରାଜ୍ୟ ସରକାର କାଳିଆ ସହାୟତା ପୂର୍ବ ପ୍ରକାଶିତ ସମୟ ବ୍ୟତୀତ ଯେକୌଣସି ସମୟରେ ରାଜ୍ୟ ସରକାର ଦେଇପାରିବେ ବୋଲି ମଧ୍ୟ ନିଷ୍ପତ୍ତି ନିଆଯାଇଛି।

କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସୁଦାମ ମାର୍ଣ୍ଡି ଏବଂ ରାଜ୍ୟ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। କାଳିଆ ଯୋଜନା କୃଷି ବିକାଶକୁ ତ୍ୱରାନ୍ୱିତ କରିବା ସହ ଭୂମିହୀନ କୃଷି ପରିବାରର ଦାରିଦ୍ର୍ୟ ଦୂରୀକରଣରେ ପ୍ରମୁଖ ଭୂମିକା ଗ୍ରହଣ କରିପାରୁଛି। ଏତ୍‌ଦବ୍ୟତୀତ କାଳିଆ ହିତାଧିକାରୀଙ୍କ ପିଲାମାନଙ୍କ ▶ପୃଷ୍ଠା-୯

**ଜନହିତ ଟାଇମ୍ସର ପ୍ରାକ୍ ନିର୍ବାଚନୀ ସର୍ଭେ**

# ବିଜେଡିକୁ ମିଳିବ ୧୮ ଲୋକସଭା ଆସନ



**ବିଜେପି ୨ଟି, କଂଗ୍ରେସ ଗୋଟିଏ ଆସନରେ ହେବେ ସନ୍ତୁଷ୍ଟ**

**ବିଜେପି ହରାଇବ ଭୁବନେଶ୍ୱର, ବାଲେଶ୍ୱର, ମୟୂରଭଞ୍ଜ ଆସନ**

**ପଶ୍ଚିମ ଓଡ଼ିଶାର ୫ ଆସନରୁ ୨ଟିରେ ବିଜେଡିର ବିଜୟଆଶା**

■ ଭୁବନେଶ୍ୱର, ୨୨।୨ (ସମିସ): ଆସନ୍ତା ଲୋକସଭା ନିର୍ବାଚନରେ ବିଜେଡିକୁ ମିଳିବ ଅକଳ୍ପନୀୟ ସଫଳତା। ଦଳ ବିଧାନସଭା ଓ ଲୋକସଭା ନିର୍ବାଚନରେ ଚମକପ୍ରଦ ବିଜୟ ହାସଲ କରିବ। ରାଜ୍ୟର ୨୧ ଲୋକସଭା ଆସନ ମଧ୍ୟରୁ ବିଜେଡିକୁ ୧୮ଟି ଆସନ ମିଳିବ। ସେହିପରି ବିଜେପିକୁ ମାତ୍ର ୨ଟି ଏବଂ ପୂର୍ବପରି କଂଗ୍ରେସକୁ ଗୋଟିଏ ଆସନ ମିଳିପାରେ। ଦେଶର ଅଗ୍ରଣୀ ଗଣମାଧ୍ୟମ ଜନହିତ ଟାଇମ୍ସ ପକ୍ଷରୁ କରାଯାଇଥିବା ଏକ ପ୍ରାକ୍ ନିର୍ବାଚନୀ ସର୍ଭେରେ ଏହା ପ୍ରକାଶ ପାଇଛି।

ରିପୋର୍ଟ ଅନୁଯାୟୀ ଗତ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ୧୨ଟି ଆସନ, ବିଜେପିକୁ ୮ଟି ଓ କଂଗ୍ରେସକୁ ୧ଟି ଆସନ ମିଳିଥିଲା। ତେବେ ଆସନ୍ତା ନିର୍ବାଚନରେ ବିଜେଡି ବିଜେପି ହାତରୁ ୫ଟି ଆସନ ଛଡ଼ାଇ ନେଇପାରେ। ଗତ ସାଧାରଣ ନିର୍ବାଚନରେ ବିଜେପି ଜିତିଥିବା ଭୁବନେଶ୍ୱର, ବାଲେଶ୍ୱର ଓ ମୟୂରଭଞ୍ଜ ସଂସଦୀୟ ଆସନକୁ ଏଥର ବିଜେଡି ଛଡ଼ାଇ ନେବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି ପଶ୍ଚିମ ଓଡ଼ିଶାରେ ବିଜେପି ଗତଥର ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର, କଳାହାଣ୍ଡି ଓ ବଲାଙ୍ଗୀର ଆସନ ଜିଣିବାରେ ସକ୍ଷମ ହୋଇଥିଲା। ଆସନ୍ତା ନିର୍ବାଚନରେ ଉପରୋକ୍ତ ୫ ଆସନରେ ବିଜେଡି-ବିଜେପି ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିବ ଏବଂ ଉପରୋକ୍ତ ୫ ଆସନରୁ ବିଜେଡି ଅତିକମ୍‌ରେ ୨ ଆସନରେ ବିଜୟୀ ହେବାର ଯଥେଷ୍ଟ ସମ୍ଭାବନା ଥିବାବେଳେ ବିଜେପି ୨ଟି ଏବଂ କଂଗ୍ରେସକୁ ଗୋଟିଏ ଆସନ ମିଳିପାରେ ବୋଲି ବୋଲି ଜନମତକୁ ଆଧାର କରି ଆକଳନ କରିଛି ଜନହିତ ଟାଇମ୍ସ। ଅନ୍ୟପକ୍ଷରେ ଗତଥର କଂଗ୍ରେସ ରାଜ୍ୟର ଏକମାତ୍ର ସଂସଦୀୟ ଆସନ ଜିଣିଥିବା କୋରାପୁଟ ଲୋକସଭା ଆସନ୍ତା ▶ପୃଷ୍ଠା-୯

# ୧୮ ସହରରେ ୩୫ ଡିଗ୍ରୀ ତାତି

■ ଭୁବନେଶ୍ୱର, ୨୨।୨(ସମିସ): ୪ ଦିନ ହେବ ରାଜ୍ୟରେ ଟାଣଖରା ଜାରି ରହିଛି। ଗତ ଦୁଇ ଦିନ ମଧ୍ୟରେ ରାଜ୍ୟର ୧୫ଟି ସହରରେ ତାପମାତ୍ରା ୩୫ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଥିବା ବେଳେ ଗୁରୁବାର ରାଜ୍ୟର ୧୮ ଟି ସହରର ତାପମାତ୍ରା ୩୫ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଛି। ଆଜି ସୋନପୁର ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇଥିଲା। ଏଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୬.୩ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ଦୁଇ ଦିନ ହେବ ରାଜ୍ୟର ଉତ୍ତପ୍ତ ସହର ଭାବେ ପରିଗଣିତ ହେଉଥିବା ଭୁବନେଶ୍ୱର ପାଦେ ତଳକୁ ଖସିଛି। ୩୬.୨ ଡିଗ୍ରୀ ସହ ଭୁବନେଶ୍ୱର ଆଜି ଦ୍ୱିତୀୟ ଉତ୍ତପ୍ତ ସହର ଭାବେ ପରିଣତ ହୋଇଛି। ତାଳଚେରରେ ମଧ୍ୟ ତାପମାତ୍ରା ୩୬.୨ଡିଗ୍ରୀ ରେକର୍ଡ କରାଯାଇଛି। ଅପରପେକ୍ଷ ଟିଟିଲାଗଡ଼ରେ ତାପମାତ୍ରା ୩୬ ଡିଗ୍ରୀ, ବୌଦ୍ଧରେ ୩୬, ଝାରସୁଗୁଡ଼ାରେ ୩୫.୭, ଭଦ୍ରକରେ ୩୫.୬, ଢେଙ୍କାନାଳରେ ୩୫.୬, ଭବାନୀପାଟଣାରେ ୩୫.୫, ନୟାଗଡ଼ରେ ୩୫.୫, ବଲାଙ୍ଗିରରେ ୩୫.୫, କଟକରେ ୩୫.୪, ମାଲକାନଗିରିରେ ୩୫.୪, ଅନୁଗୋଳରେ ୩୫.୩, ବାଲେଶ୍ୱରରେ ୩୫.୨, ଚାନ୍ଦବାଲିରେ ୩୫.୨, ଯାଜପୁରରେ ୩୫.୨ ଓ ପାରଳାଖେମୁଣ୍ଡିରେ ତାପମାତ୍ରା ୩୫ ଡିଗ୍ରୀ ରେକର୍ଡ ହୋଇଛି।




ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ଶୁକ୍ରବାରଠାରୁ ରାଜ୍ୟର ତାପମାତ୍ରା ହ୍ରାସ ପାଇବ। ଗୁରୁବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗରେ ପରିବର୍ତ୍ତନ ଆସିଥିବା ବେଳେ ଶୁକ୍ରବାରଠାରୁ ଅଧିକ ଜିଲ୍ଲାରେ ପାଗରେ ପରିବର୍ତ୍ତନ ଆସିବ। ଗୁରୁବାର ରାତିରୁ ଶୁକ୍ରବାର ସକାଳ ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ▶ପୃଷ୍ଠା-୯

# ଗଞ୍ଜାମରେ ବିକାଶ କାମର ହିସାବ ଦେଲେ '୫-ଟି' ଅଧ୍ୟକ୍ଷ

■ ସୋରଡ଼ା/ଧରାକୋଟ/ଦିଗପହଣ୍ଡି,୨୨।୨(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି '୫-ଟି' ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବା ସହିତ ଜନସାଧାରଣଙ୍କ ସହ ଭାବବିନିମୟ କରିଛନ୍ତି। ଶ୍ରୀ ପାଣ୍ଡିଆନ୍ ପ୍ରଥମେ ସୋରଡ଼ା ବ୍ଲକରେ ପିପଲପଙ୍କ ଡ୍ୟାମ୍, ଧରାକୋଟ ବ୍ଲକରେ ଜାନିଭିଲ୍ଲୀ ବ୍ୟାରେଜ୍ ପ୍ରକଳ୍ପ ଓ ଦିଗପହଣ୍ଡି ବ୍ଲକରେ ଛେଳିଗଡ଼ ଜଳସେଚନ ପ୍ରକଳ୍ପର ଅଗ୍ରଗତି ବୁଲି ଦେଖିଛନ୍ତି। ଏହି ପ୍ରକଳ୍ପ ପାଇଁ ସରକାର ୧୩୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ଏବଂ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ୧.୮୪ ଲକ୍ଷ ଏକର ଜମିକୁ ଜଳସେଚିତ କରାଯାଇ ପାରିବ। ଏହି ଅବସରରେ ଶ୍ରୀ ପାଣ୍ଡିଆନ୍ ବେଲଗୁଣ୍ଠା, ଧରାକୋଟ, କୁକୁଡ଼ାଖଣ୍ଡି ଓ ପାତ୍ରପୁର ଠାରେ ଆୟୋଜିତ ଜନସମାବେଶରେ ଯୋଗ ଦେଇ ଜନସାଧାରଣଙ୍କୁ ବିକାଶ ଓ ଲୋକହିତକର କାର୍ଯ୍ୟଗୁଡ଼ିକର ହିସାବ ଦେଇଛନ୍ତି।



**ମୁଖ୍ୟମନ୍ତ୍ରୀ ସବୁ ବର୍ଗର ଲୋକଙ୍କ ହିତ ପାଇଁ କାମ କରୁଛନ୍ତି**

**୧.୮୪ ଲକ୍ଷ ଏକର ଜମିକୁ ଜଳ ଯୋଗାଇବ ୧୩୦୦ କୋଟିର ପ୍ରକଳ୍ପ**

**୫ ହଜାରରୁ ୧୦ ହଜାର ଟଙ୍କାକୁ ବଢ଼ିଲା 'ମମତା' ସହାୟତା ରାଶି**

**'ନୂଆ-ଓ' ଯୋଜନାରେ ଛାତ୍ରଙ୍କୁ ୯ ହଜାର, ଛାତ୍ରୀଙ୍କୁ ୧୦ ହଜାର ଟଙ୍କା ବୃତ୍ତି**

**ଜିଲ୍ଲା ଗସ୍ତ ପରେ ଆରମ୍ଭ ହୋଇଛି ୧୨୧୩ କୋଟି ଟଙ୍କାର ପ୍ରକଳ୍ପ**

ସାମାଜିକ ସୁରକ୍ଷା ହିତାଧିକାରୀଙ୍କ ସମସ୍ୟା ଦୂର ପାଇଁ ମୁଖ୍ୟମନ୍ତ୍ରୀ ୫୦୦ ଟଙ୍କା ଅଧିକ ଭତ୍ତା ଦେଇଛନ୍ତି ଏବଂ ଏହା ଦ୍ୱାରା ରାଜ୍ୟର ୫୮ ଲକ୍ଷ ଲୋକ ଉପକୃତ ହେବେ ବୋଲି ଶ୍ରୀ ପାଣ୍ଡିଆନ୍ ସଭା ମଞ୍ଚରୁ ସୂଚନା ଦେଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା, ମୁଖ୍ୟମନ୍ତ୍ରୀ ବୁଣାକାର ଓ କାରିଗର ସହାୟତା ଯୋଜନାରେ ଭତ୍ତା ଟଙ୍କା ୧୨୦୦ରୁ ୨୦୦୦ ଟଙ୍କାକୁ ବୃଦ୍ଧି, ମମତା ଯୋଜନାରେ ମିଳୁଥିବା ପ୍ରୋତ୍ସାହନ ରାଶି ୫୦୦୦ ଟଙ୍କାରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିବା ମଧ୍ୟ କହିଛନ୍ତି। ଗତବର୍ଷ ଅଗଷ୍ଟ ମାସରେ ତାଙ୍କର ଗଞ୍ଜାମ ଜିଲ୍ଲା ଗସ୍ତ ପରେ ଲୋକଙ୍କ ମତ ଆଧାରରେ ଗଞ୍ଜାମ ଜିଲ୍ଲା ପାଇଁ ୧୨୧୩ କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ କରାଯାଇଛି ବୋଲି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

ସେ ପୁଣି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସବୁ ବର୍ଗର ଲୋକଙ୍କ ହିତ ପାଇଁ ▶ପୃଷ୍ଠା-୯

## ଲୋକକଥା



ଲକ୍ଷ୍ମୀଛଡ଼ା ଆଉ ରହିବେନି କେହି
ଲକ୍ଷ୍ମୀ ଯିବେ ଘରେ ଘରେ,
ଉନ୍ନୟନ କାମ ଚାଲିଛି ରାଇଜେ
ବିକାଶ ଧାଉଁଚି ଖରେ।
ବିରୋଧୀ ଡରରେ ଥରେ,
ଆଶଙ୍କାରେ ତାଙ୍କ ଚବିଶ ଯୋଜନା,
ଫ୍ଲପ୍ ହୋଇଯାଇ ପାରେ !!

**ଚକ୍ରାନ୍ତକାରୀଙ୍କୁ ପାଣ୍ଡିଆନଙ୍କ ଶାଣିତ ଜବାବ**

# ମୋତେ ଗୁଳିମାଡ଼ ବି ରୋକିପାରିବନି

■ ଭୁବନେଶ୍ୱର, ୨୨।୨ (ସମିସ): ବହୁ ଲୋକ ଆସିବେ ମଞ୍ଚ ଉପରୁ ବଡ଼ ବଡ଼ ପ୍ରତିଶ୍ରୁତି ଦେବେ, ଆଉ କାମ ସରିଗଲେ ଚାଲିଯିବେ।

**ମୁଁ ଲୋକଙ୍କ ପାଖକୁ ଯାଉଛି, ସେମାନଙ୍କ ସମସ୍ୟା ଦୂର କରୁଛି**

**ମୋ ପାଇଁ ମୂଲ୍ୟବାନ୍ ଲୋକଙ୍କ ମୁହଁରେ ଆତ୍ମସନ୍ତୋଷର ହସ**

ସେମାନେ କିଛି କାମ କରି ନାହାନ୍ତି, କିମ୍ବା କୌଣସି କାମ କରିବେ ନାହିଁ; କିନ୍ତୁ ମୁଁ ସେମାନଙ୍କ ପରି ନୁହଁ। ମୁଁ ଲୋକଙ୍କ ପାଇଁ କାମ କରୁଛି, ଆଉ ସବୁଦିନ କରୁଥିବି। ମୋତେ ଚପଲ, ଅଣ୍ଡା, କାଳି, ଟମାଟୋ, ଏପରିକି ମୋ ଉପରକୁ ଗୁଳି ମାଡ଼ କଲେ ବି ମୋତେ କେହି



ଅଟକାଇ ପାରିବେ ନାହିଁ। ଏପରି କାମ କରୁଥିବା ଅସହିଷ୍ଣୁ ଲୋକମାନେ କିଛି ଫାଇଦା ପାଇବେ ନାହିଁ। ମୁଁ ଲୋକମାନଙ୍କ ସମସ୍ୟା ଦୂର ପାଇଁ ଆସୁଛି ଆଉ ଆସୁଥିବି। ଆଜି ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠାରେ ଆୟୋଜିତ ସାଧାରଣ ସଭାରେ ଜନ ବିରୋଧୀମାନଙ୍କୁ କଡ଼ାଶବ୍ଦରେ ଏପରି ପାଲଟା ଜବାବ୍ ଦେଇଛନ୍ତି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍।

ଗୁରୁବାର ବେଲଗୁଣ୍ଠା ସଭାରେ ୧୦ ହଜାରରୁ ଅଧିକ ଲୋକଙ୍କ ସମାବେଶରେ ଶ୍ରୀ ପାଣ୍ଡିଆନ ବିକାଶକୁ ବିରୋଧ କରୁଥିବା ଲୋକଙ୍କୁ କଡ଼ା ଭାଷାରେ ବିରୋଧର ପରିଣାମ ଚେତାଇ ଦେଇଛନ୍ତି। ରୂପାନ୍ତରଣର ସାରଥୀଙ୍କୁ ନିଜ ପାଖରେ ପାଇ ହଜାର ହଜାର ସାଧାରଣ ଜନତା ଆତ୍ମବିଭୋର ▶ପୃଷ୍ଠା-୯

# ରୂପାନ୍ତରଣ ସାରଥୀ, ଅବିଶ୍ରାନ୍ତ ଯାତ୍ରା

**'ପାଣ୍ଡିଆନ ଅଭିଧାନ'ରୁ ବିଶ୍ରାମ ଶବ୍ଦ ଉଭାନ**

■ ଭୁବନେଶ୍ୱର, ୨୨।୨ (ସମିସ) : ପ୍ରଚଣ୍ଡ ଖରା ଅବା ଅବିଶ୍ରାନ୍ତ ବର୍ଷା, ନିଶାର୍ଦ୍ଧ ହେଉ ଅବା କୁହୁଡ଼ିଘେରା ପ୍ରତ୍ୟୁଷ। କାର୍ଯ୍ୟରେ ନାହିଁ ବିଶ୍ରାମ। 'ନବୀନ ଓଡ଼ିଶା' ଗଠନ ଲକ୍ଷ୍ୟରେ ସାରା ଓଡ଼ିଶାର କୋଣ ଅନୁକୋଣ ଘୂରି ବୁଲୁଥିବା '୫-ଟି' ଅଧ୍ୟକ୍ଷଙ୍କ ଅଭିଧାନରୁ ବିଶ୍ରାମ ଶବ୍ଦ ଯେପରି ଉଭାନ ହୋଇ ଯାଇଛି। ନିଜେ କାମ କରିବା ସହ ଅନ୍ୟମାନଙ୍କୁ ସାଥୀରେ ନେଇ କାର୍ଯ୍ୟକୁ ଚୂଡ଼ାନ୍ତ ରୂପ ଦେବାରେ ସେ ଲାଗି ପଡ଼ିଛନ୍ତି। ଅତୀତରେ ସେ ଏପରି ଅନେକ ଉଦାହରଣ ରଖିଛନ୍ତି; ଗତକାଲି ଓ ଆଜି ୪୮ ଘଣ୍ଟା ଧରି ନିରବଚ୍ଛିନ୍ନ କାର୍ଯ୍ୟ କରି ଏହି ଉଦାହରଣରେ ସେ ଯୋଡ଼ିଛନ୍ତି ଆଉ ଏକ ପୃଷ୍ଠା। ଗତକାଲି ସକାଳେ ବାରବାଟି ଷ୍ଟାଡିୟମ୍‌ର ରୂପାନ୍ତରଣ କାର୍ଯ୍ୟ ଅନୁଧ୍ୟାନ ପରେ ସନ୍ଧ୍ୟାରେ ସୁଦୂର ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡ଼ିୟମରେ



ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। କ୍ରୀଡ଼ାବିତ୍ ମାନଙ୍କ ସହ ଆଲୋଚନା ପରେ ପ୍ରତ୍ୟୁଷରେ ରାଉରକେଲାର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା, ବିଭିନ୍ନ ରୂପାନ୍ତରଣ ▶ପୃଷ୍ଠା-୯

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
♦VOLUME- 41 ♦ISSUE-239 ♦BHUBANESWAR ♦FRIDAY ♦23 FEBRUARY 2024 ♦PAGE-20 ♦₹ 6.00
♦ବର୍ଷ-୪୧ ♦ସଂଖ୍ୟା-୨୩୯ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୩ ଫେବୃଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦

## ଗୁଲ୍‌ମାର୍ଗରେ ହିମସ୍ଖଳନ; ରୁଷ୍ ପର୍ଯ୍ୟଟକ ମୃତ



**ଶ୍ରୀନଗର, ୨୨।୨ (ଏଜେନ୍ସି):** ଜମ୍ମୁ-କାଶ୍ମୀର ଗୁଲ୍‌ମାର୍ଗର କୋଙ୍ଗଦୁରି ସ୍ଲୋପ୍ ନିକଟରେ ଗୁରୁବାର ଦ୍ୱିପହରେ ବଡ଼ଧରଣର ହିମସ୍ଖଳନ ହୋଇଛି। ବରଫ ଗଦା ତଳେ ରୁଷ୍ର ୭ ପର୍ଯ୍ୟଟକ ଏବଂ ଜଣେ ସ୍ଥାନୀୟ ମାର୍ଗଦର୍ଶକ ଫସି ଯାଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ପର୍ଯ୍ୟଟକ ପ୍ରାଣ ହରାଇଛନ୍ତି। ଆଉ ୬ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସମସ୍ତଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉଦ୍ଧାରକାର୍ଯ୍ୟ ଏବଂ ତଲାସୀ ଅଭିଯାନରେ ସେନା ଏବଂ ଜମ୍ମୁ-କାଶ୍ମୀର ପ୍ରଶାସନର ଟିମ୍ ଲାଗିଥିଲା। ହେଲିକପ୍ଟର ମଧ୍ୟ ମୁତୟନ କରାଯାଇଥିଲା। ବିଦେଶୀ ପର୍ଯ୍ୟଟକମାନେ କାହାର ସାହାଯ୍ୟ ନେଇ ସ୍କାଇଂ ସ୍ଲୋପକୁ ନିକଟକୁ ଚାଲି ଯାଇଥିଲେ। ତେଣୁ ବରଫ ଝଡ଼ ଆସିବାରୁ ନିଜକୁ ସମ୍ଭାଳି ପାରି ନ ଥିଲେ। ଗତ କିଛି ଦିନ ହେଲା ହିମାଳୟ କ୍ଷେତ୍ରରେ ପ୍ରବଳ ତୁଷାରପାତ ହେଉଛି। ଦୁଇ ଦିନ ତଳେ ପାଣିପାଗ ବିଭାଗ ହିମସ୍ଖଳନ ନେଇ ଚେତାବନୀ ଜାରୀ କରିଥିଲା।

DSPL-698

5T || ଓଡ଼ିଶା ସରକାର || ଆମ ଓଡ଼ିଶା ନବୀନ ଓଡ଼ିଶା



## ଉଦୀୟମାନ ଯୁବକଯୁବତୀଙ୍କୁ 'ଯୁବ ଉଦ୍ୟୋଗୀ' ରେ ପରିଣତ କରିବା ପାଇଁ ଆମ ସରକାରଙ୍କ ନୂଆ ଯୋଜନା

# 'ସ୍ୱୟମ୍'

swayam.odisha.gov.in

## ଲାଭଜନକ ବ୍ୟବସାୟ ପାଇଁ ବିନା ସୁଧରେ ୧ ଲକ୍ଷ ଟଙ୍କାର ଋଣ

### ଯୋଜନା

- ନୂଆ କିମ୍ବା ଚାଲୁ ରହିଥିବା ବ୍ୟବସାୟ ବଢ଼ାଇବା ପାଇଁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ।
- ଋଣର ସୁଧଭାର ବହନ କରିବେ ସରକାର।
- ବ୍ୟବସାୟ ପାଇଁ ଆବଶ୍ୟକ ଟଙ୍କାର ମାତ୍ର ୫ % ମୂଳ ଜମା ଆକାରରେ ଦାଖଲ କରିବାକୁ ପଡିବ।
- ଋଣ ନିମନ୍ତେ କୌଣସି ବନ୍ଧକ ରଖିବାକୁ ପଡିବ ନାହିଁ କିମ୍ବା ପ୍ରୋସେସିଂ ଫି ଦେବାକୁ ପଡିବ ନାହିଁ।
- ଋଣ ପରିଶୋଧ କରିବାର ୪ ବର୍ଷ ସମୟ ସୀମା ମଧ୍ୟରେ ବ୍ୟାଙ୍କର ପ୍ରଚଳିତ ନିୟମାନୁଯାୟୀ ୩ ରୁ ୬ ମାସ ପର୍ଯ୍ୟନ୍ତ ଋଣ ପରିଶୋଧ ଅବଧି ରିହାତି।

### ଆବଶ୍ୟକ କାଗଜ ପତ୍ର

- ଆବେଦନକାରୀଙ୍କ ପାସ୍‌ପୋର୍ଟ ସାଇଜ ଫଟୋ।
- ବୟସ ପ୍ରମାଣପତ୍ର (ଆଧାର କାର୍ଡ଼ / ଭୋଟର ଆଇ.ଡି / ପ୍ୟାନ କାର୍ଡ଼ / ଦଶମ ବୋର୍ଡ଼ ସାର୍ଟିଫିକେଟ / ଜନ୍ମ ପ୍ରମାଣପତ୍ର)।
- ବାସସ୍ଥାନ ପ୍ରମାଣପତ୍ର (ଆଧାର କାର୍ଡ଼ / ତହସିଲଦାରଙ୍କ ଦ୍ୱାରା ଦିଆଯାଇଥିବା ବାସସ୍ଥାନ ପ୍ରମାଣପତ୍ର / ଭୋଟର ଆଇ.ଡି / ଡ୍ରାଇଭିଂ ଲାଇସେନ୍ସ / ବିଦ୍ୟୁତ ବିଲ୍ / ରାସନ କାର୍ଡ଼)।
- ବାର୍ଷିକ ଆୟ ପ୍ରମାଣପତ୍ର / 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' କାର୍ଡ଼ / 'କାଳିଆ' ଯୋଜନା କାର୍ଡ଼।
- UDYAM ରେଜିଷ୍ଟ୍ରେସନ / ଆସିଷ୍ଟେଡ଼ ସାର୍ଟିଫିକେଟ।
- ଜାତି / ଭିନ୍ନକ୍ଷମ ପ୍ରମାଣପତ୍ର।
- ସହରାଞ୍ଚଳ କିନ୍ନରଙ୍କ ଦ୍ୱାରା ଘୋଷଣାପତ୍ର।

### ଯୋଗ୍ୟତା

- ୧୮ ରୁ ୩୫ ବର୍ଷ ବୟସ ପର୍ଯ୍ୟନ୍ତ ଆଗ୍ରହୀ ଯୁବକଯୁବତୀ।
- ଅନୁସୂଚିତ ଜାତି / ଜନଜାତି / ଭିନ୍ନକ୍ଷମ / କିନ୍ନର ଋଣଗ୍ରହୀତାଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୪୦ ବର୍ଷ।
- 'କାଳିଆ', 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' ରେ ଅନ୍ତର୍ଭୁକ୍ତ ହୋଇଥିବା ପରିବାର କିମ୍ବା ଗ୍ରାମାଞ୍ଚଳରେ ୨ ଲକ୍ଷ ଟଙ୍କା ଏବଂ ସହରାଞ୍ଚଳରେ ୩ ଲକ୍ଷ ଟଙ୍କାରୁ କମ୍ ବାର୍ଷିକ ଆୟ ଥିବା ପରିବାର।
- 'ଉଦ୍ୟମ' ଯୋଜନାରେ ପଞ୍ଜିକୃତ କିମ୍ବା ସହାୟକ ନମ୍ବରଧାରୀ ଯୁବକଯୁବତୀ।

### ଆବେଦନ ପ୍ରକ୍ରିୟା

- ଆବେଦନକାରୀ **swayam.odisha.gov.in** ୱେବ୍‌ସାଇଟ୍ ଅଥବା **'ମୋ ସେବା କେନ୍ଦ୍ର'** ସହାୟତାରେ ଆବେଦନ କରିପାରିବେ।
- ସହରାଞ୍ଚଳ ଆବେଦନକାରୀ ନିଜ ଋଣ ଦରଖାସ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦ/ ପୌର ପରିଷଦ/ମହାନଗର ନିଗମ କାର୍ଯ୍ୟାଳୟରେ ମଧ୍ୟ ଦାଖଲ କରିପାରିବ।
- ଆବେଦନକାରୀ ଯେଉଁ ବ୍ୟାଙ୍କରୁ ଋଣ ନେବାକୁ ଇଚ୍ଛୁକ, ତାହା ଆବେଦନ ସମୟରେ ଦର୍ଶାଇବେ।
- ଆସନ୍ତା ତା ୨୩/୦୨/୨୪ ରିଖରୁ ଆବେଦନ ଗ୍ରହଣ କରାଯିବ।

OIPR-19001/13/0088/2324

## ସ୍ୱାବଲମ୍ବୀ ଯୁବଗୋଷ୍ଠୀ, ନବୀନ ଓଡ଼ିଶାର ଶକ୍ତି।

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-239 ◆BHUBANESWAR ◆FRIDAY ◆23 FEBRUARY 2024 ◆PAGE-20 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୩୯ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୩ ଫେବୃଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦

## ପରିକ୍ରମା ମାର୍ଗ ବୁଲିଲେ ୩, ୩୬୦ ଶ୍ରଦ୍ଧାଳୁ

**ପୁରୀ, ୨୨।୨ (ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଜିଲ୍ଲାରୁ ଭକ୍ତଙ୍କୁ ଅଣାଯାଇ ପରିକ୍ରମା ମାର୍ଗର ଅନୁଭୂତି ପ୍ରଦାନ କରାଯାଉଛି। ଏହି କ୍ରମରେ ଗୁରୁବାର ୩ ଜିଲ୍ଲାର ୩, ୩୬୦ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ବୁଲିଛନ୍ତି। ସୁନ୍ଦରଗଡ଼ ଜିଲ୍ଲାର ୫୮ ଟି ପଞ୍ଚାୟତ ଏବଂ ୱାର୍ଡରୁ ୨୬ଟି ବସ୍‌ରେ ୧, ୧୬୦ ଜଣ ଏବଂ ବରଗଡ଼ ଜିଲ୍ଲାର ୧୧୦ଟି ପଞ୍ଚାୟତ ଏବଂ ୱାର୍ଡରୁ ୪୯ଟି ବସ୍‌ରେ ୨, ୨୦୦; ଏହିପରି ମୋଟ ୩, ୩୬୦ ଜଣ ଶ୍ରଦ୍ଧାଳୁ ବସ୍‌ରେ ଆସି ସମଙ୍ଗ ପାର୍କିଂରେ ପହଞ୍ଚିଥିଲେ। ସେଠାରୁ ଫିଡ୍‌ର ବସ୍‌ରେ ଭକ୍ତମାନେ ଜଗନ୍ନାଥ ବଲ୍ଲଭ ପିଲିଗ୍ରିମ୍ ସେଣ୍ଟର୍ (ଜେବିପିସି) ରେ ପହଞ୍ଚିଥିଲେ। ପରେ ଶ୍ରୀଦାଣ୍ଡ ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାରେ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରି ଦିବ୍ୟ ଅନୁଭୂତି ସାଉଣ୍ଟିଥିଲେ। ଏହାପରେ ଶ୍ରଦ୍ଧାଳୁ ସମଙ୍ଗ ପାର୍କିରେ ପହଞ୍ଚି ସେଠାରେ ଭୋଜନ କରିଥିଲେ। ପରେ ଯେଉଁ ବସ୍‌ରେ ଆସିଥିଲେ ସେଥିରେ ନିଜ ନିଜ ଘରକୁ ଫେରିଥିଲେ।

# ଓଡ଼ିଶାର ମୁଖ୍ୟମନ୍ତ୍ରୀ ସବୁବେଳେ ନଂ-୧



■ ହତାଶ କର୍ମୀଙ୍କ ମନୋବଳ ବୃଦ୍ଧି ପାଇଁ ଜାଲ୍ ରିପୋର୍ଟ ଦେଖାଉଛି ରାଜ୍ୟ ବିଜେପି
■ ରିପୋର୍ଟ ପ୍ରସ୍ତୁତି ପଛରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ହାତ
■ ସବୁ ଆସନ ପାଇଁ ପ୍ରାର୍ଥୀ ପାଉନାହାନ୍ତି, ଠକ ପ୍ରଦୀପ ପାଣିଗ୍ରାହୀଙ୍କୁ ଆପଣାଇଛନ୍ତି

**ଭୁବନେଶ୍ୱର,୨୨।୨(ସମିସ):** ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଏକ ବର୍ଷ ମଧ୍ୟରେ ହୋଇଥିବା ସମସ୍ତ ସର୍ଭେରେ ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ ଭାବେ ସ୍ଥାନ ପାଇଛନ୍ତି। ଜନସାଧାରଣଙ୍କ ମତ ଆଧାରରେ କ୍ରମାଗତ ଭାବେ ନବୀନଙ୍କୁ ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ଭାବେ ଜାତୀୟ ସଂସ୍ଥା ଚୟନ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କର ଏହି ସଫଳତା ଓ ଲୋକପ୍ରିୟତା କେବଳ ଓଡ଼ିଶା ବିଜେପିର ମନୋବଳକୁ ଭାଙ୍ଗିନାହିଁ; ସେମାନଙ୍କ ଆତ୍ମବିଶ୍ୱାସକୁ ମଧ୍ୟ ଭାଙ୍ଗି ଚୂରମାର୍ କରିଦେଇଛି। ଏଭଳି କର୍ମୀଙ୍କ ମନୋବଳ ବଢ଼ାଇବାକୁ ରାଜ୍ୟ ବିଜେପି ନିଜ ସଂସ୍ଥାକୁ ହାତବାରିସି କରି ଜାଲ୍ ସର୍ଭେ ରିପୋର୍ଟ ପ୍ରସ୍ତୁତି କରିଥିବା ବିଜେଡି କହିଛି।

ଦଳର ମୁଖପାତ୍ର ସ୍ୱର୍ଣ୍ଣପ୍ରକାଶ ମହାପାତ୍ର ଆଜି ଏଠାରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ଓଡ଼ିଶା ବିଜେପିର ନେତାମାନେ ଭଲ ଭାବେ ଜାଣନ୍ତି ଯେ ବହୁ ଚେଷ୍ଟା ସତ୍ତ୍ୱେ ସେମାନେ ଓଡ଼ିଶାରେ ବିଜେଡିର ମୁକାବିଲା କରିପାରିବେ ନାହିଁ। ସେମାନଙ୍କ ଆଭ୍ୟନ୍ତରୀଣ ରିପୋର୍ଟରେ ମଧ୍ୟ ଏହା ପ୍ରତିଫଳିତ ହୋଇଛି। ଏପରିକି ଆଗାମୀ ନିର୍ବାଚନ ପାଇଁ ଓଡ଼ିଶାର ସମସ୍ତ ୧୪୭ଟି ବିଧାନସଭା ଓ ଲୋକସଭା ଆସନ ପାଇଁ ଓଡ଼ିଶା ବିଜେପିକୁ ପ୍ରାର୍ଥୀ ମିଳୁ ନାହାନ୍ତି। ସେଥିପାଇଁ ପରିସ୍ଥିତିକୁ ଦେଖି ଓଡ଼ିଶା ବିଜେପିକୁ ଲୋକଙ୍କୁ ଠକି ଜନବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ପ୍ରଦୀପ ପାଣିଗ୍ରାହୀଙ୍କ ଭଳି ନେତାଙ୍କୁ ଦଳରେ ସାମିଲ କରିବାକୁ ପଡୁଛି। ତେଣୁ ନିଜ ହତାଶ କର୍ମୀଙ୍କୁ ଉତ୍ସାହିତ କରିବା ପାଇଁ ଓଡ଼ିଶା ବିଜେପି ଏକ ଜାଲ୍ ସର୍ଭେ କରି ବିଜେପି ନେତା ମନଗଢ଼ା କାହାଣି କହୁଛନ୍ତି। ଏଥିପାଇଁ ଓଡ଼ିଶା ବିଜେପି ନିଜର ଭଲ ସମ୍ପର୍କ ଥିବା ଏକ ଗଣମାଧ୍ୟମ ସଂସ୍ଥାର ଆଶ୍ରୟ ନେଇ ନିଜର ରାଜନୈତିକ ସୁବିଧା ପାଇଁ ଏକ ରିପୋର୍ଟ ପ୍ରକାଶ କରୁଛି। ଯେଉଁ ସଂଗଠନର ରିପୋର୍ଟ ଓଡ଼ିଶା ବିଜେପି ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରୁଛି, ତାହାର ମାଲିକ ବିଜେପିରେ ଯୋଗ ଦେଇଛନ୍ତି। ସେ ହେଉଛନ୍ତି ଏସ୍‌ଆର୍‌ଏମ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ମାଲିକ। ଏହି ଅନୁଷ୍ଠାନଗୁଡ଼ିକ ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଆସୁଛି ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ସମ୍ପର୍କରେ ଏହି ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ତାଙ୍କୁ ହାତ କରିଛନ୍ତି ବୋଲି ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କ ବିକାଶ ଦିଗରେ କାର୍ଯ୍ୟ କରିଛନ୍ତି ଏବଂ ଭବିଷ୍ୟତରେ ମଧ୍ୟ ଏହା ଜାରି ରଖିବେ। ଓଡ଼ିଶାବାସୀଙ୍କ ଆଶୀର୍ବାଦ ବିଜୁ ଜନତା ଦଳ ସହିତ ରହିଛି ଏବଂ ଏହା ଜାରି ରହିବ ବୋଲି ଶ୍ରୀ ମହାପାତ୍ର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ରାଉରକେଲାରେ କ୍ରୀଡ଼ା ଭିତ୍ତିଭୂମିର ସମୀକ୍ଷା କଲେ '୫-ଟି' ଅଧ୍ୟକ୍ଷ

### ଜିମନାଷ୍ଟ ଏକାଡେମୀର ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୨୨।୨(ସମିସ):** '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗୁରୁବାର ସକାଳେ ରାଉରକେଲା ସହରରେ ବିଭିନ୍ନ କ୍ରୀଡ଼ା ସ୍ଥଳ ପରିଦର୍ଶନ କରିଛନ୍ତି। ଶ୍ରୀ ପାଣ୍ଡିଆନ୍ ପ୍ରଥମେ ଅନ୍ତର୍ଜାତୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ଠାରେ ନିର୍ମାଣ ହୋଇଥିବା ଜିମ୍‌ନାଷ୍ଟିକ୍ ଏକାଡେମୀ ବୁଲି ଦେଖିବା ସହ ଖୁବ୍ ଶୀଘ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଲୋକାର୍ପଣ କରିବେ ବୋଲି କହିଥିଲେ। ସେ କହିଥିଲେ, ସୁନ୍ଦରଗଡ଼ ଜିଲ୍ଲାରେ କ୍ରୀଡ଼ା ପ୍ରତିଭାର ଅଭାବ ନାହିଁ। ସେହି ପ୍ରତିଭାର ବିକାଶ ପାଇଁ ରାଜ୍ୟ ସରକାର ଅତ୍ୟାଧୁନିକ କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି କରୁଛନ୍ତି। ରାଉରକେଲାରେ ବିଶ୍ୱର ସର୍ବବୃହତ ହକି ଷ୍ଟାଡିୟମ୍ ଥିବା ବେଳେ ଏଠାରେ ଆଥ୍‌ଲେଟିକ୍ ଷ୍ଟାଡିୟମ୍, ଇନଡୋର ସୁଇମିଂପୁଲ୍, ଇନଡୋର ଷ୍ଟାଡିୟମ୍ ସୁବିଧା ମଧ୍ୟ ଖେଳାଳିଙ୍କୁ ମିଳିବ। ଏହି ଆଥଲେଟିକ୍ ଷ୍ଟାଡିୟମ୍‌ରେ ପ୍ରଶିକ୍ଷଣ ନେଇ ଆଗାମୀ ଦିନରେ ସୁନ୍ଦରଗଡ଼ରୁ ବହୁ ଜିମନାଷ୍ଟ ସୃଷ୍ଟିହେବେ ବୋଲି ଶ୍ରୀ ପାଣ୍ଡିଆନ୍ କହିଥିଲେ।

ଏହି ଅବସରରେ ଶ୍ରୀ ପାଣ୍ଡିଆନ୍ ସେଠାରେ ନିୟୋଜିତ କୋଚ୍‌ମାନଙ୍କ ସହ ଆଲୋଚନା କରିଥିଲେ। ଏଠାରେ ବିଦେଶରୁ ଆମଦାନୀ ହୋଇଥିବା ଜିମ୍‌ନାଷ୍ଟିକ୍ ଉପକରଣ ଲଗାଯାଇଛି। ଏହାର ଉପଯୋଗ କରି ଅନ୍ତର୍ଜାତୀୟ ସ୍ତରର ଜିମନାଷ୍ଟ ସୃଷ୍ଟି କରନ୍ତୁ ବୋଲି '୫-ଟି' ଅଧ୍ୟକ୍ଷ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଏହା ପରେ ଶ୍ରୀ ପାଣ୍ଡିଆନ୍ ଭାରତୀୟ ଦଳକୁ କ୍ରମାଗତ ଭାବେ ଖେଳାଳି ଯୋଗାଇ ଆସୁଥିବା ପାନପୋଷ କ୍ରୀଡ଼ା ହଷ୍ଟେଲରେ ପହଞ୍ଚି କୋଚ୍ ଓ ଖେଳାଳିଙ୍କ ସହ ଆଲୋଚନା କରି ସେମାନଙ୍କ ନିଷ୍ଠାପର ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସେ ସେଠାରେ ଥିବା ହକି ଅଭ୍ୟାସ ସୁବିଧା, ରୋଷେଇ ଘର ଏବଂ ଛାତ୍ରାବାସ ବୁଲି ଦେଖିଥିଲେ। ଶ୍ରୀ ପାଣ୍ଡିଆନ୍ ଡାଇନିଂ ହଲ୍‌ରେ ପିଲାମାନଙ୍କ ସହ ବସି ଜଳଖିଆ ଖାଇଥିଲେ। ସେମାନଙ୍କର କ'ଣ ସୁବିଧାଅସୁବିଧା ଅଛି, ତାହା ଖେଳାଳିମାନଙ୍କଠାରୁ ପଚାରି ବୁଝିଥିଲେ। ଏହାର ଉତ୍ତରରେ ସେମାନେ କହିଥିଲେ ଯେ ଏଠାରେ ଆମକୁ ସର୍ବଶ୍ରେଷ୍ଠ ସୁବିଧାସୁଯୋଗ ମିଳୁଛି ଏବଂ ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଯେତେ ଧନ୍ୟବାଦ ଦେଲେ ବି କମ୍ ହେବ। ଶ୍ରୀ ପାଣ୍ଡିଆନ୍‌ଙ୍କ ଗସ୍ତ ସମୟରେ କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜଳିଗଲା ରେଳ ଇଞ୍ଜିନ୍



**ଅଳ୍ପକେ ବର୍ତ୍ତିଲେ ୧୨ କର୍ମଚାରୀ**

**ଢେଙ୍କାନାଳ,୨୨।୨(ସମିସ):** ଢେଙ୍କାନାଳ ସହର ନିକଟସ୍ଥ ଗୋବିନ୍ଦପୁର ରେଳ ଷ୍ଟେସନ୍‌ରେ ଏକ ରେଳ ଇଞ୍ଜିନ୍‌ରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୧୨ଜଣ କର୍ମଚାରୀ ନିଶ୍ଚିତ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ଢେଙ୍କାନାଳ-ରାଜଆଠଗଡ଼ ମଧ୍ୟରେ ଥିବା ଗୋବିନ୍ଦପୁର ରେଳ ଷ୍ଟେସନରେ ମରାମତି ପାଇଁ ଏକ ଟ୍ରେନ୍‌ର ଇଞ୍ଜିନ୍ ରହିଥିଲା। ଗୁରୁବାର ମଧ୍ୟାହ୍ନରେ ହଠାତ୍ ଏହି ଇଞ୍ଜିନ୍‌ରେ ନିଆଁ ଲାଗିଯିବା ସହ ପ୍ରବଳ ବେଗରେ ଜଳିଥିଲା। ଖବର ପାଇ ଢେଙ୍କାନାଳ ଓ ଗଁଦିଆ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘଟଣାସ୍ଥଳରେ ରେଳ ବିଭାଗର କର୍ମଚାରୀମାନେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଏହି ବଗିଟି ରାଜଆଠଗଡ଼ରୁ ଗୋବିନ୍ଦପୁର ଷ୍ଟେସନକୁ ଆସିଥିଲା। ଜେନେରେଟର ସର୍ଟସର୍କିଟ୍ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ରେଳ ବିଭାଗ ତରଫରୁ ପ୍ରକାଶ କରାଯାଇଛି।



# ଆଜିଠୁ ନାଟମଣ୍ଡପ ମରାମତି

■ ରାତି ୨ଟାରେ ଫିଟିବ ଦ୍ୱାର
■ ଦୈନିକ ୬ ଘଣ୍ଟା କାମ, ସ୍ୱାଭାବିକ ରହିବ ଦର୍ଶନ

**ପୁରୀ, ୨୨।୨ (ସମିସ):** ଶୁକ୍ରବାରଠାରୁ ଶ୍ରୀମନ୍ଦିର ନାଟମଣ୍ଡପ ମୁଖ୍ୟ ବିମ୍ (ଗରୁଡ଼ ସ୍ତମ୍ଭ ଉପର)ରେ ହୋଇଥିବା ଫାଟ ମରାମତି ଆରମ୍ଭ ହେବ। ତଲୁ ୪ଟି ଷ୍ଟେନଲେସ୍ ଷ୍ଟିଲ ବିମ୍ ଏଥିରେ ସପୋର୍ଟ ଦିଆଯିବ। ଆସନ୍ତା ମାର୍ଚ୍ଚ ୧୯ ତାରିଖ ପର୍ଯ୍ୟନ୍ତ ଅର୍ଥାତ୍ ୨୫ ଦିନ ଧରି ନାଟମଣ୍ଡପ ମରାମତି କରିବ ଏଏସ୍ଆଇ। ଦୈନିକ ପ୍ରାୟ ୬ ଘଣ୍ଟା ପର୍ଯ୍ୟନ୍ତ ଏହି କାମ ଚାଲିବ। ତେବେ ଏହି ମରାମତି ସମୟରେ ଭକ୍ତଙ୍କ ଦର୍ଶନ ଏବଂ ନୀତିକାନ୍ତିରେ ଯେପରି କୌଣସି ସମସ୍ୟା ନ ହେବ, ସେଥିଲାଗି ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି। ସେହି ଅନୁଯାୟୀ, ଶୁକ୍ରବାରଠାରୁ ଶ୍ରୀମନ୍ଦିର ନୀତିକାନ୍ତିରେ ପରିବର୍ତ୍ତନ ହେବ। ମାର୍ଚ୍ଚ ୧୯ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ରାତି ୨ଟାରୁ ଦ୍ୱାର ଫିଟି ଠାକୁରଙ୍କର ନୀତିକାନ୍ତି ଆରମ୍ଭ ହେବ ବୋଲି ଗତ ମଙ୍ଗଳବାର ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି ହୋଇଛି। ଏପ୍ରିଲ ସୁଦ୍ଧା ନାଟମଣ୍ଡପ ମରାମତି ସମ୍ପୂର୍ଣ୍ଣ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ତେଣୁ ଛତିଶା ନିଯୋଗ ବୈଠକରେ ମରାମତିର ରୂପରେଖ ଚୂଡ଼ାନ୍ତ ହୋଇଛି। ଆସନ୍ତା ୨୩ରୁ ମାର୍ଚ୍ଚ ୧୯ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ଅପରାହ୍ଣ ୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ନାଟମଣ୍ଡପ ମରାମତି ହେବ। ଏଥିଲାଗି ରାତି ୨ଟାରୁ ଦ୍ୱାର ଫିଟିବ ଏବଂ ରାତି ୧୧ଟାରେ ପହୁଡ଼ କରାଯିବ। ଯେହେତୁ ରାତି ୨ଟାରୁ ଦ୍ୱାର ଫିଟି ନୀତିକାନ୍ତି ହେବ, ତେଣୁ ଭକ୍ତଙ୍କ ଦର୍ଶନ ସଅଳ ସହ ମହାପ୍ରସାଦ ମଧ୍ୟ ଶୀଘ୍ର ବାହାରିବ।


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-239 ♦BHUBANESWAR ♦FRIDAY ♦23 FEBRUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୩୯ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୩ ଫେବୃଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦







## ଉତ୍କଳମଣିଙ୍କ ନାମରେ ନାମିତ ହେଲା ଷଢ଼େଇକଳା ଟାଉନ୍ ହଲ

**ବାଲେଶ୍ୱର,୨୨।୨(ସମିସ):** ବିଚ୍ଛିନ୍ନାଞ୍ଚଳରେ ୭ କୋଟି ଟଙ୍କାରେ ପୁନରୁଦ୍ଧାର ହୋଇଥିବା ଷଢ଼େଇକଳା ଟାଉନ୍ ହଲକୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନାମରେ ନାମିତ କରାଯାଇଛି। ଆସନ୍ତା ୨୪ ତାରିଖରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ ଏହାକୁ ଉଦ୍‌ଘାଟନ କରିବେ। ଏନେଇ ଷଢ଼େଇକଳା ଜିଲ୍ଲାପାଳ ରବିଶଙ୍କର ଶୁକ୍ଲା ଆଜି ସନ୍ଧ୍ୟାରେ ପହଞ୍ଚି ନିରୀକ୍ଷଣ କରି ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି। ଝାଡ଼ଖଣ୍ଡ ପ୍ରଦେଶରେ ଥିବା ଓଡ଼ିଆ ଗଡ଼ଜାତ ଷଢ଼େଇକଳାର ୱାର୍ଡ ସଂଖ୍ୟା ୧୧ରେ ଥିବା ଟାଉନ୍ ହଲର ନାମକରଣ ଆଜି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ନାଁରେ ହେବାକୁ ଯାଉଛି। ଏନେଇ ହଲ ସାମ୍ନାରେ ଉତ୍କଳମଣି ଆଦର୍ଶ ଟାଉନ ହଲ ଓଡ଼ିଆ ଭାଷାରେ ଲେଖା ଯାଉଛି। ଯେଉଁ ଗୋପବନ୍ଧୁଙ୍କର କର୍ମଭୂମି ଦିନେ ଏହି ସିଂହଭୂମ ଜିଲ୍ଲା ଥିଲା, ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ତରଫରୁ



ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦିଆଯାଇ ଟାଉନ୍ ହଲ ସାମ୍ନାରେ ଓଡ଼ିଆ ଭାଷାରେ ଲେଖାଯାଉଛି। ଷଢ଼େଇକଳା ଖରସୁଆଁର ଅନେକ ଐତିହାସିକ ସରକାରୀ ସ୍ଥାନ ଅଛି, ଯେଉଁଠି ଓଡ଼ିଆ ଭାଷା ଦେଖାଯାଏ ନାହିଁ। ବୋଧହୁଏ ଦେଶ ସ୍ୱାଧୀନ ହେବାର ଦୀର୍ଘ ୭୫ ବର୍ଷ ପରେ କୌଣସି ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦେଇଛନ୍ତି। ସରକାରଙ୍କ ଏଭଳି ପଦକ୍ଷେପକୁ ଓଡ଼ିଆ ସଂଗଠକ ତଥା ବହୁଭାଷୀ ସାମ୍ବାଦିକ ତଥା ସ୍ତମ୍ଭକାର କାର୍ତ୍ତିକ କୁମାର ପରିଚ୍ଛା ସ୍ୱାଗତ ଜଣାଇଛନ୍ତି। ଓଡ଼ିଆ ଭାଷା ଓ କଳା ସଂସ୍କୃତି ସଂରକ୍ଷଣ ଦିଗରେ ମୁଖ୍ୟମନ୍ତ୍ରୀ ନିଶ୍ଚିତ ଭାବେ ଧ୍ୟାନ ଦେବେ ଶ୍ରୀ ପରିଚ୍ଛା ଆଶା ପ୍ରକାଶ କରି କହିଛନ୍ତି।

# ନିଯୁକ୍ତି ପାଇଲେ ୫୭୬ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ

**ଭୁବନେଶ୍ୱର, ୨୨।୨(ସମିସ):** ଶିକ୍ଷା ଗୋଟିଏ ଜାତିର ଚିନ୍ତା, ଚେତନାରେ ପରିବର୍ତ୍ତନ ଆଣିଥାଏ। ବଡ଼ ସ୍ୱପ୍ନ ଦେଖିବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥାଏ। ଛାତ୍ରଛାତ୍ରୀଙ୍କ ଏହି ସ୍ୱପ୍ନକୁ ସାକାର କରିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅନୁପ୍ରାଣିତ କରିବା କରିବା ଆବଶ୍ୟକ। ଗୁରୁବାର ରାଜ୍ୟର ବିଭିନ୍ନ ସରକାରୀ

**ଶିକ୍ଷା ହିଁ ଗୋଟିଏ ଜାତିର ଚେତନାରେ ପରିବର୍ତ୍ତନ ଆଣିଥାଏ: ମୁଖ୍ୟମନ୍ତ୍ରୀ**



ହାଇସ୍କୁଲରେ ନବନିଯୁକ୍ତ ହିନ୍ଦୀ ଓ ସଂସ୍କୃତ ଶିକ୍ଷକଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଏହାସହ ନିଜର ଜ୍ଞାନ ଓ ମୂଲ୍ୟବୋଧ ଦ୍ୱାରା ଛାତ୍ରଛାତ୍ରୀଙ୍କ ପାଇଁ ଆଦର୍ଶ ସୃଷ୍ଟି କରିବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ଲୋକସେବା ଭବନସ୍ଥିତ କନ୍‌ଭେନସନ ସେଣ୍ଟରରେ ଅନୁଷ୍ଠିତ ଏହି ନିଯୁକ୍ତି ପର୍ବରେ ସମୁଦାୟ ୫୭୬ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ତନ୍ମଧ୍ୟରେ ୩୬୮ ଜଣ ହିନ୍ଦୀ ଓ ୨୦୮ ଜଣ ସଂସ୍କୃତ ଶିକ୍ଷକ ରହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ହାସଲ କରିବା ପାଇଁ '୫-ଟି' ଉପକ୍ରମରେ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ଜାରି ରହିଛି। ଏହାଦ୍ୱାରା ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ଓ ପରିବେଶରେ ସମ୍ପୂର୍ଣ୍ଣ ରୂପାନ୍ତର ଆସିଛି। ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୪୬୦୫ଟି ନୂଆ କ୍ଲାସରୁମ୍, ୧୬,୯୨୦ଟି ସ୍ମାର୍ଟ କ୍ଲାସରୁମ୍, ୭୮୬୩ଟି ଆଧୁନିକ ଲାବରୋଟାରୀ, ୭୯୨୦ଟି ଇ-ଲାଇବ୍ରେରୀ ସୃଷ୍ଟି କରାଯାଇଛି। ଶୈକ୍ଷିକ ମାନବୃଦ୍ଧି ପାଇଁ ରାଜ୍ୟରେ ଶିକ୍ଷକ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଉଛି। ଚଳିତ ଶିକ୍ଷାବର୍ଷରେ ମାଧ୍ୟମିକ ସ୍ତରରେ ରାଜ୍ୟ ସରକାର ୪୭୪୨ଜଣ ଶିକ୍ଷକଙ୍କୁ ନିଯୁକ୍ତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଓ '୫-ଟି' ମନ୍ତ୍ର ଆଧାରରେ ଶିକ୍ଷା ବିଭାଗ ଶୀର୍ଷରେ ପହଞ୍ଚିଛି। ଶିକ୍ଷାର ମାନ ବୃଦ୍ଧି ହେଲେ, ଦେଶର ବିକାଶ ହୁଏ। ପିଲାଙ୍କ ନୈତିକ ବିଚାରଧାରାରେ ଉନ୍ନତି ଆଣିବା ପାଇଁ ଶିକ୍ଷକ/ଶିକ୍ଷୟିତ୍ରୀମାନେ ଉଦ୍ୟମ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ଦୁଇଜଣ ନବନିଯୁକ୍ତ ଶିକ୍ଷୟିତ୍ରୀ ରେଶମା ବେହେରା ଓ ସସ୍ମିତା ନାୟକ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଉଭୟ ଶିକ୍ଷାବୃତ୍ତିରେ ଯୋଗଦେଇଥିବାରୁ ଏବଂ '୫-ଟି' ଆଧାରରେ ସ୍ୱଚ୍ଛ ଓ ଦ୍ରୁତ ଭାବେ ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇଥିବାରୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଭାଗୀୟ ସଚିବ ଅଶ୍ୱଥି ଏସ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ ସୁଶାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

# 'ବ୍ରାଇଡାଲ୍ ମେକ୍-ଅପ୍' ତାଲିମ୍ ନେଲେ ୩୦ ଏସ୍ଏଚ୍ଜି ମା'

**ଭୁବନେଶ୍ୱର, ୨୨।୨ (ସମିସ):** ବର୍ତ୍ତମାନ ବ୍ୟୁଟି, ମେକ୍ଅପ୍ ଓ ଫେସିଆଲ ଆଦି ସେବା କ୍ଷେତ୍ରର ଚାହିଦା ବଢ଼ୁଛି। ତେଣୁ ଏ ଦିଗରେ ଏସ୍ଏଚ୍ଜି ମା'ମାନଙ୍କୁ ତାଲିମ ଦେଇ ସେମାନଙ୍କ ପାଇଁ ରୋଜଗାରର ନୂଆ ବାଟ ସୃଷ୍ଟି କରାଯାଉଛି। ମିଶନ ଶକ୍ତି ବିଭାଗର ସହଭାଗିତାରେ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ 'ଓଡ଼ିଆ ବ୍ରାଇଡାଲ ମେକଅପ୍' ପାଠ୍ୟକ୍ରମରେ ସେମାନଙ୍କୁ ମାଗଣା ତାଲିମ ଦିଆଯାଉଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଦ୍ୱିତୀୟ ବ୍ୟାଚ୍‌ରେ ରାଜ୍ୟର ୩୦ ଜଣ ଏସ୍ଏଚ୍ଜି ମା' ତାଲିମ ଶେଷ କରି ବାହାରିଛନ୍ତି।

ବିଶ୍ୱ ଦକ୍ଷତା କେନ୍ଦ୍ରର 'ସ୍କୁଲ ଅଫ୍ ସର୍ଭିସେସ୍' ବିଭାଗରେ ଏସ୍ଏଚ୍ଜି ମହିଳାଙ୍କ ଲାଗି ଏହି ସ୍ୱତନ୍ତ୍ର ତାଲିମ ପାଠ୍ୟକ୍ରମ କରାଯାଇଥିଲା। ଏଥିରେ ୮ଟି ଜିଲ୍ଲାର ୩୦ ଜଣ ମହିଳା ଯୋଗ ଦେଇଥିଲେ। ୩ ସପ୍ତାହ ଧରି ଚାଲିଥିବା ଏହି ଆଧୁନିକ ତାଲିମ ମାଧ୍ୟମରେ ସେମାନେ ବେସିକ୍ ଫେସିଆଲ, ବ୍ରାଇଡାଲ ମେକ୍ଅପ୍, ହେୟାର କଟିଂ, ପ୍ୟାଡିକିୟୋର, ମ୍ୟାନିକିୟୋର, ସାମ୍ପୋଇଙ୍ଗ୍, ହେଡ୍ ମସାଜ୍ ଏବଂ ଥ୍ରେଡିଂ ଆଦି ଉପରେ ପ୍ରଶିକ୍ଷଣ ନେଇଥିଲେ। ତାଲିମ ଶେଷରେ ଏହି ଏସ୍ଏଚ୍ଜି ମା'ମାନଙ୍କୁ ପ୍ରମାଣପତ୍ର ଦେବା ପାଇଁ





ବିଶ୍ୱ ଦକ୍ଷତା କେନ୍ଦ୍ରଠାର ଗୁରୁବାର ଦିନ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ର ଯୋଗଦେଇ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ସେମାନଙ୍କୁ ସାର୍ଟିଫିକେଟ୍ ସହ ମେକ୍ଅପ୍ କିଟ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏସ୍ଏଚ୍ଜି ମା'ଙ୍କୁ ନେଇ ଏକ ରାମ୍ପ ସୋ' ଆୟୋଜନ କରାଯାଇଥିଲା। ତେବେ ମହିଳାମାନଙ୍କୁ ଏହି ସୁଯୋଗ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏସ୍ଏଚଜି ମା'ମାନେ ଅଶେଷ ଧନ୍ୟବାଦ ଜଣାଇଥିଲେ।

**■ ବିଶ୍ୱ ଦକ୍ଷତା କେନ୍ଦ୍ରର ଦ୍ୱିତୀୟ ବ୍ୟାଚ୍‌ରେ ଶେଷ କଲେ ତାଲିମ୍ ପାଠ୍ୟକ୍ରମ**
**■ ଏସ୍ଏଚ୍ଜିଙ୍କୁ ଏସ୍ଏମ୍ଇରେ ପରିଣତ କରିବା ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ: ସୁଜାତା**

କାର୍ଯ୍ୟକ୍ରମ ଶେଷ ହେବା ପରେ ମା'ମାନେ ମିଶନ ଶକ୍ତି ଭବନରେ ବିଭାଗୀୟ ସଚିବ ସୁଜାତା ରାଉତ କାର୍ତ୍ତିକେୟନ୍‌ଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ଶ୍ରୀମତୀ କାର୍ତ୍ତିକେୟନ୍ ଓଡ଼ିଆ ବ୍ରାଇଡାଲ ମେକଅପ୍ ପାଠ୍ୟକ୍ରମ ଶେଷ କରିଥିବା ଏସ୍ଏଚ୍ଜି ମା'ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏସ୍ଏଚ୍ଜିଙ୍କୁ ଏସ୍ଏମ୍ଇରେ ପରିଣତ କରିବା ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ। ଏହାଦ୍ୱାରା ମହିଳାମାନେ ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ରୋଜଗାର ଦେଇପାରିବେ। ଫଳରେ ସେମାନେ ଆର୍ଥିକ ଓ ସାମାଜିକ ସ୍ତରରେ ପ୍ରତିଷ୍ଠିତ ହୋଇପାରିବେ। ତେଣୁ ଏସ୍ଏଚଜି ମହିଳାଙ୍କୁ ବିଭିନ୍ନ ବିଷୟରେ ଉନ୍ନତମାନର ତାଲିମ ଦେଇ ସେମାନଙ୍କ ଦକ୍ଷତା ବିକାଶ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ବିଶ୍ୱ ଦକ୍ଷତା କେନ୍ଦ୍ରରେ ଓଡ଼ିଆ ବ୍ରାଇଡାଲ ମେକ୍ଅପ୍‌ରେ ତାଲିମ ନେଇଥିବା ମହିଳାମାନେ ଆଗାମୀ ଦିନରେ ତାଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ ବୋଲି ଶ୍ରୀମତୀ କାର୍ତ୍ତିକେୟନ କହିଥିଲେ।

ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଏସ୍ଏଚ୍ଜି ମା'ମାନଙ୍କ ମାଗଣାରେ ରହିବା, ଖାଇବା ବ୍ୟବସ୍ଥା ଓ ଯାତାୟାତ ସୁବିଧା କରାଯାଇଥିଲା। ସାର୍ଟିଫିକେଟ୍ ପ୍ରଦାନ କାର୍ଯ୍ୟକ୍ରମରେ ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ତଥା ବିଭାଗୀୟ ଅତିରିକ୍ତ ସଚିବ ପିନାକୀ ପଟ୍ଟନାୟକ, ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧ୍ୟକ୍ଷ ସଙ୍ଗରଣ ଗୋପାଳ, ଉପାଧ୍ୟକ୍ଷ ଡକ୍ଟର ଶୁଭଙ୍ଗ କିଶୋର ଦାସ ଏବଂ ସ୍କୁଲ ଅଫ୍ ସର୍ଭିସେସର ନିର୍ଦ୍ଦେଶକ ସୁଗୁଣା ଶ୍ରୀନିବାସନ ପ୍ରମୁଖ ଯୋଗ ଦେଇଥିଲେ।

■ ଟିଟିଲାଗଡ଼ କେନ୍ଦୁପତ୍ର କର୍ମଚାରୀଙ୍କ ନାଁରେ ଅର୍ଥ ହେର୍‌ଫେର ମାମଲା

# ତଦନ୍ତ କରିବେ 'କାମ୍ପା' ସିଇଓ

**ଭୁବନେଶ୍ୱର, ୨୨।୨(ସମିସ):** ପୂର୍ବତନ ଟିଟିଲାଗଡ଼ କେନ୍ଦୁପତ୍ର ଡିଭିଜନ୍ ଡିଏଫ୍ଓ ତଥା ବର୍ତ୍ତମାନର ବୌଦ୍ଧ ଡିଏଫ୍ଓ ଥିବା ଦେବପ୍ରିୟ କମ୍ପଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ଡିଏଫ୍ଓ ଶ୍ରୀ କମ୍ପଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଓ ଏହାକୁ ଭିତ୍ତି କରି ସେ ରଖିଥିବା ଉତ୍ତର ପରେ ଏବେ ରାଜ୍ୟ ସରକାର 'କାମ୍ପା' ସିଇଓ ତଥା ଆଇଏଫଏସ୍ ଏମ୍. ଯୋଗଜୟାନନ୍ଦଙ୍କୁ ଏହି ମାମଲାର ତଦନ୍ତକାରୀ ଅଧିକାରୀ ଭାବରେ ନିଯୁକ୍ତ କରିଛନ୍ତି। ଏହି କ୍ରମରେ ଗୁରୁବାର ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏହି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ସମୟରେ ବର୍ତ୍ତମାନର ଟିଟିଲାଗଡ଼ କେନ୍ଦୁପତ୍ର ଡିଭିଜନ ଡିଏଫଓ ପ୍ରେଜେଣ୍ଟିଂ ଅଫିସର ଭାବରେ ସହାୟତା ପ୍ରଦାନ କରିବେ ବୋଲି ଜାରି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି।

ସୂଚନାଯୋଗ୍ୟ, ଶ୍ରୀ କମ୍ପ ଟିଟଲାଗଡ଼ କେନ୍ଦୁପତ୍ର ଡିଭିଜନରେ ଡିଏଫଓ ଥିବା ସମୟରେ ସରକାରୀ ଅନୁମୋଦନ ବିନା ସରକାରୀ ତହବିଲରୁ ଦୁଇଥର ୬ ଲକ୍ଷ ଟଙ୍କା ହିସାବରେ ମୋଟ ୧୨ଲକ୍ଷ ଟଙ୍କା ହେରଫେର କରିଥିବା ନେଇ ଅଭିଯୋଗ ହୋଇଥିଲା। ପେମେଣ୍ଟ କରିବା ପାଇଁ କୌଣସି ରେକର୍ଡ ରଖାଯାଇ ନଥିବା ବେଳେ ମନଇଚ୍ଛା ଡବଲ ପେମେଣ୍ଟ କରିବା ସହ କେନ୍ଦୁପତ୍ର ପିସିସିଏଫ୍‌ଙ୍କ ପାଖରେ ସମାନ ନାମକୁ ସହାୟତା ପାଇଁ ଏକାଧିକ ପଠାଯାଇଥିବା ଜଣାପଡ଼ିଥିଲା। ଏହି ଅଭିଯୋଗ ଆସିବା ପରେ ବନ ବିଭାଗ ତରଫରୁ ଯେଉଁ ତଦନ୍ତ ହୋଇଥିଲା, ସେତେବେଳେ କୌଣସି ରେକର୍ଡ/ଫାଇଲ/ରେଜିଷ୍ଟର ତଦନ୍ତକାରୀ ଅଧିକାରୀଙ୍କୁ ପ୍ରଦାନ କରାଯାଇ ପାରିନଥିଲା। ତେବେ ଲିଖିତ ଷ୍ଟେଟମେଣ୍ଟ ଅଫ୍ ଡିଫେନସ୍ ବା ପ୍ରତିରକ୍ଷା ବିବୃତ୍ତିରେ ୭ ଅଗଷ୍ଟ ୨୦୨୩ ତାରିଖରେ ଶ୍ରୀ କମ୍ପ କୌଣସି ଆର୍ଥିକ ଅନିୟମିତତା କରିନାହାନ୍ତି ବୋଲି ନିଜର ସଫେଇ ଦେଇଛନ୍ତି। ମାତ୍ର ଏହା ପରେ ରାଜ୍ୟ ସରକାର ଯୋଗଜୟାନନ୍ଦଙ୍କୁ ତଦନ୍ତକାରୀ ଅଧିକାରୀ ଭାବେ ନିଯୁକ୍ତ କରିବା ସହ ତାଙ୍କୁ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି।




ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
♦VOLUME- 41 ♦ISSUE-239 ♦BHUBANESWAR ♦FRIDAY ♦23 FEBRUARY 2024 ♦PAGE-20 ♦₹ 6.00
♦ବର୍ଷ-୪୧ ♦ସଂଖ୍ୟା-୨୩୯ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୩ ଫେବୃଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦

## ପୁଲିସ୍ ଗୁଳିରେ ଏକାଧିକ ମାଓବାଦୀ ଆହତ

**ମାଲକାନଗିରି,୨୨।୨ (ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଏବଂ ଦନ୍ତେୱାଡ଼ା ମଧ୍ୟରେ ପୁଲିସ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ବହୁ ମାଓବାଦୀ ଆହତ ହୋଇଥିବା ଯବାନଙ୍କ ପକ୍ଷରୁ ଦାବି କରାଯାଇଛି। ମିଳିଥିବା ସୂଚନାନୁଯାୟୀ, ଦନ୍ତେୱାଡ଼ା ଓ ବିଜାପୁର ଜିଲ୍ଲାର ବସ୍ତର ଫାଇଟର୍ସ, ଡିଆରଜି, ସିଆରପିଏଫ୍ ଯବାନଙ୍କ ମିଳିତ ଟିମ୍ ସର୍ଚ୍ଚ ଅପରେସନ୍ ଚଳାଇଥିଲେ। ମାଓବାଦୀଙ୍କ ଗଡ଼ କୁହାଯାଉଥିବା ହିତୱାରି ଜଙ୍ଗଲରେ ଯବାନମାନେ ଖାନତଲାସ କରୁଥିବା ବେଳେ ସେଠାରେ ଲୁଚି ରହିଥିବା ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ଯବାନମାନେ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲେ। ଦୀର୍ଘ ସମୟ ଧରି ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ଚାଲିଥିଲା। ତେବେ ଯବାନଙ୍କୁ ସାମ୍ନା କରି ନପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଜଙ୍ଗଲ ଭିତରେ ଲୁଚି ପଳାଇଥିଲେ। ପରେ ଯବାନମାନେ ସେ ଅଞ୍ଚଳରେ ତଲାସ କରିବା ବେଳେ ଅନେକ ସ୍ଥାନରେ ରକ୍ତଛିଟା ଦେଖିବାକୁ ପାଇଥିଲେ। ଏହି ଗୁଳି ବିନିମୟରେ ବହୁ ମାଓବାଦୀ ଆହତ ହୋଇଥିବା ଏଥିରୁ ସ୍ପଷ୍ଟ ହୋଇଛି ବୋଲି ଦନ୍ତେୱାଡ଼ା ଏସପି ରାମ କୁମାର ବର୍ମନ ସୂଚନା ଦେଇଛନ୍ତି।

# ପୁରୀକୁ ବଢ଼ିଛି ପର୍ଯ୍ୟଟକଙ୍କ ଆଗମନ

**ପୁରୀ,୨୨।୨(ସମିସ):** ପର୍ଯ୍ୟଟନର ଗନ୍ତାଘର ଓଡ଼ିଶା। ସୁଦୀର୍ଘ ବେଳାଭୂମି ସାଙ୍ଗକୁ ପ୍ରାକୃତିକ ଦୃଶ୍ୟରାଜିର ବିଭବ ଓଡ଼ିଶାର ପ୍ରତିଟି କୋଣଅନୁକୋଣରେ ଭରି ରହିଛି। ବିଭିନ୍ନ ପ୍ରକାର ବନ୍ୟଜନ୍ତୁ, ଜଙ୍ଗଲ, ଗ୍ରାମୀଣ ଜୀବନଶୈଳୀ ଏବଂ ଐତିହ୍ୟରେ ଭରପୂର ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଜିଲ୍ଲାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲା ଭଳି ସ୍ଥାନ ରହିଛି। ଏଥିପାଇଁ ବର୍ଷତମାମ୍ ରାଜ୍ୟକୁ ଦେଶବିଦେଶରୁ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ବିଶେଷକରି ଶୀତଋତୁରେ ଓଡ଼ିଶା

- ୨୦୨୧ରେ ଆସିଥିଲେ ୫୨ ଲକ୍ଷ ୭୩ ହଜାର
- ୨୦୨୨ରେ ଆସିଛନ୍ତି ୧କୋଟି ୪୭ ଲକ୍ଷ ୪୭ ହଜାର

ପର୍ଯ୍ୟଟକଙ୍କ ଭୂ-ସ୍ୱର୍ଗ ପାଲଟିଥାଏ। ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ପୁରୀର ସ୍ଥାନ ସ୍ୱତନ୍ତ୍ର। ଏଠାରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଅନେକ ଆକର୍ଷଣୀୟ ସ୍ଥାନ ରହିଛି। ଶ୍ରୀମନ୍ଦିର ଭଳି ଆଧ୍ୟାତ୍ମିକ ପୀଠ ସାଙ୍ଗକୁ କୋଣାର୍କର ସୂର୍ଯ୍ୟମନ୍ଦିର, ପ୍ରକୃତିରାଣୀ ଚିଲିକା ଭଳି ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ ରହିଛି। ସେହିପରି ବୌଦ୍ଧ କୀର୍ତ୍ତିରାଜି, ପ୍ରାଚୀନ ମଠ ମନ୍ଦିର ଓ ମନୋରମ ବେଳାଭୂମି ପୁରୀର ଅନ୍ୟତମ ଖାସ୍ ଆକର୍ଷଣ। ତେଣୁ ଓଡ଼ିଶା ଆସୁଥିବା ଦେଶବିଦେଶର ପର୍ଯ୍ୟଟକଙ୍କ ମଧ୍ୟରୁ ଅଧିକାଂଶଙ୍କ ପସନ୍ଦର ସ୍ଥାନ ହେଉଛି ପୁରୀ। କିନ୍ତୁ ୨୦୨୦ ଏବଂ ୨୦୨୧ରେ କୋଭିଡ୍ ମହାମାରୀ ପାଇଁ ପର୍ଯ୍ୟଟକଙ୍କ ସଂଖ୍ୟା ଢେର୍ କମିଯାଇଥିବା ବେଳେ ଏବେ ପୁଣି ଟ୍ରାକ୍‌କୁ ଫେରିଛି ପର୍ଯ୍ୟଟକଙ୍କ ଆଗମନ। ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ୨୦୨୧ ଅପେକ୍ଷା ୨୦୨୨ରେ ପ୍ରାୟ ତିନିଗୁଣା ଅଧିକ ପର୍ଯ୍ୟଟକ ପୁରୀକୁ ଆସିଛନ୍ତି। ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ସଂଖ୍ୟା ବି ଢେର୍ ବୃଦ୍ଧି ପାଇଛି।

ସୂଚନା ଅନୁଯାୟୀ, ୨୦୧୬ରୁ ୨୦୨୨ ଏହି ୭ବର୍ଷର ତଥ୍ୟ ଦେଖିଲେ ୨୦୧୬ରୁ ୨୦୧୯ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ସଂଖ୍ୟା କ୍ରମାନ୍ୱୟରେ ବଢ଼ିଛି।



କିନ୍ତୁ ୨୦୨୦ରେ ପର୍ଯ୍ୟଟକଙ୍କ ଆଗମନ ଯଥେଷ୍ଟ ହ୍ରାସ ପାଇଛି। ୨୦୨୦ରେ ସବୁଠୁ କମ୍ ପର୍ଯ୍ୟଟକ ପୁରୀ ଆସିଛନ୍ତି। ୨୦୧୬ରେ ପୁରୀକୁ ସମୁଦାୟ ୧କୋଟି ୧୭ ଲକ୍ଷ ୨୦ହଜାର ୩୮୬ ଜଣ ପର୍ଯ୍ୟଟକ ଆସିଥିଲେ। ସେମାନଙ୍କ ମଧ୍ୟରେ ୧କୋଟି ୧୬ଲକ୍ଷ ୯୧ହଜାର ୧୭୭ଜଣ ଘରୋଇ ପର୍ଯ୍ୟଟକ ଥିବାବେଳେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ଥିଲା ୨୯ହଜାର ୨୦୯। ସେହିପରି ୨୦୧୭ରେ ପୁରୀକୁ ମୋଟ ୧କୋଟି ୨୬ଲକ୍ଷ ୪୭ହଜର ୧୦୯ ପର୍ଯ୍ୟଟକ ଆସିଥିବା ବେଳେ ସେମାନଙ୍କ ମଧ୍ୟରେ ଘରୋଇ ପର୍ଯ୍ୟଟକ ଥିଲେ ୧କୋଟି ୨୬ଲକ୍ଷ ୯୧ହଜାର। ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ଥିଲା ୩୮ ହଜାର ୪୯। ୨୦୧୮ରେ ସମୁଦାୟ ୧କୋଟି ୩୧ଲକ୍ଷ ୭୯ ହଜାର ୯୪୭ ପର୍ଯ୍ୟଟକ ପୁରୀ ଆସିଥିବା ବେଳେ ସେମାନେ ମଧ୍ୟରେ ଘରୋଇ ପର୍ଯ୍ୟଟକ ଥିଲେ ୧କୋଟି ୩୧ ଲକ୍ଷ ୩୯ ହଜାର ୬୦୮ ଜଣ। ବିଦେଶୀଙ୍କ ସଂଖ୍ୟା ଥିଲା ୪୦ ହଜାର ୩୩୯। ତେବେ ୨୦୧୯ରେ ପୁରୀକୁ ଆସିଥିଲେ ୧କୋଟି ୩୪ଲକ୍ଷ ୭୯ ହଜାର ୫୩୦ଜଣ। ଏମାନଙ୍କ ମଧ୍ୟରେ ଘରୋଇ ପର୍ଯ୍ୟଟକଙ୍କ ସଂଖ୍ୟା ୧କୋଟି ୩୪ଲକ୍ଷ ୪୧ ହଜାର ୯୯୬ ରହିଥିବା ବେଳେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ଥିଲା ୩୭ହଜାର ୫୩୪। ୨୦୨୦ରେ କରୋନା ମହାମାରୀ ସମଗ୍ର ବିଶ୍ୱକୁ କବଳିତ କରିଥିବା ବେଳେ ଏହାର ପ୍ରଭାବ ସବୁ କ୍ଷେତ୍ରରେ ପରିଲକ୍ଷିତ ହୋଇଥିଲା। ଅନ୍ତର୍ଜାତୀୟ ବିମାନ ଉଡ଼ାଣ ବନ୍ଦ ହେବା ସହ ଲକ୍‌ଡାଉନ ଓ ସଟ୍‌ଡାଉନ ଭଳି ସ୍ଥିତି ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ପ୍ରଭାବିତ କରିଥିଲା। ଫଳରେ ପର୍ଯ୍ୟଟନ ଉପରେ ନିର୍ଭରଶୀଳ ବିଭିନ୍ନ ସହର ଏକପ୍ରକାର ପର୍ଯ୍ୟଟକଶୂନ୍ୟ ହୋଇପଡ଼ିଲା। ସେମିତି ସହରମାନଙ୍କ ଭିତରେ ପୁରୀ ଥିଲା ଅନ୍ୟତମ। ୨୦୨୦ରେ ପୁରୀକୁ ସମୁଦାୟ ୩୩ଲକ୍ଷ ୨୭ ହଜାର ୮୩୩ ଜଣ ପର୍ଯ୍ୟଟକ ଆସିଥିଲେ। ସେମାନଙ୍କ ମଧ୍ୟରେ ୩୩ଲକ୍ଷ ୨୪ହଜାର ୭୬୨ ଜଣ ଘରୋଇ ପର୍ଯ୍ୟଟକ ରହିଥିବା ବେଳେ ମାତ୍ର ୩, ୦୭୧ଜଣ ବିଦେଶୀ ଆସିଥିଲେ। ସେହିବର୍ଷର ଜାନୁଆରୀ ଓ ଫେବୃୟାରୀରେ ଯାହା ପର୍ଯ୍ୟଟକ ପୁରୀ ଆସିଥିଲେ। ଏହାପରେ ଧୀରେଧୀରେ କରୋନା କଟକଣା କଠୋର ହୋଇଥିଲା। ଫଳରେ ପର୍ଯ୍ୟଟକଙ୍କ ବାଟ ଓଗାଳିଥିଲା ଏହି ମହାମାରୀ, ଯେଉଁଥିପାଇଁ ସଂଖ୍ୟା ହ୍ରାସ ପାଇଥିଲା। ୨୦୨୧ରେ ମଧ୍ୟ ପୁରୀକୁ ପର୍ଯ୍ୟଟକଙ୍କ ସଂଖ୍ୟା କମ୍ ରହିଥିଲା। ଏହି ବର୍ଷ ୫୨ଲକ୍ଷ ୭୩ ହଜାର ପର୍ଯ୍ୟଟକ ପୁରୀକୁ ଆସିଥିଲେ। ଏମାନଙ୍କ ମଧ୍ୟରେ ୫୨ଲକ୍ଷ ୭୨ହଜାର ୬୦୦ ଘରୋଇ ପର୍ଯ୍ୟଟକ ଥିବା ବେଳେ ମାତ୍ର ୪୦୦ ଜଣ ବିଦେଶୀ ପର୍ଯ୍ୟଟକ ଥିଲେ। ୨୦୨୨ ଆରମ୍ଭ ବେଳକୁ କୋଭିଡ୍ କଟକଣା ହଟିବା ପରେ ପୁଣି ପୁରୀକୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଥିଲା। ୨୦୨୨ରେ ପୁରୀକୁ ମୋଟ ୧କୋଟି ୪୭ଲକ୍ଷ ୪୭ ହଜାର ୩୭୦ ପର୍ଯ୍ୟଟକ ଆସିଥିଲେ। ଏମାନଙ୍କ ମଧ୍ୟରେ ୧କୋଟି ୪୭ଲକ୍ଷ ୪୨ ହଜାର ୨୩୦ ଘରୋଇ ପର୍ଯ୍ୟଟକ ଥିବା ବେଳେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ରହିଥିଲା ୫ ହଜାର ୧୪୦।

ଏ ସମ୍ପର୍କରେ ସହକାରୀ ପର୍ଯ୍ୟଟକ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ କହିଛନ୍ତି, ପୁରୀରେ ପର୍ଯ୍ୟଟନ ଭିତ୍ତିଭୂମିକୁ ସୁଦୃଢ଼ କରାଯାଉଛି। ପର୍ଯ୍ୟଟକଙ୍କୁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ତେଣୁ ଆଗାମୀ ଦିନରେ ପର୍ଯ୍ୟଟକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ।

## ଭାଲୁ ଚମଡ଼ା ଓ ନଖ ଜବତ; ୨ ଗିରଫ



**ଉମରକୋଟ,୨୨।୨(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ବନ ବିଭାଗ ୨ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଭାଲୁ ଚମଡ଼ା ଓ ନଖ ଜବତ କରିଛି। ଅଭିଯୁକ୍ତଦ୍ୱୟ ହେଲେ, ରାଇଘର ବ୍ଲକ୍ ଚିଙ୍ଗୁଡ଼ିଭଟା ଗ୍ରାମର ଶୁକଦେବ ଗଣ୍ଡ(୫୨) ଓ ରଇନୁ ଗଣ୍ଡ(୨୪)। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ଶୁକଦେବ ଓ ରଇନୁ ନିଜ ଘରେ ଭାଲୁ ଚମଡ଼ା ଓ ନଖ ରଖିଥିବା ନେଇ ବନ ବିଭାଗକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଖବର ପାଇ ଉମରକୋଟ ବନ ବିଭାଗ ରେଞ୍ଜରଙ୍କ ନେତୃତ୍ୱରେ ୬ଜଣିଆ ଏକ ଟିମ୍ ଚିଙ୍ଗୁଡ଼ିଭଟା ଗ୍ରାମରେ ଚଢ଼ଉ କରିଥିଲେ। ଚଢ଼ଉରେ ରେଞ୍ଜର୍ ଦେବସ୍ମିତା ସାହୁ, ଖଡ଼କା ଫରେଷ୍ଟର୍ ଏମ୍. ଡି ଅବଦୁଲ ସାମିଦ, ଫରେଷ୍ଟ ଗାର୍ଡ ସୁଧୀର ପଟ୍ଟନାୟକ, ସୁସ୍ମିତା ଲେଙ୍କା, ଟିସିଟିଏ ଲିଙ୍ଗରାଜ ସତନାମି ଓ ପୂର୍ଣ୍ଣଚନ୍ଦ୍ର ହରିଜନ ପ୍ରମୁଖ ସାମିଲ ଥିଲେ।

## ୩୦ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ

### ଡିଲ୍ ବେଳେ ଧଳାଜହର ବେପାରୀକୁ ଧରିଲା ଏସ୍‌ଟିଏଫ୍

**ଭୁବନେଶ୍ୱର, ୨୨।୨(ସମିସ):** ଡିଲ୍ ବେଳେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଜଣେ ବେପାରୀକୁ ଗିରଫ କରିଛି। ସେ ହେଲା, ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ଅଧୀନ ବିଡ଼ଁରିଆ ଗାଁରେ ରହୁଥିବା କ୍ଷୀରସିନ୍ଧୁ ସାମଲ। ଏସ୍‌ଟିଏଫ୍ ତା'ଠାରୁ ୩୦୨ଗ୍ରାମ୍ ଓଜନର ଧଳାଜହର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୩୦ଲକ୍ଷ ହେବ ବୋଲି ତଦନ୍ତକାରୀ ସଂସ୍ଥା ଅନୁମାନ କରିଛି।



ସୂଚନାନୁସାରେ, କ୍ଷୀରସିନ୍ଧୁ କରଞ୍ଜିଆ ଥାନା ଅଞ୍ଚଳରେ ଅଭିଯୁକ୍ତ ବୁଲିବୁଲି ଧଳାଜହର ବେପାର କରୁଥିବା ଏସ୍‌ଟିଏଫ ବିଶେଷ ସୂତ୍ରରୁ ଖବର ପାଇଥିଲା। ଏହି ସୂଚନାକୁ ଆଧାର କରି ଏସ୍‌ଟିଏଫ ଏକ ଦଳ ସେଠାରେ ପହଞ୍ଚିଥିଲା। ସ୍ଥାନୀୟ ପୁଲିସ ସହାୟତାରେ ଉକ୍ତ ଦଳ ଅଭିଯୁକ୍ତକୁ ଧରିବା ଲାଗି ସେଠାରେ ଡେରା ପକାଇଥିଲା। କ୍ଷୀରସିନ୍ଧୁ ବୁଧବାର ବିଳମ୍ବିତ ରାତିରେ ବ୍ରାଉନସୁଗାର ପାଇଁ ଗ୍ରାହକଙ୍କ ସହ ଡିଲ୍ କରୁଥିବା ବେଳେ ଏସ୍‌ଟିଏଫ୍ ତାକୁ ମାଡ଼ି ବସିଥିଲା। କୋର୍ଟରେ ତା'ର ଜାମିନ୍ ନାମଞ୍ଜୁର ହେବାରୁ ତାକୁ କୋର୍ଟଚାଲାଣ କରାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟରେ ନିଶା କାରବାର ରୋକିବା ଲାଗି ଏସ୍‌ଟିଏଫ୍ ୨୦୨୦ରୁ ସ୍ୱତନ୍ତ୍ର ଅଭିଯାନ ଜାରି ରଖିଛି। ଏହି କ୍ରମରେ ଏସ୍‌ଟିଏଫ୍ ୭୫କେଜି ଧଳାଜହର, ୨୦୨ ଗ୍ରାମ ଓଜନର କୋକେନ୍, ୧୨୦ କ୍ରିଷ୍ଟାଲ ଗଞ୍ଜେଇ ଓ ୩ କେଜି ଅଫିମ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୧୮୭ ନିଶା ବେପାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି।



## ମୋଦୀ ବିଶ୍ୱର ଲୋକପ୍ରିୟ ନେତା



ନୂଆଦିଲ୍ଲୀ, ୨୨।୨(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୭୮% ଆପ୍ରୁଭାଲ ରେଟିଂ ସହ ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା ହୋଇଥିବା ମର୍ଣ୍ଣିଂ କନସଲ୍ଟ ନାମକ ଅନ୍ତର୍ଜାତୀୟ ସଂସ୍ଥାର ସଦ୍ୟତମ ସର୍ଭେରୁ ଜଣାପଡ଼ିଛି। ୨୦୨୪ ଜାନୁଆରୀ ୩୦ରୁ ଫେବୃଆରୀ ୫ ମଧ୍ୟରେ ଏହି ସର୍ଭେ କରାଯାଇଥିଲା। ଲୋକପ୍ରିୟତା ତାଲିକାରେ ମେକ୍ସିକୋର ଆଣ୍ଡ୍ରେସ ମାନୁଏଲ ଲୋପେଜ ଓବ୍ରାଡର ୬୪%ରେଟିଂ ସହ ଦ୍ୱିତୀୟ, ସୁଇଜରଲାଣ୍ଡର ଆଲାଇନ ବେରସେଟ ୫୭% ରେଟିଂ ସହ ତୃତୀୟ, ପୋଲାଣ୍ଡର ଡୋନାଲ୍ଡ ଟସ୍କ ୫୦% ରେଟିଂ ସହ ଚତୁର୍ଥ ଓ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ ଇନାସିଓ ଲୁଲା ଡି ସିଲଭା ୪୭% ରେଟିଂ ସହ ପଞ୍ଚମ ସ୍ଥାନରେ ଅଛନ୍ତି।

## କାଠରେ ଉପଗ୍ରହ ବନାଇଲା ଜାପାନ

ଟୋକିଓ, ୨୨।୨ (ଏଜେନ୍ସି): ବିଶ୍ୱରେ ପ୍ରଥମ ଥର ପାଇଁ କାଠରେ ଉପଗ୍ରହ ନିର୍ମାଣ କରାଯାଇଛି। ଜାପାନ ବୈଜ୍ଞାନିକମାନେ ଏହାକୁ ପ୍ରସ୍ତୁତ କରିଛନ୍ତି। ଖୁବଶୀଘ୍ର ଏହି ଉପଗ୍ରହକୁ ଆମେରିକା ରକେଟ ମାଧ୍ୟମରେ ମହାକାଶକୁ ପଠାଯିବ। ଏଥିପାଇଁ ଜୋରସୋରରେ ପ୍ରସ୍ତୁତି ଚାଲିଛି। ସୂଚନା ଅନୁଯାୟୀ ମହାକାଶରୁ ଆବର୍ଜନା କମ୍ କରିବା ଲକ୍ଷ୍ୟ ନେଇ କ୍ୟୋଟୋ ୟୁନିଭର୍ସିଟିର ଏରୋସ୍ପେସ ଇଞ୍ଜିନିୟରମାନେ ଏହି ଉପଗ୍ରହ ନିର୍ମାଣ କରିଛନ୍ତି। ଏହାର ନାମ



ଲିଗ୍ନୋସ୍ୟାଟ ରଖାଯାଇଛି। ଏହି ଉପଗ୍ରହ ସହଜରେ ଭାଙ୍ଗିବ ନାହିଁ। ଏହା ମଙ୍ଗୋଲିଆ କାଠରେ ନିର୍ମିତ। ଏହା ସ୍ଥିର ଏବଂ ମଜବୁତ ହୋଇଥାଏ। ଇଞ୍ଜିନିୟର କୋଜି ମୁରାତା କହିଛନ୍ତି ଯେ ଏହି ଉପଗ୍ରହ ପରିବେଶ ଅନୁକୂଳ। ଏହା ପ୍ରାକୃତିକ ଭାବେ ପ୍ରକୃତି ସହ ମିଶି ନିଷ୍ଟ ହୋଇଯାଇଥାଏ। ଏହାକୁ ଧ୍ୟାନରେ ରଖି କାଠରେ ଉପଗ୍ରହ ପ୍ରସ୍ତୁତ କରାଯାଇଛି। ମାତ୍ର ଅନ୍ୟ ଧାତବ ପଦାର୍ଥରେ ପ୍ରସ୍ତୁତ ଉପଗ୍ରହ ବିପର୍ଯ୍ୟୟ ଆଣିଥାଏ। ଏହାର ଅଂଶ ଅନେକ ସମୟରେ ପୃଥିବୀରେ ପଡ଼ି ବାୟୁମଣ୍ଡଳର କ୍ଷତି କରିଥାଏ। ଏହା ଜଳିବା ଦ୍ୱାରା ଆଲ୍ୟୁମିନା କଣିକା ସୃଷ୍ଟି ହୋଇଥାଏ। ଏହା ଦୀର୍ଘ ବର୍ଷ ପର୍ଯ୍ୟନ୍ତ ବାୟୁମଣ୍ଡଳରେ ରହିଥାଏ।

## ଦିଲ୍ଲୀରେ ୩ ଆସନରେ ଲଢ଼ିବ କଂଗ୍ରେସ

ନୂଆଦିଲ୍ଲୀ,୨୨।୨(ଏଜେନ୍ସି): ଦିଲ୍ଲୀର ସମସ୍ତ ୭ ଲୋକସଭା ଆସନ ପାଇଁ ଆମ୍ ଆଦମୀ ପାର୍ଟି(ଆପ୍) ଓ କଂଗ୍ରେସ ମଧ୍ୟରେ ନିର୍ବାଚନୀ ବୁଝାମଣା ଆପାତତଃ ଚୂଡ଼ାନ୍ତ ହୋଇଛି। ଆପ୍ ପ୍ରାର୍ଥୀ ୪ ଆସନରେ ଓ କଂଗ୍ରେସ ପ୍ରାର୍ଥୀ ୩ ଆସନରେ ଲଢ଼ିବେ। ଇଣ୍ଡିଆ ଟୁଡେ'ର ରିପୋର୍ଟ ଅନୁଯାୟୀ ଉଭୟ ଦଳ ମଧ୍ୟରେ ଆସନବଣ୍ଟନ ବୁଝାମଣାର ଅନ୍ତିମ ପର୍ଯ୍ୟାୟରେ ସ୍ଥିର ହୋଇଛି ଯେ ଏଏପି ପ୍ରାର୍ଥୀ ଦକ୍ଷିଣ ଦିଲ୍ଲୀ, ପଶ୍ଚିମ ଦିଲ୍ଲୀ,ଉତ୍ତର-ପଶ୍ଚିମ ଦିଲ୍ଲୀ ଓ ନୂଆଦିଲ୍ଲୀ ଲୋକସଭା ଆସନରେ ଲଢ଼ିବେ। ବଳକା ୩ ଆସନ ପୂର୍ବ ଦିଲ୍ଲୀ, ଚାନ୍ଦିନିଚୌକ ଓ ଉତ୍ତର-ପୂର୍ବ ଦିଲ୍ଲୀରେ କଂଗ୍ରେସ ପ୍ରାର୍ଥୀ ଦେବ। ୨୦୧୪ ଓ ୨୦୧୯ ରେ ଦିଲ୍ଲୀର ସମସ୍ତ ୭ ଲୋକସଭା ଆସନରେ ବିଜେପି ପ୍ରାର୍ଥୀ ଜିତିଥିଲେ।

## ଖଡ଼୍‌ଗେଙ୍କୁ 'ଜେଡ୍ ପ୍ଲସ୍' ସୁରକ୍ଷା

ନୂଆଦିଲ୍ଲୀ, ୨୨।୨ (ଏଜେନ୍ସି): କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ସୁରକ୍ଷା ବଢ଼ାଇ ଦିଆଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରାଳୟ ତାଙ୍କୁ 'ଜେଡ୍ ପ୍ଲସ' ସୁରକ୍ଷା ପ୍ରଦାନ କରିଛି। ଏବେ ସିଆରପିଏଫର ୫୮ ଯବାନ ୨୪ ଘଣ୍ଟା ପର୍ଯ୍ୟନ୍ତ ଖଡଗେଙ୍କୁ ସୁରକ୍ଷା ପ୍ରଦାନ କରିବେ। ଗୁଇନ୍ଦା ବ୍ୟୁରୋର ସୂଚନା ଅନୁଯାୟୀ ଧମକ ମିଳିବା ପରେ ଖଡଗେଙ୍କ ସୁରକ୍ଷାକୁ ଅଧିକ କଡ଼ାକଡ଼ି କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ସାରା ଦେଶରେ ଖଡଗେଙ୍କୁ ଜେଡ୍ ପ୍ଲସ ସୁରକ୍ଷା ମିଳିବ। ଏହି ସୁରକ୍ଷାରେ ବୁଲେଟ ପ୍ରୁଫ୍ ଗାଡ଼ି ମଧ୍ୟ ସାମିଲ ରହିଛି।

■ 'ଗଜ୍‌ୱା-ଇ-ହିନ୍ଦ୍' ଫତ୍‌ୱା

## ଦାରୁଲ ଉଲୁମ ବିରୋଧରେ ଏତଲା ରୁଜୁ ନିର୍ଦ୍ଦେଶ

ଦେଓବନ୍ଦ, ୨୨।୨ (ଏଜେନ୍ସି): ଗଜୱା-ଇ-ହିନ୍ଦ୍ (ଭାରତ ଉପରେ ଆକ୍ରମଣ) ଥିବା ନିଜ ଫତୱାକୁ ଦାରୁଲ ଉଲୁମ ଦେଓବନ୍ଦ ସଠିକ୍ ଦର୍ଶାଇଛି। ଏହି ଇସ୍‌ଲାମିକ ସଂସ୍ଥା ନିଜ ୱେବସାଇଟ ମାଧ୍ୟମରେ ଏହି ଫତୱା ଦେଇଛି। ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ (ଏନ୍‌ସିପିସିଆର) ଏହି ଫତୱାକୁ ଦେଶ ବିରୋଧୀ କହିଛନ୍ତି। ଏହି ମାମଲାରେ ଏତଲା ରୁଜୁ କରାଇବା ପାଇଁ ସହାରନପୁର ଜିଲ୍ଲାପାଳ ଏବଂ ଏସ୍‌ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ବନ୍ଧରେ ଏସ୍‌ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲ୍ଲାପାଳ ଦିନେଶ ଚନ୍ଦ୍ର ସିଂହ କହିଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦେଓବନ୍ଦ ସିଓ ଏବଂ ଏସ୍‌ଡିଏମଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉଭୟେ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚିଛନ୍ତି।

ଦୁଷ୍କର୍ମ ପୀଡ଼ିତାଙ୍କୁ ଯୌନ ଉତ୍ପୀଡ଼ନ

## ତ୍ରିପୁରା ମାଜିଷ୍ଟ୍ରେଟଙ୍କୁ ହଟାଇଲେ ହାଇକୋର୍ଟ



ଅଗରତାଲା, ୨୨।୨ (ଏଜେନ୍ସି): ଦୁଷ୍କର୍ମ ପୀଡ଼ିତାଙ୍କୁ ଯୌନ ଉତ୍ପୀଡ଼ନ ଅଭିଯୋଗ ଲାଗିଥିବା ମାଜିଷ୍ଟ୍ରେଟ ବିଶ୍ୱତୋଷ ଘୋଷ ଧରଙ୍କୁ ତ୍ରିପୁରା ହାଇକୋର୍ଟ ହଟାଇ ଦେଇଛନ୍ତି। ରାଜ୍ୟ ଆଇନ ବିଭାଗ ପକ୍ଷରୁ ବୁଧବାର ଏହି ସୂଚନା ଦିଆଯାଇଛି। ଧରଙ୍କୁ ବିନା ଅନୁମତିରେ ଜେଲ୍‌ରୁ ବାହାରକୁ ଯିବାକୁ ମଧ୍ୟ ଅନୁମତି ଦିଆଯାଇ ନାହିଁ। ସୂଚନା ଅନୁଯାୟୀ ବିଶ୍ୱତୋଷ ଧର ଧଲାଇ ଜିଲ୍ଲା କମାଲପୁର ଫାଷ୍ଟ କ୍ଲାସ ଜୁଡିସିଆଲ କୋର୍ଟର ମାଜିଷ୍ଟ୍ରେଟ ଥିଲେ। ଗତ ୧୩ ତାରିଖରେ ଜଣେ ୨୩ ବର୍ଷୀୟ ମହିଳା ଦୁଷ୍କର୍ମ ମାମଲାରେ ବୟାନ ରେକର୍ଡ କରିବାକୁ ତାଙ୍କ ଚ୍ୟାମ୍ବରକୁ ଯାଇଥିଲେ। ସେଠାରେ ମାଜିଷ୍ଟ୍ରେଟ ତାଙ୍କୁ ଯୌନ ଉତ୍ପୀଡ଼ନ ଦେଇଥିଲେ। ମହିଳାଙ୍କ ଶରୀରକୁ ଖରାପ ଉଦ୍ଦେଶ୍ୟରେ ଛୁଇଁ ଥିଲେ। ଦୁଷ୍କର୍ମ ମାମଲାରେ ବୟାନ ରୁଜୁ କରାଇବା ସମୟରେ ବିଚାରପତି ଏଭଳି ବ୍ୟବହାର କରିଥାନ୍ତି ବୋଲି ବିଶ୍ୱତୋଷ କହିଥିଲେ। ଏହା ଶୁଣି ମହିଳା କାନ୍ଦିବାକୁ ଲାଗିଥିଲେ। କଥା ନ ମାନିଲେ ମାମଲା ତାଙ୍କ ବିରୋଧରେ ଚଲାଇବାକୁ ବିଚାରପତି ଧମକ ଦେଇଥିଲେ। ପରେ ଚ୍ୟାମ୍ବର ବାହାରେ ଯାଇ ବସିବାକୁ ତାଙ୍କୁ କହିଥିଲେ। ଏହାର ତିନି ଦିନ ପରେ ମହିଳା କମାଲପୁର ଥାନାରେ ମାମଲା ରୁଜୁ କରିଥିଲେ।

କେଜ୍ରିୱାଲଙ୍କୁ ଇଡିର ସପ୍ତମ ସମନ

## 'ମେୟର ନିର୍ବାଚନର ପ୍ରତିଶୋଧ ନେଉଛି ବିଜେପି'



ନୂଆଦିଲ୍ଲୀ, ୨୨।୨ (ଏଜେନ୍ସି): ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ସମସ୍ୟା କମ୍ ହେବାର ନା ଧରୁନି। ଗିରଫ ଖଣ୍ଡା ଝୁଲୁଥିବାବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର କେଜ୍ରିୱାଲଙ୍କୁ ସପ୍ତମ ସମନ ଜାରି କରିଛି। ତାଙ୍କୁ ୨୬ ତାରିଖରେ ହାଜର ହେବାକୁ କୁହାଯାଇଛି। ଏହା ପୂର୍ବରୁ ଜାରି ସମନରେ ମଧ୍ୟ କେଜ୍ରିୱାଲ ଏଜେନ୍ସି ନିକଟରେ ହାଜର ହୋଇ ନ ଥିଲେ। ଏବେ ହେମନ୍ତ ସୋରେନଙ୍କ କେଜ୍ରିୱାଲଙ୍କୁ ଗିରଫ କରାଯାଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଆମ ଆଦମୀ ପାର୍ଟି (ଆପ୍) ସମନକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ କହିଛି। ଦିଲ୍ଲୀ ମନ୍ତ୍ରୀ ତଥା ଆପ୍ ନେତ୍ରୀ ଆତିଶୀ ମାର୍ଲେନା କହିଛନ୍ତି ଯେ ଇଡି ଏହି ସମନ ମାଧ୍ୟମରେ ଦଳ ଏବଂ କେଜ୍ରିୱାଲଙ୍କୁ ଡରାଇବାକୁ ଉଦ୍ୟମ କରୁଛି। ବିଜେପି ଚଣ୍ଡିଗଡ଼ ମେୟର ନିର୍ବାଚନ ଫଳାଫଳର ପ୍ରତିଶୋଧ ନେଉଛି। ସୁପ୍ରିମକୋର୍ଟ ଯେଉଁ ଭଳି ଭାବେ ସମ୍ବିଧାନର ଗରିମା ରକ୍ଷା କରି ନିର୍ବାଚନ ମାମଲାର ନିଷ୍ପତ୍ତି ଶୁଣାଇଲେ ତାହା ବିଜେପିକୁ ଝଟ୍‌କା ଦେଇଛି। ଏହା ପୂର୍ବରୁ ଇଡି ଫେବୃଆରୀ ୨, ଜାନୁଆରୀ ୧୭, ଜାନୁଆରୀ ୩, ଡିସେମ୍ବର ୨୧ ଏବଂ ନଭେମ୍ବର ୨ରେ ସମନ ଜାରି କରିଥିଲା।

ଦଶମ ଦିନରେ ଚାଷୀ ଆନ୍ଦୋଳନ

# ଆଜି 'କଳା ଦିବସ' ପାଳିବେ ଚାଷୀ

ନୂଆଦିଲ୍ଲୀ, ୨୨।୨ (ଏଜେନ୍ସି)

ଚାଷୀ ଆନ୍ଦୋଳନ ଗୁରୁବାର ଦଶମ ଦିନରେ ପହଞ୍ଚିଛି। ଗୁରୁବାର ଚାଷୀ ସାରା ଦେଶରେ କଳା ଦିବସ ପାଳନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଚଣ୍ଡିଗଡ଼ରେ ଅନୁଷ୍ଠିତ ସଂଯୁକ୍ତ କିଶାନ ମୋର୍ଚ୍ଚା (ଏସକେଏମ)ର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହା ସହିତ ୨୬

**୨୬ରେ ଚାଷୀଙ୍କ ଟ୍ରାକ୍ଟର ମାର୍ଚ୍ଚ**

**୧୪ରେ ରାମଲୀଳା ପଡ଼ିଆରେ ବିକ୍ଷୋଭ**

ତାରିଖରେ ଟ୍ରାକ୍ଟର ମାର୍ଚ୍ଚ ଏବଂ ମାର୍ଚ୍ଚ ୧୪ରେ ଦିଲ୍ଲୀର ରାମଲୀଳା ମୈଦାନରେ ମହାପଞ୍ଚାୟତ ହେବ ବୋଲି ଏସକେଏମ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଆଜି ଦିନଯାକ ଶମ୍ଭୁ ଏବଂ ଖନୌରୀ ସୀମାରେ ଶାନ୍ତି ଛାଇ ରହିଛି। ବୁଧବାର ଖନୌରୀ ସୀମାରେ ଯୁବ ଚାଷୀ



ଶୁଭକରମନଙ୍କ ମୃତ୍ୟୁ ପରେ ଚାଷୀ ଦିଲ୍ଲୀ ଯାତ୍ରାକୁ ୨ ଦିନ ପାଇଁ ସ୍ଥଗିତ ରଖିଛନ୍ତି। ଏହି ଦୁଇ ଦିନରେ ରଣନୀତି ପ୍ରସ୍ତୁତ କରାଯିବ ବୋଲି କିଶାନ ମଜଦୁର ମୋର୍ଚ୍ଚା (କେଏମଏମ)ର ସଂଯୋଜକ ସରବଣ ସିଂହ ପନ୍ଧେର କହିଛନ୍ତି। ଶୁକ୍ରବାର ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ସେ ଆଜି ସକାଳେ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରିଥିଲେ। ଏଥିରେ ପୁଲିସ ଗୁଳି ମାଡ଼ କରୁଥିବା ଦେଖିବାକୁ ମିଳିଥିଲା। ଏହି ଫଟୋରୁ ସିଧାସଳଖ ଗୁଳି ମାଡ଼ ହୋଇଥିବା ଜଣାପଡୁଛି ବୋଲି ସେ କହିଥିଲେ। ଆକ୍ରମଣକାରୀ ବିରୋଧରେ ପଞ୍ଜାବ ସରକାର ମାମଲା ରୁଜୁ କରିବା ଉଚିତ। ଚାଷୀ ମୃତ୍ୟୁ ବିରୋଧରେ ଭାରତୀୟ କିଶାନ ୟୁନିୟନ (କାଦିୟାଁ) ଜଲନ୍ଧର-ଲୁଧିୟାନା ମଧ୍ୟରେ ଥିବା ଫିଲୌରରେ ଜମ୍ମୁ-ଦିଲ୍ଲୀ ଜାତୀୟ ରାଜପଥକୁ ଅବରୋଧ କରିଛି। ସେହିପରି ହରିୟାଣାରେ ଭାରତୀୟ କିଶାନ ୟୁନିୟନ (ଚଢ଼ୁନି) ୨ ଘଣ୍ଟା ପାଇଁ ଏନଏଚ-୪୪ ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲା।

ଶମ୍ଭୁ ସୀମାରେ ଚାଷୀ ନେତା ବଲଦେବ ସିଂହ ଜିରା କହିଛନ୍ତି ଯେ ପୁଲିସ କ୍ୟାମ୍ପ ଏବଂ ଟ୍ରାକ୍ଟର ଉପରେ ଆକ୍ରମଣ କରିଛି। ଏଥିରେ ୧୬୭ ଚାଷୀ ଆହତ ହୋଇଥିବାବେଳେ ୬ ଜଣ ନିଖୋଜ ଅଛନ୍ତି। ସେହିପରି ଚାଷୀ ନେତା ପନ୍ଧେର କହିଛନ୍ତି ଯେ ପଟିୟାଲାରେ ସରକାରଙ୍କ ସହ ବୈଠକ ହୋଇଥିଲା। ଏଥିରେ ଶୁଭକିରଣ ସିଂହଙ୍କ ମୃତ୍ୟୁକୁ ନେଇ ଚର୍ଚ୍ଚା ହୋଇଥିଲା। ସରକାର ସବୁ ପ୍ରସ୍ତାବ ମାନି ନେଇଛନ୍ତି। କିନ୍ତୁ ଏହାକୁ ପାଳନ ନ କରିବା ପର୍ଯ୍ୟନ୍ତ ଅନ୍ତିମ ସଂସ୍କାର କରାଯିବ ନାହିଁ। ଖୁବଶୀଘ୍ର ଏତଲା ରୁଜୁ କରିବାକୁ ସରକାରଙ୍କୁ କୁହାଯାଇଛି।

ପ୍ରତିରକ୍ଷା ସଚିବଙ୍କ ମନ୍ତବ୍ୟ

## ଏଲ୍‌ଏସିରେ ଚୀନ୍ ଦାଦାଗିରି କରୁଛି

ନୂଆଦିଲ୍ଲୀ, ୨୨।୨ (ଏଜେନ୍ସି)

ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି)ରେ ଚୀନ୍ ଦାଦାଗିରି କରୁଛି। ଭାରତୀୟ ସେନା ସୀମାରେ ଦୃଢ଼ତାର ସହ ଚୀନ୍‌ର ମୁକାବିଲା କରୁଛି। ଭାରତ ଏବଂ ଆମେରିକା ମଧ୍ୟରେ ପ୍ରତିରକ୍ଷା ଶିଳ୍ପ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ନୂଆଦିଲ୍ଲୀରେ ଚାଲିଥିବା ଇଣ୍ଡସ-ଏକ୍ସ ସମ୍ମିଳନୀରେ ଭାରତର ପ୍ରତିରକ୍ଷା ସଚିବ ଗିରିଧର ଅରମାନେ ଏହି ମନ୍ତବ୍ୟ ଦେଇଛନ୍ତି। ଏହି ସମୟରେ ତାଙ୍କ ସହ ଆମେରିକାର ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର କମାଣ୍ଡ ମୁଖ୍ୟ ଆଡମିରାଲ ଜନ୍ ସି ଏକ୍ୱିଲିନୋ ଉପସ୍ଥିତି ଥିଲେ। ପ୍ରତିରକ୍ଷା ସଚିବ ବୁଧବାର କହିଥିଲେ ଯେ ୨୦୨୦ ମଇରେ ଲଦାଖରେ ହୋଇଥିବା ସଂଘର୍ଷ ପରେ ଆମେରିକାର ଗୁଇନ୍ଦା



**ଗଲୱାନ ଭଳି ସ୍ଥିତି ପାଇଁ ସେନା ସଜାଗ**

ସୂଚନା ଏବଂ ଉପକରଣ ମାଧ୍ୟମରେ ଅନେକ ସହାୟତା କରିଥିଲା। ଏଥିପାଇଁ ଆମେରିକାକୁ ସେ ଶୁଭେଚ୍ଛା ଦେଇଛନ୍ତି। ଏଭଳି ସ୍ଥିତି ପୁଣିଥରେ ସୃଷ୍ଟି ହୋଇପାରେ ବୋଲି ସେ କହିଛନ୍ତି। ତେଣୁ ସେନା ସୀମା ସବୁବେଳେ ସଜାଗ ହୋଇ ରହିଛି। ଏବେ ଭାରତ ଚୀନ୍‌କୁ ପ୍ରତି କ୍ଷେତ୍ରରେ କଡ଼ା ଟକ୍କର ଦେଉଛି। ସବୁଠି ଭାରତୀୟ ସେନା ମୁତୟନ ଅଛି। ସହାୟତା ଆବଶ୍ୟକ ପଡ଼ିଲେ ଆମେରିକା ସହାୟତା କରିବ ବୋଲି ସେ ଆଶ ପ୍ରକାଶ କରିଛନ୍ତି। ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି ବଜାୟ ରଖିବା ଅତ୍ୟନ୍ତ ଜରୁରୀ ବୋଲି ସେ କହିଛନ୍ତି।

■ ଜଳବିଦ୍ୟୁତ୍ ପ୍ରକଳ୍ପରେ ୩୦୦ କୋଟିର ଲାଞ୍ଚ ମାମଲା

## ସତ୍ୟପାଲ୍ ମଲ୍ଲିକଙ୍କ ୩୦ ଠିକଣାରେ ସିବିଆଇ ଚଢ଼ଉ

ନୂଆଦିଲ୍ଲୀ, ୨୨।୨ (ଏଜେନ୍ସି): ଜମ୍ମୁ-କାଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକଙ୍କ ଦିଲ୍ଲୀ ସମେତ ୩୦ ଠିକଣାରେ ଗୁରୁବାର ସିବିଆଇ ଚଢ଼ଉ କରିଛି। କିରୁ ସ୍ଥିତ ଜଳବିଦ୍ୟୁତ ପ୍ରକଳ୍ପ ଦୁର୍ନୀତି ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ପ୍ରକଳ୍ପର ୨ଟି ଫାଇଲକୁ ଅନୁମତି ଦେବା ପାଇଁ ୩୦୦ କୋଟି ଟଙ୍କାର ଲାଞ୍ଚ ଯଚା ଯାଇଥିଲା ବୋଲି ପୂର୍ବରୁ ମଲିକ ଅଭିଯୋଗ କରିଥିଲେ। ଏହା ପୂର୍ବରୁ ୨୦୨୨ ଜୁଲାଇ ୬ରେ ସାରା ଦେଶର ୧୬ ସ୍ଥାନରେ ଚଢ଼ଉ କରାଯାଇଥିଲା। ଗୁରୁବାରର କାର୍ଯ୍ୟାନୁଷ୍ଠାନକୁ ନେଇ ମଲିକ ସରକାରଙ୍କୁ ନିଶାଣ କରିଛନ୍ତି।



ସେ ତିନି ଦିନ ହେଲା ଅସୁସ୍ଥ ଅଛନ୍ତି। ଏହା ସତ୍ତ୍ୱେ ଏକଛତ୍ରଶାସକଙ୍କ ସରକାରୀ ଏଜେନ୍ସିର ଅପବ୍ୟବହାର କରି ଚଢ଼ଉ କରାଉଛନ୍ତି। ତାଙ୍କ ଡ୍ରାଇଭର, ସହାୟକଙ୍କ ଠିକଣାରେ ଚଢ଼ଉ କରି ଅଯଥାରେ ସମସ୍ୟାରେ ପକାଯାଉଛି। ଯେଉଁ ବ୍ୟକ୍ତିଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଲଗା ଯାଇଥିଲା, ସେହି ବ୍ୟକ୍ତିଙ୍କ ଉପରେ ଚଢ଼ଉ ହେଉନାହିଁ। ମାତ୍ର ତାଙ୍କ ଠିକଣାରେ ସିବିଆଇ ପହଞ୍ଚିଛି। ଏହି ଚଢ଼ଉରୁ ୪-୫ କୁର୍ତ୍ତା ପାଇଜାମାକୁ ଛାଡ଼ି ଆଉ କିଛି ମିଳିବ ନାହିଁ ବୋଲି ମଲିକ କହିଛନ୍ତି। ସେ ଚାଷୀର ପୁଅ। ଏହି ଚଢ଼ଉରେ ଭୟଭୀତ ହେବେନାହିଁ ବୋଲି କହିଛନ୍ତି।

ପଶ୍ଚିମବଙ୍ଗ ସରକାରଙ୍କୁ ହାଇକୋର୍ଟଙ୍କ ପ୍ରଶ୍ନ

# ବିବାଦ କାହିଁକି ସୃଷ୍ଟି କରୁଛ

କୋଲକାତା, ୨୨।୨ (ଏଜେନ୍ସି)

ସିଲିଗୁଡ଼ିର ବେଙ୍ଗାଲ ସଫାରି ପାର୍କ। ଗୋଟିଏ ଖୁଆଡ଼। ସେଥିରେ ରହିଛନ୍ତି ତ୍ରିପୁରାରୁ ଅଣାଯାଇଥିବା ଗୋଟିଏ ସିଂହ ଓ ଗୋଟିଏ ସିଂହୀ। ସିଂହର ନାମ ଆକବର। ସିଂହୀର ନାମ ସୀତା !! ଏପରି ଅଗ୍ରହଣୀୟ ନାମକରଣକୁ ନେଇ ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତା କ୍ରୋଧିତ ହୋଇଛନ୍ତି। ବନ ବିଭାଗର ବିଭିନ୍ନ ପଦାଧିକାରୀଙ୍କୁ ଭେଟି ପ୍ରତିବାଦ କରି ନିରାଶ ହେବାପରେ କଲକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ପିଟିସନ୍ ଦେଇଛନ୍ତି। ଆଜି ମାମଲାଟି ବିଚାରପତି ସୌଗତ ଭଟ୍ଟାଚାର୍ଯ୍ୟଙ୍କ ବେଞ୍ଚରେ ଥିଲା। ବିଚାରପତି ସିଂହ ଓ ସିଂହୀର ପୁନଃ ନାମକରଣ କରି ବିବାଦକୁ ଏଡାଇବା ପାଇଁ ପଶ୍ଚିମବଙ୍ଗ ସରକାରଙ୍କୁ ମୌଖିକ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଅତିରିକ୍ତ ଆଡଭୋକେଟ୍ ଜେନେରାଲ (ଏଏଜି)ଙ୍କୁ ପ୍ରଶ୍ନ କରିଥିଲେ, ସିଂହକୁ କୌଣସି ହିନ୍ଦୁ



**ସିଂହୀ ସୀତା ଓ ସିଂହ ଆକବରର ନାମ ବଦଳାଇବାକୁ ନିର୍ଦ୍ଦେଶ**

ଦେବୀଦେବତା, ମୁସଲିମ୍ ଦେବଦୂତ କିମ୍ବା ଖ୍ରୀଷ୍ଟୀୟାନ୍ ଦେବତା, ସ୍ୱାଧୀନତା ସଂଗ୍ରାମୀ ଅବା ନୋବେଲ ବିଜେତାଙ୍କ ନାମରେ ନାମୀତ କରାଯିବକି? ଏଏଜି ଉତ୍ତରରେ କହିଥିଲେ, ସିଂହ ଓ ସିଂହୀ ତ୍ରିପୁରାରୁ ଆସିଛନ୍ତି। ସେଠାରେ ଉଭୟଙ୍କର ନାମ ଦିଆଯାଇଛି। ପଶ୍ଚିମବଙ୍ଗ ସରକାର ସେହି ନାମ ବଦଳାଇଦେବା ବିଷୟରେ ଚିନ୍ତା କରିଛନ୍ତି। ବିଶ୍ୱ ହିନ୍ଦୁ ପରିଷଦର ମାମଲାକୁ ଜନସ୍ୱାର୍ଥ ମାମଲା (ପିଆଇଏଲ) ଭାବେ ଗ୍ରହଣ କରାଯିବା ନିମନ୍ତେ ବିଚାରପତି ଭଟ୍ଟାଚାର୍ଯ୍ୟ ନିର୍ଦ୍ଦେଶ ଦେଇ ନିୟମିତ ପିଆଇଏଲଗୁଡ଼ିକର ବିଚାର କରୁଥିବା ବେଞ୍ଚକୁ ପଠାଇଛନ୍ତି।

କର୍ଣ୍ଣାଟକ ବିଧାନସଭାରେ ବିଲ୍ ପାରିତ

# ମନ୍ଦିର ଆୟ ଉପରେ ଲାଗିବ ଟିକସ

ବେଙ୍ଗାଲୁରୁ,୨୨।୨(ଏଜେନ୍ସି)

କର୍ଣ୍ଣାଟକର କଂଗ୍ରେସ ସରକାର ଗତକାଲି ରାଜ୍ୟ ବିଧାନସଭାରେ କର୍ଣ୍ଣାଟକ ହିନ୍ଦୁ ଧର୍ମୀୟ ଅନୁଷ୍ଠାନ ଓ ଦାତବ୍ୟ ଅକ୍ଷୟନିଧି ବିଲ୍,୨୦୨୪ ପାରିତ କରାଇନେଇଛନ୍ତି। ଏହି ବିଲ୍‌ରେ ବ୍ୟବସ୍ଥା ରହିଛି ଯେ ଯେଉଁ ହିନ୍ଦୁ ମନ୍ଦିରର ଆୟ ବର୍ଷକୁ ୧ କୋଟି କିମ୍ବା ତାହାଠାରୁ ଅଧିକ ଟଙ୍କା ହେଉଥିବ ସେହି ଆୟର ୧୦ ପ୍ରତିଶତ ସରକାର ଟିକସ ଆକାରରେ ସଂଗ୍ରହ କରିବେ। ସେହିଭଳି ମନ୍ଦିରର ଆୟ ବର୍ଷକୁ ୧୦ ଲକ୍ଷରୁ ୧କୋଟି ଟଙ୍କା ଯାଏ ହେଉଥିଲେ ଆୟର ୫ ପ୍ରତିଶତ ଟିକସ ଆକାରରେ ଦେବାକୁ ପଡ଼ିବ। ରାଜ୍ୟ ବିଜେପି ମୁଖ୍ୟ ବିଜୟେନ୍ଦ୍ର ୟେଦ୍ୟୁରପ୍ପା କହିଛନ୍ତି, ଏହି ବିଲ୍ ପାରିତ କରାଇ ସରକାର ନିଜର ହିନ୍ଦୁ-ବିରୋଧୀ ନୀତିକୁ କାର୍ଯ୍ୟକାରୀ କରିବାକୁ ଚାହିଁଛନ୍ତି। ବୋଧେ ରାଜକୋଷ ଶୂନ୍ୟପ୍ରାୟ ହୋଇଗଲାଣି, ତେଣୁ ଭକ୍ତଙ୍କ ଦାନରୁ ସଂଗୃହୀତ ଧନ ଉପରେ ସରକାର କୁଦୃଷ୍ଟି ପକାଇଛନ୍ତି।

ଅଖିଳ ଭାରତୀୟ ସନ୍ଥ ସମିତି ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ଏହି ବିଲ୍‌କୁ ଆଇନରେ ପରିଣତ ନ କରିବା ପାଇଁ କମିଟି ସୁପ୍ରିମକୋର୍ଟ ଯିବ । ଦେଶରେ ଧର୍ମ ଆଧାରରେ ଟିକସ ଆଦାୟର ଏହା ପ୍ରଥମ ଦୃଷ୍ଟାନ୍ତ ବୋଲି କୁହାଯାଉଛି। ସନ୍ଥମାନେ ଏହାକୁ ମୋଗଲ ଯୁଗର ଜିଜିୟା କର ସହ ତୁଳନା କରିଛନ୍ତି। ସରକାର ଲୋକଙ୍କ ଧର୍ମୀୟ ସ୍ୱାଧୀନତାର ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରିଛନ୍ତି ବୋଲି ଅଖିଳ ଭାରତୀୟ ସନ୍ଥ ସମିତି ସାଧାରଣ ସମ୍ପାଦକ ଜିତେନ୍ଦ୍ରାନନ୍ଦ ସରସ୍ୱତୀ କହିଛନ୍ତି। ସେ ଏହି ଟିକସ ବ୍ୟବସ୍ଥାକୁ ବେଆଇନ ଓ ଅସାମ୍ବିଧାନିକ ଦର୍ଶାଇ ବିଲ୍‌କୁ ସ୍ୱୀକୃତି ନ ଦେବା ପାଇଁ ରାଜ୍ୟପାଳଙ୍କୁ ନିବେଦନ କରିଛନ୍ତି।

ନିଜ ଆଦେଶ ବଦଳାଇଲେ ହାଇକୋର୍ଟ

## ମେଇତିଙ୍କୁ ଏସ୍‌ଟି ମାନ୍ୟତା ଦେବାକୁ ବିଚାର କରାଯିବନି

ଇମ୍ଫାଲ,୨୨।୨(ଏଜେନ୍ସି): ମଣିପୁର ହାଇକୋର୍ଟ ମୁଖ୍ୟ ବିଚାରପତି ଏମଭି ମୂରଲୀଧରନ ୨୦୨୩ ମାର୍ଚ୍ଚ ୨୭ରେ ରାଜ୍ୟ ସରକାରଙ୍କୁ ଦେଇଥିବା ନିର୍ଦ୍ଦେଶକୁ ବୁଧବାର ବଦଳାଇ ଦେଇଛନ୍ତି। ହାଇକୋର୍ଟ ତାଙ୍କ ନିର୍ଦ୍ଦେଶର ଗୋଟିଏ ପାରାଗ୍ରାଫ୍ ଉଠାଇନେଇଛନ୍ତି। ଏଥିରେ ସଂଖ୍ୟାଗରିଷ୍ଠ ମେଇତିଙ୍କୁ ଆଦିବାସୀ ମାନ୍ୟତା ଦେବା ପାଇଁ ବିଚାର କରିବାକୁ ରାଜ୍ୟ ସରକାରଙ୍କୁ କୁହାଯାଇଥିଲା। ଏହି ନିର୍ଦ୍ଦେଶକୁ ସେତେବେଳେ କୁକି ସମ୍ପ୍ରଦାୟ ତୀବ୍ର ବିରୋଧ କରିଥିଲା। ଏଥିଯୋଗୁଁ ସମଗ୍ର ମଣିପୁରରେ ହିଂସା ହୋଇଥିଲା। ଏଥିରେ ଶତାଧିକ ଲୋକଙ୍କ ଜୀବନ ଯାଇଛି। ହାଇକୋର୍ଟଙ୍କ ସେହି ନିର୍ଦ୍ଦେଶର ପୁନଃବିଚାର କରାଯିବା ନିମନ୍ତେ ଅଲ୍ ମଣିପୁର ଟ୍ରାଇବାଲ ୟୁନିୟନ ଓ ଅନ୍ୟ କେତେକ ପକ୍ଷଙ୍କ ଆବେଦନକୁ ହାଇକୋର୍ଟର ଏକ ଡିଭିଜନ୍ ବେଞ୍ଚ ୨୦୨୩ ଅକ୍ଟୋବରରେ ବିଚାର ପାଇଁ ଗ୍ରହଣ କରିଥିଲେ। ସେହି ସମୀକ୍ଷା ଆବେଦନର ବିଚାର କରି ମଣିପୁର ହାଇକୋର୍ଟର ବିଚାରପତି ଗୋଲମେଇ ଗାଇଫୁଲସିଲ୍ଲୁ କହିଛନ୍ତି, ମେଇତିଙ୍କୁ ଆଦିବାସୀ ମାନ୍ୟତା ଦେବା ବିଷୟରେ ବିଚାର କରିବାକୁ ରାଜ୍ୟ ସରକାରଙ୍କୁ ଯେଉଁ ନିର୍ଦ୍ଦେଶ ଦିଆଯାଇଥିଲା ତାହା ଷ୍ଟେଟ ଅଫ୍ ମହାରାଷ୍ଟ୍ର ବନାମ ମିଲିନ୍ଦ ଓ ଅନ୍ୟମାନେ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ରାୟର ବିରୋଧାଚରଣ କରୁଛି। ଉକ୍ତ ମାମଲାରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ ଯେ ଆଦିବାସୀ ତାଲିକାକୁ ଅଦାଲତ ସଂଶୋଧନ କିମ୍ବା ଅଦଳବଦଳ କରିପାରିବେ ନାହିଁ।

# ୧୬ ପ୍ରସ୍ତାବରେ କ୍ୟାବିନେଟ ମୋହର

- ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପଦୋନ୍ନତି ବାଟ ଫିଟିଲା
- ଭଦ୍ରକର କନିକାଳୀ ଓ କେନ୍ଦ୍ରାପଡ଼ାର ତାଳଚୁଆ ରୋ-ପ୍ୟାକ୍ସ ଜେଟିର ବିକାଶ ହେବ
- ଆନୁଷଙ୍ଗିକ ଭିତ୍ତିଭୂମିର ହେବ ବିକାଶ ଲାଗି ଖର୍ଚ୍ଚ ହେବ ୧୪୬.୩୯ କୋଟି ଟଙ୍କା
- ଜଟଣୀ ପଦନପୁର ମୌଜାରେ ପ୍ରତିଷ୍ଠା ହେବ ଜାତୀୟ ଦକ୍ଷତା ବିକାଶ ସଂସ୍ଥାନ
- ପଲିଟେକନିକଲାବ୍ରୋଟାରୀ ଆସିଷ୍ଟାଣ୍ଟମାନଙ୍କର ଗ୍ରେଡ-ପେ ୪୨୦୦ ଟଙ୍କାକୁ ବୃଦ୍ଧି
- ଓଡ଼ିଶା ଅଧସ୍ତନ ଅର୍ଥ ସେବାନିଯୁକ୍ତି ଓ ସେବା ସର୍ତ୍ତ ନିୟମାବଳୀ-୧୯୮୮ର ସଂଶୋଧିତ
- ବହୁ ଚର୍ଚ୍ଚିତ ହିନ୍ଦୀ ଚଳଚ୍ଚିତ୍ର ଟୁ୍ଏଲଭ୍ଥ-ଫେଲ ଉପରୁ ଉଠିଲା ପ୍ରମୋଦ କର
- ସୁନାବେଡାଠାରେ ରହୁଥିବା ୫୧୫ ବିସ୍ଥାପିତ ପରିବାରଙ୍କୁ ସ୍ଥାୟୀ ବାସଗୃହ

**ଭୁବନେଶ୍ୱର, ୨୨।୨(ସମିସ):** ଗୁରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ୭୪ ତମ ରାଜ୍ୟ କ୍ୟାବିନେଟ ୧୩ଟି ବିଭାଗର ମୋଟ ୧୬ଟି ପ୍ରସ୍ତାବକୁ ଅନୁମୋଦନ କରିଛି।

ଓଡ଼ିଶା ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ(ନିଯୁକ୍ତି ଓ ସେବା ସର୍ତ୍ତାବଳୀ)ର ପୁନର୍ଗଠନ ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର ମାରିଛି। ପୂର୍ବ ପ୍ରଚଳିତ ନିୟମାବଳୀରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କର ପଦୋନ୍ନତି ପାଇଁ କୌଣସି ବ୍ୟବସ୍ଥା କରାଯାଇନଥିଲା। ଆଜିର କ୍ୟାବିନେଟ ନିଷ୍ପତ୍ତି ଅନୁଯାୟୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଦଗୁଡ଼ିକୁ ୩ ଶ୍ରେଣୀରେ ପାହ୍ୟାବୃଦ୍ଧି କରାଗଲା। ଏଥିରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପେ ଲେଭେଲ୍-୫), ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ-୨(ପେ ଲେଭେଲ୍-୭) ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ-୧(ପେ ଲେଭେଲ୍-୯) ସୃଷ୍ଟି କରାଯାଇଛି। ନୂଆ ନିୟମାବଳୀ ଅନୁଯାୟୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ନିୟମିତ ୮ ବର୍ଷ ଚାକିରୀ ସମ୍ପୂର୍ଣ୍ଣ କଲେ ପଞ୍ଚାୟତ କାର୍ଯ୍ୟନିର୍ବାହୀ-୨ ଏବଂ ୫ ବର୍ଷ କାର୍ଯ୍ୟ କଲେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ-୧କୁ ପଦୋନ୍ନତି ପାଇଁ ଯୋଗ୍ୟ ବିବେଚିତ ହେବେ। ସେହିପରି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରାରମ୍ଭିକ ନିଯୁକ୍ତି ପାଇଁ ଶିକ୍ଷାଗତ ଯୋଗ୍ୟତାକୁ ସ୍ନାତକୋତ୍ତର ସ୍ତରକୁ ବୃଦ୍ଧି କରାଯାଇଛି।

ଅନ୍ୟଏକ ପ୍ରସ୍ତାବ ଅନୁଯାୟୀ କେନ୍ଦ୍ର ସରକାରଙ୍କ ସାଗରମାଳା କାର୍ଯ୍ୟକ୍ରମ ଅଧିନରେ ଓଡ଼ିଶାର ଭଦ୍ରକ ଜିଲ୍ଲାର କନିକାଳୀ ଓ କେନ୍ଦ୍ରାପଡ଼ାର ତାଳଚୁଆକୁ ସଂଯୋଗ କରୁଥିବା ରୋ-ପ୍ୟାକ୍ସ ଜେଟି ଏବଂ ଏହାର ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ପ୍ରକଳ୍ପର ମୂଲ୍ୟ ୧୪୬.୩୯ କୋଟି ଧାର୍ଯ୍ୟ କରାଯାଇଥିବା ବେଳେ ଏହାଦ୍ୱାରା ୧୧ଟି ପଞ୍ଚାୟତର ୧ ଲକ୍ଷ ଲୋକ ଜଳପଥ ଯୋଗେ ଉପକୃତ ହେବେ। ଏହି ପ୍ରକଳ୍ପ ଦ୍ୱାରା ୬ ଘଣ୍ଟାର ସମୟ ଅବଧିକୁ ୪୫ ମିନିଟରେ ଅତିକ୍ରମ କରାଯାଇପାରିବ। ସେହିପରି କୋରାପୁଟ ଜିଲ୍ଲାର ସୁନାବେଡାଠାରେ ଅସ୍ଥାୟୀ ଭାବେ ବସବାସ କରୁଥିବା ୫୧୫ ଯୋଗ୍ୟ ପୂର୍ବ ପାକିସ୍ଥାନ ଏବଂ ବର୍ମା ପ୍ରତ୍ୟାବର୍ତ୍ତନକାରୀ ବିସ୍ଥାପିତ ପରିବାରଙ୍କୁ ସ୍ଥାୟୀ ବାସଗୃହ ପ୍ରଦାନ କରାଯିବ। ୧୯୬୪ ମସିହାରୁ ଏମାନେ ସୁନାବେଡାରେ ରହି ଆସୁଛନ୍ତି। ନୂଆ ନିଷ୍ପତ୍ତି ଦ୍ୱାରା ସେମାନେ ଜମି ଓ ଜମି ଉପରେ ଥିବା ଗୃହର ସ୍ଥାୟୀ ମାଲିକାନାସତ୍ତ୍ୱ ହାସଲ କରିପାରିବେ। ଅନ୍ୟ ଏକ ନିଷ୍ପତ୍ତି ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲାର ଜଟଣୀ ତହସିଲ ଅନ୍ତର୍ଗତ ପଦନପୁର ମୌଜାରେ ଭାରତ ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରାଳୟ ପକ୍ଷରୁ ଜାତୀୟ ଦକ୍ଷତା ବିକାଶ ସଂସ୍ଥାନ ପ୍ରତିଷ୍ଠା କରାଯିବ। ଏଥିପାଇଁ ରାଜ୍ୟ ସରକାର ୭.୮ ଏକର ଜମି ପ୍ରଦାନ କରିବେ। ଜମି ପାଇଁ ସରକାର ଶୁଳ୍କ ଓ ଭୂମି ରାଜସ୍ୱର ପୁଞ୍ଜିଗତ ମୂଲ୍ୟ ଗ୍ରହଣ କରିବେ ନାହିଁ। ଅନ୍ୟ ଏକ ନିଷ୍ପତ୍ତିକ୍ରମେ ପଲିଟେକନିକ୍ ଗୁଡ଼ିକରେ କାର୍ଯ୍ୟ କରୁଥିବା ଲାବ୍ରୋଟାରୀ ଆସିଷ୍ଟାଣ୍ଟମାନଙ୍କର ଗ୍ରେଡ-ପେ(ଲେଭେଲ-୭) ୨୪୦୦ରୁ ୪୨୦୦(ଲେଭେଲ-୯)କୁ ବୃଦ୍ଧି କରାଯିବ। ଏସ ସମ୍ପର୍କିତ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଦେଇଛି। ଓଡ଼ିଶା ଅଧସ୍ତନ ଅର୍ଥ ସେବା(ବାଣିଜ୍ୟକ ଶାଖା) ନିଯୁକ୍ତି ଓ ସେବା ସର୍ତ୍ତ ନିୟମାବଳୀ-୧୯୮୮ର ସଂଶୋଧନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଅନ୍ୟ ଏକ ନିଷ୍ପତ୍ତି କ୍ରମେ ହିନ୍ଦୀ ଚଳଚ୍ଚିତ୍ର ଟୁ୍ଏଲଭ୍ଥ-ଫେଲ ଚଳଚ୍ଚିତ୍ରକୁ କରମୁକ୍ତ ଘୋଷଣା କରାଯାଇଛି।

# ୮ ଡିଏସ୍‌ପିଙ୍କ ବଦଳି

**କଟକ, ୨୨।୨ (ସମିସ):** ଆଜି ଡିଏସପି ସ୍ତରରେ ଛୋଟଧରଣର ବଦଳି ହୋଇଛି। ଏ ସଂକ୍ରାନ୍ତରେ ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ମୋଟ ୮ଜଣ ଡିଏସପିଙ୍କୁ ସେମାନଙ୍କ ପ୍ରଶିକ୍ଷଣ ସମାପ୍ତ ପରେ ନୂତନ ସ୍ଥାନରେ ଅବସ୍ଥାପିତ କରାଯାଇଛି। ଏହି କ୍ରମରେ ପ୍ରଦୋଷ ପ୍ରଧାନଙ୍କୁ ଭୁବନେଶ୍ୱର ଏସଓଜି ଡିଏସପି, ଲରେନ ରାଉତରାୟଙ୍କୁ ଭୁବନେଶ୍ୱର ଏସଓଜି ଡିଏସପି, ଶୁଚିସ୍ମିତା ଦାଶଙ୍କୁ ରାଉରକେଲା ଆଇୟୁସିଏଡବ୍ଲୁ ଡିଏସପି, ପିପିଶୁଭ୍ରଜି ବିଶ୍ୱାଳଙ୍କୁ ଭୁବନେଶ୍ୱର ଏସଓଜି ଡିଏସପି, ମର୍ସୀରାଣୀ ପୂର୍ତ୍ତୀଙ୍କୁ ଗଞ୍ଜାମ ଜିଲ୍ଲା ପୁଲିସ ମୁଖ୍ୟାଳୟ ଡିଏସପି, ପ୍ରଣିତା ପଟ୍ଟନାୟକଙ୍କୁ ଡିଆଇବି କଟକ, ପ୍ରଭା ଧନଙ୍କୁ ଆଇୟୁସିଏଡବ୍ଲୁ କେନ୍ଦୁଝର ଓ ଜୟଦେବ ବିଶ୍ୱଜିତଙ୍କୁ ରାଜ୍ୟ ପୁଲିସ ମୁଖ୍ୟାଳୟ ଡିଏସପି ଭାବେ ବଦଳି କରାଯାଇଛି।

# ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମେଳା ଆରମ୍ଭ

**ଢେଙ୍କାନାଳ/ଗଁଦିଆ, ୨୨।୨ (ସମିସ):** ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ ଯୋରନ୍ଦାଠାରେ ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମେଳା ଗୁରୁବାର ବ୍ରାହ୍ମ ମୁହୂର୍ତ୍ତରୁ ଆରମ୍ଭ ହୋଇଛି। ଏହି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ୫ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଶ୍ରଦ୍ଧାଳୁଙ୍କ ଗୁରୁ ଅଲେଖ ମହିମା ଧ୍ୱନିରେ ମହିମାଧାମ ଯୋରନ୍ଦା ପ୍ରକମ୍ପିତ ହୋଇ ଉଠିଛି। ମାଘ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀରେ ସନ୍ନ୍ୟାସୀମାନେ ଗୁରୁପୂର୍ଣ୍ଣିମା ଉପଲକ୍ଷେ ଗାଦି ମନ୍ଦିର ବେଢ଼ାରେ ପ୍ରାତଃ ସାଢ଼େ ୩ଟା ସମୟରେ ବେଢ଼ା ପରିକ୍ରମା କରିବା ପରେ ଭୋରରୁ ଚତୁର୍ଦ୍ଦଶୀ ନୀତି ଆରମ୍ଭ ହୋଇଥିଲା। ପ୍ରଥମେ ରୁପାଝାଡୁରେ ଗାଦି ମନ୍ଦିର ପରିସରରେ ଛେରାପହଁରା କରାଯାଇଥିଲା। ରୁପା ଗରାରେ ଜଳ ଆଣି ସିଞ୍ଚନ କରାଯିବା ପରେ ସୁନା ଗିନାରେ ଚନ୍ଦନ ପାଣି ସିଞ୍ଚନ କରାଯାଇଥିଲା। ରୁପା ଚାମରରେ ଚାମର କରାଯାଇଛି। ସେହିପରି ମଧ୍ୟାହ୍ନ ନୀତି ୧୧ଟା ୧୫ରୁ ଆରମ୍ଭ କରାଯାଇ ଅନୁରୂପ ପୂଜାର୍ଚ୍ଚନା କରାଯାଇଛି। ଅପରାହ୍ନ ୪ଟାରେ ତ୍ରିସନ୍ଧ୍ୟା ପୂଜା, ଅପରାହ୍ନ ୫ଟା ୨୫ ମିନିଟ୍‌ରେ ମୁଖ୍ୟ ଗାଦି ମନ୍ଦିରର ଚାରିଦ୍ୱାରରେ ଚାରୋଟି ବୃହତ ଝାଡ଼ଦୀପ ପ୍ରଜ୍ୱଳିତ କରାଯାଇଛି।



ଅଜ୍ଞାନ ଓ ଅନ୍ଧକାର ଦୂରୀଭୂତ କରିବା ପାଇଁ ଝାଡ଼ ପ୍ରଜ୍ୱଳିତ କରାଯିବା ସହ ଜଗତ ଓ ଭକତଙ୍କ କଲ୍ୟାଣ କାମନା କରି ସେଥିରେ ଘୃତାହୁତି ଦିଆଯାଇଛି।

ସେହିପରି ଶୂନ୍ୟ ମନ୍ଦିରରେ ଗୋଟିଏ ବୃହତ୍ ଝାଡ଼ଦୀପ, ଅଖଣ୍ଡ ବତି, ମନ୍ଦିରରେ ଗୋଟିଏ ଝାଡ଼ଦୀପ, ଅଖଣ୍ଡ ଜ୍ୟୋତି, ମନ୍ଦିରରେ ଗୋଟିଏ ଝାଡ଼ଦୀପ ପ୍ରଜ୍ୱଳିତ କରାଯାଇଛି। ଧ୍ୱନି ମନ୍ଦିରରେ ପ୍ରଜ୍ୱଳିତ ହେଉଥିବା ଧୂନିରେ ଘୃତାହୁତି ଦିଆଯାଉଛି। ମେଳା ଉପଲକ୍ଷେ ଭଣ୍ଡାର ଘରୁ ସୁନାରୁପାର ଛତ୍ରୀ, ଆଡ଼େଣୀ, ତରାସ, ସୁନାରୁପୀ ଝାଡୁ ପ୍ରଭୃତି ଯାତ୍ରୀମାନଙ୍କ ଦର୍ଶନ ନିମନ୍ତେ ରଖାଯାଇଛି। ବିଭିନ୍ନ ମଠ ମନ୍ଦିରରେ ଜଣାଣ, ଭଜନ, ଖଞ୍ଜଣି ମାଡ଼ରେ

## ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଜଳିଲା ଝାଡ଼ଦୀପ

ଚାରିଦିଗ କମ୍ପୁଛି। ଚଳିତ ବର୍ଷ ୨୮ଜଣ ନୂତନ ସନ୍ନ୍ୟାସୀଙ୍କୁ ଡୋର, କୌପୁନି ଓ ଭେକ ଓ ବାନୀ ଦାନ କରାଯାଇଛି। ରାଜ୍ୟ ଓ ରାଜ୍ୟ ବାହାରୁ ବହୁସଂଖ୍ୟକ ମହିମା ଧର୍ମାବଲମ୍ବୀ ଭକ୍ତଙ୍କ ସମାଗମ ହୋଇଛି। ମେଳା ଉପଲକ୍ଷେ ବିଭିନ୍ନ ପ୍ରକାର ଉଠାଦୋକାନୀ ସେମାନଙ୍କ ପସରା ମେଲାଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ତିନିଟି ଅସ୍ଥାୟୀ ଫାଣ୍ଡି କରାଯିବା ସହ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ରବିବାର ପୂର୍ଣ୍ଣିମା ନିମନ୍ତେ ତିନିଦିନ ଧରି ଗାଦି ଓ ଅନ୍ୟାନ୍ୟ ମନ୍ଦିରରେ ଝାଡ଼ ପ୍ରଜ୍ୱଳନ କରାଯାଇ ଘୃତାହୁତି ଦେବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲା ପ୍ରଶାସନ ତରଫରୁ ଯାତ୍ରୀମାନଙ୍କ ପାଇଁ ପାନୀୟ ଜଳଯୋଗାଣ, ଆଲୋକ ବ୍ୟବସ୍ଥା, ଆଶୁ ଚିକିତ୍ସା କେନ୍ଦ୍ର, ସୂଚନା କେନ୍ଦ୍ର ସମେତ ବହୁ ସରକାରୀ, ବେସରକାରୀ ଓ ପଲ୍ଲୀଶ୍ରୀ ମେଳା ଷ୍ଟଲମାନ ଖୋଲାଯାଇଛି। ଚଳିତବର୍ଷ ଯୋରନ୍ଦା ମାଘ ମେଳା ୧୫୧ବର୍ଷରେ ପଦାର୍ପଣ କରିଛି। ମହିମା ଧର୍ମର ରିତୀନୀତି ଅନୁଯାୟୀ ଚଳିତ ବର୍ଷ ୧୫୧ ତମ ପ୍ରଭୁପୂର୍ଣ୍ଣିମା ଉତ୍ସବ ପାଳନ କରାଯାଇଥିବା ବେଳେ ଅଲେଖ ମହିମା ଧ୍ୱନିରେ ବେଢ଼ା ଚାରିପାଖ ପ୍ରକମ୍ପିତ ହୋଇଉଠିଛି। ଏହି ମେଳାରେ ବିଦେଶୀ ପର୍ଯ୍ୟଟକ ଆସି ମନ୍ଦିର ବେଢ଼ାର ବିଭିନ୍ନ ଜାଗା ପରିଦର୍ଶନ କରିଛନ୍ତି।

# ଭୁବନେଶ୍ୱରରେ ଖୋଲିଲା ଆକ୍‌ସେଞ୍ଚର

**ଭୁବନେଶ୍ୱର,୨୨।୨(ସମିସ):** ବିଶ୍ୱର ଅଗ୍ରଣୀ ପ୍ରଯୁକ୍ତିବିଦ୍ୟା ସେବା ପ୍ରଦାନକାରୀ ସଂସ୍ଥା 'ଆକ୍‌ସେଞ୍ଚର'ର ଅତ୍ୟାଧୁନିକ ବୈଷୟିକ ଗବେଷଣା କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭୁବନେଶ୍ୱରରେ ଉଦ୍‌ଘାଟନ କରିଛନ୍ତି। ଏହି କେନ୍ଦ୍ରକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ, ଓଡ଼ିଶା ବର୍ଷବର୍ଷ ଧରି ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରି ଚାଲିଥିବା ବେଳେ ଆକ୍‌ସେଞ୍ଚର ଓଡ଼ିଶାର ପ୍ରଗତି ଯାତ୍ରାର ଆଉ ଏକ ସଫଳ କାହାଣୀ। ଖୁସିର ବିଷୟ ଯେ ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅଗ୍ରଣୀ ଅନୁଷ୍ଠାନ ଆକ୍‌ସେଞ୍ଚର ଏବେ ରାଜ୍ୟର କ୍ରମବର୍ଦ୍ଧମାନ ଅର୍ଥନୀତି ଦ୍ୱାରା ପ୍ରଭାବିତ ହୋଇ ଭୁବନେଶ୍ୱରରେ ନିଜର ବୈଷୟିକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିଛି। ଆମ ରାଜ୍ୟ ନୂତନ ଚିନ୍ତାଧାରା, ଉଦ୍ଭାବନ ଏବଂ ନୂତନ ଉଦ୍ୟୋଗକୁ ପ୍ରୋତ୍ସାହନ ଦେଇ ଦୃଢ଼ ଆତ୍ମବିଶ୍ୱାସର ସହ ଆଗେଇ ଚାଲିଛି। ମୋର ଦୃଢ଼ ବିଶ୍ୱାସ ଯେ ନୂତନ ଉଦ୍ୟୋଗ, ବୈଷୟିକ ଉଦ୍ଭାବନକୁ ପ୍ରୋତ୍ସାହିତ କରି ଓଡ଼ିଶାର ବିକାଶ ଯାତ୍ରାରେ ଅଗ୍ରସର ହେବ। ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

ଏହି ଉଦ୍‌ଘାଟନୀ ଉତ୍ସବରେ ଇଲେକ୍ଟ୍ରୋନିକ୍ସ ତଥା ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ତୁଷାରକାନ୍ତି ବେହେରା, '୫-ଟି' ଓ 'ନବୀନ ଓଡ଼ିଶା' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍, ଇଲେକ୍ଟ୍ରୋନିକ୍ସ ତଥା ସୂଚନା ପ୍ରଯୁକ୍ତିବିଦ୍ୟା ପ୍ରମୁଖ ଶାସନ ସଚିବ ମନୋଜ ମିଶ୍ର, ସ୍ୱତନ୍ତ୍ର ଶାସନ ସଚିବ ମାନସ ରଞ୍ଜନ ପଣ୍ଡା, ଆକ୍‌ସେଞ୍ଚରର ପ୍ରମୁଖ ରଣନୀତି ଅଧିକାରୀ ଡ. ଭାସ୍କର ଘୋଷ, କଣ୍ଟ୍ରି ମ୍ୟାନେଜିଂ ଡାଇରେକ୍ଟର ଅଜୟ ବିଜ୍ ଏବଂ ମହେଶ ଜୁରାଲେ, ଗ୍ଲୋବାଲ ନେଟୱାର୍କ ଏବଂ ଲିଡ୍ - ଆଡଭାନ୍ସ ଟେକ୍ନୋଲୋଜି ସେଣ୍ଟର, ଇଣ୍ଡିଆ ଏବଂ



ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦକ୍ଷ ନେତୃତ୍ୱରେ ଆଜି ଓଡ଼ିଶା ପ୍ରଯୁକ୍ତିବିଦ୍ୟା, ଇଲେକ୍ଟ୍ରୋନିକ୍ସ, ଅତ୍ୟାଧୁନିକ ବୈଷୟିକ ଗବେଷଣା ଏବଂ କନସଲଟିଂ କମ୍ପାନିମାନଙ୍କ ପାଇଁ ନିବେଶ ନିମନ୍ତେ ଏକ ଆକର୍ଷଣୀୟ ରାଜ୍ୟ ପାଲଟିଛି। ଆକ୍‌ସେଞ୍ଚରର ଅତ୍ୟାଧୁନିକ ବୈଷୟିକ ଗବେଷଣା ସେଣ୍ଟର ପ୍ରତିଷ୍ଠା ଦ୍ୱାରା ରାଜ୍ୟର ଯୁବବର୍ଗଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିବ।

ଡ. ଭାସ୍କର ଘୋଷ କହିଥିଲେ, ଓଡ଼ିଶାରେ ପ୍ରତିଷ୍ଠିତ ବୈଷୟିକ ଶିକ୍ଷାନୁଷ୍ଠାନ ଏବଂ ଦକ୍ଷ ପ୍ରତିଭାରେ ସମୃଦ୍ଧ। ରାଜ୍ୟର ସୁବ୍ୟବସ୍ଥିତ ପ୍ରଯୁକ୍ତିବିଦ୍ୟା ନୀତି, ସୁଦୃଢ଼ ଭିତ୍ତିଭୂମି ଏବଂ ରାଜ୍ୟ ସରକାରଙ୍କ ସହଯୋଗୀ ମନୋଭାବ ପାଇଁ ଆମେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରୁଛି। ମୋର

- ନିବେଶକଙ୍କୁ ଆକୃଷ୍ଟ କରୁଛି ସୁଦୃଢ଼ ଅର୍ଥନୀତି: ମୁଖ୍ୟମନ୍ତ୍ରୀ
- ହାଇବ୍ରିଡ୍ ମୋଡ୍‌ରେ କାମ କରିବେ ୨୦୦୦ କର୍ମଚାରୀ

ଦୃଢ଼ ବିଶ୍ୱାସ ଯେ ଖୁବ୍‌ଶୀଘ୍ର ବିଶ୍ୱର ଅନ୍ୟତମ ପ୍ରତିଷ୍ଠିତ ଟେକ୍-ସିଟି ଭାବରେ ଓଡ଼ିଶା ପରିଗଣିତ ହେବ। ଭୁବନେଶ୍ୱରରେ ଆମର ଏହି ନୂତନ ବୈଷୟିକ କେନ୍ଦ୍ର କ୍ଲାଉଡ୍ କମ୍ପୁଟିଂ, ଡାଟା ଏନାଲିଟିକ୍ସ ଏବଂ ଏଆଇ ଇତ୍ୟାଦି ବ୍ୟବହାର କରି ଗ୍ରାହକମାନଙ୍କୁ ଅନନ୍ୟ ସେବା ଯୋଗାଇପାରିବ ବୋଲି କହିଥିଲେ।

ଇ ଓ ଆଇଟି ବିଭାଗର ପ୍ରମୁଖ ଶାସନ ସଚିବ ମନୋଜ ମିଶ୍ର କହିଥିଲେ ଯେ ଭୁବନେଶ୍ୱରରେ ଆକ୍‌ସେଞ୍ଚରର ଅତ୍ୟାଧୁନିକ ବୈଷୟିକ ଗବେଷଣାର କାର୍ଯ୍ୟାଳୟ ପ୍ରତିଷ୍ଠା ଆମ ରାଜ୍ୟର ସାମର୍ଥ୍ୟ ଉପରେ ନିବେଶକଙ୍କ ବିଶ୍ୱାସକୁ ସୂଚିତ କରୁଛି। ଭୁବନେଶ୍ୱରରେ ଆକ୍‌ସେଞ୍ଚରର ଅତ୍ୟାଧୁନିକ ବୈଷୟିକ ଗବେଷଣା କେନ୍ଦ୍ର ରାଜ୍ୟର ଆଇ.ଟି. ଇକୋସିଷ୍ଟମ୍‌କୁ ଆହୁରି ସୁଦୃଢ଼ କରିବ ଏବଂ ଓଡ଼ିଶାର ଯୁବକ-ଯୁବତୀମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିପାରିବ ବୋଲି ଶ୍ରୀ ମିଶ୍ର କହିଥିଲେ।

ଓଡ଼ିଶା ଟେକ୍ନୋଲୋଜି ସେଣ୍ଟରରେ ଅବସ୍ଥିତ ଆକ୍‌ସେଞ୍ଚରର ଏହି ନୂତନ କେନ୍ଦ୍ର ୭୦, ୦୦୦ ବର୍ଗଫୁଟ ପରିବ୍ୟାପ୍ତ ହୋଇଥିବା ବେଳେ ପାଖାପାଖି ୨୦୦୦ କର୍ମଚାରୀ ହାଇବ୍ରିଡ ମଡେଲରେ କାମ କରିବା ପାଇଁ ଏହି କେନ୍ଦ୍ରରେ ସୁବିଧା ରହିଛି। ଓଡ଼ିଶାରେ ଆକ୍‌ସେଞ୍ଚରର ଭବିଷ୍ୟତ ସମ୍ପ୍ରସାରଣ ପାଇଁ ମଧ୍ୟ ଯୋଜନା ରହିଛି।

ସୂଚନାଯୋଗ୍ୟ, ଆକ୍‌ସେଞ୍ଚର ହେଉଛି ବିଶ୍ୱର ଅନ୍ୟତମ ଅଗ୍ରଣୀ ବୃତ୍ତିଗତ ସେବା କମ୍ପାନୀ। ଏହି ସଂସ୍ଥାରେ ଭାରତରେ ୩ ଲକ୍ଷରୁ ଅଧିକ କର୍ମଚାରୀ କାର୍ଯ୍ୟ କରୁଥିବା ବେଳେ ସମଗ୍ର ବିଶ୍ୱରେ ପାଖାପାଖି ୭, ୪୩, ୦୦୦ କର୍ମଚାରୀ କାର୍ଯ୍ୟରତ। ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିଗତ ତିନି ଦଶନ୍ଧି ଧରି ଏହି ସଂସ୍ଥା ନିଯୁକ୍ତି ତଥା ନିବେଶ କ୍ଷେତ୍ରରେ ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ ସ୍ୱତନ୍ତ୍ର ଖ୍ୟାତି ବହନ କରୁଛି। ଓଡ଼ିଶାରେ ଆକ୍‌ସେଞ୍ଚରର ପ୍ରତିଷ୍ଠା ଫଳରେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ହେବା ସଙ୍ଗେ ସଙ୍ଗେ ଓଡ଼ିଶା ସମଗ୍ର ଭାରତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ।

## ଅବଶିଷ୍ଟାଂଶ...

### ସଶକ୍ତ ହେବେ...

ଶିକ୍ଷାର ପ୍ରଗତି ପାଇଁ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ମାନଙ୍କରେ ବୃତ୍ତିଗତ ତଥା ବୈଷୟିକ ଶିକ୍ଷା ଗ୍ରହଣ ପାଇଁ କାଳିଆ ଛାତ୍ରବୃତ୍ତି କାର୍ଯ୍ୟକାରୀ କରାଯାଉଛି। ଚାଷୀ ପରିବାରର ଭବିଷ୍ୟତ ସେମାନଙ୍କ ପିଲାମାନଙ୍କର ବିକାଶ ଉପରେ ନିର୍ଭର କରୁଥିବାରୁ କାଳିଆ ଛାତ୍ରବୃତ୍ତି ସେମାନଙ୍କ ପରିବାରର ସାମାଜିକ ଓ ଆର୍ଥିକ ପ୍ରଗତିରେ ସହାୟକ ହୋଇପାରୁଛି। ତେଣୁ ଏହି ଯୋଜନାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ତଥା କୃଷକଙ୍କୁ ଆର୍ଥିକ ପ୍ରଗତିର ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ରାଜ୍ୟର ଅଭିବୃଦ୍ଧିରେ ସେମାନଙ୍କ ସହଭାଗିତାକୁ ସୁନିଶ୍ଚିତ କରିବା ପାଇଁ କ୍ୟାବିନେଟ ବଡ଼ ନିଷ୍ପତ୍ତି ଗ୍ରହଣ କରିଛି। ରାଜ୍ୟ କ୍ୟାବିନେଟ ୨୦୨୪-୨୫ରୁ ୨୦୨୬-୨୭ ଯାଏଁ ୬୦୨୯.୭୦ କୋଟି ବ୍ୟୟ ଅଟକଳକୁ ଅନୁମୋଦନ ଦେଇଛି।

ଅନୁରୂପ ଭାବରେ ରାଜ୍ୟର ସମସ୍ତ ଯୋଗ୍ୟ ଭୂମିହୀନ କୃଷକ ପରିବାର ଯେଉଁମାନଙ୍କୁ କାଳିଆ ଯୋଜନାରେ ଉଦ୍ୟାନ ଓ ଆନୁଷଙ୍ଗିକ କୃଷି କାର୍ଯ୍ୟକ୍ରମ ପାଇଁ ୩ଟି କିସ୍ତିରେ ୧୨୫୦୦ ଟଙ୍କାର ଜୀବନଜୀବିକା ସହାୟତା ପ୍ରଦାନ କରାଯାଉଛି, ସେମାନଙ୍କୁ ଆଉ ଅତିରିକ୍ତ ୨ ହଜାର ଟଙ୍କା ସହାୟତା ଦିଆଯିବ। ରାଜ୍ୟ କ୍ୟାବିନେଟ କ୍ୟାବିନେଟ ନେଇଥିବା ନିଷ୍ପତ୍ତି ଅନୁଯାୟୀ ସମସ୍ତ ଯୋଗ୍ୟ ଭୂମିହୀନ କୃଷକ ପରିବାର ଆଉ ଅତିରିକ୍ତ ୨୦୦୦ ଟଙ୍କାର ଆର୍ଥିକ ସହାୟତା ପାଇବେ। ଯାହାଫଳରେ ଏହା ସେମାନଙ୍କର ସାମାଜିକ ଓ ଆର୍ଥିକ ବିକାଶରେ ସହାୟକ ହୋଇପାରିବ।

କାଳିଆ ଯୋଜନାରେ ହିତାଧିକାରୀଙ୍କୁ ବାର୍ଷିକ ୨ ଥର ଆର୍ଥିକ ସହାୟତା ପ୍ରଦାନ କରାଯାଇ ଆସୁଛି। ଖରିଫ୍ ଋତୁ ପାଇଁ ଏପ୍ରିଲ ୧ ତାରିଖ ଓ ପରବର୍ତ୍ତୀ ସମୟ ଏବଂ ରବି ଋତୁ ପାଇଁ ସେପ୍ଟେମ୍ବର ୧ ତାରିଖ ପରେ ଯେକୌଣସି ତାରିଖରେ କାଳିଆ ସହାୟତା ପ୍ରଦାନ କରାଯାଉଛି। ଅଧୁନା ରାଜ୍ୟରେ କୃଷକମାନଙ୍କ ସୁବିଧା ଓ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଆବଶ୍ୟକ କୃଷି ଉପାଦଗୁଡ଼ିକର ସହଜ ଲଭ୍ୟ ଓ କ୍ରୟ ନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର କାଳିଆ ସହାୟତା ପୂର୍ବ ପ୍ରକାଶିତ ସମୟ ବ୍ୟତୀତ ଯେକୌଣସି ସମୟରେ ପ୍ରଦାନ କରିପାରିବେ। ଏହି ସମୟରେ ଭୂମିହୀନ କୃଷି ପରିବାରଙ୍କୁ ମଧ୍ୟ ସେମାନଙ୍କ ପ୍ରାପ୍ୟ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇପାରିବ। ଉପରୋକ୍ତ ନିଷ୍ପତ୍ତିକୁ ଆଜି ରାଜ୍ୟ କ୍ୟାବିନେଟ ମୋହର ମାରିଛି।

### ବିଜେଡିକୁ ମିଳିବ...

ନିର୍ବାଚନରେ ବିଜେଡି ଖାତାକୁ ଯିବ ବୋଲି ସଂସ୍ଥା ପକ୍ଷରୁ ଆକଳନ କରାଯାଇଛି। ସେହିପରି ବିଧାନସଭା କ୍ଷେତ୍ରରେ ମଧ୍ୟ ବିଜେଡି ବିପୁଳ ସଫଳତା ହାସଲ କରିବ ଏବଂ ଆସନ ସଂଖ୍ୟା ୧୨୮ ଅତିକ୍ରମ କରିବ ବୋଲି ମଧ୍ୟ ଆକଳନ କରାଯାଇଛି।

'ଜନହିତ'ର ଏହି ପ୍ରାକ୍ ନିର୍ବାଚନୀ ବିଶ୍ଳେଷଣ ଓ ଆକଳନ ପରେ ରାଜ୍ୟ ରାଜନୀତ ଅକସ୍ମାତ ସରଗରମ ହୋଇ ଉଠିଛି। ୫-ଟି ଉପକ୍ରମରେ ଲୋକମାନଙ୍କର ସମସ୍ୟାର ତ୍ୱରିତ୍ ସମାଧାନ, ରାଜ୍ୟବ୍ୟାପୀ ରୂପାନ୍ତରଣ କାର୍ଯ୍ୟକ୍ରମ ସର୍ବୋପରି ବ୍ୟାପକ ଜନମଙ୍ଗଳକାରୀ ଯୋଜନା ନବୀନଙ୍କ ପ୍ରତି ଭୋଟରଙ୍କ ଆସ୍ଥାକୁ ବହୁଗୁଣିତ କରିଛି। ବିଶେଷକରି ରାଜ୍ୟରେ ଚାଲିଥିବା ରୂପାନ୍ତରଣ ପର୍ବ ସାଧାରଣ ଜନମାନସକୁ ବେଶ୍ ଆକର୍ଷିତ କରିପାରିଛି। ବିଶେଷକରି ସ୍କୁଲ ଓ କଲେଜରେ ରୂପାନ୍ତରଣ ସହ ଉତ୍ତମ ଶୈକ୍ଷିକ ବାତାବରଣ, ବିଭିନ୍ନ ଧର୍ମାନୁଷ୍ଠାନର ରୂପରେଖରେ ପରିବର୍ତ୍ତନ, ବ୍ୟାପକ ଭିତ୍ତିଭୂମି ଉନ୍ନୟନ ସମ୍ପର୍କିତ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସର୍ବୋପରି '୫-ଟି' ଅଧକ୍ଷଙ୍କ ମାରାଥନ୍ ଜିଲ୍ଲା ଗସ୍ତ ଏବଂ ବିଭିନ୍ନ ସମସ୍ୟାର ତ୍ୱରିତ୍ ସମାଧାନ ଲୋକଙ୍କ ମନକୁ ବେଶ୍ ଛୁଇଁଛି। ସମାନ ସମୟରେ କିନ୍ତୁ ବିରୋଧୀଙ୍କ ପାଖରେ ସେଭଳି କୌଣସି ପ୍ରସଙ୍ଗ ନଥିବା ବେଳେ ସେମାନଙ୍କର ସାଂଗଠନିକ ଦୁର୍ବଳତା କ୍ରମଶଃ ସେମାନଙ୍କୁ ଲୋକଙ୍କଠାରୁ ଦୂରେଇ ନେଉଛି। ସେହିପରି ନିର୍ବାଚନ ଘୋଷଣାକୁ ଆଉ ମାତ୍ର ଦୁଇ ସପ୍ତାହ ବାକି ଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋଟିଏ ପରେ ଗୋଟିଏ ଜନମଙ୍ଗଳକାରୀ ଯୋଜନାମାନ ଘୋଷଣା କରି ଚାଲିଛନ୍ତି। ଯାହା ବିଜେଡିକୁ ମହାବିଜୟ ପ୍ରଦାନ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିବ। କେବଳ ଲୋକସଭା ନୁହେଁ, ବିଧାନସଭାରେ ମଧ୍ୟ ବିଜେଡି ରେକର୍ଡ ବିଜୟ ହାସଲ କରିବ ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି।

### ୧୮ ସହରରେ...

କେନ୍ଦ୍ରାପଡ଼ା ଆଦି ଯାଜପୁର ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ହାଲୁକା ବର୍ଷା ହୋଇପାରେ। ଶୁକ୍ରବାର ଓ ଶନିବାର ବର୍ଷାର ପ୍ରକୋପ ସାମାନ୍ୟ ବୃଦ୍ଧି ହେବା ସହ କିଛି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ। ବିଶେଷକରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଅପରପକ୍ଷେ, ଢେଙ୍କାନାଳ, କନ୍ଧମାଳ ଓ ରାୟଗଡ଼ା ଆଦି ଜିଲ୍ଲାରେ ସ୍ୱଳ୍ପ ବର୍ଷା ହୋଇପାରେ। ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ କିଛି କିଛି ଜିଲ୍ଲାରେ ଏଭଳି ବର୍ଷା ଜାରି ରହିପାରେ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି।

### ଗଞ୍ଜାମରେ ବିକାଶ...

କାମ କରୁଛନ୍ତି। ଶିକ୍ଷାକୁ ସର୍ବାଧିକ ପ୍ରାଧାନ୍ୟ ଦେଉଥିବା ମୁଖ୍ୟମନ୍ତ୍ରୀ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ, ସଂସ୍କୃତ ମହାବିଦ୍ୟାଳୟ ଏବଂ ଅଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ 'ନୂଆ-ଓ' ଛାତ୍ରବୃତ୍ତି ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଛାତ୍ରଙ୍କୁ ୯୦୦୦ ଟଙ୍କା ଏବଂ ଛାତ୍ରୀଙ୍କୁ ୧୦ ହଜାର ଟଙ୍କା ବୃତ୍ତି ମିଳିବ। ଅନୁସୂଚିତ ଜାତି, ଜନଜାତି ତଥା ନିର୍ମାଣ ଶ୍ରମିକ ପରିବାରର ଛାତ୍ରଙ୍କୁ ୧୦୦୦୦ ଟଙ୍କା ଏବଂ ଛାତ୍ରୀଙ୍କୁ ୧୧୦୦୦ ଟଙ୍କା ବୃତ୍ତି ମିଳିବ। ଚଳିତ ବର୍ଷ ଫେବୃଆରୀ ୨୬ ତାରିଖ ପର ଠାରୁ ଛାତ୍ରାଛାତ୍ରୀମାନଙ୍କ ବୃତ୍ତି ଟଙ୍କା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ପ୍ରଦାନ କରାଯିବ ବୋଲି ଶ୍ରୀ ପାଣ୍ଡିଆନ୍ ଘୋଷଣା କରିଛନ୍ତି। ସେ ଆହୁରି କହିଥିଲେ ଯେ ଯୁବକ ଯୁବତୀମାନଙ୍କୁ କର୍ମନିଯୁକ୍ତି ପ୍ରଦାନ ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ସ୍ୱୟମ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏଥିରେ ୧୮ ବର୍ଷରୁ ୩୫ ବର୍ଷ ମଧ୍ୟରେ ଯୁବକ ଯୁବତୀ ବେଶ୍ ଲାଭବାନ୍ ହେବେ। ଗଞ୍ଜାମ ଜିଲ୍ଲାର ପ୍ରତି ଗ୍ରାମପଞ୍ଚାୟତରେ ବିକାଶର ସାରଥୀ ସାଜିବ ଲକ୍ଷ୍ମୀ ବସ୍। ଏହି ବସ୍‌ରେ ମହିଳା, ଛାତ୍ରଛାତ୍ରୀମାନେ ମାତ୍ର ୫ ଟଙ୍କାରେ ଯାତ୍ରା କରିବାର ସୁଯୋଗ ପାଉଛନ୍ତି ବୋଲି ଉଲ୍ଲେଖ କରି ଲୋକମାନଙ୍କ ସମସ୍ୟା ସମ୍ବଳିତ ଆବେଦନପତ୍ର ଗ୍ରହଣ କରିଛନ୍ତି। ଆବେଦନଗୁଡ଼ିକର ବିଚାର କରାଯାଇ ଖୁବ୍ ଶୀଘ୍ର ଏହାର ସମାଧାନ ହେବ ବୋଲି ସେ କହିଛନ୍ତି। ଏହି ଅବସରରେ ବିଭିନ୍ନ ସ୍ଥାନରେ ବହୁ ସଂଖ୍ୟକ ସାଧାରଣ ଜନତା ଓ ରାଜନେତା ଶ୍ରୀ ପାଣ୍ଡିଆନଙ୍କୁ ଭବ୍ୟ ସ୍ୱାଗତ ଜଣାଇଛନ୍ତି।

### ମୋତେ ଗୁଳିମାଡ଼...

ହୋଇଥିବା ବେଳେ ହାତରେ କଂଗ୍ରେସ ପତାକା ଧରିଥିବା ଜଣେ ଦୁର୍ବୃତ୍ତ ଅଚାନକ ଶ୍ରୀ ପାଣ୍ଡିଆନଙ୍କ ଉପରକୁ ଏକ ଟମାଟୋ ଫିଙ୍ଗିଥିଲା। ସେଠାରେ ଉପସ୍ଥିତ ଲୋକେ ଏବଂ ପୁଲିସ ସମ୍ପୃକ୍ତ ଦୁର୍ବୃତ୍ତକୁ କାବୁ କରି ନେଇଥିଲେ। ଶ୍ରୀ ପାଣ୍ଡିଆନ କୌଣସି ପ୍ରତିକ୍ରିୟା ପ୍ରକାଶ ନ କରି ମଞ୍ଚ ଅଭିମୁଖେ ଅଗ୍ରସହ ହୋଇଥିଲେ।

ମଞ୍ଚ ଉପରକୁ ଯାଇ ଶ୍ରୀ ପାଣ୍ଡିଆନ୍ ନିଜ ସ୍ୱଭାବ ସୁଲଭ ଭାବରେ ଲୋକଙ୍କୁ ସମ୍ବୋଧନ କରିଥିଲେ। ସେ କହିଥିଲେ ଯେ ହଜାର ହଜାର ଲୋକ ଖରାରେ ଅପେକ୍ଷା କରିଛନ୍ତି। ସେମାନଙ୍କ ଭଲ ମନ୍ଦ ବୁଝିବା, ସେମାନଙ୍କ ସହ ହାତ ମିଳାଇବାରେ ଅନେକ ଆନନ୍ଦ ଅଛି। ଏପରି କରିବାରୁ ମୋତେ କେହି ରୋକି ପାରିବେ ନାହିଁ। ମୋ ଉପରକୁ ଚପଲ, ଟମାଟୋ, କାଳି ଫିଙ୍ଗିଲେ କିମ୍ବା ଗୁଳି ମାଡ଼ କଲେ କିଛି ଫରକ ପଡ଼ିବ ନାହିଁ। ମୁଁ ଲୋକଙ୍କ ପାଖକୁ ଆସିବି, ଲୋକଙ୍କ କାମ କରିବି। ଯେତେ ବାଧା ଦେଲେ ବି ମୁଁ ଅଟକିବି ନାହିଁ। ତାଙ୍କ ଉପରକୁ ଟମାଟୋ ଫିଙ୍ଗା ଘଟଣାରେ ସେ ଆଦୌ ବିଚଳିତ ହୋଇ ନ ଥିଲେ। ଅତ୍ୟନ୍ତ ଶାନ୍ତ ଭାବରେ ଲୋକଙ୍କ ସହ ହାତ ମିଳାଇଥିଲେ। ସେମାନଙ୍କ ଠାରୁ ଦରଖାସ୍ତ ଗ୍ରହଣ କରିଥିଲେ। ମଞ୍ଚରେ ମହାପ୍ରଭୁ ଜଗନ୍ନାଥ ଓ ମା' ତାରାତାରିଣୀଙ୍କୁ ସ୍ମରଣ କରି ବେଲଗୁଣ୍ଠା ଓ ସୋରଡ଼ା ଅଞ୍ଚଳରେ ହୋଇଥିବା ବିକାଶ କାମର ଗୋଟି ଗୋଟି ହିସାବ ରଖିଥିଲେ।

ଅନ୍ୟପକ୍ଷରେ ଶ୍ରୀ ପାଣ୍ଡିଆନ୍‌ଙ୍କ ଉପରକୁ ଟମାଟୋ ମାଡ଼ ଘଟଣାକୁ ସର୍ବତ୍ର ନିନ୍ଦା କରାଯାଇଛି। ପାଣ୍ଡିଆନଙ୍କ ସଭାରେ ଅଭୂତପୂର୍ବ ଜନସମାବେଶ ହେଉଥିବା ବେଳେ ଲୋକଙ୍କ ସମସ୍ୟାର ତୁରନ୍ତ ସମାଧାନ ହେଉଛି। ବିକାଶର ଲମ୍ବା ଚିଠା ଦେଖି ବିରୋଧୀ ଅସହିଷ୍ଣୁ ହୋଇପଡୁଛନ୍ତି। ଅତୀତରେ ମଧ୍ୟ ଏପରି ଘଟଣା ଦେଖିବାକୁ ମିଳିଛି। ମାତ୍ର ବିରୋଧ, କାଳିମାଡ଼, ଟମାଟୋ ମାଡ଼ ପାଣ୍ଡିଆନଙ୍କ ପାଦକୁ ରୋକିପାରି ନାହିଁ; ବରଂ ତାଙ୍କୁ ଲୋକଙ୍କ ନିକଟତର ହେବା ଓ ସେମାନଙ୍କ କାମ କରିବାକୁ ଅଧିକ ଅନୁପ୍ରେରିତ କରିଛି। ଆଜି ଶ୍ରୀ ପାଣ୍ଡିଆନ୍ ଦିନିକିଆ ଗଞ୍ଜାମ ଗସ୍ତରେ ଯାଇ ପ୍ରଥମେ ବେଲଗୁଣ୍ଠାରେ ପହଞ୍ଚିଥିଲେ। ତା ପରେ ସେ ଶେରଗଡ଼, କୁକୁଡ଼ାଖଣ୍ଡି, ପାତ୍ରପୁରରେ ଆୟୋଜିତ ଜନସମାବେଶରେ ଯୋଗ ଦେଇଥିଲେ।

### ରୂପାନ୍ତରଣ ସାରଥୀ...

କାର୍ଯ୍ୟର ଅନୁଧ୍ୟାନ ପରେ ଯାଇ ପହଞ୍ଚିଛନ୍ତି ଗଞ୍ଜାମ ଜିଲ୍ଲାରେ। ଜିଲ୍ଲାର ବିଭିନ୍ନ ସ୍ଥାନରେ ୪ଟି ସମାବେଶରେ ଯୋଗଦାନ, ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା, ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବିଭିନ୍ନ ସ୍ଥାନରେ ଲୋକଙ୍କ ସହ ସେମାନଙ୍କ ସୁବିଧା ଅସୁବିଧା ବୁଝିଛନ୍ତି। ତାଙ୍କର ଏପରି କାର୍ଯ୍ୟ ରାଜନେତାଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ, ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ହୋଇଛି। ଜୀବନରେ କଠିନ ପରିଶ୍ରମ ପାଇଁ କଦାପି ପଛଘୁଞ୍ଚା ଦିଅ ନାହିଁ ବୋଲି ବୋଲାଉଥିବା ୫-ଟି ଅଧକ୍ଷ ନିଜେ ଏହି ଆହ୍ୱାନକୁ ଅନୁପାଳନ କରି ସୃଷ୍ଟି କରିଛନ୍ତି ନୂଆ ଉଦାହରଣ। ରୂପାନ୍ତରଣ କେବଳ କଥାରେ ହୁଏ ନାହିଁ, ଏଥିପାଇଁ ଲୋଡ଼ା ପ୍ରତିବଦ୍ଧତା। ଏହି ପ୍ରତିବଦ୍ଧତାର ଉଦାହରଣ ହେଉଛନ୍ତି ନିଜେ ପାଣ୍ଡିଆନ।

■ ସମୃଦ୍ଧି ଅଭିମୁଖେ ଓଡ଼ିଶାର ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ ଚିପ୍ କ୍ଷେତ୍ର

# ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ନୀତିରେ ସଂଶୋଧନ

**ଭୁବନେଶ୍ୱର,୨୨।୨(ସମିସ):** ରାଜ୍ୟରେ ଆଇଟି ଶିଳ୍ପକ୍ଷେତ୍ରକୁ ସମୃଦ୍ଧ କରି ଏକ ବ୍ୟାପକ, ପ୍ରତିଯୋଗିତାମୂଳକ ଏବଂ ଆକର୍ଷଣୀୟ ଆର୍ଥିକ ସହାୟତା ଢାଞ୍ଚା ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଓଡ଼ିଶା ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ଆଣ୍ଡ ଫାବ୍ଲେସ୍ ପଲିସି-୨୦୨୩ରେ ସଂଶୋଧନ ଆଣିଛନ୍ତି।

ସେମିକଣ୍ଡକ୍ଟର ତଥା ଇଲେକ୍ଟ୍ରୋନିକ୍ ଚିପ୍ ଉତ୍ପାଦନ ଏବଂ ରାଜ୍ୟରେ ଥିବା ଏହି ଉତ୍ପାଦଗୁଡିକର ଫାବ୍ଲେସ୍ ଡିଜାଇନ୍ ସଂସ୍ଥା ପ୍ରତିଷ୍ଠା

- ସୁଧ ଛାଡ଼ ସୀମା ୫ପ୍ରତିଶତରୁ ୨୫%କୁ ବଢ଼ିଲା
- ଗବେଷଣା ଓ ବିକାଶ ପାଇଁ ଖର୍ଚ୍ଚ ହେବ ୨ କୋଟି
- କୋର୍ ଅପରେସନ୍ କର୍ମଚାରୀଙ୍କର ହେବ ଦକ୍ଷତା ବିକାଶ

ନିମନ୍ତେ ରାଜ୍ୟ ସରକାର ଏହି ନୀତିକୁ ସଂଶୋଧନ କରିଛନ୍ତି। ଏ ନେଇ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଆଇଟି ବିଭାଗ ପକ୍ଷରୁ ଆସିଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଗୁରୁବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଭାରତୀୟ ସେମିକଣ୍ଡକ୍ଟର ମିଶନ୍‌ର ମାର୍ଗଦର୍ଶିକା ସହ ସମନ୍ୱୟ ସୁନିଶ୍ଚିତ କରିବା ସହିତ ନିକଟ ଅତୀତରେ କାର୍ଯ୍ୟକାରୀ ହୋଇଥିବା ସେମିକଣ୍ଡକ୍ଟର ନୀତି ଅନୁଯାୟୀ, ତା'ଠାରୁ ଅଧିକ ବ୍ୟବସ୍ଥା କରିବା ଏହି ସଂଶୋଧନର ଉଦ୍ଦେଶ୍ୟ ରହିଛି। ଏହା ଫଳରେ ଓଡ଼ିଶା ସେମିକଣ୍ଡକ୍ଟର କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ବିଶ୍ୱସ୍ତରରେ ଏକ ଆକର୍ଷଣୀୟ ରାଜ୍ୟଭାବେ ପରିଗଣିତ ହୋଇପାରିବ।

ଓଡ଼ିଶାରେ ସେମିକଣ୍ଡକ୍ଟର ଶିଳ୍ପ ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଥିବା ବେଳେ ପ୍ରତିଯୋଗିତାମୂଳକ ବଜାର ଓ ସମ୍ଭାବ୍ୟ ନିବେଶକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ସରକାର ଏହି ନୀତିରେ କିଛି ସଂଶୋଧନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ (ପିଏଲଆଇ), ସୁଧରେ ରିହାତି ତଥା ଗବେଷଣା, ବିକାଶ ଓ ଦକ୍ଷତା ବିକାଶ ପ୍ରଶିକ୍ଷଣରେ ପୁଞ୍ଜିନିବେଶ ଅଧିନରେ ଆର୍ଥିକ ସହାୟତା ପାଇଁ ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ଏହି ସଂଶୋଧନ ପ୍ରସ୍ତୁତ କରାଯାଇଛି। ଏହି ସଂଶୋଧନ ଅନୁସାରେ ୫୦୦ କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶ କରୁଥିବା ବୃହତ୍ ପ୍ରକଳ୍ପଗୁଡ଼ିକ ଏବେ ସୁଧ ରିହାତି ବାବଦରେ ୭ ବର୍ଷ ପାଇଁ ବାର୍ଷିକ ୨୫ କୋଟି ଟଙ୍କାର ସର୍ବୋଚ୍ଚ ଖର୍ଚ୍ଚ ସୀମାର ସୁବିଧା ପାଇବେ। ସୁଧ ଛାଡ଼ ପାଇଁ ପୂର୍ବ ନିର୍ଦ୍ଧାରିତ ୫% ସର୍ବୋଚ୍ଚ ସୀମାକୁ ଉଚ୍ଛେଦ କରାଯାଇ ୨୫%କୁ ବୃଦ୍ଧି କରାଯାଇଛି। ଏହା ସହିତ ବୃହତ୍ ପ୍ରକଳ୍ପଗୁଡିକ ୧୦ ବର୍ଷ ପାଇଁ ବାର୍ଷିକ ୨ କୋଟି ଟଙ୍କା ପର୍ଯ୍ୟନ୍ତ ଗବେଷଣା ଓ ବିକାଶ ପାଇଁ ଖର୍ଚ୍ଚ ପାରିପାରିବେ। ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ କ୍ଷେତ୍ରରେ ସମସ୍ତ ୟୁନିଟ୍ ଉତ୍ପାଦନ ଆରମ୍ଭ ହେବାର ୭ ବର୍ଷର ଅବଧି ମଧ୍ୟରେ କ୍ରମାଗତ ୫ ବର୍ଷ ପାଇଁ ପ୍ରୋତ୍ସାହନ ନିମନ୍ତେ ଆବେଦନ କରିପାରିବେ। କୋର୍ ଅପରେସନରେ ନିୟୋଜିତ କର୍ମଚାରୀଙ୍କୁ ଦକ୍ଷତା ବିକାଶ କ୍ଷେତ୍ରରେ ପ୍ରଶିକ୍ଷଣ ଦେବା ପାଇଁ ଯୋଗ୍ୟ ୟୁନିଟଗୁଡ଼ିକ ୫ ବର୍ଷ ପାଇଁ ବାର୍ଷିକ ୨କୋଟି ଟଙ୍କା ପର୍ଯ୍ୟନ୍ତ ରିହାତି ପାଇପାରିବେ।

# ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ହେବ ଅଙ୍ଗଦାତାଙ୍କ ଶେଷକୃତ୍ୟ

**ଭୁବନେଶ୍ୱର,୨୨।୨(ସମିସ):** ଅଙ୍ଗଦାନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଅଙ୍ଗଦାନ କରୁଥିବା ବ୍ୟକ୍ତିଙ୍କ ଶେଷକୃତ୍ୟ ପୂର୍ଣ୍ଣ ରାଷ୍ଟ୍ରିୟ ମର୍ଯ୍ୟାଦା ସହ ସମ୍ପନ୍ନ କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିବା ବେଳେ ଆଜି ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ ହାର୍ଟ, କିଡ୍‌ନୀ, ଲିଭର୍, ପାନକ୍ରିଆସ୍, ଫୁସ୍‌ଫୁସ୍ ଓ ପାକସ୍ଥଳୀ ଦାନ କରୁଥିବା ଅଙ୍ଗଦାତା ମାନଙ୍କ ଶେଷ କୃତ୍ୟ ରାଷ୍ଟ୍ରୀୟ ସମ୍ମାନ ସହ ସମ୍ପାଦିତ ହେବ। ଏଥିରେ କୁହାଯାଇଛି ଯେ କୌଣସି ବ୍ୟକ୍ତି ମସ୍ତିଷ୍କ ମୃତ୍ୟୁ

**ପ୍ରକାଶ ପାଇଲା ବିଜ୍ଞପ୍ତି**

ଘୋଷିତ ହେବା ପରେ ପୁଲିସ ଓ ଶବ ବ୍ୟବଚ୍ଛେଦ ଡାକ୍ତରଙ୍କ ଉପସ୍ଥିତିରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବାହାର କରାଯାଇ ସୁରକ୍ଷିତ ଭାବେ ରଖାଯିବ। ସମ୍ପୃକ୍ତ ଡାକ୍ତରଖାନାର ଅଧିକ୍ଷକ ଅଙ୍ଗଦାନ ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଗୃହ ବିଭାଗ, ସମ୍ପୃକ୍ତ ଜିଲ୍ଲାର ଏସ୍‌ପି ତଥା ଜିଲ୍ଲାପାଳଙ୍କୁ ନିର୍ଦ୍ଦିଷ୍ଟ ଫର୍ମ ମାଧ୍ୟମରେ ଅବଗତ କରିବେ। ଏହି ଅନୁସାରେ ଗୃହ ବିଭାଗର ନୋଡ଼ାଲ ଅଧିକାରୀ ସମ୍ପୃକ୍ତ ଜିଲ୍ଲା ଅଧିକାରୀଙ୍କୁ ଏ ସମ୍ପର୍କରେ ସୂଚନା ଦେଇ ପୂର୍ଣ୍ଣ ରାଷ୍ଟ୍ରିୟ ମର୍ଯ୍ୟାଦା ସହ ସମ୍ପାଦନ କରିବା ନିମନ୍ତେ ପଦକ୍ଷେପ ନେବାକୁ କହିବେ।

## AFFIDAVIT

By virtue of an affidavit sworn before the Notary Public, Bhadrak, affidavit No.69AA100985 on dated 16.02.2024, I, Chinmaya Kumar Nayak, S/O- Sudarsana Nayak, Resident of Village-Kushagadia (Bhagada), PO-Tesinga, PS-Bhandaripokhari, Dist-Bhadrak, Odisha-75612. I have changed my Son's name from M Anshuman to **Anshuman Mohan Nayak** for all future purposes.

## AFFIDAVIT

I, Prakash Kumar Prusty, S/o- Late Arjuna Prusty, resident of Plot no-1447/2718, New forest park, Ashok nagar, Ps-Airport, Bhubaneswar, Odisha declare by this affidavit No.5167, dated-22.02.2024, that now onwards I shall be known as **PRAKASH PRUSTY** for all future purposes.

## SALE

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact-Bhavishya Homes Pvt Ltd.

**Ph.: 9437015112**

## AFFIDAVIT

By virtue of an affidavit sworn before the Executive Magistrate. Bhubaneswar, Dated 17.02.2024, I Jyoti Ranjan Jenamani, S/o Kalandi Charan Jenamani, At/Po: Uttarana, Dist: Cuttack, Odisha-754105 declare that my actual & correct name is Jyoti Ranjan Jenamani but in the Registered sale Deed bearing no 787 dt 22.01.2005 my name has been mentioned as Ranjan Jenamani. By this affidavit CF no: 23, Dated 17.02.2024, both the name Jyoti Ranjan Jenamani & Ranjan Jenamani is same & one person i.e; me. Henceforth I shall be known as **Jyoti Ranjan Jenamani** for all purposes.

## LOST

I Nityananda Nayak, S/o Late Rama Chandra Nayak of Icchapur, Ps- Balikuda, Dist – Jagatsinghpur pin-754108 residing At/Po- Sector-7, CDA, Cuttack that on 15.02.2024 at about 9.30 AM while I was going to Xerox shop located at CDA Market, I lost the Sale Deed vide Regd No: 10731301035, Khata No 1076/301, Plot No: 869 an area of 0.08 Acre on the way. I searched the above missing Sale deed everywhere but unable to trace it out anywhere.

## AFFIDAVIT

I, Soumya Ranjan das,s/o-Late Rabinarayan das, resident of Nalmallik patana,po-Mangalpur, ps-Mangalpur,Bajara pat,Dist-Jajapur, Odisha,pin - 755011Declare by this affidavit No- 6033, dt-22/02/2024 that now onwards I shall be known as **Soumya Ranjan Das** for all future purposes.

## AFFIDAVIT

**I, Laxmi Priya Barik, W/o- Kapila Barik, At/Po- Athantar, PS- Balipatna, District- Khorda, Pin- 752102 Odisha declare that by virtue of this affidavit No : 1357 dtd.- 21/02/2024, I shall be known as LAXMI PRIYA BARIK for all future purposes.**

## Office of the Principal
# PANCHAYAT COLLEGE, KANTAMAL

AT/PO- KANTAMAL, DIST- BOUDH - 762017, ODISHA

### WALK-IN-INTERVIEW

A Walk-in-interview for contractual engagement of One post of **Lecturer in Zoology** will be held in the Principal's office on **Dt.28.02.2024 at 11.00 am.** Interested candidates having minimum eligibility of **55% marks** in Post Graduation in the concerned subject from a recognized University should attend with their C.V., all original certificates, mark sheets and a set of Xerox copies of the same duly self attested by them on the scheduled date & time.

**Sd/- Principal**
**Panchayat College, Kantamal**

## ZILLA SWASTHYA SAMITI, ANGUL

E-875

O/o- CDM & PHO Cum- District Mission Director, Angul

**Corrigendum to advertisement no-308, dt-02.02.2024 (Outsourcing of Housekeeping Services Ref. RFP No-311)**

No. 507 Date: 21.02.2024

In response to the above advertisement, the Hon'ble High Court has directed to maintain a **Status Quo** as on 16th feb,2024 and subjected to the direction of the Hon'ble Court as per **W.P(C ) No.2974 of 2024** in future. This is for the information of the public/agencies/bidders.

OIPR-10142/11/0012/2324

**Sd/- CDM & PHO Cum District Mission Director, Angul**

B-1819

## GOVERNMENT OF ODISHA, "e"-PROCUREMENT NOTICE
### WORKS DEPARTMENT

E-mail : ceworldbankprojects@gmail.com

Bid Identification No. CE-W.B.P. (O) - 58 / 2023-24

1. The Chief Engineer (World Bank Project), Odisha on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road & Bridge work as detailed below :
2. Nature of work : Bridge work
3. No. of work : 01 no.
4. Tender cost : Rs.10,000.00 (on-line)
5. Class of Contractor : A/ Special Class Contractor
6. Available of bid document in the website : From 10.00 AM of 23.02.2024 to 5.00 PM of 12.03.2024
7. Date of opening of Bid : Dt.13.03.2024 at 11.30 AM
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in . Any addendum / corrigendum / cancellation of tender can also be seen in the said website.

Engineer-in- Chief
(I/C) Chief Engineer (Bridges), WBP,
Odisha, Bhubaneswar

OIPR-34174/11/0008/2324

## *OFFICE OF THE NOTIFIED AREA COUNCIL, NUAPADA*

C-3098

**"e" – Procurement Notice**

Bid Reference No. **2023_ORULB_ 101075**

**Tender Call Notice No. 250 / Dt. 13.02.2024 /**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. Website i.e. **www.tendersodisha.gov.in**

1. Nature of work : Civil construction works as Mentioned in website.
2. Estimated cost : Rs.62.119 Lakhs
3. Period of completion : As per DTCN.
4. Date and time of availability of the documents in the portal : 10.00 AM of dt.15.02.2024 to 5.30 PM of dt.22.02.2024
5. Last date / time for receipt of Bids in the portal : Upto 5.30 PM of dt.22.02.2024
6. Offline Submission of Bid : 10AM of dt.23.02.2024 to 5.30PM of 26.02.2024
7. Online Bid Opening : 11 Am of Dt.27.02.2024
8. Name and address of the Officer inviting Bid : Executive Officer, Nuapada NAC District- Nuapada

Further, the details can be seen from the 'e'- procurement Portal :- **www.tendersodisha.gov.in**

**Executive Officer,**
**NAC Nuapada**

OIPR-13158/11/0016/2324

## नारियल विकास बोर्ड/COCONUT DEVELOPMENT BOARD

(कृषि एवं किसान कल्याण मंत्रालय, भारत सरकार),
(Ministry of Agriculture and Farmers Welfare, Government of India)
प्रदर्शन सह बीज उत्पादन प्रक्षेत्र/Demonstration cum Seed Production Farm
Pitapalli,पी.ओ/PO:Kumarabasta,जिला: खुर्दा-Dist:Khurda-752057
टेलीफोन/Telephone-8280067723
ई-मेल /E-mail- cdbdspfarmodisha@gmail.com/f-pitapalli@coconutboard.gov.in

F. No. DSP/OR/09/Dev/59 Dated : 22/02/2024

**TENDER-CUM- AUCTION FOR THE BEARING FRUIT PLANTS (MANGO, GUAVA & SAPOTA) FOR THE FINANCIAL YEAR 2024-25**

Coconut Development Board, DSP Farm, Pitapalli, Khurda, Odisha Tender–Cum-Auction for the sale of Intercrop fruits – **Mango, Guava and Sapota** for the financial year 2024-25 (up to 28th February, 2025) from the individuals/parties/organizations. The interested parties may visit the farm on any working day with prior permission between 9.00 am to 4.00 pm for quoting their rate in separate tender paper for Intercrops ( **Mango, Guava and Sapota**). The tender paper & term and conditions will be available during office hour or may be downloaded from the Board's website www.coconutboard.gov.in. The last date & time for submission of sealed tender forms is on 19.03.2024 up to 11.00 AM . The auction cum tender will be held on the same day at 11.15 AM . Intending bidders/ parties have to submit the tender paper along with EMD of Rs. 5,000/- for intercrops in form of online payment/Cash in favor of M/S. Coconut Development Board, payable at Khurdha . **Base price for intercrops (Mango is Rs.80,000/- )(Guava and Sapota is Rs.1,30,000/-).** The undersigned has right to reject any/all of the tender –cum-auction without assigning any reason whatsoever.

उप निदेशक/Deputy Director
**COCONUT DEVELOPMENT BOARD**

MM-640

## OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION

AT-MATIAGARH CHHAKA, PO-K. JASHIPUR,
DIST-MAYURBHANJ, ODISHA-757091
Tel: - 06797-295030, Email- dfo.similipalnorthwl@odisha.gov.in / ddsimilipalnorth@gmail.com

Office Order No. 21 , Date - 16.02.2024

***01st Corrigendum to Bid invited vide this Office Tender Call Notice No.17, dtd.08.02.2024***

In pursuance to this Office Tender Call Notice No.17, dtd.08.02.2024, the following changes have been made in NIT & DTCN.

| Sl No. As per Original TCN | Items | As per Original TCN | As per 01st Corrigendum to TCN & DTCN |
|---|---|---|---|
| 3. | Tender Opening | 03.00 PM on 21.02.2024 | 03.00 PM on 26.02.2024 |

**Deputy Director,**
**Similipal (North) WL Division,**
**Jashipur**

OIPR-08133/11/0022/2324

## GOVERNMENT OF ODISHA

C-

**"e" PROCUREMENT NOTICE, Rajgangpur Municipality**
**Bid Identification No. – EO/RGP/08 of 2023-24**
**e-mail ID- rajgangpurm.hud@nic.in**
**No. 790, Dated 17.02.2024**

1) Total Number of Work : 72 (Seventy Two) Nos. Paver Block Road, B.T. Road, Drain & Community Centre etc.
2) Approximate Estimated Cost : 2.00 Lakhs to 19.78 Lakhs
3) Period of Completion: 90 Days
4) Date & time of availability of the bid documents in the portal: 20.02.2024 at 11.00 A.M. to 28.02.2024 up to 5.00 P.M.
5) Last date of receipt of Bids in the portal : 28.02.2024 up to 5.00 P.M. (On line)
6) Bids Receipt online shall be opened on : 29.02.2024 at 11.00 A.M. (On Line)
7) Name & address of the Officer Inviting Bid : Executive Officer, Rajgangpur Municipality
8) The Bidders have to participate in ONLINE bidding only; further details can be seen from the e-procurement portal. hhtp://tendersodisha.gov.in

Sd/-
Victor Soreng
Executive Officer
Rajgangpur Municipality

OIPR-13094/11/0014/2324

## ପୌରପରିଷଦ କାର୍ଯ୍ୟାଳୟ : ଜୟପୁର
## OFFICE OF THE MUNICIPAL COUNCIL: JEYPORE

*Main Road, Jeypore Dist. Koraput, Odisha Phone No. 06854-231098e-Mail :ulbjeypore@gmail.com*

***Letter No. 560 /JM*** **Date: 13th February 2024**

**TENDER CALL NOTICE FOR DISPOSAL OF OBSOLETE / SCRAP JKSUTT BUSES BY JEYPORE MUNICIPALITY.**

Jeypore Municipality invites sealed tenders from eligible bidders for disposal of the obsolete / scrap of 20 nos. of JKSUTT buses "as is where basis is". Interested Bidders may participate in the tender process adhering to all terms and conditions as detailed in this office Tender Call Notice no 559 Dated 13/02/2024

The intending bidder may down load the details tender call notice and the tender paper from this office website **www.jeyporemunicipality.in** and the website of Koraput dist. **www.koraput.nic.in**.

Date of receipt of tender - 15/02/2024 to 27/02/2024 (On working days)
Date of opening of tender - 28/02/2024 at 4.00 PM.

**Executive Officer,**
**Jeypore Municipality**

OIPR-13079/11/0074/2324 C-3087

## OFFICE OF THE MUNICIPAL COUNCIL, MALKANGIRI

**Odisha, pin-764045, Pin-06861-230244, Email- eomalkangiri@gmail.com**

Lt. No. 752/Dev/2024 / Dated 13.02.2024

**e-NOTICE**

BID IDENTIFICATION No. EOMKG/09/2024-25

The Executive Officer, Malkangiri Municipality, Malkangiri on behalf of Governor of Odisha invites for bidders of eligible class registered with any State Govt. and bidders of equivalent grade/ class registered with central Govt./ PSU / MES / Railways according to norm of e-procurement system in online mode for the work as per DTCN.

1. Name of the Work : As per DTCN
2. Number of Work : 64 Nos.
3. Estimated cost : As per DTCN
4. Period of Completion : As per DTCN
5. Date and Time of availability of Bid Document in the Portal : From 10 hours of Dt. 15/02/2024 to 17 hours of Dt. 26/02/2024
6. Last date and time for receipt of Bid in the Portal : 17 hours of Dt. 26/02/2024
7. The bid received online shall be opened on 11 hours of dtd. 27/02/2024
8. Name and Address of the Officer inviting Bid: Executive Officer, Malkangiri Municipality.

Further details can be seen from the Procurement Portal: www.tendersodisha.gov.in

**Executive Officer,**
**Malkangiri Municipality**

OIPR-13125/11/0025/2324 C-3135

## OFFICE OF THE NOTIFIED AREA COUNCIL KODALA, GANJAM

C-3144

Letter No. 155/NAC Dated: 15.02.2024

**QUOTATION CALL NOTICE**

Sealed quotations in prescribed form are invited from the intending registered firms / Entrepreneur / Agency / Contractors / Private companies in two bid systems towards" Supplying fitting and installation of various Ornamental items for open space Development work of Kodala. NAC for the 2023-24 as per the specification give in the quotation document to the office of the NAC, Kodala, So as to reach before under signed by 5.00 P.M on dated 25.02.2024 through speed post /regd. Post/Courier/ by hand, which will be opened at 11.00 A.M on dated 26.02.2024 in the office of the NAC, Kodala in the presence of available quotationer on their authorized representative. The document schedule will be available in the office of the NAC, Kodala during working hour from 16.02.2024 to 24.02.2024 up to 5.00 P.M (Except Govt. Holidays) on payment of non refundable cash. Rs.5,000/-(Rupees Five Thousand) only. The intending quotationer are to submit copies of Valid registration Certificate from competent authority of the State/ Central Govt./PSU Organization, GST clearance certificate, PAN card along with experience certificate of works and EMD of Rs. 10,000/- (Rupees Ten Thousand) in shape of Bank Draft/ Fixed Deposit/TDR in favour of Executive Officer, NAC, Kodala with their quotation, falling which their quotation shall not be taken in to consideration The authority reserves the right to reject any or all tenders without assigning any reason thereof.

**Sd/- Executive Officer,**
**NAC, Kodala (Gm)**

OIPR-13203/11/0010/2324

## OFFICE OF THE MUNICIPAL COUNCIL, MALKANGIRI

C-

**Odisha, Pin-764045 Ph: 06861-230244**
**E-Mail: - eomalkangiri@gmail.com**
**e- NOTICE**
**BID IDENTIFICATION No. EOMKG/10/2023-24**

Lt. No. 830/Dev/2024 Date: 19.02.2024

The Executive Officer, Malkangiri Municipality, Malkangiri on behalf of Governor of Odisha invites for bidders of eligible class registered with any State Govt. and bidders of equivalent grade/ class registered with central Govt./ PSU / MES / Railways according to norm of e- procurement system in online mode for the work as per DTCN.

1. Name of the Work : As per DTCN
2. Number of Work : 01 Nos.
3. Estimated cost : As per DTCN
4. Period of Completion : As per DTCN
5. Date and Time of availability of Bid Document in the Portal : From 10 hours of Dt. 19/02/2024 to 17 hours of Dt. 26/02/2024
6. Last date and time for receipt of Bid in the Portal : 17 hours of Dt. 26/02/2024
7. The bid received online shall be opened on : 11 hours of dtd. 27/02/2024
8. Name and Address of the Officer inviting Bid: Executive Officer, Malkangiri Municipality.

Further details can be seen from the Procurement Portal: www.tendersodisha.gov.in

**Sd/- Executive Officer,**
**Malkangiri Municipality**

OIPR-13125/11/0026/2324

MM-461

## OFFICE OF THE DEPUTY DIRECTOR, SIMILIPAL SOUTH WILDLIFE DIVISION, BARIPADA

**PHONE:06792-259126, FAX:06792-256705, e-mail: dfo.similipalsouthwl@odisha.gov.in**

**QUOTATION CALL NOTICE**

**No. 792** **Dated 20.02.2024**

Sealed and Signed Quotations are invited from reputed manufacturers/ distributors/Authorized Dealers for supply of Fixed Station VHF sets & Porto Phone Walkie Talkie sets. The documents may be delivered either by registered Post / Speed post / Courier Service/ by hand. The quotation will be opened in presence of quotationers or their authorized representatives. The undersigned reserves the right to accept or reject any or all tender without assigning any reason thereof.

**Specification for Fixed Station VHF Sets** Motorola XIRM3688 Base Station 25 watt with standard accessories including G.P. Antenna (HB), Coaxial cable 40mtrs, BNC connector.

**Porto Phone VHF sets** : Motorola XIRP-66001 Higher Model (Digital) Walkie Talkie with battery, Charger, Helical Antenna of frequency 159.9MHZ.
OR
Motorola XIRP-3688 Walkie Talkie with battery, Antenna and Charger of frequency 159.9MHZ.

Last Date and time of Receipt of Quotation documents - 06.03.2024 upto 02:00pm
Date and time of opening Quotation - 06.03.2024 at 04:00 pm.
Copy to Notice Board /www.similipal.org

**Sd/- Deputy Director,**
**Similipal South WL Diviion, Baripada**

OIPR-08127/11/0017/2324

## OFFICE OF THE COLLECTOR & DISTRICT MAGISTRATE, BALASORE DISTRICT (DISTRICT SOCIAL WELFARE OFFICE)

g-172

No. 543 Date 20.02.2024

**TENDER CALL NOTICE**

Sealed tenders are invited from intending registered Firms/Supplying agencies for supply of Weighing Machine and Height Measuring Rod. Details of the tender documents are available with the website **(www.baleswar.nic.in).** "The same can be purchased from the office of the DSWO, Balasore on any working Day till **26.02.2024** on payment of **Rs 5000/- only.**

Last date of submission of tender on or before **26.02.2024 at 5:00 PM.**

**Sd/- District Social Welfare Officer, Balasore**

OIPR-19355/11/0004/2324

n-307

## GOVERNMENT OF ODISHA
### OFFICE OF THE DISTRICT PROJECT COORDINATOR SARVASIKHYA AVIYAN SAMBALPUR

**E-procurement Notice**
**BID IDENTIFICATION No: SSA/SBP/CIVIL/06/2023-24**
**E-mail -dpcsamblpur.opepa@nic.in Phone/Fax-0663-2410834**
**No. 35/CW/Dated 20.02.2024**

1. The District **Project Coordinator, SSA, Sambalpur** on behalf of Governor of Odisha, invites **Percentage Rate** bids in **Double cover System** in **ONLINE MODE** for construction of **Buildings,** as detailed in the **DTCN** from the eligible Class of Contractors.
2. No. of works : **04(FOUR)**
3. Tender Cost : Rs.10,000/-
4. Class of Contractor : "A" Class &" B" Class,
5. Date and time Available in Web site & receipt of Bids: **12:00Hrs of 23.02.2024 to 17:00 Hrs of 04.03.2024.**
6. Date of Opening of Tender: **06.03.2024 at 11:30 Hrs.**
7. The Bidders have to participate in ONLINE bidding only. Further details can be seen from the Web Site **www.tendersodisha.gov.in** only.
8. Any Corrigendum / Addendum will be displayed in the website **www.tendersodisha.gov.in** only.

**District Project Coordinator**
**SSA, Sambalpur**

OIPR-27119/11/0007/2324

B-1813

Email- eepwd.bgr@rediffmail.com
eepwd.bgr@gmail.com
Ph. No. 06652-232374

## GOVERNMENT OF ODISHA
### OFFICE OF THE SUPERINTENDING ENGINEER, BALANGIR (R&B) DIVISION: BALANGIR

**e - Procurement Notice**
**BID IDENTIFICATION No: BGR R&B/ 49/ 2023-24**
**No. 898 / dtd. 20.02.2024**

1. The **Superintending Engineer, Balangir (R&B) Division, Balangir** on behalf of Governor of Odisha invites percentage rate **Composite** bid in **Double** cover system in **ONLINE MODE** for the construction of works detailed in the table below from **B** Class Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Road /Building /Bridge works. The proof of registration from the appropriate authority shall be enclosed along with the bid.
2. Nature of Work : Building work
3. No. of tender : Building work: 01 Nos.
4. Tender Cost : Rs.10, 000/-
5. Class of Contractor : **"B" Class (Registered with CDMS)**
6. Date & Time of sale & Receipt of Bids : From Dt.22.02.24, 11.00 A.M. to Dt.28.02.24 up to 05.00 P.M.
7. Date of opening Bid : Dt.29.02.24 at 11.00 A.M.
8. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendums will be available on ONLINE MODE only.

**Superintending Engineer**
**Balangir (R&B) division**

OIPR-34028/110041/2324

## ଜିଲ୍ଲା ଉପନିବନ୍ଧକଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ

F-208

# ନୋଟିସ

ସଂଖ୍ୟା ୧୫୩ ତାରିଖ: ୨୯.୦୧.୨୦୨୪

ଏତଦ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ ଓଡିଶା ଷ୍ଟାମ୍ପ ସଂଶୋଧନ ନିୟମ, ୨୦୦୧, ପରିଛେଦ ୬(ଅ) ଅନୁଯାୟୀ ଜିଲ୍ଲା ମୂଲ୍ୟାୟନ କମିଟି, ଢେଙ୍କାନାଳର ଅନୁମୋଦନ କ୍ରମେ ଢେଙ୍କାନାଳ ଜିଲ୍ଲା ଅଧିନସ୍ଥ ସମସ୍ତ ରାଜସ୍ୱ ଗ୍ରାମମାନଙ୍କ ଜମି ର କିସମ ତଥା ତହିଁ ଅଧିନସ୍ଥ ପ୍ଲଟ ଗୁଡିକର ବେଞ୍ଚମାର୍କ ମୂଲ୍ୟ ସନ ୨୦୨୪-୨୬ (୦୧-୦୪-୨୦୨୪ ରୁ ୩୧-୦୩-୨୦୨୬) ପୁନଃ ନିର୍ଦ୍ଧାରଣ କରାଯାଇଅଛି ।

ଉକ୍ତ ମୂଲ୍ୟାୟନର ନକଲ ଜିଲ୍ଲା କାର୍ଯ୍ୟାଳୟ, ଢେଙ୍କାନାଳ, ସମ୍ପୃକ୍ତ ତହସିଲ ଓ ନିବନ୍ଧନ କାର୍ଯ୍ୟାଳୟ ମାନଙ୍କରେ ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଉପଲବ୍ଧ କରାଯାଇଅଛି ।

ଉକ୍ତ ମୂଲ୍ୟାୟନ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର ଅଭିଯୋଗ ଥାଏ, ପ୍ରାମାଣିକ ତଥ୍ୟ ସହ, ସେ ସମ୍ପୃକ୍ତ ନିବନ୍ଧନ ଅଧିକାରୀଙ୍କ ପାଖରେ ଏହି ନୋଟିସ ପ୍ରକାସନର ୩୦(ତିରିଶି) ଦିନ ମଧ୍ୟରେ ଅଫିସ କାର୍ଯ୍ୟ ଦିବସରେ ଅଭିଯୋଗ କରିପାରିବେ । ନିର୍ଦ୍ଧାରିତ ସମୟ ଗତେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ।

ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ଜିଲ୍ଲା ମୂଲ୍ୟାୟନ କମିଟି, ଢେଙ୍କାନାଳ

OIPR-24396/11/0001/2324

## BHUBANESWAR MUNICIPAL CORPORATION

C-3093

**e-Procurement Notice**
**e-Mail:eebmcdiv3@gmail.com**
**No. 1063 / Dt. 13.02.2024**
**XI-PW-Div-III-04/23**

On behalf of the Commissioner, Bhubaneswar Municipal Corporation, Executive Engineer-III, BMC invites Percentage Rate Bids for the work mentioned below through e-Procurement in conformity with the terms and conditions of the Detailed Tender Call Notice (DTCN) from intending bidders fulfilling the eligibility criteria mentioned in the DTCN. Each bid should be submitted on-line through the website **www.tendersodisha.gov.in** by eligible bidders.

1. No. of works: Nos. 12 Nos.
2. Estimated cost- Rs. 5,85,429.00 to Rs. 43,64,967.00
3. Class of contractor- D to B
4. Period of completion:30 (Thirty) to 60(Sixty) Calendar Days.
5. Date and Time of Availability of Bid document in the portal: From 11.00 AM of 16.02.24 to 5. PM of 26.02.24.
6. Last date/Time of submission of bids in the portal: 5.00 PM of 26.02.24
7. Date of opening of Bid from Portal: 11.30 AM of 21.02.29.

Tender details can be seen for the e-Procurement portal
**https://www.tendersodisha.gov.in** & BMC Website **https://www.bmc.gov.in**

**Sd/- Executive Engineer**
**BMC Division-III**

OIPR-13002/11/0289/2324

## BHUBANESWAR MUNICIPAL CORPORATION

C-3102

**COMPETITIVE BIDDING THROUGH e-Procurement**
**NOTICE INVITING TENDER**
**Bid Reference No. BMC-EE-DD-36/2023-24, Dtd. 13.02.2024**
**No. 7685 / BMC, Dt. 13.02.2024**

On behalf of the Commissioner, Bhubaneswar Municipal Corporation (BMC), on-line e-tender Percentage Rate Bids are invited by the Superintending Engineer, Drainage Division, and BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

1. Total No. of works for which Tenders invited 21 Nos.
2. Place of Execution: Different locations in Bhubaneswar Municipal Corporation area.
3. Estimated Cost of Individual Work: Rs. 3,37,774/- to Rs. 31,17,616/-
4. Class of Contractors-Class 'D & C to Class-'C & B'
5. Intending bidders have to participate through "On-Line" bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from 5.30 PM on Dt 17.02.2024 to 5.00 P.M on Dt 26.02.2024 for online bidding.
7. Bids received online will be opened at 11.00A.M. on Dt.27.02.2024
8. Any corrigendum will be displayed in the websites https://www.tendersodisha.gov.in.

Further details can be seen from the e-Procurement portal https://www.tendersodisha.gov.in.

**Sd/- Superintending Engineer**
**Drainage Division, BMC**

OIPR-13002/11/0296/2324

## OFFICE OF THE BARIPADA MUNICIPAL COUNCIL, BARIPADA

C-

Phone:-06792-252703, Fax:-06792-252703, Email:-baripadam.hud@nic.in
Website- www.baripadamunicipality.in
No. 1535 / Date 19.02.2024

**DTCN PART-I (TCHNICAL BID) SECTION-II**
**COMPETITIVE BIDDING THROUGH 'e' Procurement**

The Executive Officer on behalf of Baripada Municipality, Baripada invites percentage rate bids in single cover system in **ONLINE MODE** only in conformity with Detailed Tender Call Notice (DTCN).

Bid Documents consisting of Work, Estimated Cost, Cost of Tender Paper, EMD, and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

Tender Reference No: **BPDM- 2 of 2024-2025** Tender I.D No : **2024_ORULB_**

| Sl. No. | Description | Critical Dates |
|---|---|---|
| 1 | Procurement Officer – Publisher / Tender Inviting Authority / Bids | Executive Officer, Baripada Municipality, Baripada. |
| 2 | Name of the Work | Construction of Bridge over river Sukjoda at Ward No.3,17 & 19 in the District of Mayurbhanj for the year 2023-24 |
| 3 | Nos. Of Work | As per DTCN |
| 4 | Tendered cost of the works | As per DTCN |
| (i) | Period of availability of tenders on-line for bidding | From **Dt.21/02/2024** (01.00 P.M.) to **Dt. 29/02/2024** (5.00 P.M.) |
| (ii) | Last date & time of bidding on-line (Submission of Bids) | Dt.**29/02/2024** (5.00 P.M.) |
| (iii) | Date & time of opening of the Bids received on-line | Dt. **01/03/2024** (11.30 A.M. onwards) |
| (iv) | To be intimated later to the bidder(s) found qualified after evaluation of Technical Bids and Price Bid received on-line. | |

Detail Tender Call Notice (DTCN) may also be seen from the e-procurement portal i.e. www.tendersorissa.gov.in and Baripada Municipality Webside i.e. www.baripadamunicipality.in

Corrigendum or Addendum if any will not be published in newspapers and can be seen in e-procurement portal as well as in Baripada Municipality web side.

**Executive Officer,**
**Baripada Municipality.**

OIPR-13078/11/0044/2324

## ହାଇକୋର୍ଟରେ କେନ୍ଦ୍ର ସରକାରଙ୍କ ଆବେଦନ ଖାରଜ

# 'ନିଯୁକ୍ତିଦାତାଙ୍କ ତ୍ରୁଟି ପାଇଁ କର୍ମଚାରୀଙ୍କୁ ଦିଆଯାଇଥିବା ଅତିରିକ୍ତ ଅର୍ଥ ଅବସର ପରେ ଆଦାୟ କରାଯାଇପାରିବନି'

**କଟକ, ୨୨।୨(ସମିସ):** ନିଯୁକ୍ତିଦାତାଙ୍କ ତ୍ରୁଟି ପାଇଁ ସରକାରୀ କର୍ମଚାରୀଙ୍କୁ ଦିଆଯାଇଥିବା ଅତିରିକ୍ତ ଅର୍ଥ ଅବସର ପରେ ଆଦାୟ କରାଯାଇପାରିବନି ବୋଲି ଓଡ଼ିଶା ହାଇକୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଏବଂ ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ଆବେଦନକୁ ଖାରଜ କରିବା ସହ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଟ୍ରିବ୍ୟୁନାଲ ପ୍ରଦାନ କରିଥିବା ଆଦେଶ ହାଇକୋର୍ଟରେ କାଏମ ରହିଛି। ଅଦାଲତଙ୍କ ରାୟ ପ୍ରକାଶ ପରେ ପ୍ରତିପକ୍ଷ ଡାକ ବିଭାଗର ଅବସରପ୍ରାପ୍ତ କର୍ମଚାରୀଙ୍କୁ ନ୍ୟାୟ ମିଳିପାରିଛି। ଯେତେବେଳେ ସମ୍ପୃକ୍ତ କର୍ମଚାରୀଙ୍କ ପକ୍ଷରୁ କିଛି ତ୍ରୁଟି ନାହିଁ ଓ ନିଯୁକ୍ତି ଦାତାଙ୍କ ତ୍ରୁଟିରୁ ଏପରି ଅତିରିକ୍ତ ଅର୍ଥ ପଇଠ ହୋଇଛି, ଏହି କ୍ଷେତ୍ରରେ ଦିଆଯାଇଥିବା ଅତିରିକ୍ତ ଅର୍ଥ ଆଦାୟ ହୋଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ଗତ ୧୯୮୪ ଜାନୁଆରୀ ୧୭ରେ ବ୍ରହ୍ମପୁର ଆରଏମ୍‌ଏସ୍ ଡିଭିଜନ୍‌ରେ ମେଲ୍ ମ୍ୟାନ୍ (ଏମଟିଏସ) ଭାବରେ ପ୍ରତିପକ୍ଷ ଅହମ୍ମଦ ବେଗ ନିଯୁକ୍ତ ହୋଇଥିଲେ। ୩୦ ବର୍ଷ ଚାକିରି କରିବା ପରେ ଗତ ୨୦୧୪ରେ ସେ ସଂଶୋଧିତ ସୁନିଶ୍ଚିତ କ୍ୟାରିଅର ପ୍ରଗତି ଯୋଜନା (ଏମଏସିପି) ଅଧୀନରେ ଆର୍ଥିକ ସୁବିଧା ପାଇବା ପାଇଁ ଯୋଗ୍ୟ ହୋଇଥିଲେ। କିନ୍ତୁ ନିଯୁକ୍ତିଦାତାଙ୍କ ତ୍ରୁଟିରୁ ତାଙ୍କୁ ୨୦୧୦ ଏପ୍ରିଲ୨୧ର ଏକ ଆଦେଶ ବଳରେ ତୃତୀୟ ଏମଏସିପି ପ୍ରଦାନ କରାଯାଇଥିଲା। ଯାହା ଏମଏସିପି ଆର୍ଥିକ ଲାଭ ପାଇବାକୁ ସମ୍ପୃକ୍ତ କର୍ମଚାରୀ ଯୋଗ୍ୟ ହେବାର ଚାରି ବର୍ଷ ପୂର୍ବରୁ ମିଳିସାରିଥିଲା। ଏପରିକି ଗତ ୨୦୧୨ ଏପ୍ରିଲ ୩ରେ ବିଭାଗୀୟ ଆଭ୍ୟନ୍ତରୀଣ ଅଡିଟ୍ ରିପୋର୍ଟରୁ ଏହି ଅସଙ୍ଗତି ସାମ୍ନାକୁ ଆସିଥିଲା। ହେଲେ ୨୦୧୭ ଜୁଲାଇ ୩୧ରେ ସମ୍ପୃକ୍ତ କର୍ମଚାରୀ ଅବସର ଗ୍ରହଣ କରିଥିଲେ। ଅବସର ପରେ କର୍ତ୍ତୃପକ୍ଷ କିନ୍ତୁ ସମ୍ପୃକ୍ତ କର୍ମଚାରୀଙ୍କ ଲିଭ ଏନକାସମେଣ୍ଟ ବେନିଫିଟକୁ ଅଟକାଇ ରଖିଥିଲେ। ତାଙ୍କୁ ଏମଏସିପି ବାବଦରେ ଦିଆଯାଇଥିବା ଅତିରିକ୍ତ ଦେୟ ୩ଲକ୍ଷ ୮୮ହଜାର ୫୪୮ଟଙ୍କା ଅବସର ପରେ ମିଳିବାକୁ ଥିବା ଉପରୋକ୍ତ ସୁବିଧାରୁ ଆଦାୟ ହୋଇପାରିବ ବୋଲି କର୍ତ୍ତୃପକ୍ଷ ନିଷ୍ପତ୍ତି କରିଥିଲେ। ଏପରି ନିଷ୍ପତ୍ତି ବିରୋଧରେ ସମ୍ପୃକ୍ତ ଅବସରପ୍ରାପ୍ତ କର୍ମଚାରୀ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇଥିଲେ। ଅବସର ପରେ ପରବର୍ତ୍ତୀ ସୁବିଧାକୁ ରୋକିବା ଆଇନ ବିରୁଦ୍ଧ ଅଟେ ବୋଲି ସେ ଦର୍ଶାଇଥିଲେ। ତୁରନ୍ତ ସମ୍ପୃକ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଅଟକାଯାଇଥିବା ଅର୍ଥରାଶି ସହ ବାର୍ଷିକ ୯ ପ୍ରତିଶତ ସୁଧ ଦେବାକୁ କେନ୍ଦ୍ର ସରକାରଙ୍କୁ ଟ୍ରିବୁନାଲ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ବିରୋଧ କରି କେନ୍ଦ୍ର ସରକାର ଓ ଚିଫ ପୋଷ୍ଟ ମାଷ୍ଟର ଜେନେରାଲ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଯେଉଁ ଆବେଦନକୁ ଆଜି ହାଇକୋର୍ଟ ଖାରଜ କରିଦେଇଛନ୍ତି। ପ୍ରତିପକ୍ଷ କର୍ମଚାରୀଙ୍କୁ ୩ଲକ୍ଷ ୮୮ ହଜାର ୫୪୮ ଟଙ୍କାର ଡିମାଣ୍ଡ ଡ୍ରାଫ୍ଟ ଇତିମଧ୍ୟରେ ପ୍ରଦାନ କରାଯାଇଥିବା ବେଳେ ୨୦୧୭ ଅଗଷ୍ଟ୧ରୁ ବାର୍ଷିକ ୯ ପ୍ରତିଶତ ସୁଧ ପ୍ରଦାନ ପାଇଁ ଅଦାଲତ କହିଛନ୍ତି।

# ୧୦ ଜିଲ୍ଲାରେ ଆଇନ ସହାୟକ ଓ ଜନ ଅଭିରକ୍ଷକ କାର୍ଯ୍ୟାଳୟ ଉଦ୍‌ଘାଟିତ




**କଟକ,୨୨।୨(ସମିସ):** ଆଜି ରାଜ୍ୟର ୧୦ ଗୋଟି ଜିଲ୍ଲାରେ ଆଇନ ସହାୟକ ଓ ଜନ ଅଭିରକ୍ଷକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଏହାକୁ ଭର୍ଚୁଆଲ ଜରିଆରେ ଉଦ୍‌ଘାଟନ କରିଛନ୍ତି।

ଭଦ୍ରକ, ବରଗଡ଼, ବୌଦ୍ଧ, ଗଜପତି, ଜଗତସିଂହପୁର ,ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, ନବରଙ୍ଗପୁର, ପୁରୀ ଓ ସୋନପୁର ଜିଲ୍ଲାରେ ଏହି କାର୍ଯ୍ୟାଳୟଗୁଡ଼ିକ ଉଦ୍‌ଘାଟନ ହୋଇଛି। ଏହି ଅବସରରେ ପ୍ରତି ଅପରାଧିକ ମାମଲାରେ ଗୁଣାତ୍ମକ ଏବଂ ଦକ୍ଷ ଆଇନ ସେବା ଯୋଗାଇଦେବା ସହ ବୃତ୍ତିଗତ ଢଙ୍ଗରେ ଆଇନ ସହାୟତା ବ୍ୟବସ୍ଥା ପରିଚାଳନା ଉପରେ ମୁଖ୍ୟ ବିଚାରପତି ଗୁରୁତ୍ୱାରୋପ କରିଥିଲେ। ଆଇନସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ଡକ୍ଟର ଜଷ୍ଟିସ ବିଦ୍ୟୁତ ରଂଜନ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ସମସ୍ତ ବିଚାରପତି, ୩୦ଜଣ ଜିଲ୍ଲା ଜଜ୍ ଏବଂ ରାଜ୍ୟର ବିଚାର ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ସଭାକୁ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ ସୁଦୀପ ଆଚାର୍ଯ୍ୟ ପରିଚାଳନା କରିବା ସହ ଧନ୍ୟବାଦ ମଧ୍ୟ ଦେଇଥିଲେ। ପ୍ରାଧିକରଣର ଉପ-ସଚିବ ସ୍ମୃତି ରଂଜନ ମହାପାତ୍ର, ସହସଚିବ ସୃଜନ ସାରସ୍ୱତ ପରିଚାଳନାରେ ସହଯୋଗ କରିଥିଲେ।

**AFFIDAVIT**

I, Mamita Nayak, W/o- Santosh Kumar Swain, resident of Vill-Ankurda, Po-Gondiapatana, Ps-Gondia, Dist-Dhenkanal, Odisha declare by this affidavit No.136, dated- 21/02/2024 that now onwards I shall be known as **MAMATA SWAIN** for all future purposes.

# ଘରୋଇ ସ୍କୁଲରେ 'ଆର୍‌ଟିଇ' ଆବେଦନ ଆରମ୍ଭ

**ଭୁବନେଶ୍ୱର, ୨୨।୨(ସମିସ):** ସମସ୍ତ ବେସରକାରୀ ଓଡ଼ିଆ ଓ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଶିକ୍ଷା ଅଧିକାର ଆଇନ (ଆରଟିଇ) ଅନୁଯାୟୀ ନାମ ଲେଖାଇବାକୁ ଆବେଦନ ପ୍ରକ୍ରିୟା ଗୁରୁବାରଠାରୁ ଆରମ୍ଭ ହୋଇଛି। ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର, ଭିନ୍ନକ୍ଷମ, ଏଚ୍‌ଆଇଭି ଆକ୍ରାନ୍ତ ପିତାମାତାଙ୍କ ଶିଶୁ, ଶିଶୁ ଶ୍ରମିକ, ନିର୍ମାଣ ଶ୍ରମିକ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀମାନେ ଏଥିପାଇଁ ଆବେଦନ କରିପାରିବେ। ଦୁଇଟି ପର୍ଯ୍ୟାୟରେ ଏହି ନାମଲେଖା ହେବ। ପ୍ରଥମ ପର୍ଯ୍ୟାୟ ନାମଲେଖା ପାଇଁ ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ପଞ୍ଜୀକରଣ ହେବ। ଆବେଦନକାରୀଙ୍କ ସମସ୍ତ କାଗଜପତ୍ର ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ଯାଞ୍ଚ କରିବେ। ପରେ ମାର୍ଚ୍ଚ ୨୨ରେ ପ୍ରଥମ ରାଉଣ୍ଡ ଅନ୍‌ଲାଇନ୍ ଲଟେରି ଓ ସ୍କୁଲ ଆଲଟମେଣ୍ଟ କରାଯିବ। ପ୍ରଥମ ପର୍ଯ୍ୟାୟ ନାମଲେଖା ମାର୍ଚ୍ଚ ୨୭ ତାରିଖରୁ ଏପ୍ରିଲ ୬ ମଧ୍ୟରେ କରାଯିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଏପ୍ରିଲ ୧୦ରୁ ୨୪ତାରିଖ ମଧ୍ୟରେ ନାମ ପଞ୍ଜୀକରଣ କରିବେ। ବିଇଓଙ୍କ ଦ୍ୱାରା କାଗଜପତ୍ର ଯାଞ୍ଚ ପରେ ଏପ୍ରିଲ ୨୬ ତାରିଖରେ ଅନ୍‌ଲାଇନ୍ ଲଟେରି ଓ ସ୍କୁଲ ଆଲଟମେଣ୍ଟ କରାଯିବ। ଆଶାୟୀମାନେ www.rteparadarshi.odisha.gov.in ୱେବସାଇଟ୍‌ରେ ଆବେଦନ କରିପାରିବେ। ଏପ୍ରିଲ ୨୯ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ହେବ। ସେ ୧୫ ତାରିଖ ସୁଦ୍ଧା ନାମଲେଖା ସାରିବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ବିଇଓ ଓ ଡିଇଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ସମସ୍ତ ବେସରକାରୀ ବିଦ୍ୟାଳୟରେ ଆର୍ଥିକ ଅନଗ୍ରସର ପିଲାଙ୍କ ପାଇଁ ୨୫% ସିଟ୍ ସଂରକ୍ଷିତ କରାଯାଇଛି। ଫଳରେ ଗରିବ ମେଧାବୀ ପିଲାମାନେ ମାଗଣାରେ ପଢ଼ି ପାରିବେ।

- ଓଆରଏଚଡିସି ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ପ୍ରସଂଗ

# ହାଇକୋର୍ଟରେ ମୋକିମଙ୍କ ଆବେଦନର ଶୁଣାଣି ୨୭ରେ

**କଟକ, ୨୨।୨(ସମିସ):** ଓଆରଏଚଡିସି ଋଣ ଦୁର୍ନୀତି ମାମଲାରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହେବା ଓ ଦଣ୍ଡାଦେଶ ରାୟ ବିରୋଧରେ ବିଧାୟକ ମହମ୍ମଦ ମୋକିମ ଦାୟର କରିଥିବା ଆବେଦନର ଶୁଣାଣି ଆସନ୍ତା ୨୭ ତାରିଖରେ ହେବ। ଜଷ୍ଟିସ ବି.ପି. ରାଉତରାୟଙ୍କ ଖଣ୍ଡପୀଠରେ ମାମଲାର ଶୁଣାଣି ହୋଇଥିବା ବେଳେ ଏହା ଆଜି ଅସମ୍ପୂର୍ଣ୍ଣ ରହିଥିଲା। ମାମଲାରୁ ପ୍ରକାଶ ଯେ ଓଡ଼ିଶା ରୁରାଲ ହାଉସିଂ ଡେଭେଲପମେଣ୍ଟ କର୍ପୋରେସନ (ଓଆରଏଚଡିସି) ଋଣ ଦୁର୍ନୀତି ମାମଲାର ଶୁଣାଣି କରି ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଗତ ୨୦୨୨, ସେପ୍ଟେମ୍ବର ୨୯ରେ ଓଆରଏଚଡିସିର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ତଥା ଆଇଏଏସ୍ ବିନୋଦ କୁମାର, ପୂର୍ବତନ କମ୍ପାନି ସେକ୍ରେଟାରି ସ୍ୱସ୍ତିରଞ୍ଜନ ମହାପାତ୍ର, ମେଟ୍ରୋ ବିଲ୍ଡର୍ସ ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ତଥା ବାରବାଟୀ-କଟକ ବିଧାୟକ ଇଂ ମହମ୍ମଦ ମୋକିମ, ମେଟ୍ରୋର ନିର୍ଦ୍ଦେଶକ ପୀୟୂଷଧାରୀ ମହାନ୍ତିଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରିଥିଲେ। ଏହି ରାୟକୁ ଚାଲେଞ୍ଜ କରି ମୋକିମ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**OFFICE OF THE PRINCIPAL, R.I.H.S.,**
**BHOGRAI, BALASORE**

No: 01/2023-24/OHEPEE Date: 22.02.2024

**TENDER CALL NOTICE**

Sealed tenders in the prescribed format are invited from registered firms/ Dealers/ Suppliers having valid GST registration, PAN & IT clearance for supply of laboratory Furniture & Reference Books for the UG Students so as to reach the undersigned through Registered Post/ Speed Post/ Courier latest by **5:00 P.M.** On or before **29.03.2024.** The tender paper available in the college office & website **www.rihsbhograi.org.** The undersigned reserves the right to accept or reject any or all bids or parts without assigning any reason what-so-ever.

**Sd/- Principal**

DISTRICT PROJECT OFFICE
SAMAGRA SHIKSHA {S.S}
SHIKSHA SADAN, KORAPUT-764020
n-308

(06852)–252421(Off) E-mail-dpckoraputssa.opepa@nic.in

Letter No. 460/Ped/2024 IX-PED-14/24 Date 19.02.2024

NOTICE INVITING TENDER (NIT)

Sealed tenders are invited from the reputed & credible supplier / agencies / manufacturer having valid PAN, GST & IT Clearance , registration of firms etc for supply of Teaching Learning Materials (TLM) like Drawing Book , Wax Crayon & Geometry Box for Class-I to V Students for the year 2023-24 in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Teaching Learning Materials (TLM) - Class-I to V | Rs.5000/- (Rupees Five thousand only) | Rs.2,40,000 /- (Rupees Two Lakhs and Forty thousand only) | 14/03/2024 by 5.00 PM | 15/03/2024 at 11.00 AM |

The detailed BID document is available in the website www.osepa.odisha.gov.in & www.koraput.nic.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

OIPR-27067/11/0007/2324

District Project Coordinator,
Samagra Shiksha, Koraput

**OFFICE OF THE DEPUTY DIRECTOR OF HORTICULTURE, KORAPUT**

L-226

No. 544: Office of the Deputy Director of Horticulture, Koraput is inviting applications from interested NGOs/TRUSTs towards expression of Interest (EOI) to involve in the **"Strengthening of livelihoods of Mission Shakti WSHG members through 'promotion of agriculture production cluster in Odisha'** project in selective 2 Nos. of blocks in koraput district i.e. Narayanpatna and Bondhugaon from the year 2023-24 to 2027-28 (5 years) under State scheme. The EOI of the NGOs/TRUSTs should be submitted to the **OFFICE OF THE DEPUTY DIRECTOR OF HORTICULTURE, KORAPUT RANGE, KORAPUT**, At- Banabharati Colony - 764020, Odisha in prescribed form with necessary enclosures on or before **1st March 2024 by 5.00 PM** through Registered Post/Speed Post and by no other means.

For application form & details please visit WEBSITE: **koraput.nic.in & www.apcodisha.net**

OIPR-01395/11/0005/2324

Sd/-
Deputy Director of Horticulture,
Koraput

**Format C-2**

(for political party to publish in website, newspapers, TV)

**Declaration about criminal antecedents of candidates set up by the party**

(As per the judgement dated 25th September, 2018, of Hon'ble Supreme Court in WP(Civil) No. 536 of 2011 (Public Interest Foundation & Ors. Vs. Union of India & Anr.)

Name of political Party: **BIJU JANATA DAL**

Name of Election: **BIENNIAL ELECTION TO THE COUNCIL OF STATES FROM ODISHA, 2024.**

Name of State: **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl No. | Name of constituency | Name of candidate | (A)Pending criminal cases | | (B)Details about cases of conviction for criminal offences | | |
| | | | Name of Court, Case No. & status of the case(s) | Sections of the Acts concerned & brief description of offence(s) | Name of Court & date(s) of order(s) | Description of offence (s) & punishment imposed | Maximum Punishment imposed |
| 1. | BIENNIAL ELECTION TO THE COUNCIL OF STATES, 2024 FROM ODISHA | DEBASHISH SAMANTARAY | **JMFC, Cuttack; Vigilance G.R. Case No.- 18/1991; Status-Pending** | **U/s 7 of Essential Commodities Act, 1955 & Punishment for contraventions of any order made u/s-3 of the Essential Commodities Act, 1955** | 06.01.2014 | NA | NA |
| 2. | | | **JMFC, Cuttack; Case No.- 2 (C) CC 57/2003; Status-Pending** | **Sec. 9(I)(b) of Central Excise Act, 1994; Evasion of payment of excise duty. Sec. 9(I)(bb) of Central Excise Act, 1994; Removing excisable goods in contravention of provisions of the Act. Sec. 9(I)(bbb) of Central Excise Act, 1994; Possession of or transporting /depositing etc of excisable goods liable for confiscation. Sec. 9(I)(d) of Central Excise Act, 1994; Attempt to commit or abet the commission of any of the above offences** | NA | NA | NA |
| 3. | | | **A.C.J.M (Spl.), Cuttack; Case No.- 2(c) CC No.- 561/2018; Status-Pending** | **U/s 206 (7) of the Companies Act, 2013 & Failure to furnish any information or explanation or produce any document** | NA | NA | NA |
| 4. | | | **A.C.J.M (Spl.), Cuttack; Case No.-2(c) CC No.- 5/2021; Status-Pending** | **U/s 162/220 (3) of the Companies Act, 1956 & Non-filling of annual returns and balance sheet** | NA | NA | NA |
| 5. | | | **ACJM (Special Court)-cum-Assistant Sessions Judge, Cuttack; 2.(C).C.C Case No.4 of 2021; Status-disposed off** | **U/S-217 (1)(b)(d) & (e) of the Companies Act & Inspection, enquiry and investigation under the Companies Act.** | 20.01.2023 | Compounded with fine of Rs. 5000/- | **Compounded with fine of Rs. 5000/-** |
| 6. | | | **ACJM (Special Court)-cum-Assistant Sessions Judge, Cuttack; 2.(C).C.C Case No.10 of 2021; Status-disposed off** | **U/S- 211 (7) of the Companies Act & Offence for non-filling of Annual returns and balance sheet** | 20.03.2023 | Compounded with fine of Rs. 4000/- | **Compounded with fine of Rs. 4000/-** |

Signature of office bearer of the Political Party

Name : **DR. SASMIT PATRA**

Designation : **GENERAL SECRETARY.**

# ବିଜେପିରୁ ପ୍ରାକ୍ତନ ବିଧାୟକ ମନୋରଞ୍ଜନ ସେଠୀଙ୍କ ଇସ୍ତଫା

ବାରିପଦା, ୨୨।୨(ସମିସ): ବଡ଼ସାହିର ପ୍ରାକ୍ତନ ବିଧାୟକ ମନୋରଞ୍ଜନ ସେଠୀ ବିଜେପିରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫାପତ୍ର ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ପ୍ରଦାନ କରିଛନ୍ତି; ଯାହାର ଏକକିତା ନକଲ ଦଳର ଜିଲ୍ଲା ସଭାପତି କାନ୍ଦରା ସୋରେନଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି। ତାଙ୍କର ଏପରି ନିଷ୍ପତ୍ତି ବଡ଼ସାହି ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ବର୍ତ୍ତମାନ ବଡ଼ସାହି ବିଧାୟକ ଭାବେ ବିଜେପିର ସନାତନ ବିଜୁଳି ରହିଛନ୍ତି। ମାସକ ତଳେ ମାଣତ୍ରୀ ଜୋନ ଜିଲ୍ଲା ପରିଷଦ ସଭ୍ୟ ଜଗନ୍ନାଥ ମଲିକ ବିଜେଡି ଛାଡି ବିଜେପିରେ ଯୋଗ ଦେଇଛନ୍ତି। ଏଣୁ ସନାତନଙ୍କ ସହିତ ଜଗନ୍ନାଥ ଟିକଟ ଦୌଡରେ ରହିଛନ୍ତି। ଏପରି ସ୍ଥଳେ ବିଜେପିରେ ମନୋରଞ୍ଜନ ତାଙ୍କ ସମର୍ଥକଙ୍କ ସହିତ କୋଣଠେସା ହୋଇ ଅଣନିଶ୍ୱାସୀ ହୋଇପଡ଼ିଥିଲେ। ସୂଚନାଯୋଗ୍ୟ ଯେ, ବଡ଼ସାହି ନୂତନ ବିଧାନସଭା କ୍ଷେତ୍ର ଭାବେ ଗଠିତ ହେବା ପରେ ଶ୍ରୀ ସେଠୀ ୨୦୦୯ ମସିହାରେ ବିଜେଡିରୁ ଟିକଟ ପାଇ ପ୍ରଥମ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତେବେ ୨୦୧୪ ନିର୍ବାଚନରେ କଂଗ୍ରେସରୁ ଇସ୍ତଫା ଦେଇ ବିଜେଡିରେ ମିଶିଥିବା ଗଣେଶ୍ୱର ପାତ୍ରଙ୍କୁ ଟିକଟ ଦିଆଯିବାରୁ ଶ୍ରୀ ସେଠୀ ଦ୍ୱିତୀୟ ଥର ବିଧାୟକ ଭାବେ ନିର୍ବାଚିତ ଲଢିବା



ଆଶା ମଉଳିଯାଇଥିଲା। ଫଳରେ ଅଭିମାନରେ ନିଜର ସମର୍ଥକଙ୍କ ସହିତ ଶ୍ରୀ ସେଠୀ ବିଜେଡି ଛାଡି ବିଜେପିରେ ଯୋଗଦେଇଥିଲେ। ପରନ୍ତୁ ସେଠାରେ ତାଙ୍କୁ ଗୁରୁତ୍ୱ ଦିଆଯାଇ ନ ଥିଲା। ଦିନକୁ ଦିନ ବିଜେପି ତାଙ୍କୁ ଅଣଦେଖା କରିଚାଲିଥିଲା। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ଓ ବଡ଼ସାହି ନିର୍ବାଚନ ମଣ୍ଡଳୀ ପ୍ରତି ସେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେବା ପ୍ରଭାବିତ କରିଥିଲା। ପୂର୍ବ ନିଷ୍ପତ୍ତି ଏକ ଭୁଲ ଥିବା ଜାଣି ସେ ବିଜେପି ଛାଡିଛନ୍ତି ବୋଲି ତାଙ୍କର ସମର୍ଥକ କହିଛନ୍ତି। ଶୁକ୍ରବାର ବଡ଼ସାହି ବ୍ଲକର ଦୁର୍ଗାପୁର ଖେଳପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ବିଶାଳ ମିଶ୍ରଣ ପର୍ବରେ ସମର୍ଥକଙ୍କ ସହିତ ମନୋରଞ୍ଜନ ବିଜେଡିକୁ ଫେରିବେ ବୋଲି ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି।

# ଆନ୍ତଃଶ୍ରେଣୀ ଇନ୍‌ଡୋର କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ବାରିପଦା, ୨୨।୨(ସମିସ): ବାରିପଦା ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆନ୍ତଃ ଶ୍ରେଣୀ ଇଣ୍ଡୋର କ୍ରୀଡା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ମୁକ୍ତିକାନ୍ତ ପଣ୍ଡା ଏହି କ୍ରୀଡା ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ପ୍ରତିଯୋଗୀଙ୍କୁ ନିଜ ବକ୍ତବ୍ୟ ମାଧ୍ୟମରେ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତା ଆସନ୍ତା ୨୪ ତାରିଖ ଯାଏ ଚାଲିବ। ଗୁରୁବାର ପ୍ରଥମ ଦିନରେ ବ୍ୟାଡମିଣ୍ଟନ, କ୍ୟାରମ, ଟେବୁଲ ଟେନିସରେ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କ୍ରୀଡା ଶିକ୍ଷକ ସତ୍ୟନାରାୟଣ ବାରିକ କ୍ରୀଡା ପରିଚାଳନା କରିଥିଲେ। ଛାତ୍ର କମନରୁମ ଉପାଧ୍ୟକ୍ଷ ଡ. ଦେବାଶିଷ ଦାସ ଓ ଛାତ୍ରୀ କମନରୁମ ଉପାଧ୍ୟକ୍ଷ ରାଇମନି ମାରାଣ୍ଡି ଏବଂ କମିଟିର ଅନ ସଦସ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ୩ ପର୍ଯ୍ୟଟନସ୍ଥଳର ଭିତ୍ତିଭୂମି ବିକାଶ ପାଇଁ ୭ କୋଟି ମଞ୍ଜୁର

# ଚମକିବ ସୀତାକୁଣ୍ଡ, ହଳଦିଆ ଓ ଜମ୍ବୀରା ବନ୍ଧ

ବାରିପଦା, ୨୨।୨ (ସମିସ)

ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳର ଭିତ୍ତିଭୂମି ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ଅର୍ଥ ମଞ୍ଜୁର ହୋଇ କାର୍ଯ୍ୟ ଚାଲିଥିବାବେଳେ ପୁଣି ୭ କୋଟି ୧ ଲକ୍ଷ ୯୦ ହଜାର ଟଙ୍କା ଅନୁମୋଦନ କରାଯାଇଛି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ପ୍ରସ୍ତାବ କ୍ରମେ ଏହି ଅର୍ଥ ମଞ୍ଜୁର ହୋଇଥିବା ନେଇ ରାଜ୍ୟ ପର୍ଯ୍ୟଟନ ବିଭାଗ ଅତିରିକ୍ତ ସଚିବ ବାଳମୁକୁନ୍ଦ ଭୂୟାଁଙ୍କ ପକ୍ଷରୁ ଏକ ଚିଠି ଜିଲ୍ଲାପାଳଙ୍କୁ ମିଳିଥିବା ଜଣାପଡ଼ିଛି। ମଞ୍ଜୁର ଅନୁଦାନ ମଧ୍ୟରୁ କୁଳିଅଣା ବ୍ଲକ ଅନ୍ତର୍ଗତ ହଳଦିଆ ବନ୍ଧ ନିକଟରେ ପର୍ଯ୍ୟଟର ଭିତ୍ତିସ୍ଥଳ ବିକାଶ ପାଇଁ ୨.୫୬ କୋଟି, ମୋରଡ଼ା ବ୍ଲକ ଅନ୍ତର୍ଗତ ଜମ୍ବୀରା ବନ୍ଧ ନିକଟରେ ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପାଇଁ ୧.୯୫ କୋଟି ଏବଂ ଶାମାଖୁଣ୍ଟା ବ୍ଲକ ସୀତାକୁଣ୍ଡ ନିକଟରେ



ଜଳପ୍ରପାତ ସହ ଭିତ୍ତିଭୂମି ବିକାଶ ପାଇଁ ୨.୫୦ କୋଟି ଟଙ୍କା ମଞ୍ଜୁର ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ କାର୍ଯ୍ୟକାରୀ କରାଯିବା ନେଇ ପଦକ୍ଷେପ ଆରମ୍ଭ ହୋଇଛି। ଏ ନେଇ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ନୂଆ ରୂପ ପାଇବ ଶିମଳେଶ୍ୱର ମନ୍ଦିର; ୪୦ ଲକ୍ଷ ମଞ୍ଜୁର

ସେହିପରି ରାଜ୍ୟ ସରକାରଙ୍କ ରୂପାନ୍ତରଣ କାର୍ଯ୍ୟକ୍ରମରେ ବାଙ୍ଗିପୋଷି ବ୍ଲକର ପ୍ରମୁଖ ଶୈବପୀଠ ବାବା ଶିମିଳେଶ୍ୱରଙ୍କୁ ସାମିଲ କରାଯାଇଛି। ପୂର୍ବରୁ ଏ ନେଇ ତତ୍କାଳୀନ ୫-ଟି ସଚିବ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଅଞ୍ଚଳବାସୀଙ୍କ ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ତାଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ୪୦ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ବାଙ୍ଗିରିପୋଷି ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରିୟନାଥ ମାରାଣ୍ଡି ସୂଚନା ଦେଇଛନ୍ତି। ଏ ନେଇ ଜିଲ୍ଲାପାଳଙ୍କ ନିକଟରୁ ବାଙ୍ଗିରିପୋଷି ବିଡିଓଙ୍କୁ ଚିଠି ମାଧ୍ୟରେ ଅବଗତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଗଣଶିକ୍ଷାମନ୍ତ୍ରୀ ତଥା ବାଙ୍ଗିରିପୋଷି ବିଧାୟକ ସୁଦାମ ମାଣ୍ଡି ଏବଂ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିୟାନଙ୍କୁ ଅଞ୍ଚଳବାସୀ କୃତଜ୍ଞତା ଜଣାଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ଗୋଲାମୁଣ୍ଡାକଟା ପଞ୍ଚାୟତରେ ଥିବା ବାବା ଶିମଳେଶ୍ୱର ପୀଠ ଏକ ପବିତ୍ର ତୀର୍ଥସ୍ଥଳୀ। ବିଶେଷ କରି ଶିବରାତ୍ରି, ଶ୍ରାବଣର ସୋମବାର, ମକର ଏବଂ ପଣା ସଂକ୍ରାନ୍ତି, କାର୍ତ୍ତିକ ମାସରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ଶହ ଶହ ବର୍ଷ ପୁରୁଣା ଏହି ଶୈବପୀଠ ବାବା ଶିମଳେଶ୍ୱରଙ୍କ ପୌରାଣିକ କିମ୍ବଦନ୍ତୀ ପାଇଁ ମୟୂରଭଞ୍ଜ ଜିଲ୍ଲାରେ ସ୍ୱତନ୍ତ୍ର ପ୍ରସିଦ୍ଧି ଲାଭ କରିଛି।

# ୟୁନିଫର୍ମ ପାଇଁ ଟଙ୍କା ପାଇବେ ଏସ୍‌ଏଚ୍‌ଜି ମହିଳା

ବାରିପଦା, ୨୨।୨(ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ୭୦ ଲକ୍ଷ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କୁ ୟୁନିଫର୍ମ କିଣିବା ପାଇଁ ୧ ହଜାର ଟଙ୍କା ପ୍ରଦାନ କରାଯିବ; ଯାହାକି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କୁ ଉତ୍ସାହିତ କରିବାରେ ଅନ୍ୟ ଏକ ଫର୍ଦ୍ଦ ଯୋଡିବାକୁ ଯାଉଛି।

ଏ ନେଇ ବାରିପଦା ୱାର୍ଡ ନମ୍ବର ୨୫ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରତି ସଦସ୍ୟଙ୍କୁ ୟୁନିଫର୍ମ କିଣିବା ପାଇଁ ୧ହଜାର ଟଙ୍କା ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହା ଅନ୍ୟ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏ ନେଇ ୱାର୍ଡ କାଉନସିଲର ଦେବାଶିଷ ପାତ୍ରଙ୍କ ନେତୃତ୍ୱରେ ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଜଣାଇଛନ୍ତି।

# ଆଦିବାସୀ ଯୁବ ଉଦ୍ୟୋଗୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ଶିବିର




ବାରିପଦା, ୨୨।୨(ସମିସ): ବାରିପଦା ଆଦିବାସୀ ଉନ୍ନୟନ ସଂସ୍ଥା ପରିସରରେ ଆଦିବାସୀ ଯୁବ ଉଦ୍ୟୋଗୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧୀନରେ ୧୦ଟି ବ୍ଲକ ମଧ୍ୟରୁ ୧୮୫ଜଣ ଆଦିବାସୀ ଯୁବକ ଯୁବତୀଙ୍କୁ ବାରିପଦା ଆଇଟିଡିଏ ପକ୍ଷରୁ ଉଦ୍ୟୋଗ ବିକାଶ ଭିତ୍ତିକ ତାଲିମ ପ୍ରଦାନ କରାଯାଉଛି। ସରକାରଙ୍କ ନିର୍ଦ୍ଦେଶ କ୍ରମେ ସେଥିରୁ ୯୨ଜଣ ପ୍ରତ୍ୟେକ ଆଦିବାସୀ ଯୁବ ଉଦ୍ୟୋଗୀଙ୍କୁ ଦୁଇଟି ପର୍ଯ୍ୟାୟରେ ସେମାନଙ୍କ ଉଦ୍ୟୋଗ ବିକାଶ ନିମନ୍ତେ ଏକ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ରାଶି ପ୍ରଦାନ କରାଯାଇଛି। ଆଇଟିଡିଏ ପ୍ରକଳ୍ପ ପ୍ରକାଶକ ରାମଚନ୍ଦ୍ର ସୋରେନ ଓ ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରିଣୀ ସ୍ମୃତିଲିପି ସାହୁ ଯୁବ ଉଦ୍ୟୋଗୀଙ୍କୁ ଚେକ୍ ପ୍ରଦାନ କରିଥିଲେ। ବ୍ୟବସାୟ କ୍ଷେତ୍ରରେ କିଭଳି ଭାବରେ ସଫଳତା ହାସଲ କରିପାରିବେ ସେ ନେଇ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଆଇଟିଡିଏ ପ୍ରକଳ୍ପ ପରିଚାଳକ ଗଙ୍ଗାଧର ପ୍ରଧାନ, ବିଷୟ ବସ୍ତୁ ବିଶେଷଜ୍ଞ ଶଙ୍କର ଚରଣ ସାମଲ, କୃଷି ବିଶେଷଜ୍ଞ ଅମରେଶ ବେହେରା ଓ ବ୍ଲକ ସ୍ତରୀୟ ଜୀବିକା ବିଶେଷଜ୍ଞମାନେ ପରିଚାଳନା କରିଥିଲେ।

# ଚିହ୍ନଟ ପାଇଁ ଅଜଣା ଶବ ସଂରକ୍ଷିତ

ବାରିପଦା, ୨୨।୨ (ସମିସ): ବାରିପଦା ସଦର ମହକୁମା ଡାକ୍ତରଖାନା ପରିସରରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ଜଣେ ଅଚିହ୍ନା ବ୍ୟକ୍ତିଙ୍କୁ ଶୁକ୍ରବାର ସକାଳେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ବ୍ୟକ୍ତି ଜଣକ ଭିକ୍ଷାବୃତ୍ତି କରି ଚଳୁଥିଲା। ଏ ସମ୍ପର୍କରେ ବାରିପଦା ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଶବ ବ୍ୟବଚ୍ଛେଦ କରାଯାଇ ମୃତଦେହକୁ ଚିହ୍ନଟ ପାଇଁ ସଂରକ୍ଷିତ ରଖାଯାଇଛି। ଏଥିନେଇ ଡାକ୍ତରଖାନାର ପୁଲିସ ଫାଣ୍ଡି ଅଧିକାରୀ ଗୋପାଳ ମାଝୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ।

# ମାର୍ଚ୍ଚ ୯ରେ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ବାରିପଦା, ୨୨।୨(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ବାରିପଦା ଜିଲ୍ଲା ଦୌରାଜଜ କୋର୍ଟ ପରିସରରେ ଆସନ୍ତା ମାର୍ଚ୍ଚ ୯ ତାରିଖ ଶନିବାରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ସୂଚନା ଅନୁଯାୟୀ, ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାର ବିଚାରାଧୀନ ମକର୍ଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ ଦେଇ) ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଆଦି ଆପୋଷ ସହମତିରେ ସମାଧାନ କରାଯାଇପାରିବ। ଲୋକ ଅଦାଲତରେ ମକଦ୍ଦମା ଓ ବିବାଦର ସମାଧାନ ପାଇଁ କୌଣସି ଖର୍ଚ୍ଚ ପଡ଼ିବ ନାହିଁ ବୋଲି ଜନସାଧାରଣଙ୍କୁ ଅବଗତ କରାଯାଇଛି। ଆର୍ଥିକ ବ୍ୟୟ ଭାରରୁ ମୁକ୍ତ ହୋଇ ବିବାଦର ସମାଧାନ ହୋଇପାରୁଥିବାରୁ ଜନସାଧାରଣ ଉକ୍ତ ଲୋକ ଅଦାଲତର ସୁଯୋଗ ନେବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ଆଇନ ସେବା ପ୍ରାଧିକରଣ ସଚିବ ଶ୍ରୀମତୀ ଶିବାନୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବାକୁ ଥିବା ଏହି ଲୋକ ଅଦାଲତରେ ସମସ୍ତ କୋର୍ଟର ମାଜିଷ୍ଟ୍ରେଟ, ଆଇନଜୀବୀ, ବିଭିନ୍ନ ରାଷ୍ଟ୍ରାୟତ/ଘରୋଇ ବ୍ୟାଙ୍କ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି।

# ବିଜୟ ସଂକଳ୍ପ ସମାବେଶରେ ଯୋଗଦେଲେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ

ବାରିପଦା, ୨୨।୨(ସମିସ): ବାରିପଦା ଛଉ ପଡ଼ିଆରେ ଗୁରୁବାର ବିଜେପି ପକ୍ଷରୁ ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଯୋଗଦେଇ କର୍ମୀଙ୍କୁ ଉଦବୋଧନ ଦେଇଥିଲେ। ଉତ୍ତର ଓଡ଼ିଶାର ୪ଟି ସଂସଦୀୟ କ୍ଷେତ୍ର ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ସଂସଦୀୟ କ୍ଷେତ୍ରକୁ ନେଇ କ୍ଲଷ୍ଟର ସ୍ତରୀୟ ଉକ୍ତ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମରେ ବହୁ କର୍ମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ଯୋଜନାର ପ୍ରଚାର ପ୍ରାସାର କରିବା ନେଇ କର୍ମକର୍ତ୍ତାଙ୍କୁ ଉଦବୋଧନ ଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ୪୦୦ରୁ ଉର୍ଦ୍ଧ୍ୱ ଲୋକସଭା ଆସନରେ ଭାରତୀୟ ଜନତା ପାର୍ଟି ବିଜୟ ଲାଭ କରିବାର ସଂକଳ୍ପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେଇଥିବା କହିବା ସହିତ ତାହାକୁ ପୂରଣ କରିବା ପାଇଁ କାର୍ଯ୍ୟ କରିବାକୁ କର୍ମୀଙ୍କୁ ନିର୍ଦ୍ଦେଶ



ଦେଇଛନ୍ତି। ଗୁରୁବାର ଘରୋଇ ବିମାନ ଯୋଗେ ପଶ୍ଚିମବଙ୍ଗର କୋଲେଇକୁଣ୍ଡା ସ୍ଥିତ ପ୍ରତିରକ୍ଷା ବିଭାଗର ଏୟାରଷ୍ଟ୍ରିପରେ ପହଞ୍ଚିଥିଲେ। ସେଠାରୁ ସ୍ୱତନ୍ତ୍ର ହେଲିକ୍ୟାପ୍ଟର ଯୋଗେ ବାରିପଦାର ପୁଲିସ ପଡ଼ିଆରେ ଅବତରଣ କରିଥିଲେ। ପରେ ଛଉ ପଡ଼ିଆ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସାରି ହେଲିକପ୍ଟର ଯୋଗେ କୋଲେଇକୁଣ୍ଡା ହୋଇ ଦିଲ୍ଲୀ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତାଙ୍କର ଗସ୍ତ ସମୟରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପ୍ରତିରକ୍ଷା ବିଭାଗ ପରାମର୍ଶଦାତା ସଞ୍ଜୀବ ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ମଞ୍ଚରେ ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଇଂ ବିଶେଶ୍ୱର ଟୁଡୁ, ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଇରଙ୍ଗପୁର ବିଧାୟକ ନବଚରଣ ମାଝୀ, ଯଶିପୁର ବିଧାୟକ ଗଣେଶରାମ ସିଂ ଖୁଣ୍ଟିଆ, ସାରସକଣା ବିଧାୟକ ବୁଢାନ ମୁର୍ମୁ, ଉଦଳା ବିଧାୟକ ଭାସ୍କର ମଢେଇ, ନୀଳଗିରି ବିଧାୟକ ସୁକାନ୍ତ ନାୟକ, କେନ୍ଦୁଝର ବିଧାୟକ ମୋହନ ମାଝୀ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ, ବିଜେପି ମୟୂରଭଞ୍ଜ (ପୂର୍ବ) ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ, ରାଜ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ମହାପାତ୍ର ଓ ନବୀନ ରାମ, ଅଭିମନ୍ୟୁ ସେଠୀ, ମୟୂରଭଞ୍ଜ ଜିଲ୍ଲାର ମହାରାଜା ତଥା ପୂର୍ବତନ ମନ୍ତ୍ରୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ପ୍ରମୁଖ ଉପସ୍ଥିତ ଥିଲେ।

# ଚିତ୍ତରଞ୍ଜନ ପତି ଫାଉଣ୍ଡେସନର ବାର୍ଷିକ ଉତ୍ସବ



ବାରିପଦା, ୨୨।୨(ସମିସ): ଚିତ୍ତରଞ୍ଜନ ପତି ଫାଉଣ୍ଡେସନର ବାର୍ଷିକ ଉତ୍ସବ ମୁର୍ଗାବାଡିସ୍ଥିତ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ତାଙ୍କ ଶ୍ରାଦ୍ଧୋତ୍ସବରେ ପ୍ରଥମେ ଚିତ୍ତରଞ୍ଜନ ପତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା।

ପ୍ରଫେସର ଡକ୍ଟର ସରୋଜ ନାୟକ, ପ୍ରଧାନଶିକ୍ଷକ ଅମିତାଭ ମିଶ୍ର, ଅଧ୍ୟାପକ ଡ଼କ୍ଟର ମନତୋଷ ପତି, ଜୟନ୍ତ କୁମାର ଉପାଧ୍ୟାୟ, ମନୋଜ କୁମାର ପତି, ଦିଲୀପ କୁମାର ମହାପାତ୍ର ଓ ଲକ୍ଷ୍ମୀନାରାୟଣ ପଣ୍ଡା ପ୍ରମୁଖ ସ୍ୱର୍ଗତ ପତିଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତାପଚନ୍ଦ୍ର ଧଡ଼ା, ଆଶିଷରଞ୍ଜନ ବାସୁରି ଓ ମୃତ୍ୟୁଞ୍ଜୟ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଚଳିତବର୍ଷଠାରୁ ଫାଉଣ୍ଡେସନ ତରଫରୁ ମାଟ୍ରିକ୍ ପରୀକ୍ଷାରେ ସଫଳତା ହାସଲ କରିଥିବା କଣ୍ଟାପାଳ ହାଇସ୍କୁଲର ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

## ୫ଟି ଶିକ୍ଷାନୁଷ୍ଠାନର ଇଣ୍ଟିଗ୍ରେଟେଡ ବିଏଡ୍ ପ୍ରମାଣପତ୍ରକୁ ଗ୍ରହଣ କରୁନି ଇଏମଆରଏସ

# ମାର୍ଚ୍ଚ ୬ରେ ମାରିସାର ତାଲାବନ୍ଦ ଆନ୍ଦୋଳନ ଡାକରା

ବାରିପଦା, ୨୨।୨(ସମିସ)

ବାରିପଦା ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ସମେତ ରାଜ୍ୟର ୪ଟି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ଇଣ୍ଟିଗ୍ରେଟେଡ ବିଏଡ୍ ( ବ୍ୟାଚଲର ଅଫ ଏଜୁକେସନ) ପ୍ରମାଣପତ୍ରକୁ ଏକଲବ୍ୟ ମଡ଼େଲ ଆବାସିକ ବିଦ୍ୟାଳୟ (ଇଏମଆରଏସ୍) ଅବୈଧ ଦର୍ଶାଇଛି। ଶିକ୍ଷକ ନିଯୁକ୍ତି ପକ୍ରିୟାରେ ଏହି ପ୍ରମାଣପତ୍ରକୁ ଅବୈଧ ବୋଲି କର୍ତ୍ତୃପକ୍ଷ ଦର୍ଶାଇଛନ୍ତି। ଇଣ୍ଟିଗ୍ରେଟେଡ ବିଏଡ୍ ପାଠ୍ୟକ୍ରମରେ ୫ଟି ଶିକ୍ଷାନୁଷ୍ଠାନରୁ ଉତ୍ତୀର୍ଣ୍ଣ ହୋଇଥିବା ଅନେକ ପ୍ରାର୍ଥୀ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପାଇବାରୁ ବଞ୍ଚିତ ହୋଇଛନ୍ତି। ମାରିସା ପକ୍ଷରୁ ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ଏ ସଂକ୍ରାନ୍ତରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏବଂ ଇଏମଆରଏସ ଅଧ୍ୟକ୍ଷଙ୍କ ନିକଟରେ ଦାବି କରାଯାଇଥିଲା; କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଜନଜାତି ମନ୍ତ୍ରଣାଳୟ ଅଧୀନ ଏକଲବ୍ୟ ଆବାସିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତି ଅନୁଯାୟୀ ରେଭେନ୍ସା ସମେତ ଅନ୍ୟ ୪ଟି ଶିକ୍ଷାନୁଷ୍ଠାନରେ ଇଣ୍ଟିଗ୍ରେଟେଡ ବିଏଡ୍ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଥିବା ଶତାଧିକ ବିଦ୍ୟାର୍ଥୀ ଆବେଦନ କରିଥିଲେ। ଆବେଦନକାରୀଙ୍କ ପ୍ରମାଣପତ୍ର ୨୦୨୪ ଫେବୃଆରୀ ୧ରେ ଯାଞ୍ଚ ହୋଇଥିଲା। ଓଡ଼ିଶାରୁ ୩୦ରୁ ଉର୍ଦ୍ଧ୍ୱ ପ୍ରାର୍ଥୀ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ ପ୍ରମାଣପତ୍ର ଯାଞ୍ଚ ପାଇଁ ଡକାଯାଇଥିଲା। ତେବେ ସେମାନଙ୍କ ଇଣ୍ଟିଗ୍ରେଡେଟ ବିଏଡ୍ ପ୍ରମାଣପତ୍ରକୁ ତ୍ରୁଟିପୂର୍ଣ୍ଣ ବୋଲି କୁହାଯାଇଥିଲା। ଜଣେ ପ୍ରାର୍ଥୀଙ୍କର ଅନ୍ୟୂନ ସ୍ନାତକ ଡିଗ୍ରୀ ସହ ଦୁଇ ବର୍ଷ ମଧ୍ୟରେ ୨ଟି ମନୋନୀତ ବିଷୟରେ ଶିକ୍ଷାଗ୍ରହଣ ବାଧ୍ୟତାମୂଳକ ବୋଲି ବିଜ୍ଞପ୍ତିରେ କୁହାଯାଇଥିଲା। ରେଭେନ୍ସା ବିଶ୍ୱବିଦ୍ୟାଳୟ, ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଇଣ୍ଟିଗ୍ରେଟେଡ ବିଏଡ୍ ପାସ୍ କରିଥିବା ଛାତ୍ରଛାତ୍ରୀଙ୍କୁ ଅଯୋଗ୍ୟ ବୋଲି ଘୋଷଣା କରାଯାଇଥିଲା। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ନିୟମ ଅନୁଯାୟୀ ଛାତ୍ରଛାତ୍ରୀ ଇଣ୍ଟିଗ୍ରେଟେଡ ବିଏଡ୍ ପାଠ୍ୟକ୍ରମର ୨ଟି ବିଷୟରେ ଶିକ୍ଷାଗ୍ରହଣ କରିଥାନ୍ତି। ପ୍ରତିବର୍ଷ ଜଣେ ବିଦ୍ୟାର୍ଥୀ ଗୋଟିଏ ବିଷୟରେ ୨୦୦ ନମ୍ବର ପରୀକ୍ଷା ଦେଇଥାଏ। ତେବେ ଏହି ପରୀକ୍ଷା ପଦ୍ଧତିକୁ ତ୍ରୁଟିପୂର୍ଣ୍ଣ ବୋଲି ଇଏମଆରଏସ ଦର୍ଶାଇଛି। ପ୍ରତିବର୍ଷ ବିଦ୍ୟାର୍ଥୀମାନେ ଗୋଟିଏ ବିଷୟ ବଦଳରେ ୨ଟି ମନୋନୀତ ବିଷୟରେ ୧୦୦ନମ୍ବର ଲେଖାଏଁ ପରୀକ୍ଷା କରିବାକୁ ଇଏମଆରଏସ କର୍ତ୍ତୃପକ୍ଷ ଯୁକ୍ତି ଦର୍ଶାଇଛନ୍ତି।

ଇଏମଆରଏସ ପଦ୍ଧତି ଅନୁଯାୟୀ ଏହିସବୁ ଶିକ୍ଷାନୁଷ୍ଠାନରେ ପରୀକ୍ଷା ପରିଚାଳନା ହେଉ ନ ଥିବାରୁ ବିଦ୍ୟାର୍ଥୀଙ୍କ ଯୋଗ୍ୟତା ପ୍ରମାମଣପତ୍ରକୁ ନକଲି ବୋଲି ଇଏମଆରଏସ କର୍ତ୍ତୃପକ୍ଷ କହିଛନ୍ତି। ପ୍ରକାଶ ଯେ, ଓଡ଼ିଶାରେ ୟୁଜିସି ଦ୍ୱାରା ଜାରି କରାଯାଇଥିବା ସିବିସିଏସ ମଡେଲ-୨୦୧୬କୁ ଗ୍ରହଣ କରାଯାଇଛି। ଏଥିରେ ପ୍ରତିବର୍ଷ ଗୋଟିଏ ଲେଖାଏଁ ମନୋନୀତ ବିଷୟ ପଢ଼ି ପାରିବେ ବୋଲି ନିୟମ ରହିଛି। ରାଜ୍ୟ ସରକାରଙ୍କ ମଡେଲ ପାଠ୍ୟଖସଡ଼ାରେ ମଧ୍ୟ ଏହି ନିୟମ ରହିଛି। ରାଜ୍ୟ ସରକାର ଏହି ନିୟମକୁ ଇଏମଆରଏସ କର୍ତ୍ତୃପକ୍ଷ ମାନୁନାହାନ୍ତି। ଏହି ପ୍ରମାଣପତ୍ର ଯାଞ୍ଚ କରୁଥିବା ଦଳ ଓଡ଼ିଶାର ସବୁ ବିଶ୍ୱବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ ବିଏଡ୍ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହେଉଥିବା ବିଦ୍ୟାର୍ଥୀଙ୍କ ପ୍ରମାଣପତ୍ରକୁ ଗ୍ରହଣ କରୁନାହିଁ। ଯଦ୍ୱରା ସମ୍ପୃକ୍ତ ପ୍ରାର୍ଥୀମାନେ ନିଯୁକ୍ତି ପ୍ରକ୍ରିୟାରୁ ବାଦ୍ ପଡ଼ିଥିଲେ। ତେଣୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରି ବାଦ୍ ପଡ଼ିଥିବା ଯୋଗ୍ୟ ପ୍ରାର୍ଥୀଙ୍କୁ ୧୫ ଦିନ ମଧ୍ୟରେ ନିଯୁକ୍ତି ପ୍ରଦାନ କରା ନ ଗଲେ ମାର୍ଚ୍ଚ ୬ତାରିଖରେ ସମସ୍ତ ଶିକ୍ଷାନୁଷ୍ଠାନରେ ମାରିସା ପକ୍ଷରୁ ତାଲାବନ୍ଦ ଆନ୍ଦୋଳନ କରାଯିବ ବୋଲି ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

# ଅଧିକାର ସମାବେଶ ପାଇଁ ପ୍ରସ୍ତୁତି ବୈଠକ



ବାରିପଦା, ୨୨।୨(ସମିସ): ଅଧିକାର ସମାବେଶ ପାଇଁ କଲ୍ୟାଣୀ ମହିଳା ସମିତିର ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆମ୍ବେଦକର ବିକାଶ ପରିଷଦର ସଭାପତି ସୁଦର୍ଶନ ଜେନାଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ବୈଠକରେ ଅଧ୍ୟାପକ ଗୋପବନ୍ଧୁ ଅଧ୍ୟକ୍ଷତା କରିଥିଲେ। ଆଗାମୀ ୨୮ ତାରିଖରେ ଭୁବନେଶ୍ୱର ଲୋୟର ପିଏମଜିରେ ହେବାକୁ ଥିବା ଅଧିକାର ସମାବେଶକୁ ସଫଳ ପାଇଁ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରସ୍ତାବିତ ମହାସମାବେଶ ଏସଟି, ଏସସି, ଓବିସି ଓ ସଂଖ୍ୟାଲଘୁ କ୍ରିୟାନୁଷ୍ଠାନ କମିଟିର ଆନୁକୂଲ୍ୟରେ ଆୟୋଜିତ ହେଉଛି। ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ବର୍ଗଙ୍କୁ ସଂଖ୍ୟାନୁପାତରେ ୪୦ ପ୍ରତିଶତ ସଂରକ୍ଷଣ ସୁବିଧା ଓ ସମସ୍ତ କ୍ଷେତ୍ରରେ ସମାନ ଭାଗିଦାରୀ ପ୍ରଦାନ, ଓବିସିଙ୍କୁ ତାଙ୍କ ସଂଖ୍ୟାନୁପାତରେ ସମସ୍ତ କ୍ଷେତ୍ରରେ ସଂରକ୍ଷଣ ସୁବିଧା ପ୍ରଦାନ, ସଂଖ୍ୟା ଲଘୁଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଉନ୍ନୟନ ଯୋଜନା କାର୍ଯ୍ୟକାରୀ, ଜାତିଭିତ୍ତିକ ଜନଗଣନା କରିବା, ସମସ୍ତ ଜିଲ୍ଲାରେ ଆମ୍ବେଦକର ଭବନ ନିର୍ମାଣ କରିବା ଆଦି ୨୧ ଦଫା ଦାବି ନେଇ ଏହି ଅଧିକାର ସମାବେଶ ଅନୁଷ୍ଠିତ ହେଉଛି। ବୈଠକରେ ନନ୍ଦକୁମାର ମହାପାତ୍ର, ଆଡଭୋକେଟ ରଘୁନାଥ ମହାଳିକ (ବାଲେଶ୍ୱର), ଦୁର୍ଗାଚରଣ ପାତ୍ର, କ୍ଷେତ୍ରମୋହନ, ରାଜକୁମାର ସିଂ, କାଶୀନାଥ ମାହାନା, ଯୋଗେନ୍ଦ୍ର ଗୋଛାୟତ, ଅଞ୍ଜନା ବେହେରା, ଭୋଳାନାଥ ହାଁସଦା, ଗଙ୍ଗାଧର ହେମ୍ବ୍ରମ, ସନାତନ ବିନ୍ଧାଣୀ, ରୁହା ମୁର୍ମୁ, ଭାରତୀ ପାତ୍ର ଓ ବାଲକ ରାମ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ ଷ୍ଟାଡିୟମ୍ ଫ୍ଲଡ୍ ଲାଇଟ୍

**ବାରିପଦା, ୨୨।୨(ସମିସ)**

ମୟୂରଭଞ୍ଜବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହେବାକୁ ଯାଉଛି। ବାରିପଦା ଷ୍ଟାଡିୟମ ପରିସରରେ ରାତ୍ରିକାଳୀନ କ୍ରୀଡା ପାଇଁ ଆଲୋକୀକରଣ ବ୍ୟବସ୍ଥା (ଫ୍ଲଡ୍ ଲାଇଟ) ଉଦଘାଟନ ହେବ। ଦାବିକୁ ସଫଳ ରୂପାୟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଅପରାହ୍ନରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପଣ୍ଡିୟାନ ଗତ ମାର୍ଚ୍ଚ ମାସରେ ଜିଲ୍ଲା ଗସ୍ତ ଅବସରରେ ବାରିପଦା ଷ୍ଟାଡିୟମ ପରିଦର୍ଶନ କରିଥିଲେ। ଷ୍ଟାଡିୟମର ଉନ୍ନତିକରଣ ବ୍ୟବସ୍ଥା ନେଇ ଆଲୋଚନା କରିଥିଲେ। ତେବେ ଜିଲ୍ଲାବାସୀଙ୍କ ଦୀର୍ଘଦିନର ଦାବି ଷ୍ଟାଡିୟମରେ ଆଲୋକୀକରଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ନେଇ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ପଦାଧିକାରୀଙ୍କ ପକ୍ଷରୁ ୫-ଟି ଅଧ୍ୟକ୍ଷଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଫ୍ଲଡ୍ ଲାଇଟ ବ୍ୟବସ୍ଥାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଯାହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦଘାଟନ ହେବାକୁ ଯାଉଛି। ଏନେଇ ଜିଲ୍ଲାବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିୟାନ, ଓଡ଼ିଶା କ୍ରିକେଟ ସଂଘର ସଭାପତି ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ ପ୍ରମୁଖଙ୍କୁ ଧନ୍ୟବାଦ ଜଣାଇଛନ୍ତି।



# ବିଜେଡିର 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ

**ଯଶିପୁର, ୨୨।୨(ସମିସ):** ଯଶିପୁର ବ୍ଲକ ଅନ୍ତର୍ଗତ ପଦ୍ମପୁର ଦୁର୍ଗାପୂଜା ମଣ୍ଡପଠାରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେଡି ବ୍ଲକ ସଭାପତି ବିଶେଶ୍ୱର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ସିଂହ, ଜିଲ୍ଲା ପରିଷଦ ସଭ୍ୟା ମିନତୀ ନାଏକ ଓ ସୁଜାତା ହୋ, ସରପଞ୍ଚ ଜିତେନ୍ଦ୍ର ନାଏକ, ବ୍ଲକ ମହିଳା ସଭାପତି ଜ୍ୟୋତ୍ସ୍ନାମୟୀ ନାୟକ, ବ୍ଲକ ମିଶନ ଶକ୍ତି ସଭାପତି କୁଞ୍ଜଲତା ମହାନ୍ତ, ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ସାହୁ, ଛାମୁଆ ନେତୃବୃନ୍ଦ, ସ୍ଥାନୀୟ ଯୁବ, ଛାତ୍ର ଓ ମହିଳା କର୍ମୀ ଉପସ୍ଥିତ ଥିଲେ। ବରିଷ୍ଠ ନେତୃବୃନ୍ଦଗଣ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ସହିତ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନାଗୁଡିକ କିପରି ଲୋକଙ୍କ ପାଖରେ ପହଞ୍ଚିବ ସେ ନେଇ ସଚେତନ ହେବେ ଏବଂ ଯୋଜନା ସହିତ ଯୋଡି ହେବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ଯଶିପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ମଧ୍ୟ ଆରମ୍ଭ ହୋଇଛି।



# ବ୍ଲକସ୍ତରୀୟ ମନରେଗା ସାମାଜିକ ସମୀକ୍ଷା



**ଠାକୁରମୁଣ୍ଡା/ମହୁଲଡିହା, ୨୨।୨(ସମିସ):** ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାର ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଓ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ ଆଧାରରେ ଜନଶୁଣାଣି ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ମନୋଜ କୁମାର କାର୍ଜିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜନଶୁଣାଣିରେ ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ଏପିଓ ଧାନଚନ୍ଦ୍ର ମହାନ୍ତ, ବ୍ଲକ ସାମାଜିକ ସମୀକ୍ଷା ଅଧିକାରୀ ଧର୍ମେନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦେଇ ସାମାଜିକ ସମୀକ୍ଷା କରିଥିଲେ। ୧୮ ଟି ପଞ୍ଚାୟତରେ ଭିଆରପିମାନଙ୍କ ଦ୍ୱାରା କରାଯାଇଥିବା ଅନୁଧ୍ୟାନ ଗୃହରେ ଉପସ୍ଥାପନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ କ୍ଷେତ୍ରରେ ମଜୁରୀ ମିଳି ନ ଥିବା ଅଭିଯୋଗ ଆସିଥିଲା। ଆଗାମୀ ୭ ଦିନ ମଧ୍ୟରେ କେଶ ରେକର୍ଡ ଅପଡେଟ କରିବାକୁ ବିଡ଼ିଓ ବ୍ଲକ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଏପିଓ ଧାନଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଗନ୍ନାଥ ପାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ

**ବହଳଦା, ୨୨।୨(ସମିସ):** ବହଳଦା ବ୍ଲକ ଇନ୍ଦଖୋଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଯୁବ ଶିକ୍ଷକ ଜଗନ୍ନାଥ ପାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଛି। ବୁଧବାର ବାରିପଦା ସ୍ଥିତ ଏପିଜେ ଅବଦୁଲ କଲାମ ପଡ଼ିଆରେ ଏକ ଭବ୍ୟ ସମାରୋହରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ତାଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ସେହିପରି ବ୍ଲକର ଶ୍ରେଷ୍ଠ ବିଦ୍ୟାଳୟ ଭାବେ ଶଶ ଉପ୍ରା ବିଦ୍ୟାଳୟ ଓ କୁଲଗି ଉପର ସାହି ପ୍ରାଥମିକ ବିଦ୍ୟାଳୟକୁ ମଧ୍ୟ ପୁରସ୍କୃତ କରାଯାଇଛି। ପୁରସ୍କାର ପ୍ରଦାନ ସମାରୋହରେ ମୋରଡା ବିଧାୟକ ରାଜକିଶୋର ଦାସ, ଉଦଳା ବିଧାୟକ ଭାସ୍କର ମଡ଼େଇ, ସାରସକଣା ବିଧାୟକ ଡ଼ଃ ବୁଡାନ ମୁର୍ମୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡଃ ଦେବାଶିଷ ମାରାଣ୍ଡି, ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଶିକ୍ଷା ବିଭାଗର ଜିଲ୍ଲା ଅଧିକାରୀ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଆଦର୍ଶ ଶିକ୍ଷକ, ବିଦ୍ୟାଳୟ, ଛାତ୍ର ପୁରସ୍କାର, ପୁରାତନ ଛାତ୍ରଛାତ୍ରୀ କମିଟିକୁ ପୁରସ୍କୃତ କରି ସେମାନଙ୍କ ଶ୍ରେଷ୍ଠତାକୁ ମାନ୍ୟତା ଦେଇଛନ୍ତି ବୋଲି ଅଞ୍ଚଳବାସୀ ଖୁସି ପ୍ରକଟ କରିଛନ୍ତି।



# କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ; ମାମାଲି ଫାଇଟର ଚାମ୍ପିଅନ

**ମୋରଡା, ୨୨।୨(ସମିସ):** ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକ ବରକନ୍ଦ ପଞ୍ଚାୟତ ଝିଙ୍କିରିଆ ମା' ବିରାତପାଟ ଆସୋସିଏସନ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପାଞ୍ଚ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏହି ଖେଳରେ ୬ଟି ଟିମ ଭଗ ନେଇଥିଲେ। ଫାଇନାଲ ମ୍ୟାଚ ସିଏସକେ ଏବଂ ମାମାଲି ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସିଏସକେ ଫାଇଟର ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୪ ୱିକେଟ ବିନିମୟରେ ୭୯ ରନ କରିଥିବା ବେଳେ ମାମାଲି ଫାଇଟର ନିର୍ଦ୍ଧାରିତ ଓଭରରେ ୮୦ ରନ କରି ଚାମ୍ପିଆନ ହୋଇଛି। ବିବେକାନନ୍ଦ ଦାସ ପ୍ଲେୟାର ଅଫ ଦି ମ୍ୟାଚ ଏବଂ ଦେବାଶିଷ ମହାନ୍ତ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ ଉଦଯାପନୀ ଉତ୍ସବରେ ଯୁବ ସମାଜସେବୀ ତରୁଣ କୁମାର ଦେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

# ଦମକଳ କର୍ମଚାରୀଙ୍କ ଧାରଣା ଜାରି

**କରଞ୍ଜିଆ, ୨୨।୨(ସମିସ):** ବୁଧବାରଠାରୁ ରାଜ୍ୟ ଆଗ୍ନିକ କର୍ମଚାରୀ ସଂଘର ଡାକରାରେ ବିଭିନ୍ନ ସ୍ଥାନରେ ଧାରଣା ଅବ୍ୟାହତ ରହିଛି। ଦୁଇ ଦଫା ଦାବି ନେଇ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କରଞ୍ଜିଆର ଆଗ୍ନିକ ରାଜେନ୍ଦ୍ର ମାରାଣ୍ଡି, ଦିଗୁ ସୋରେନ, ନିକୁଞ୍ଜ ସା, ବସନ୍ତ ମୁଣ୍ଡା, ସୁନାରାମ ସଏ, ରାଜୀବ ନାୟକ, ଉଗ୍ରେସନ ନାୟକ, ପ୍ରେମଚାନ୍ଦ ମୁଣ୍ଡା, ସୁଧାଂଶୁ ଶେଖର ଜେନା ପ୍ରମୁଖ ଆନ୍ଦୋଳନରେ ସାମିଲ ରହିଛନ୍ତି। ଦାବି ପୂରଣ ହେବା ଯାଏ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା ଶିବିର

**ବଡସାହି, ୨୨।୨(ସମିସ):** ବଡସାହି ବ୍ଲକର ୩ଟି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶେଷ ଦିନରେ ଦେଉଳିଆ, ମାଣତ୍ରୀ ଓ ସାନକେରକ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଧୂମଧାମରେ ଅନୁଷ୍ଠିତ ହୋଇଛି। ଦେଉଳିଆ ପଞ୍ଚାୟତରେ ଅନୁଷ୍ଠିତ ଶିବିରରେ ସମିତିସଭ୍ୟ ନିହାର ରଞ୍ଜନ ମହାପାତ୍ର ସଭାପତିତ୍ୱ କରିଥିଲେ। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ସମବାୟ ସମିତିର ସଭାପତି ସୁବ୍ରମଣ୍ୟମ ମହାନ୍ତି, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବି.ଡି.ଓ ଆକାଶ କୁମାର ପଣ୍ଡା, ବାରିପଦା ପୌର ଉପାଧ୍ୟକ୍ଷା ସୀମା ଦାସ, ନିର୍ବାଚନମଣ୍ଡଳୀ ସଂଯୋଜିକା ସବିତା ହାଁସଦା, ଜିଲ୍ଲା ପରିଷଦ ସଦସ୍ୟା ସୁବାସିନୀ ନାଏକ, ବ୍ଲକ ଉପାଧ୍ୟକ୍ଷ୍ୟ କାଞ୍ଚନ ପ୍ରଧାନ, ଦେଉଳିଆ ସରପଞ୍ଚ ତୁଳସୀ ସିଂ, ବଡସାହି ବ୍ଲକ ଫେଡରେସନ ସଭାପତି ପୂର୍ଣ୍ଣିମା ମିଶ୍ର, ବରିଷ୍ଠ ନେତା ରଣଜିତ ପାତ୍ର, ଶିକ୍ଷାବିତ ହାଡିବନ୍ଧୁ ମହାପାତ୍ର, ବୈଦ୍ୟନାଥ ସରେନ, କାର୍ଯ୍ୟକାରୀ ଯୁବ ସଭାପତି ଦୀପକ ସାହୁ, ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ରାକେଶ ମହାପାତ୍ର, ଜୋନ ସଂଯୋଜକ ରାଜେନ୍ଦ୍ର ବେହେରା, ଯାମିନୀ ନାଏକ, ଅର୍ଜୁନ ଦଳେଇ, ଲଲାଟେନ୍ଦୁ ବେହେରା, ଜିଲ୍ଲା ସମ୍ପାଦିକା ସୁଲୋଚନା ରାଉତ ପ୍ରମୁଖ ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆଗାମୀ ୨୦୨୪ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୁଣି ଥରେ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ମହିଳାମାନେ ଶପଥ ନେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପଞ୍ଚାୟତର ବିଭିନ୍ନ କର୍ମକର୍ତ୍ତା ଓ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉପଲକ୍ଷେ ମହିଳାମାନେ ପ୍ରସ୍ତୁତ କରିଥିବା ବିଭିନ୍ନ ସାମଗ୍ରୀ ପ୍ରଦର୍ଶିତ କରାଯାଇଥିଲା। ମିଶନଶକ୍ତି ସଭାପତି ଅନିତା ରାଉତ, ସମ୍ପାଦିକା ଲଳିତା ମାରାଣ୍ଡି, ମନୋରଞ୍ଜନ ଲେଙ୍କା, ଆଦିତ୍ୟ ବେହେରା, ମନୋରଞ୍ଜନ ସଦୁଆଳ, ଅନଙ୍ଗଭୂଷଣ ସଦୁଆଳ, ସଞ୍ଜୀବ ସଦୁଆଳ, ରଞ୍ଜନ କୁମାର ଗଜେନ୍ଦ୍ର ମହାପାତ୍ର, ବିନୋଦ କୁମାର ମହାପାତ୍ର, ନୀଳାମ୍ବର ଲେଙ୍କା, କୃପାସିନ୍ଧୁ ମହାପାତ୍ର, ପ୍ରଦ୍ୟୁମ୍ନ ଗଜେନ୍ଦ୍ର ମହାପାତ୍ରଙ୍କ ସମେତ ଯୁବଛାତ୍ର କର୍ମକର୍ତ୍ତା ସହଯୋଗ କରିଥିଲେ।

# ଦୁର୍ଘଟଣାରେ କାର୍ ଚାଳକ ଗୁରୁତର

**କରଞ୍ଜିଆ, ୨୨।୨(ସମିସ):** ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତା ଟାଙ୍ଗୁରୁସାହି ନିକଟରେ ଗୁରୁବାର ଅପରାହ୍ନରେ ଏକ କାର୍ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଥିବା ଜଣାପଡ଼ିଛି। ଚାଳକ ଜଗତସିଂହପୁରର ସୁକାନ୍ତ କୁମାର ମଲ୍ଲିକ (୩୫)ଙ୍କୁ ଲୋକେ କାର୍‌ରୁ ବାହାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ; ହେଲେ ସେ ଅଚେତ ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ପୁଲିସ ଗାଡିକୁ ଜବତ କରି ଅଧିକ ତଦନ୍ତ ଚଳାଇଛି।

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ମହୁଲଡିହା, ୨୨।୨ (ସମିସ):** ମହୁଲଡିହା ଥାନା ଅଧୀନ କେଶଡିହା ପଞ୍ଚାୟତର ମିଟୁଆଣି ଗ୍ରାମରେ ଜଣେ ଯୁବତୀଙ୍କ ଝୁଲନ୍ତା ଶବ ଉଦ୍ଧାର ହୋଇଛି। ତେବେ ସମ୍ପୃକ୍ତ ଯୁବତୀଙ୍କୁ କେହି ହତ୍ୟାକରି ଆତ୍ମହତ୍ୟାର ରୂପ ଦେଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡୁଛି। ଘଟଣାରୁ ପ୍ରକାଶ ଯେ, ମିଟୁଆଣି ଗ୍ରାମ ନାନ୍ଦୁସାହିରେ ଗୁରୁବାରୀ ହୋ(୩୮)ଙ୍କ ଘର। ବାପାମାଆ ନ ଥିବାରୁ ସେ ଦିନମଜୁରିଆ ଭାବେ ଜୀବିକା ନିର୍ବାହ କରିଥାନ୍ତି। ବୁଧବାର ଆଦର୍ଶ ବିଦ୍ୟାଳୟରେ ନିର୍ମାଣ କାର୍ଯ୍ୟରେ ଯୋଗଦେଇ ଅପରାହ୍ନରେ ଘରକୁ ଫେରିଥିଲେ। ହେଲେ ରାତିରେ ପଡୋଶୀ ଯଶପାଲ ହୋ'ଙ୍କ ପୁଅ ବାହାଘରକୁ ଯାଇ ଫେରି ନ ଥିଲେ। ଗୁରୁବାର ସକାଳେ ଗୁରୁବାରୀ ଏକ ଗଛ ଡାଳରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ପରେ ପୁଲିସ ପହଞ୍ଚି ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

# ବୋଲେରୋ ଜାଳିଦେଲେ ଦୁର୍ବୃତ୍ତ



ରାଇରଙ୍ଗପୁର, ୨୨।୨(ସମିସ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ହଳଦା ପଞ୍ଚାୟତ ସିଜୁକଳା ଗାଁ ନିକଟରେ ଜଣେ ଦୁର୍ବୃତ୍ତ ଏକ ବୋଲେରୋକୁ ଜାଳି ଦେଇ ଫେରାର ହୋଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପରେ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଆଶାକର୍ମୀ ସଂଘ ବ୍ଲକ୍ କମିଟି ଗଠିତ



**କରଞ୍ଜିଆ, ୨୨।୨(ସମିସ):** ଓଡ଼ିଶା ରାଜ୍ୟ ଆଶାକର୍ମୀ ସଙ୍ଘ ପକ୍ଷରୁ ଏକ ବ୍ଲକସ୍ତରୀୟ କମିଟି ଗଠିତ ହୋଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉପସଭପତି ଭାରତୀୟ ମଜଦୁର ସଙ୍ଘ ପକ୍ଷରୁ ଡାକ୍ତର ମହନ୍ତ, ମୁଖ୍ୟବକ୍ତା ଭାବେ ବୋଧି ରଜତ ମହନ୍ତ ଯୋଗ ଦେଇ ଆଶାକର୍ମୀଙ୍କୁ ଦିଗଦର୍ଶନ ଦେଇଥିଲେ। ଉପଦେଷ୍ଟାଭାବେ ରୀନା ରଥ, ସଭାନେତ୍ରୀ ଭାବେ ସଞ୍ଜୁଲତା ଗିରି, ଉପସଭପତି ଭାବେ ବେଲମନି ମୁର୍ମୁ ଓ ବିନୀତା ବେହେରା, ସମ୍ପାଦିକା ଭାବେ ଉଲ୍ଲସୀ ନାଏକ, ସହ ସମ୍ପାଦକ ମନ୍ଦୋଦରୀ ନାଏକ ଓ ସୀମା ନାଏକ ନିର୍ବାଚିତ ହୋଇଛନ୍ତି। ସେହିପରି କୋଷାଧ୍ୟକ୍ଷ ଭାବେ ଲକିତା ନାଏକ, ସଂଗଠନ ସମ୍ପାଦକ ଭାବେ ମିନୁରଣି ମହନ୍ତଙ୍କୁ ଚୟନ କରାଯାଇଛି। ପରେ ସମସ୍ତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଯାଇଥିଲା। ବୈଠକରେ ୧୫ଟି ପଞ୍ଚାୟତରୁ ଆଶାକର୍ମୀ ଯୋଗ ଦେଇଥିଲେ।

# ବିଜେଡିର ପଞ୍ଚାୟତସ୍ତରୀୟ ବୁଥ୍ କମିଟି ଗଠିତ

**ଖୁଣ୍ଟ, ୨୨।୨(ସମିସ):** ଆଗାମୀ ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜୁ ଜନତା ଦଳକୁ ଅଧିକ ସୁଦୃଢ କରିବା ସହିତ ନବୀନ ବାବୁଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ପଦରେ ଆସୀନ କରିବାକୁ ଯଶିପୁର ନିର୍ବାଚନ ମଣ୍ଡଳୀର ସଂଯୋଜକ ଦେବାଶିଷ ମହାନ୍ତିଙ୍କ ନେତୃତ୍ୱରେ ଶୁକୁଳି ବ୍ଲକର ଅର୍ଜୁନବିଲ୍ଲା, ଝାଡ଼ଘୋଷଦା ଓ ଯାମୁଣ୍ଡି ପଞ୍ଚାୟତରେ ବୁଥ କମିଟି ଗଠନ କରାଯାଇଛି। ଏହି ସାଂଗଠନିକ କାର୍ଯ୍ୟକ୍ରମରେ ବ୍ଲକ ସଭାପତି ନରେଶ ଗିରି, ରାଜ୍ୟ ଯୁଗ୍ମ ସମ୍ପାଦକ ଚକ୍ରଧର ହେମ୍ବ୍ରମ, ବିଶିଷ୍ଟ ସମାଜସେବୀ ଗୋଲକ ନାଏକ, ପଞ୍ଚାୟତ ସଭାପତି ମକୁନ୍ଦ ସାହୁ, ଅମିତ ଦଳେଇ, ଛତିଶ ଗିରି, ମହିଳା ସଂଯୋଜିକା ଦୁର୍ଗା ସି, ବୀଣାପାଣି ଘଣା ସମେତ ନନ୍ଦକିଶୋର ଖାଟୁଆ, ବଳଭଦ୍ର ଘଡ଼ାଇ, ଅଶୋକ ବେହେରା, ମଣ୍ଟୁ ବେହେରା, ଜଗଦୀଶ ଦାସ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।



॥ ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ॥
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ॥"



ଆବିର୍ଭାବ: ୩୦.୦୭.୧୯୫୮ (ଶ୍ରୀ ଗୁଣ୍ଡିଚା)
ତିରୋଧାନ: ୧୪.୦୨.୨୦୨୪ (ଶ୍ରୀପଞ୍ଚମୀ)

୰ କମଳା ସାମଲ

ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ :
ସ୍ୱାମୀ: ବିଷ୍ଣୁଚରଣ ସାମଲ (ମା' ଲକ୍ଷ୍ମୀ ମେଡିକାଲ ଷ୍ଟୋର, ସିଂହପୁର)
ପୁଅ-ବୋହୂ: ମନୋଜ, ସରୋଜ, ସବିତା, ପୁତୁରା: କିଶୋର, ଈଶ୍ୱର, ଶ୍ରୀନିବାସ, ପ୍ରଭାଷ, ସ୍ୱନ୍ଦନ, ନାତି-ନାତୁଣୀ: ଖୁସି, କାହ୍ନା, ରଚିତ, ସଂପର୍କ, ଆଦି
ଝିଅ-ଜ୍ୱାଇଁ: ମାମି, ମଧୁ, ନିନି, ଚୈତନ, ବନ୍ଧୁ ଓ ଆତ୍ମୀୟସ୍ୱଜନ

# ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ପୁଣ୍ୟତିଥି ପାଳିତ

**ବାରିପଦା ୨୨।୨ (ସମିସ):** ନବଉତ୍କଳର ନବ ନିର୍ମାତା, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ବିନ୍ଧାଣୀ ତଥା ମୟୂରଭଞ୍ଜର ପ୍ରାତଃ ସ୍ମରଣୀୟ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓଙ୍କ ୧୧୨ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଜିଲ୍ଲାର ସ୍ୱାଭିମାନ ଏବଂ ସମ୍ମାନକୁ ବଜାୟ ରଖି ଆସୁଥିବା ଆମେ ମୟୂରଭଞ୍ଜିଆ ସଂଗଠନର ଅଧ୍ୟକ୍ଷ ସଞ୍ଜୟ କୁମାର ଚୌଧୁରୀଙ୍କ ଆବାହକତ୍ୱରେ ଛାଞ୍ଚ ଉନ୍ନୟନ କମିଟି, ମଧୁବନ ଉନ୍ନୟନ ପରିଷଦ ଏବଂ ସଂସ୍କାର ଶିଶୁ ମହୋତ୍ସବ ମୟୂରୀର ମିଳିତ ଆନୁକୂଲ୍ୟରେ ମହାରାଜାଙ୍କ ତିରୋଧାନ ଦିବସ ପାଳିତ ହୋଇଛି। ଗୁରୁବାର ସକାଳେ ବିଭିନ୍ନ ଅନୁଷ୍ଠାନର ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ମହାରାଜାଙ୍କ ପ୍ରତିମୂର୍ତ୍ତିକୁ ସଫା କରିବା ପରେ ଶ୍ରଦ୍ଧାଞ୍ଜଳି ସଭା ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ଼ ଯୋଗେନ୍ଦ୍ର ପଣ୍ଡା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସଦସ୍ୟ ତଥା ବୁଦ୍ଧିଜୀବୀମାନେ ମହାରାଜାଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।



ANIMESH INDIAN SNACKS — The ultimate name of Quality
ANIMESH FOOD PRODUCTS
Swasti BAKERY
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com



Contact: 8895052838 / 8596070800

LYCEUM
HIGHER SECONDARY SCHOOL
(Recognized by Govt. Of Odisha Affiliated to CHSE, Odisha)
LALITESWAR NAGAR, JAJPUR TOWN, JAJPUR - 755001
The Director, Lyceum H.S. School, invites application from experienced candidates for the following posts.
WALK-IN-INTERVEIW
TEACHING POSTS
PRINCIPAL, VICE-PRINCIPAL
For the post of Principal and Vice-Principal the candidate must have a minimum of 5 years or above experience in an educational institution.
LECTURERS
Physics, Chemistry, Mathematics, Botany, Zoology, I.T, Odia, English & Sanskrit
Minimum 1-year experience is required.
Candidates having B.Ed qualification get first preference.
Qualification M.Sc./M. A in the relevant discipline.
NON-TEACHING POSTS
- Administrative Officer
- Accountant
- Academic Officer
- Librarian
- Front Office Executive (Female Only)
- Marketing Executive
- Hostel Warden/ Care - Taker (Both Boys & Girls)
- Peon
- Driver
- Cook/Cook-Helper
Salary is negotiable with qualifications and experience. No T.A/D.A will be Provided
Interested candidates can e-mail/WhatsApp their complete Biodata within 7 days from the date of Advertisement.
Join Us lyceumhss@gmail.com +91-7205687080 +91-9437277080

PRINCE
COLLEGE | SCHOOL
The No.-1 Residential Institution for
+2 SCIENCE | +2 ARTS | VI TO X
2023 +2 SCIENCE TOPPER



568 94.8%
RUDRA NARAYAN BHOI
DISTRICT TOPPER | ALL ODISHA 2ND TOPPER
ନାମଲେଖା ପାଇଁ ENTRANCE TEST DATE
FOR +2 SCIENCE & ARTS :-
1st Phase - 07.03.2024
2nd Phase - 10.03.2024
3rd Phase - 13.03.2024
4th Phase - 22.03.2024
(4th Phase Entrance, Only for CBSE / ICSE / Other Board Students).
FOR CLASS VI TO IX :-
1st Phase - 24.03.2024
2nd Phase - 31.03.2024
ସମ୍ମାନୀୟ ଅଭିଭାବକ / ଛାତ୍ରଛାତ୍ରୀ, 2024-25 Session ପାଇଁ Prince College କିମ୍ବା School ରେ ନାମଲେଖା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରି Entrance Test ବିଷୟରେ ଅବଗତ ହୁଅନ୍ତୁ।
SUMMER CLASSES DATE : 14th, 18th, 21st, 28th March 2024
BARIPADA — City Office : Debendrapur, Palbani 8895102045, 9937701648
BALASORE — Central School Square 8763403768, 9337687655

SPOT ADMISSION IS GOING ON in GAYATRI SCHOOL AND COLLEGE OF NURSING, BARIPADA
Interested candidates are invited to take admission in Gayatri School & College of Nursing for the course G.N.M., A.N.M. & for B.Sc. Nursing. Limited seats are available for spot admission.
ELIGIBILITY FOR SCHOOL OF NURSING:
+2 Arts, Science & Commerce, Minimum 40% Marks
ELIGIBILITY FOR B.SC. NURSING:
+2 Science with Biology, 40% Marks for ST/SC students & 45% Marks for General Category.
Last date of Admission: 26th of Feb. 2024
Contact: 9438477846, 9438060121, 9337306245

# ଅଙ୍ଗନବାଡ଼ି କେନ୍ଦ୍ର ନିକଟରେ ମୁକୁଳା ଟ୍ରାନ୍ସଫର୍ମର



**ଖୁଣ୍ଟଂ, ୨୨।୨(ସମିସ):** ଶୁକୁଳି ବ୍ଲକ ଘାଗି ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ର ଏବେ ବିପଦସଂକୁଳ ଅବସ୍ଥାରେ ରହିଛି। କେନ୍ଦ୍ର ନିକଟରେ ବିପଦ ସଂକୁଳ ଅବସ୍ଥାରେ ମୁକୁଳା ପଡ଼ିଛି ବିଦ୍ୟୁତ ଟ୍ରାନ୍ସଫର୍ମର। ପାଚେରୀ କିମ୍ବା ତାରଜାଲି ବଦଳରେ କେତୋଟି ବାଉଁଶ ଖୁଣ୍ଟରେ ତାର ଟାଣି ଏହାକୁ ଆବଦ୍ଧ କରାଯାଇଛି। ଏହି ଟ୍ରାନ୍ସଫର୍ମର ସନ୍ନିକଟରେ ପିଲାମାନେ ଚଳପ୍ରଚଳ କରୁଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି। ତେଣୁ ବିଦ୍ୟୁତ ବିଭାଗ ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ପାଚେରୀ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## କୁମ୍ଭୀରଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି

# ଗେଟ୍‌ରେ ତାଲା ପକାଇଦେଲେ ଗ୍ରାମବାସୀ

**ବହଳଦା, ୨୨।୨(ସମିସ)**

ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅର୍ନ୍ତଗତ କୁମ୍ଭୀରଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ଗୁରୁବାର ଶତାଧିକ ଅଭିଭାବକ, ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଛନ୍ତି। ଏହି ବିଦ୍ୟାଳୟରେ ପ୍ରଥମରୁ ୮ମଶ୍ରେଣୀ ଯାଏ ୧୩୯ ଛାତ୍ରଛାତ୍ରୀ ପଢୁଛନ୍ତି; ଆବଶ୍ୟକ ଶିକ୍ଷକ ନ ଥିବାରୁ ପାଠପଢ଼ା ବ୍ୟାଘାତ ହେଉଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସମେତ ୨ଜଣ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀ ରହିଛନ୍ତି। ହେଲେ ବାସ୍ତବ ଚିତ୍ର ଅଲଗା। ପ୍ରଧାନଶିକ୍ଷକ ପିଲାଙ୍କୁ ପାଠ ପଢ଼ାଇବା ଅପେକ୍ଷା ସେ ବିଦ୍ୟାଳୟର ବିଭିନ୍ନ କାମରେ ବ୍ୟସ୍ତ ରହୁଛନ୍ତି। ତେଣୁ ୮ଟି ଶ୍ରେଣୀର ପିଲାଙ୍କୁ ୨ ଜଣ ଶିକ୍ଷକ ପଢ଼ାଇବାରେ ଅସୁବିଧା ସୃଷ୍ଟି ହେଉଛି। ଶିକ୍ଷୟିତ୍ରୀ ଜଣକ ଆସନ୍ନପ୍ରସବା ତେଣୁ



ଖୁବନିକଟରେ ପ୍ରସବ କାଳୀନ ଛୁଟିରେ ରହିବେ। ତେଣୁ ଜଣେ ଶିକ୍ଷକରେ ଶତାଧିକ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବ ଅସମ୍ଭବ ଓ କଷ୍ଟକର। ତେବେ ବିଡମ୍ବନାର ବିଷୟ ଯେ, ଏହି ବିଦ୍ୟାଳୟରେ ୬ଜଣ ଶିକ୍ଷକ ନିଯୁକ୍ତ ପାଇଥିଲେ ମଧ ୩ ଜଣଙ୍କୁ ଅନ୍ୟତ୍ର ଡେପୁଟେସନରେ ପଠାଇ ଦିଆଯାଇଛି। ଏବେ ପିଲାଙ୍କ ପରୀକ୍ଷା ଥିବାବେଳେ ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ତେଣୁ ଆଜି ଏହାର ପ୍ରତିବାଦ ଜଣାଇ ଅଭିଭାବକ, ଗ୍ରାମବାସୀଙ୍କ ସହ ଛାତ୍ରଛାତ୍ରୀ ସ୍କୁଲ ଗେଟରେ ତାଲା ପକାଇ ଧାରଣା ଦେଇଥିଲେ। ସୂଚନାଯୋଗ୍ୟ ଯେ, ଗତ ୧୨ ତାରିଖରେ ଗ୍ରାମର ବହୁ ଅଭିଭାବକ ବହଳଦା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପହଞ୍ଚି ଶିକ୍ଷକ ନିଯୁକ୍ତି ପାଇଁ ଦାବିପତ୍ର ଦେଇଥିଲେ; ହେଲେ ଇତିମଧ୍ୟରେ ୧୦ ଦିନ ବିତିଯାଇଥିଲେ ମଧ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେବାରୁ ବାଧ ହୋଇ ଗ୍ରାମବାସୀ ଧାରଣା ଦେଇଥିଲେ। ଦାବି ପୂରଣ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ ବୋଲି ସ୍କୁଲ ପରିଚାଳନା କମିଟି ସଭାପତି ସୁବୀର କୁମାର ପାଲ ସୂଚନା ଦେଇଛନ୍ତି। ଖବର ପାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭଶ୍ରୀ ସିଂ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭୂତନାଥ ସିଟ୍ ସ୍କୁଲରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ; ହେଲେ ଗ୍ରାମବାସୀ ତୁରନ୍ତ ଶିକ୍ଷକ ନିଯୁକ୍ତି ଦାବିରେ ଅଟଳ ରହିଛନ୍ତି।

# ଜଗନ୍ନାଥ ମନ୍ଦିରରେ ଦଧିନଉତି ସ୍ଥାପନ

**କୁଆମରା, ୨୨।୨(ସମିସ):** ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ଗୋହିରାଡିହା ଗ୍ରାମର ନୂତନ ଜଗନ୍ନାଥ ମନ୍ଦିରରେ ଗୁରୁବାର କଳସ ପ୍ରତିଷ୍ଠା ଓ ଦଧିନଉତି ସ୍ଥାପନ କାର୍ଯ୍ୟ ରତ୍ନଭଣ୍ଡାର ଗୃହରେ ସମ୍ପୂର୍ଣ୍ଣ ହୋଇଛି। ମନ୍ଦିରର ମୁଖ୍ୟ ପୁରୋହିତ କମଳଲୋଚନ କରଙ୍କ ତତ୍ତ୍ୱାବଧାନରେ ଜଗତାନନ୍ଦ ହୋତା ଓ ମାନସ ରଞ୍ଜନ ହୋତା ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଦେବେନ୍ଦ୍ର ସାହୁ କର୍ତ୍ତାଭାବେ କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ଦିନତମାମ ନଗର ସଂକୀର୍ତ୍ତନ ଓ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅଜୟ କୁମାର ଦେ, ହରେନ୍ଦ୍ର ପାତ୍ର, ଅଶୋକ ସାହୁ, ସ୍ୱପ୍ନେଶ୍ୱର ବେହେରା, କମଳ ଲୋଚନ ଦାସ, ମନମୋହନ ସ, ଗୌରହରି ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କର୍ମଶାଳା




**ବାରିପଦା, ୨୨।୨(ସମିସ):** ବୁଧବାର ମହିଳା କଲ୍ୟାଣୀ ସଭାଗୃହରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ (ଏମଏସଏମଇ) ବିକାଶ ନିଗମର ମୟୂରଭଞ୍ଜ ଚାପ୍ଟରର ଜିଲ୍ଲା ଆବାହକ ସୁକୁମାର ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ନୂତନ ଉଦ୍ୟୋଗୀ ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ କିପରି ଆତ୍ମନିର୍ଭରଶୀଳ ହୋଇ ନିଜେ ଏକ ସଫଳ ଉଦ୍ୟୋଗୀ ହୋଇପାରିବ ସେ ନେଇ ମୁଖ୍ୟଅତିଥି ଡିଶା ଚାପ୍ଟର ଏମଏସଏମଇ ବିକାଶ ଫୋରମର ରାଜ୍ୟ ଆବାହକ ରବି ମାଝୀ ଓ ସ୍ୱତନ୍ତ୍ର ଅତିଥି ଏମଏସଏମଇ ବିକାଶ ନିଗମ ଓଡ଼ିଶା ଚାପ୍ଟରର ସେକ୍ରେଟାରୀ ଜେନେରାଲ ସୁରେନ୍ଦ୍ର କୁମାର ମଲ୍ଲିକ ସୂଚନା ଦେଇଥିଲେ। କର୍ମଶାଳାରେ ବିଭିନ୍ନ ବ୍ଲକରୁ ନୂତନ ଉଦ୍ୟୋଗୀ ଆଶାୟୀ ପୁରୁଷ ମହିଳା ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମଏସଏମଇ ବିକାଶ ଫୋରମ ମୟୂରଭଞ୍ଜ ଚାପ୍ଟର କୋ-କନଭେନର ପ୍ରମୋଦିନୀ ପ୍ରଧାନ, ସେକ୍ରେଟାରୀ ହୀରାଲାଲ ଘଣ୍ଟିଆଳି, ପଲଟନ ସିଂହ, ସରୋଜ କୁମାର ମହାକୁଡ଼, ଗଣେଶ ଚନ୍ଦ୍ର ବେହେରା, ସଲିଲ ଦେ, ଅଭିମନ୍ୟୁ ମିଶ୍ର, କଲ୍ୟାଣୀ ପାତ୍ର, ସୀମନ୍ତିନି ସାହୁ, ଡିଟରଜେଣ୍ଟ ଉଦ୍ୟୋଗୀ ଡମନ ସୋରେନ, ସୁଚିତ୍ରା ମିଶ୍ର, ସବିତା ମହାକୁଡ଼, ଜୟଶ୍ରୀ ପାତ୍ର ଓ ରଞ୍ଜିତ କୁମାର ବଡେଇ ସମେତ ବହୁ କୁଶଳୀ ଏବଂ ଅଣକୁଶଳୀ ଉଦ୍ୟୋଗୀ ଯୋଗଦେଇଥିଲେ।

# କଟୁରିଆ ସରସ୍ୱତୀ ମେଳା ଉଦ୍‌ଯାପିତ

**କପ୍ତିପଦା, ୨୨।୨(ସମିସ):** କପ୍ତିପଦା ବ୍ଲକ ଲାବଣ୍ୟଦେଇପୁର ପଞ୍ଚାୟତ କଟୁରିଆରେ ଗତ ୭ ଦିନଧରି ଚାଲିଥିବା ସରସ୍ୱତୀ ମେଳା ଆଜି ଉଦଯାପିତ ହୋଇଯାଇଛି।୧୯୮୦ ମସିହାରେ ଜଣେ ଶିକ୍ଷକ ୯ଗୋଟି ପଞ୍ଚାୟତକୁ ନେଇ ଆଦିବାସୀଙ୍କ ଶିକ୍ଷା, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବ ନିମନ୍ତେ ସରସ୍ୱତୀ ମେଳା ଆରମ୍ଭ କରିଥିଲେ। ଏବେ ୩୪ ବର୍ଷରେ ଏହି ମେଳା ପହଞ୍ଚିଛି। ଉଦ୍‌ଯାପନୀ ଉତ୍ସବରେ ମହିଳା, ଶିଶୁବିକାଶ ଓ ମିଶନଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଦିବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ସବୁବେଳେ ଚେଷ୍ଟା କରି ଆସୁଛନ୍ତି।

ଗତ ୨୦୧୭ ମସିହାରେ ଆଦିବାସୀଙ୍କ ଉନ୍ନତି ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଶୁଭାରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏବେ ୧୪ଟି ଜିଲ୍ଲାର ୫୫ ବ୍ଲକରେ ୪୫ ଭାଗ ଜନଜାତି ରହିଛନ୍ତି। ବର୍ତ୍ତମାନ ୨୩ଟି ଜିଲ୍ଲାରେ ଆଦିବାସୀ ଉନ୍ନୟନ ପରିଷଦ ଗଠନ ହୋଇଛି। ଉକ୍ତ ଜିଲ୍ଲା ଅଧୀନରେ ଥିବା ୧୭୨ ବ୍ଲକରୁ ପ୍ରାୟ ୮୪ଲକ୍ଷ ଜନଜାତି ଏହି ଉନ୍ନୟନ ପରିଷଦ ଗଠନ ଦ୍ୱାରା ଉପକୃତ ହେଉଛନ୍ତି। ଗୋଟିଏ ଜିଲ୍ଲାରେ ବାସ କରୁଥିବା ଆଦିବାସୀଙ୍କୁ ନିଜ ଜିଲ୍ଲାର ଆଦିବାସୀଙ୍କ ସଂସ୍କୃତି, ପରମ୍ପରା, ଐତିହ୍ୟ ଏବଂ ନିଜସ୍ୱ ପରିଚୟର ସୁରକ୍ଷା, ସଂରକ୍ଷଣ ଓ ଉନ୍ନତି ପାଇଁ କାର୍ଯ୍ୟ କରାଇବା ଉକ୍ତ ପରିଷଦର ଲକ୍ଷ୍ୟ। ଇତିମଧ୍ୟରେ




ମୟୂରଭଞ୍ଜ ଭଳି ୯ଟି ଜିଲ୍ଲାରେ ୪ହଜାର ୭ଶହ ୩୧ଟି ଉପାସନା ପୀଠର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ହୋଇଛି।

ଆଦିବାସୀ ସାଂସ୍କୃତିକ ଅନୁଷ୍ଠାନ ଗଠନ, ସାପ୍ତାହିକ ହାଟର ବିକାଶ ହୋଇପାରିଛି। ସଙ୍ଗୀତ ଦଳକୁ ବାଦ୍ୟଯନ୍ତ୍ର ବଣ୍ଟନ ଓ ଆଦିବାସୀ ପ୍ରତିନିଧିଙ୍କୁ ଗୁରତ୍ୱପୂର୍ଣ୍ଣ ସ୍ଥାନ ପରିଭ୍ରମଣରେ ନିଆଯାଇଛି। ଆଦିବାସୀ କାରିଗରଙ୍କୁ ପରିଚୟପତ୍ର ପ୍ରଦାନ ଓ ଆଦିବାସୀ ସଂଗଠନ ଚିହ୍ନଟ ଏବଂ ସଂଗଠନକୁ କ୍ରିଡା ସାମଗ୍ରୀ ବିତରଣ କରାଯାଇଛି ବୋଲି ମନ୍ତ୍ରୀ କହିଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ରଘୁନାଥମୁର୍ମୁ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଭଗବାନ ପଣ୍ଡା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ବିପିନସିଂ ବଦ୍ରା, ଶିକ୍ଷାବିତ ନନ୍ଦଲାଲ ସେଠୀ, ପୂର୍ବତନ ସରପଞ୍ଚ ତୁରାମସିଂ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କମିଟି ସଭାପତି ଦୋନା ବିନ୍ଧାଣିଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା।

# ବିପଦସଂକୁଳ ଶିଳଦା ପୋଲ ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

**ମୋରଡ଼ା, ୨୨।୨(ସମିସ):** ଚିତ୍ରଡା-ମୋରଡାକୁ ସଂଯୋଗ କରୁଥିବା ଜମ୍ବିରା ନଦୀର ଶିଳଦା ପୋଲ ଏବେ ବିପଦ ସଂକୁଳ ଅବସ୍ଥାରେ ରହିଛି। ଫଳରେ ଦୀର୍ଘଦିନ ହେବ ଭାରୀଯାନ ଯାତାୟାତ ବନ୍ଦ ରହିଛି। ଆଜି କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ବିଭାଗୀୟ ଅଧିକାରୀଙ୍କ ସହିତ ପୋଲର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଉକ୍ତ ପୋଲ ଉପରେ ଭାରୀଯାନ ଚଳାଚଳ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯିବାକୁ ମନ୍ତ୍ରୀ ଶ୍ରୀ ଟୁଡୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହିତ ଆଗାମୀ ୭ ଦିନ ମଧ୍ୟରେ କାର୍ଯ୍ୟକାରୀ କରିବା ଏବଂ ୬ ମାସ ମଧ୍ୟରେ ପୋଲ କାର୍ଯ୍ୟ ଆରମ୍ଭ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି। କିନ୍ତୁ ମନ୍ତ୍ରୀଙ୍କ ପାଇଁ ଏଭଳି ପ୍ରତିଶ୍ରୁତି ନୂଆ ନୁହଁ; ସେ ଆଗରୁ ମଧ ବାରମ୍ବାର ମୋରଡ଼ା ବ୍ଲକରେ ଥିବା ରାଜା ରାଜୁଡା ଅମଳର ରାଜାବନ୍ଧ ପରିଦର୍ଶନ କରି ଏଭଳି ଢ଼ଙ୍ଗରେ ପ୍ରତିଶ୍ରୁତି ଦେଇଥିଲେ। ଆଜିଯାଏ ରାଜବନ୍ଧରୁ ମୁଠାଏ ପଙ୍କ ଉଦ୍ଧାର ହୋଇନାହିଁ। ତେଣୁ ତାଙ୍କର ପ୍ରତିଶ୍ରୁତି କେବଳ କଥାରେ ରହିଯିବି ବୋଲି ଆଲୋଚନା ହେଉଛି।

# କପ୍ତିପଦା ବ୍ଲକରେ ୧୧୧ ମାଟ୍ରିକ ପରୀକ୍ଷାର୍ଥୀ ଅନୁପସ୍ଥିତ

**କପ୍ତିପଦା, ୨୨।୨(ସମିସ):** କପ୍ତିପଦା ସରକାରୀ ଉଚ୍ଚବିଦ୍ୟାଳୟ ନୋଡାଲ ଅଧୀନରେ ୯ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ପରୀକ୍ଷାର ପ୍ରଥମ ଦିନରୁ ୯ଟି କେନ୍ଦ୍ରରେ ୧୧୧ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ନଥିବା ଜଣାପଡ଼ିଛି। ସେଥିରୁ ମୁକ୍ତବିଦ୍ୟାଳୟ ପରୀକ୍ଷାରେ ୫୧ଜଣ ଅନୁପସ୍ଥିତ ଥିବାବେଳେ ରେଗୁଲାରରେ ୫୪ଜଣ, ମଧ୍ୟମାରେ ୬ଜଣ ଅନୁପସ୍ଥିତ ଥିବା ନୋଡାଲ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ସିଙ୍ଗରାଏ ମୁର୍ମୁ ପ୍ରକାଶ କରିଛନ୍ତି। ସେହିଭଳି କପ୍ତିପଦା ବ୍ଲକର ୨ଟି ପରୀକ୍ଷା କେନ୍ଦ୍ର ନୋଡାଲ ସେଣ୍ଟର ପରିଚାଳିତ ନୁଦଡିହା ଲାଲବାହାଦୁର ଉଚ୍ଚ ବିଦ୍ୟାଳୟରେ ରେଗୁଲାରରେ ୪ଜଣ, ସଂସ୍କୃତଟୋଲ ମଧ୍ୟମାରେ ୬ଜଣ, ପୋଡାଡିହା ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୫ଜଣ ଅନୁପସ୍ଥିତ ଥିବା ଜଣାପଡ଼ିଛି।

# ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର

**ଶୁଳିଆପଦା, ୨୨।୨(ସମିସ):** ଶୁଳିଆପଦା ବ୍ଲକ ଚକଶୁଳିଆପଦାର ଉତ୍କଳ ବନାନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ ଦିନ ବ୍ୟାପୀ ଚାଲିଥିବା ଛାତ୍ରୀଙ୍କ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି। ମାଷ୍ଟର ଟ୍ରେନର ପ୍ରୀତିରେଖା ରାଜ ଛାତ୍ରୀଙ୍କୁ ଆବଶ୍ୟକ ସ୍ଥଳେ ନିଜେ କିପରି ଆତ୍ମରକ୍ଷା କରିପାରିବେ ସେ ନେଇ ତାଲିମ ଦେଇଥିଲେ। ଉତ୍ସବରେ ଅଧ୍ୟକ୍ଷ ଅର୍ଜୁନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ଅଧାପକ ଜନ୍ମେଜୟ ଦାଶ, ଆତ୍ମସୁରକ୍ଷା ଶିବିର ପରିଚାଳକ ଶୁଭ୍ରାଂଶୁ ଗିରି ଯୋଗଦେଇଥିଲେ। ଅଧାପିକା ବବିତା ସିଂ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପୁସ୍ତକାଳୟର ଅଧକ୍ଷ କମଳଲୋଚନ ସେନାପତି, ସାଧୁ ଜେନା ଓ ଲକ୍ଷ୍ମଣ ହାଁସଦା, ସଚିନ ସାଉ ଓ ଧରଣୀ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ପଞ୍ଚାୟତ ସମିତିସ୍ତରୀୟ ମନରେଗା ଜନଶୁଣାଣି ଶିବିର




**ଶୁଳିଆପଦା, ୨୨।୨ (ସମିସ):** ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ସାମାଜିକ ସମୀକ୍ଷା ପ୍ରକ୍ରିୟା ୩ ଅକ୍ଟୋବର ୨୦୨୩ରୁ ଆରମ୍ଭ ହୋଇ ୨୯ ଜାନୁଆରୀ ୨୦୨୪ରେ ସମସ୍ତ ୧୬ଟି ପଞ୍ଚାୟତରେ ଶେଷ ହୋଇଛି। ବ୍ଲକ ସାମାଜିକ ସମୀକ୍ଷକଙ୍କ ନେତୃତ୍ୱରେ ୧୪ ଜଣ ଭିଆରପି ୨/୩ ଜଣିଆ ଦଳ ହୋଇ ପ୍ରତ୍ୟେକ ପଞ୍ଚାୟତରେ ବିଭିନ୍ନ ଯୋଜନାର ହିତାଧିକାରୀ ଓ ସମ୍ପାଦିତ ହୋଇଥିବା କାର୍ଯ୍ୟ ଯାଞ୍ଚ କରିଥିଲେ। ଏଥିସହିତ ବିଭିନ୍ନ ଦିଗ ଓ କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ମତାମତକୁ ଭିତ୍ତି କରି ସେମାନଙ୍କ ଅଭିଯୋଗ ଯଥା ବିନା ଏମଆର୍‌ରେ ପେମେଣ୍ଟ, ଏମଆର୍‌ରେ ଅନୁପସ୍ଥିତ ଥାଇ ପେମେଣ୍ଟ, ଅଧିକ ଦିନ କାମ କରିଥିବା ବେଳେ କମ୍ ଦିନର ପେମେଣ୍ଟ, ମୃତ ଲୋକଙ୍କ ନାମରେ ଉଠୁଥିବା ରାସନ ଚାଉଳ ଓ ଭତ୍ତା ଟଙ୍କା ପରିବା ଲୋକଙ୍କ କଜାଣତରେ ଉଠିବା ଆଦି ନେଇ ସମୀକ୍ଷା କରାଯାଇଥିଲା। ଏହି ଅବସରରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନାରେ ୨୦ ହଜାର ୧ ଶହ ୭୩ଟି ଜବ୍‌କାର୍ଡ ପ୍ରଦାନ କରାଯାଇଥିଲା। ଏହି ସମୟ ମଧ୍ୟରେ ଅଣକୁଶଳୀ କାର୍ଯ୍ୟ ନିମନ୍ତେ ଆବେଦନ କରିଥିବା ସମସ୍ତ ୧୧ ହଜାର ୨ ଶହ ୯୭ ପରିବାରକୁ ଏହି ଯୋଜନାରେ କାର୍ଯ୍ୟ ଯୋଗାଇ ୩ ଲକ୍ଷ ୯୩ ହଜାର ୨ ଶହ ୪୭ ଶ୍ରମ ଦିବସ ସୃଷ୍ଟି କରାଯାଇଥିଲା। ଏହି ସମୟ ମଧ୍ୟରେ ୧୬୬ ପରିବାରକୁ ୧୦୦ ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଥିଲା। କପ୍ତିପଦା ପିଏ, ଆଇଟିଡିଏ ନରେନ୍ଦ୍ର ଖମାରି, ଅମ୍ବୁଡସମେନ୍ ମୟୂରଭଞ୍ଜ ବିଜୟ କୁମାର ଭୂୟାଁ, ବିଡିଓ ଅନୁପମା ଘୋଷ୍, ଶୁଳିଆପଦା ବ୍ଲକ ଅଧ୍ୟକ୍ଷା ପାନମଣୀ ମାର୍ଣ୍ଡି, ଜିଲ୍ଲା ପରିଷଦ ସଦସ୍ୟ ନଗେନ୍ଦ୍ର ନାଥ କିସ୍କୁ, ଉପାଧ୍ୟକ୍ଷ ଜ୍ୟୋତିଲାଲ ବାରିକ, ସହକାରୀ ଯନ୍ତ୍ରୀ ରବିନାରାୟଣ ପୁଥାଳ, ଏପିଓ ଅନୁରାଧା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ମାତୃଭାଷା ଦିବସ ପାଳିତ



**ବାରିପଦା, ୨୨।୨(ସମିସ)**

ତକତପୁର ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ସଶକ୍ତ ନାଗରିକ ଗଠନରେ ମାତୃଭାଷାର ଭୂମିକା ବିଷୟରେ ସଚେତନତା ବୃଦ୍ଧି ପାଇଁ ଉଦ୍ଦିଷ୍ଟ ଆଲୋଚନାଚକ୍ରରେ ସହକାରୀ ପ୍ରଫେସର ଉମେଶ ଚନ୍ଦ୍ର ମାଝୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଆଲୋଚକଭାବେ ଡ. ସରୋଜ ନାୟକ ଯୋଗଦେଇ ଏହି ଦିବସ ପାଳନର ଉଦ୍ଦେଶ୍ୟ ଓ ଉପାଦେୟତା ବିଷୟରେ ଆଲୋକପାତ କରିଥିବାବେଳେ ଅନ୍ୟତମ ଆଲୋଚକଭାବେ ସହକାରୀ ପ୍ରଫେସରକେ ଲକ୍ଷ୍ମୀ ସେନାପତି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ପ୍ରଫେସର ସରୋଜ ଦାସ, ରାଜକିଶୋର ରାଉଳ, ଖିରୋଦ କୁମାର ଚୌଧୁରୀ, ନବୀନ ନାୟକ ଡକ୍ଟର ଚିତ୍ରସେନ ସେଠୀ, ସନ୍ଦୀପ ଚାନ୍ଦ, ଅଧ୍ୟାପିକା ମନାଲି ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଛାତ୍ର ସଂସଦ ସଭାପତି ଓମପ୍ରକାଶ ପଣ୍ଡା ସ୍ୱାଗତ ଭାଷଣ ଓ ସମ୍ପାଦକ ଓମପ୍ରକାଶ ବେହେରା ଧନ୍ୟବାଦ ଦେଇଥିଲେ।

**ବାରିପଦା:** ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟରେ ସ୍ନାତକୋତ୍ତର ଓଡ଼ିଆ ବିଭାଗ ତରଫରୁ ବିଭାଗୀୟ ମୁଖ୍ୟ ଡ଼. ଠାକୁରା ଚରଣ ମାରାଣ୍ଡିଙ୍କ ପୌରୋହିତ୍ୟରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ମାତୃଭାଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅଧାପିକା ତୃପ୍ତି ଦାସ, ଅଧାପିକା ପ୍ରତିଭା ଦାସ, ଶୁଭସ୍ମିତା ନାଏକ, ସୁଶ୍ରୀ ନାୟକ, ସଂଯୁକ୍ତା ମହାନ୍ତ, ରୂପାମଞ୍ଜରୀ ବେହେରା, ସସ୍ମିତା ସି, ମିନାକ୍ଷୀ ସାହୁ, ପୂର୍ଣ୍ଣିମା ମହାନ୍ତି, ଦେବଶ୍ରିତା ବିଶ୍ୱାଳ, ଅଙ୍କିତା ସାହୁ, ଦିପ୍ତିଶ୍ରୀ ବେହେରା, ସୁଜାତା ପାଲ ଏବଂ ଅଧାପକ ପ୍ରୀତମ ମହାନ୍ତ, ରଞ୍ଜିତ ମାର୍ଣ୍ଡି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମାତୃଭାଷା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ବିଭାଗୀୟ ଅଧାପିକା ଜ୍ୟୋତିର୍ମୟୀ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

**ବାଙ୍ଗିରିପୋଷି:** ସାନ୍ତାଳୀ ଅଭିଭାବକ ମହାସଂଘ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ଜିଲ୍ଲା ସଭାପତି ମେଘରାୟ ଟୁଡୁଙ୍କ ସଭାପତିତ୍ୱରେ ଜଳଡିହାଠାରେ ପାଳିତ ହୋଇଯାଇଛି।






ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ସାଙ୍ଗାର ବାସ୍କେ ଯୋଗଦେଇ ମାତୃଭାଷା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଗ୍ରାମବାସୀ ତଥା ଅଭିଭାବକଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଶ୍ରୀ ବାସ୍କେ ବହୁଭାଷା ଶିକ୍ଷା କାର୍ଯ୍ୟକ୍ରମ ତଥା ଜାତୀୟ ଶିକ୍ଷାନୀତି ୨୦୨୦ ବିଦ୍ୟାଳୟ ଶିକ୍ଷାକୁ ମାତୃଭାଷା ସାନ୍ତାଳୀ ମାଧ୍ୟମ ଶିକ୍ଷା ଅଣଦେଖା କରି ଦ୍ୱିତୀୟଭାଷା ଓଡିଆରେ ନିର୍ଯାତନ, ଶୋଷଣ, ପ୍ରତାରଣା କରୁଛନ୍ତି। ଏ ନେଇ ପ୍ରଶାସନ ବିରୋଧରେ ସମସ୍ତ ଥାନାରେ ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ ମାମଲା ରୁଜୁ କରାଯିବ ବୋଲି ସୁନାରାମ ସୋରେନ, କୁଆଁର ମାର୍ଣ୍ଡି, କୁଆଁର ଟୁଡୁ, କାଜଲ ଟୁଡୁ, ନରହରୀ ଟୁଡୁ, କାହ୍ନୁ ମୁର୍ମୁ, ହୀରାମଣି ମୁର୍ମୁ, ଝତ୍ର ଟୁଡୁ, ମୁନିରାମ ମାର୍ଣ୍ଡୀ, ବାରିଆଲ ଟୁଡୁ, ଭାଗବତ ମୁର୍ମୁଙ୍କ ଉପସ୍ଥିତିରେ ଚୂଡାନ୍ତ ନିଷ୍ପତ୍ତି ନିଆଯାଇଛି।

**କୁଆମରା:** ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳା ଦାମୋଦର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଭାସ୍କର ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲେଖକ ତଥା ଗାଳ୍ପିକ ଜୀବନକୃଷ୍ଣ ମହାପାତ୍ର ଯୋଗଦେଇ ପିଲାମାନଙ୍କ ମଧ୍ୟରେ କିପରି ସୃଜନଶୀଳତାର ବିକାଶ ହେବ ସେ ନେଇ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଭାଷା ହିଁ ଭବିଷ୍ୟତ, ଓଡିଆ ଭାଷା ଆମ ସାହିତ୍ୟ, ସଂସ୍କୃତି ଓ ଅସ୍ମିତାର ଅନନ୍ୟ ପରିଚୟ। ଭାରତୀୟ ଶାସ୍ତ୍ରୀୟ ଭାଷା ମାଧ୍ୟମରେ ଓଡ଼ିଆ ଭାଷାର ରହିଛି ସ୍ୱତନ୍ତ୍ରତା ବୋଲି ବରିଷ୍ଠ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସାହୁ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ଜିତେନ୍ଦ୍ର ଜେନା, ସୁଶାନ୍ତ କୁମାର ନାୟକ, ସୁମିତ୍ରା ବାରିକ, ବିଦ୍ୟା ମଞ୍ଜୁଳା ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଭାଷା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମାତୃଭାଷା ଉପରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଆଦ୍ୟାଶା ପଣ୍ଡା ପ୍ରଥମ, ସୁଚିସ୍ମିତା ରାଉତ ଦ୍ୱିତୀୟ ଓ ଅଭିପ୍ସା ଦାସ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

# ୧୨ଟି ପଞ୍ଚାୟତରେ ଜୀବନଜୀବିକା ସହାୟତା କାର୍ଯ୍ୟକ୍ରମ

**ଶୁକୁଳି, ୨୨।୨(ସମିସ):** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ନିର୍ଦ୍ଦେଶକ୍ରମେ ରାସନ୍‌କାର୍ଡ ଥିବା ହିତାଧିକାରୀଙ୍କ ପ୍ରତି ପରିବାରଙ୍କୁ ଦୁଇଟି ବ୍ୟାଗ ସହିତ ଏକ ହଜାର ଟଙ୍କା ସମସ୍ତ ହିତାଧିକାରୀ ପରିବାରଙ୍କୁ ପ୍ରଦାନ କରାଯିବା ନିମନ୍ତେ ଆଜି ରରୁଆଁ ବ୍ଲକର ୧୨ଟି ପଞ୍ଚାୟତରେ ବଣ୍ଟନ କରାଯାଇଛି। ବିଡିଓ ପ୍ରେମାନନ୍ଦ ବେହେରା ନିଜେ ବିଭିନ୍ନ ପଞ୍ଚାୟତ ବୁଲି ବଣ୍ଟନ କାର୍ଯ୍ୟ ତଦାରଖ କରିଥିଲେ। ଏଥିରେ ମିଶନ ଶକ୍ତିର ସଭ୍ୟାମାନେ ସହଯୋଗ କରିଥିଲେ। ଗରିବ ଓ ଭୂମିହୀନ ପରିବାରରେ ହସ ଫୁଟାଉଥିବା ବର୍ତ୍ତମାନର ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କ ଏହିଭଳି ପଦକ୍ଷେପକୁ ପ୍ରଶଂସା କରାଯାଇଛି।

# ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ଜାମଦା, ୨୨।୨(ସମିସ):** ଜାମଦା ବ୍ଲକ ଅନ୍ତର୍ଗତ ତାରଣା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ପିଥ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜ୍ଞାନେନ୍ଦ୍ର ସାମଲ, ମୁଖ୍ୟବକ୍ତା ଭାବେ ମାନବୀର ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ହରିହର କର, ସ୍ୱତନ୍ତ୍ର ଅତିଥି ରୂପେ ତାରଣା ସରପଞ୍ଚ ମାଧୁରୀ ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ଦେଓକୁଣ୍ଡି ଆଶ୍ରମ ବିଦ୍ୟାଳୟର ଶିକ୍ଷକ କାରାନ୍ ଟୁଡୁ, ହରିଲାବେଡା ଆଶ୍ରମ ସ୍କୁଲର ଶିକ୍ଷୟିତ୍ରୀ ରହଣି ମୁର୍ମୁ, ବିଦ୍ୟାଳୟ ପରିଚାଳନା କମିଟି ଉପାଧ୍ୟକ୍ଷା ନଗି ମୁର୍ମୁ ପ୍ରମୁଖ ଛାତ୍ରଛାତ୍ରଙ୍କୁ ମାର୍ଗ ଦର୍ଶନ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଦାମ ଚନ୍ଦ୍ର ଦତ୍ତ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଦୀପକ କୁମାର କାନ୍ତ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ବାନାଉ ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ।

କମିଲାଣି ମଣ୍ଡିରେ ଗହଳଚହଳ

# ଧାନ ବିକି ସାରିଲେଣି ୪୧ ହଜାର ଚାଷୀ

**କେନ୍ଦୁଝର,୨୨।୨(ସମିସ)**

କେନ୍ଦୁଝର ଜିଲ୍ଲାରେ ଫେବୃଆରୀ ୨୦ ତାରିଖ ମଧ୍ୟରେ ବିଭିନ୍ନ ସମବାୟ କୋଅପରେଟିଭ ସମେତ ୯୦ଟି ମଣ୍ଡିରେ ୪୧ ହଜାର ଚାଷୀଙ୍କଠାରୁ ଧାନ କିଣାସରିଲାଣି। ଏ ପର୍ଯ୍ୟନ୍ତ ୧୫ ଲକ୍ଷ ୧ ହଜାର ୭୯୦.୭୫ କ୍ୱିଣ୍ଟାଲ ଧାନକିଣା ଯାଇଛି। କିନ୍ତୁ ଚଳିତ ବର୍ଷ ଗତବର୍ଷ ଅପେକ୍ଷା ମଣ୍ଡିରେ ଧାନ ବିକ୍ରି କମିବା ସମ୍ଭାବନା ରହିଛି। କାରଣ ଗତ କିଛିଦିନ ହେବ ମଣ୍ଡିମାନଙ୍କ ଖୁବ କମ ସଂଖ୍ୟାରେ ଧାନ ଆସୁଛି। ଆଉ କେତେକ ମଣ୍ଡିକୁ ଆଦୌ ଧାନ ଆସୁନଥିବା ସୂଚନା ମିଳିଛି। ୨୦ ତାରିଖ ମଧ୍ୟରେ ବିକ୍ରି ଧାନର ସୂଚନା ଅନୁସାରେ ପଳାଶପଙ୍ଗା ଲ୍ୟାମ୍ପ ପଦ୍ମପୁରେ ୨୬୭୫୫.୪୮ କ୍ୱିଣ୍ଟାଲ ଧାନକିଣା ସରିଥିବା ବେଳେ ରାଜନଗର ଯମୁନାପଶିରେ ୧୨୧୭୪.୫୬ କ୍ୱିଣ୍ଟାଲ, ସରିଗିଡାର ଦେଉଳଡିହାରେ ୧୧୩୬୧.୦୯କ୍ୱିଣ୍ଟାଲ, ରାଜନଗରରେ ୮୬୯୮.୮ କ୍ୱିଣ୍ଟାଲ, ଗୟଳମୁଣ୍ଡାରେ ୧୧୬୭୩.୬୩ କ୍ୱିଣ୍ଟାଲ, ସାହାରପଡାର ଟଭାସରୁଆରେ ୧୨୩୩୪.୨୮ କ୍ୱିଣ୍ଟାଲ, ଚମ୍ପୁଆର କରଞ୍ଜିଆରେ ୧୧୧୨୮୬.୨୭ କ୍ୱିଣ୍ଟାଲ, ପଣସଡିହାରେ ୭୦୭୩.୪୯ କ୍ୱିଣ୍ଟାଲ, ପାଟଣାର କେନ୍ଦେଇପଶିରେ ୧୧୬୨୯.୩୯ କ୍ୱିଣ୍ଟାଲ, କୋଡପଡାର ଧକଟାରେ ୧୩୦୫୯.୬୪ କ୍ୱିଣ୍ଟାଲ, ଭଣ୍ଡାର ଜ୍ୟୋତିପୁରରେ ୫୩୪୩.୨୩ କ୍ୱିଣ୍ଟାଲ, କାଳିଆହତାରେ ୯୪୬୪.୬୬ କ୍ୱିଣ୍ଟାଲ, ତରତରାର କଣ୍ଟିପାଳରେ ୧୧୬୧୩.୬୭ କ୍ୱିଣ୍ଟାଲ, ସୌଲଙ୍ଗରେ ୧୫୮୬୪.୬୮ କ୍ୱିଣ୍ଟାଲ, ଝୁମ୍ପୁରାର ବାଲିବନ୍ଧରେ ୭୯୯୭.୭୩ କ୍ୱିଣ୍ଟାଲ, ସୋସୋର ବାଲିବରେଇରେ ୫୩୧୩.୩୭ କ୍ୱିଣ୍ଟାଲ, ଆନନ୍ଦପୁରରେ ୧୪୩୭.୦୩ କ୍ୱିଣ୍ଟାଲ, ସମଣାର ଆମ୍ରୋ କେନ୍ଦ୍ରରେ ୮୮୬୩.୬୯ କ୍ୱିଣ୍ଟାଲ, ଫକିରପୁରେ ୫୬୪୩.୬୯ କ୍ୱିଣ୍ଟାଲ, ହରିଚନ୍ଦନପୁର ରେବଣା ପଳାଶପାଳରେ୧୨୧୦୮.୧୩ କ୍ୱିଣ୍ଟାଲ, ତରତରାରେ ୧୯୯୮୮.୫୨ କ୍ୱିଣ୍ଟାଲ, ସାହାରପଡାର ଉଦୟପୁରରେ ୧୦୩୨୨.୭୧ କ୍ୱିଣ୍ଟାଲ, ସାହାରପଡାର ଖଜିରାପାଟରେ ୧୩୮୭୪.୭ କ୍ୱିଣ୍ଟାଲ, ଭଣ୍ଡାର ଫୁଲକଣେଇରେ ୭୪୬୪.୩୮ କ୍ୱିଣ୍ଟାଲ, ଶୁଆକାଟିର ତଳ ଜାଗରରେ ୭୦୫୬.୦୩ କ୍ୱିଣ୍ଟାଲ, ଭଣ୍ଡାର ଭୂଇଁପୁରରେ ୧୦୬୦୫.୯ କ୍ୱିଣ୍ଟାଲ, ଭଣ୍ଡାରରେ ୧୦୫୪୪.୮୩ କ୍ୱିଣ୍ଟାଲ, ଖଲଣାରେ ୩୫୨୨୧.୪୮ କ୍ୱିଣ୍ଟାଲ, ଦେଓଗାଁରେ ୨୬୧୬୬.୨୯ କ୍ୱିଣ୍ଟାଲ, ଗୟଳମୁଣ୍ଡାର କୋଳିମାଟିରେ ୩୪୨୦.୭୮ କ୍ୱିଣ୍ଟାଲ, ଢେଙ୍କିକୋଟରେ ୧୬୬୫୭.୨୪ କ୍ୱିଣ୍ଟାଲ, ହରିଚନ୍ଦନପୁରର ଭଗାମୁଣ୍ଡାରେ ୭୦୦୫.୬୮ କ୍ୱିଣ୍ଟାଲ, ବଡରମ୍ପାସର ଓରାଳିରେ ୧୭୧୪୦.୮୮ କ୍ୱିଣ୍ଟାଲ, ଶୁଆକାଟିରେ ୨୯୧୧.୧୬ କ୍ୱିଣ୍ଟାଲ, କୋଡପଡାରେ ୧୧୭୬୫.୯୧ କ୍ୱିଣ୍ଟାଲ, ଖାଲିଆମେଣ୍ଟାରେ ୩୪୩୪୧.୯ କ୍ୱିଣ୍ଟାଲ, ପଞ୍ଚୁଗୋଛିଆରେ ୨୬୦୫୭.୯୨ କ୍ୱିଣ୍ଟାଲ, ସଦରର ନରଣପୁରରେ ୨୫୨୨୩.୧୧କ୍ୱିଣ୍ଟାଲ, ବଡରମ୍ପାସରେ୩୭୩୮୮.୦୭ କ୍ୱିଣ୍ଟାଲ, ଅଳତୀର ବଡପଦନାରେ ୯୦୬୨.୧୫ କ୍ୱିଣ୍ଟାଲ, ସଦରର ମଇଦାନକେଲରେ ୧୪୮୪୧.୫୪ କ୍ୱିଣ୍ଟାଲ, ତେଲକୋଇର ଛାମୁଣ୍ଡାରେ ୨୦୫୦୭.୯୭ କ୍ୱିଣ୍ଟାଲ, ଜଘଁରାରେ ୧୫୪୪୪.୩୭ କ୍ୱିଣ୍ଟାଲ ଧାନବିକ୍ରୟ ସରିଲାଣି। ସେହିପରି ଡଆଁରର ଶାଳନିଆରେ ୨୯୧୪୪.୫୫ କ୍ୱିଣ୍ଟାଲ, ପାଟଣାରେ ୨୪୭୪୬.୭୯ କ୍ୱିଣ୍ଟାଲ, ପାଟଣାର ଏରେଣ୍ଡେଇରେ ୧୩୮୨୪.୭୮ କ୍ୱିଣ୍ଟାଲ, ଦରଡିପାଳରେ ୩୨୪୧୨.୩୯ କ୍ୱିଣ୍ଟାଲ, ସଦରର ରଘୁନାଥପୁରରେ ୧୬୮୪୮.୨୮ କ୍ୱିଣ୍ଟାଲ, ଅଳତୀରେ ୧୪୫୧୪.୨୯ କ୍ୱିଣ୍ଟାଲ ,ପଳାଶଫଗାରେ୩୭୩୪୨.୨୮ କ୍ୱିଣ୍ଟାଲ, ସାହାରପଡାରେ ୧୬୧୯୮.୦୯ କ୍ୱିଣ୍ଟାଲ, ଚମ୍ପୁଆର କଣ୍ଡରାରେ ୯୭୦.୦୧ କ୍ୱିଣ୍ଟାଲ, ବାଉଁଶଗଡରେ ୧୨୧୧୩.୧୪ କ୍ୱିଣ୍ଟାଲ, ବାଙ୍ଗୋରରେ ୧୯୨୭୧.୧ କ୍ୱିଣ୍ଟାଲ, ଢେଙ୍କିକୋଟର ପିପିଳିଆରେ ୨୨୩୨୧.୯୭ କ୍ୱିଣ୍ଟାଲ, ନୟାକୋଟର ତରମାକାନ୍ତରେ ୨୭୨୪.୩୪ କ୍ୱିଣ୍ଟାଲ, ଜଘଁରାର ବକ୍ସିବାରିଗାଁରେ ୯୫୧୫.୨୪ କ୍ୱିଣ୍ଟାଲ, ନୟାକୋଟରେ ୬୨୨୨.୧୨ କ୍ୱିଣ୍ଟାଲ, ଜଘଁରାର ପିଠାଗୋଳାରେ ୨୧୩୩୭.୯୧ କ୍ୱିଣ୍ଟାଲ, ସୋସୋରେ ୨୭୬୦୪.୦୬ କ୍ୱିଣ୍ଟାଲ ଧାନକିଣାସରିଛି। ଅପର ପକ୍ଷରେ ଚମ୍ପୁଆ ରେନ୍ଦ୍ରର ରିମୁଳିରେ ୭୭୯୯.୦୮ କ୍ୱିଣ୍ଟାଲ, ଉଖୁଣ୍ଡାର ଚଉଠିଆରେ ୧୩୯୩୮.୦୯ କ୍ୱିଣ୍ଟାଲ, ଝୁମ୍ପୁରାରେ୨୪୩୩୮.୪୮ କ୍ୱିଣ୍ଟାଲ, ଡଆଁରରେ ୪୧୫୪୦.୭୫ କ୍ୱିଣ୍ଟାଲ, ସମଣାରେ ୨୭୭୧୧.୪୬ କ୍ୱିଣ୍ଟାଲ, ବାଡୋରେ ୯୫୪୭.୯ କ୍ୱିଣ୍ଟାଲ, ରାଜନଗରର ବାଉଁଶୂଳୀରେ ୯୯୪୯.୩୨ କ୍ୱିଣ୍ଟାଲ, କାଳିଆହତାର ରାଇସୁଆଁରେ ୧୨୬୯୯.୩୫ କ୍ୱିଣ୍ଟାଲ, ରାଜନଗରର ଚେମଣାରେ ୧୯୨୩୬.୩୯ କ୍ୱିଣ୍ଟାଲ, ସିରିଗିଡାରେ ୧୪୮୦୯.୦୯ କ୍ୱିଣ୍ଟାଲ, ଚମ୍ପୁଆରେ ୮୫୫୯.୫ କ୍ୱିଣ୍ଟାଲ, କେଶଦୁରାପାଳରେ ୩୧୫୭୮.୭୮ କ୍ୱିଣ୍ଟାଲ, ଉଖୁଣ୍ଡାରେ ୨୬୯୮୯.୭୮ କ୍ୱିଣ୍ଟାଲ, ବଳରାମପୁରେ ୨୪୪୬୨.୭୯ କ୍ୱିଣ୍ଟାଲ, ହରିଚନ୍ଦପୁର ବଡପଳାଶପାଳରେ ୧୬୭୯୧.୭୫ କ୍ୱିଣ୍ଟାଲ, ଚମ୍ପୁଆର ଜାମୁଦଲକରେ ୮୦୪୮.୫୯ କ୍ୱିଣ୍ଟାଲ, ହରିଚନ୍ଦନପୁରରେ ୨୮୪୪୦.୬୯ କ୍ୱିଣ୍ଟାଲ, ଢେକିକୋଟ କେନ୍ଦ୍ରର ଘଟଗାଁରେ ୨୧୬୧୨.୨୩ କ୍ୱିଣ୍ଟାଲ, ଆନ୍ଦପୁର ପଦ୍ମପୁରରେ ୫୭୯୪ କ୍ୱିଣ୍ଟାଲ, ସଦରର ରାଇସୁଆଁରେ୧୮୨୬୦.୧୫କ୍ୱିଣ୍ଟାଲ, ବେଲବାହାଳୀରେ ୧୪୯୫୭.୮୨ କ୍ୱିଣ୍ଟାଲ, ସାହାରପଡାର ମାଛଗଡରେ ୧୨୬୯୬.୬୮ କ୍ୱିଣ୍ଟାଲ, ତେଲକୋଇରେ ୩୩୪୧୬.୦୨କ୍ୱିଣ୍ଟାଲ, ମରେଇଗାଁରେ୪୫୧୫୬.୨୬ କ୍ୱିଣ୍ଟାଲ, ପଟୁଂପଲ୍ଲୀରେ ୭୧୯୯.୨୪ କ୍ୱିଣ୍ଟାଲ, ଶାଳଦେଇରେ ୧୭୫୧୦.୭୬ କ୍ୱିଣ୍ଟାଲ, ସଢାରେ ୫୫୯୧୩..୩୯ କ୍ୱିଣ୍ଟାଲ, ଢେଙ୍କିକୋଟର ପଣ୍ଡାପଡାରେ ୧୨୫୧୮.୧୮ କ୍ୱିଣ୍ଟାଲ, ଗଡବାନ୍ଧୋଗୋଡାରେ ୨୮୫୩୬.୮୪ କ୍ୱିଣ୍ଟାଲ, ଗୋନାସିକାରେ ୧୨୫୬.୭୬ ସମେତ ୧୫୦୧୭୯୦.୭୫ କ୍ୱିଣ୍ଟାଲ ଧାନ ଏମଏସପି ଦରରେ ସରକାର କିଣିସାରିଲେଣି। ଆସନ୍ତା ମାସ ୩୧ ତାରିଖ ପର୍ଯ୍ୟନ୍ତ ଧାନକିଣା ଥିବାବେଳେ ମଣ୍ଡିକୁ ଧାନ ଆସିବାରେ କମିଥିବାରୁ ଆଉ ଅଧିକା ଧାନ ବିକ୍ରି ହେବା ନେଇ କମ ସମ୍ଭାବନା ରହିଛି।



**କିଣାଗଲାଣି ୧୫ ଲକ୍ଷରୁ ଅଧିକ କ୍ୱିଣ୍ଟାଲ ଧାନ**

## ରାଜସ୍ୱ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ଲୋକେ ହନ୍ତସନ୍ତ

**ଆନନ୍ଦପୁର,୨୨।୨(ସମିସ):** ଆନନ୍ଦପୁର, ଘସିପୁରା ଓ ହାଟଡିହୀ ତହସିଲ କାର୍ଯ୍ୟାଳୟସମ୍ମୁଖରେ ୬ ଦଫା ଦାବି ନେଇ ରାଜସ୍ୱ ନିରୀକ୍ଷକମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଆଜି ଚତୁର୍ଥ ଦିନରେ ପହଞ୍ଚିଛି। ଆନ୍ଦୋଳନ ଯୋଗୁ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିବା ବେଳେ ସାଧାରଣ ଲୋକେ ନାହିଁ ନଥିବା ହୀନସ୍ତା ହେଉଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି। ଦାବି ପୂରଣ ନହେବା ଯାଏଁ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଆନ୍ଦୋଳନକାରୀମାନେ ପ୍ରକାଶ କରିଛନ୍ତି। ବିଭିନ୍ନ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ରେଭିନ୍ୟୁ ସୁପରଭାଇଜର ଜଗନ୍ନାଥ ପଟ୍ଟନାୟକ, ରାଜସ୍ୱ ନିରୀକ୍ଷକ ସଞ୍ଜୟ କୁମାର ନାୟକ, ସନ୍ତୋଷ କୁମାର ନାୟକ, ସୀମାସୀମନ୍ତିନୀ ସାହୁ, ବିଜୟଲକ୍ଷ୍ମୀ ନାୟକ, ଅରବିନ୍ଦ ସାହୁ, ସଂଜୟ ପେରେଇ, ମନୋରଞ୍ଜନ ନାୟକ, ବିଶ୍ୱନାଥ ସାହୁ, ଅନିଶ କୁମାର ରାଉତ, ଏଆରଆଇ ଜ୍ଞାନେନ୍ଦ୍ର କୁମାର ନାୟକ, ଶ୍ୱେତାରୂପା ଜେନା, ରତ୍ନମଣୀ ଦାଶ, ଚନ୍ଦନ ଚରଣ ଓଝା ପ୍ରମୁଖ ସାମିଲ ହୋଇଛନ୍ତି। ସେହିପରି ଘସିପୁରା ଓ ହାଟଡିହି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତ ରାଜସ୍ୱ ନିରୀକ୍ଷକମାନେ ୬ ଦଫା ଦାବି ନେଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିବା ଦେଖାଦେଇଛ। ଆରଆଇମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେବା ସହିତ ସାଧାରଣ ଲୋକେ ନାହିଁ ନଥିବା ହୀନସ୍ତା ହେଉଥିବା ପରିଲକ୍ଷିତ ହୋଇଛି।

## ବନାଗ୍ନି ସଚେତନତା ସଭା

**ସୋସୋ/ହାଟଡିହି,୨୨।୨(ସମିସ):** ହାଟଡିହୀ ବ୍ଲକ ମାର୍ଶାଳା କିସ୍କୁଙ୍କ ସଂଯୋଜନାରେ ଗଡଚଣ୍ଡି ଫରେଷ୍ଟ ଡାକବଙ୍ଗଳାଠାରେ ବନାଞ୍ଚଳସ୍ତରୀୟ ବନାଗ୍ନି ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସିଏଫ୍ ଶୋକଚନ୍ଦ୍ର ବିଶ୍ୱାଳ ଯୋଗ ଦେଇ ଜଙ୍ଗଲ ନିଆଁ ଦାଉରୁ କିଭଳି ରୋକାଯାଇ ପାରିବେ ସେ ନେଇ ବିଭିନ୍ନ ଉପାୟ ବାବଦରେ ଆଲୋଚନା କରିଥରଲେ। ଏହି କାର୍ଯ୍ୟକ୍ରମରେ ବନପାଳ କେଦାର ପାତ୍ର, ଡମ୍ବରୁ ଧର ମହାନ୍ତ, ବନରକ୍ଷୀ ଅମରେନ୍ଦ୍ର ନାଥ, କମଳିନୀ ଜେନା, ଜ୍ୟୋତ୍ସ୍ନାରାଣୀ ନାୟକ, ମନ୍ମଥ ସାହୁ, ଦୀନେଶ ମାଝୀ, ଓଏଫ୍ଏସଡିଏସ ଲିଡର ବିଜୟ କୁମାର ସା, ଡିଇଓ ବିବେକାନନ୍ଦ ପଣ୍ଡା ପ୍ରମୁଖ ସାମିଲ ହୋଇଥିବାବେଳେ କାର୍ଯ୍ୟକ୍ରମ ରେ ବିଭିନ୍ନ ଅଞ୍ଚଳରୁ ଭିଏସ୍ଏସମାନେ ଯୋଗ ଦେଇଥିଲେ। ଆଗାମୀ ଗ୍ରୀଷ୍ମ ଦିନରେ ଜଙ୍ଗଲକୁ ନିଆଁ ଦାଉରୁ ରୋକିବା ପାଇଁ ଦୃଢ ସଂକଳ୍ପ ନେଇଥିଲେ।

## ୫ ସ'ମିଲ୍ ଉପରେ ମିଳିତ ଚଢ଼ଉ | ବିପୁଳ ପରିମାଣରେ କାଠ ଜବତ



**ରାମଚନ୍ଦ୍ରପୁର, ୨୨।୨(ସମିସ):** କେନ୍ଦୁଝର ଜିଲ୍ଲା ସାଇଁକୁଳ ଠାରେ ଥିବା ୫ଟି ସ' ମିଲ୍ ଉପରେ ଆଜି ବାଲେଶ୍ୱର, କଟକ ଏବଂ ଆନନ୍ଦପୁର ବନବଭାଗ ପକ୍ଷରୁ ଏକା ସଙ୍ଗରେ ମିଳିତ ଚଢ଼ଉ କରାଯାଇଛ। ଚଢ଼ଉ ସମୟରେ ସରସ୍ୱତୀ, କୋଣାର୍କ, ବିଶ୍ୱା, ଆନନ୍ଦପୁର ଓ ସନ୍ତୋଷୀ ସ'ମିଲ୍‌ରେ ମହଜୁଦ ଥିବା କାଠଗୁଡିକର ଆବଶ୍ୟକୀୟ କାଗଜପତ୍ର ଓ କାଠଗୁଡିକରେ ପିଟା ଯାଇଥିବା ପାସିଂ ହାମାରକୁ ତନତନ୍ନ କରିଛି ଏହି ଟିମ୍। ସ'ମିଲ୍ ଭିତରେ ଓ ବାହାରେ ପଡିଥିବା ଅନେକ କାଠ ଗଣ୍ଡିରେ ପାସିଂ ହାମାର ନଥିବାରୁ ସେଗୁଡିକୁ ଜବତ କରିଛି ଭିଜିଲାନ୍ସ ବିଭାଗ। ଜବତ କାଠକୁ ଆନନ୍ଦପୁର ବନଖଣ୍ଡ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ପରବର୍ତ୍ତୀ ସମୟରେ ଜବତ କାଠର ଆବଶ୍ୟକୀୟ କାଗଜପତ୍ର ଯାଞ୍ଚ ପରେ ସ୍ଥାନୀୟ ଡିଏଫ୍‌ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି ବୋଲି ଭିଜିଲାନ୍ସ ଅଧିକାରୀ କହିଛନ୍ତି। ଆଜିର ଏହି ଚଢ଼ଉରେ ରାଜ୍ୟ ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଭିଜିଲାନ୍ସ ଏସପିଙ୍କ ତତ୍ତ୍ୱାବଧାନରେ ମିଳିତ ଯାଞ୍ଚ କରାଯାଇଛି। ଏହା ଏକ ରୁଟିନ୍ କାର୍ଯ୍ୟକ୍ରମ ଓ ଏହାର ଉଦ୍ଦେଶ୍ୟ ରାଜ୍ୟରେ ଲାଇସେନ୍ସପ୍ରାପ୍ତ ସ'ମିଲ୍ ସବୁ ଆଇନ ଭିତରେ ରହି କାର୍ଯ୍ୟ କରୁଛନ୍ତି କି ନାହିଁ ତାହା ଜାଣିବା ହେଉଛି ମୂଳ ଲକ୍ଷ୍ୟ ବୋଲି ଭିଜିଲାନ୍ସ ଡାଇରେକ୍ଟର ଡିସିଏଫ୍ ରଜନୀକାନ୍ତ ମହାନ୍ତି ପ୍ରକାଶ କରିଛନ୍ତି।

## କ୍ରାକର୍ସ ଇଣ୍ଡିଆ କମ୍ପାନୀ ଶ୍ରମିକ ସଂଘର ନିର୍ବାଚନ



**ଯୋଡା,୨୨।୨(ସମିସ):** ଯୋଡା ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନପୁର ସ୍ଥିତ କ୍ରାକର୍ସ ଇଣ୍ଡିଆ ଆଲୋଏଜ୍ ଲିମିଟେଡ୍ କମ୍ପାନୀ ଶ୍ରମିକ ସଂଘର ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କମ୍ପାନୀ କର୍ମଚାରୀଙ୍କ ନିଜସ୍ୱ ପଞ୍ଜିକୃତ ଶ୍ରମିକ ସଂଘ ହୋଇଥିବାରୁ ଏହି ନିର୍ବାଚନରେ ଦୁଇ ଗୋଟି ଦଳ ନିର୍ବାଚନ ଲଢିଥିଲେ ମଧ୍ୟ ସମସ୍ତ ୫୨ ଜଣ କର୍ମଚାରୀ ଏବଂ କମ୍ପାନୀର ଉଚ୍ଚ ପଦାଧିକାରୀମାନଙ୍କ ଉପସ୍ଥିତିରେ ହାତ ଟେକି ସହମତି ପ୍ରଦାନ କରିଥିଲେ। ଯେଉଁ ଦଳ ସପକ୍ଷରେ ଅଧିକ ସମର୍ଥନ ରହିଥାଏ ସେହି ଦଳକୁ ବିଜେତା ଭାବେ ଘୋଷଣା କରାଯାଇଛି। ଏହା ପ୍ରତ୍ୟେକ ଦୁଇ ବର୍ଷରେ ଅନୁଷ୍ଠିତ ହୋଇଥାଏ। ତେବେ ଚଳିତ ନିର୍ବାଚନରେ ଚତୁର୍ଭୁଜ ଖିଲାର୍ ସଭାପତି, ପ୍ରମୋଦ କୁମାର୍ ଦାସ୍ ଉପସଭାପତି, ଲୋକନାଥ ମହାନ୍ତ ସମ୍ପାଦକ, ଶ୍ୟାମସୁନ୍ଦର ମୁଣ୍ଡା ସହ-ସମ୍ପାଦକ, ସୁବାସ ନାଏକ୍ କୋଷାଧ୍ୟକ୍ଷ, ସଦସ୍ୟ ଭାବେ ପୂର୍ଣ୍ଣଚନ୍ଦ୍ର ଦାସ୍, ରୟାଲ୍ ମୁଣ୍ଡା, ବନମାଳି ମୁଣ୍ଡା, ସୁବ୍ରାଜ୍ ମୁଣ୍ଡା, ରାଜୁ ହେମ୍ବ୍ରମ, ନରେଶ ମହାକୁଡ୍, ପ୍ରେମାନନ୍ଦ ମହାନ୍ତ ଏବଂ ଅଡିଟର୍ ଭାବେ ଚନ୍ଦ୍ର ମୋହନ ଗାଗ୍ରାଇ, ପୂର୍ଣ୍ଣଚନ୍ଦ୍ର ନାଏକ୍ ନିର୍ବାଚିତ ହୋଇଥିବା ବେଳେ ନିର୍ବାଚନ ଅଧିକାରୀ ଭାବେ କମ୍ପାନୀର ବିକାଶ ଭାନୁ ଦାସ (ଜିଏମ୍), ଚକ୍ରଧର ସ୍ୱାଇଁ (ଏଚ୍ଆର୍), ଜ୍ୟୋତିର୍ମୟୀ ମହାପାତ୍ର (ପର୍ସନାଲ୍), ପ୍ରଦୀପ୍ କୁମାର୍ ସାହୁ (ପ୍ଲାଣ୍ଟ ସାଇଟ୍ ଡିଏମ୍) ନିର୍ବାଚନକୁ ସୂଚାରୁ ରୂପେ ପରିଚାଳନା କରିଥିଲେ।

## ନିର୍ମାଣାଧୀନ ପାଚେରି ଭାଙ୍ଗିଲେ ଦୁର୍ବୃତ୍ତ



**ତୁରୁମୁଙ୍ଗା,୨୨।୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବୁଢୀକାପୁଡି ପଞ୍ଚାୟତ ବେଲପଶି ଗ୍ରାମର ଠାକୁରାଣୀ ଶାଳ ରେ ନିର୍ମାଣ ଚାଲିଥିବା ପାଚେରିକୁ କେହି ଦୁର୍ବୃତ୍ତ ବିଳମ୍ବିତ ରାତିରେ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ଆଇଟିଡିଏ ପକ୍ଷରୁ ୩ ଲକ୍ଷ ଟଙ୍କା ବ୍ୟୟବରାଦ କରି ଏହି ପାଚେରି କାମ ଚାଲିଥିବା ବେଳେ ମଙ୍ଗଳବାର କେହି ଦୁର୍ବୃତ୍ତ ଏହି ପାଚେରିକୁ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି।

## ସଜନା ଗଛରୁ ପଡ଼ି ବୃଦ୍ଧ ମୃତ

**ତୁରୁମୁଙ୍ଗା,୨୨।୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସରାସକୋଲା ପଞ୍ଚାୟତ ବାଉଁଶଡିହା ଗ୍ରାମର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ସୁବାସ ମହାନ୍ତ (୬୫)। ଅପରାହ୍ନରେ ସଜନା ଗଛକୁ ଶିଡିରେ ଚଢ଼ି ସଜନା ଛୁଇଁ ତୋଳି ଓହ୍ଲାଇଥିବା ବେଳେ ଗୋଡ଼ ଖସିଯିବାରୁ ତଳେ ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ରିସିଭ ଡେଥ ଘୋଷଣା କରିଥିଲେ। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପାଟଣା ଥାନାରେ ୧୨/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ବିବସ୍ୱ ପ୍ରଧାନ କହିଛନ୍ତି।

## ଉପାନ୍ତ ଅଞ୍ଚଳକୁ ଗଡ଼ିଲା ଲକ୍ଷ୍ମୀ ବସ୍



**ତୁରୁମୁଙ୍ଗା,୨୨।୨(ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକର ଉପାନ୍ତ ଅଞ୍ଚଳରେ ଗଡ଼ିଛି ଲକ୍ଷ୍ମୀବସ୍। ପ୍ରଥମ ଦିନ ବ୍ଲକର ଦୁର୍ଗମ ତଥା ଉପାନ୍ତ ଅଞ୍ଚଳ ମାଛଗଡ଼, ଦାମାହୁଦା, ବନବୀରକୁ ଲକ୍ଷ୍ମୀବସ୍ ଚଳାଚଳ କରିଥିବା ବେଳେ କପୁଣ୍ଡି, ବଡ଼ବିଲ ଆଦି ପଞ୍ଚାୟତକୁ ମଧ୍ୟ ଗଡ଼ିଛି ବସ୍। ଗୁରୁବାର ଉଦଘାଟନୀ ଉତ୍ସବରେ ସାହାରପଡା ବିଡିଓ ମାଧବ ଚନ୍ଦ୍ର ବିରୁଆ, ତହସିଲଦାର ପରମାନନ୍ଦ ଖଣ୍ଡେଇ ବ୍ଲକ ବିଜେଡି ସଭାପତି ଦିଲ୍ଲୀପ ସାହୁ, ପୂର୍ବତନ ବ୍ଲକ ଉପାଧକ୍ଷା କିରଣ ବାଳା ସିଂ, କପୁଣ୍ଡି ସରପଞ୍ଚ ଅନିତା କୁସୁମୁଳିଆ, ବଡ଼ବିଲ ସରପଞ୍ଚ ସୁଭଦ୍ରା ନାଏକ, ନମିତା ମହାନ୍ତ ଓଡିଶା ରାଜ୍ୟ ପରିବହନର ବ୍ଲକ ସୁପର ଭାଇଜର ଲିପୁନ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ସାହାରପଡା ବ୍ଲକରେ ୩ଟି ବସ୍ ବ୍ଲକ ମୁଖ୍ୟାଳୟରୁ ଗାଁକୁ ଗଡ଼ିଥିବା ବେଳେ ଏହି ବସ୍ ବ୍ଲକ ମୁଖ୍ୟାଳୟଠାରୁ ୨୦ଟି ପଞ୍ଚାୟତ ଅଞ୍ଚଳକୁ ଯାଇ ଲୋକଙ୍କୁ ପରିବହନ ସେବା ଯୋଗାଇବ। ଏହି ବସ୍‌ରେ ମହିଳାମାନଙ୍କ ପାଇଁ ମାତ୍ର ୫ ଟଙ୍କା ଭଡ଼ା ରହିଥିବା ବେଳେ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ଗାଡ଼ିରେ ସିସିଟିଭି କ୍ୟାମେରା ଲଗାଯାଇଛି।

## ବେଲବାହାଳି ଜଗନ୍ନାଥ ମନ୍ଦିର ବାର୍ଷିକ ଉତ୍ସବ



**ବେଲବାହାଳି,୨୨।୨(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଳି ଗ୍ରାମର ଶ୍ରୀବେଲକ୍ଷେତ୍ରଠାରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ପ୍ରଥମ ବାର୍ଷିକ ମହୋତ୍ସବ ମହାଆଡ଼ମ୍ବରରେ ଆଜିଠାରୁ ଆରମ୍ଭ ହୋଇଛି। ଜଗନ୍ନାଥ ମନ୍ଦିରର ସଭାପତି ସାରଙ୍ଗଧର ସାହୁ, ସମ୍ପାଦକ ପଞ୍ଚାନନ ସାହୁଙ୍କ ତତ୍ତ୍ୱାବଧାନରେ ଆଜି ଦିନ ୧୧ ଘଟିକା ସମୟରେ ଗ୍ରାମର ଶହ ଶହ ଶ୍ରଦ୍ଧାଳୁ କୁସେଇ ନଦୀରୁ କଳସ ବୁଡାଇ ପ୍ରଥମେ ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞ ମଣ୍ଡପ ଠାରେ ଘଟ ସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ୪ ଦିନ ଧରି ପାଳିତ ହେବାକୁ ଥିବା ଏହି ଭବ୍ୟ ଉତ୍ସବରେ ମନ୍ଦିରର ପୂଜକ କ୍ଷୀରୋଦ କୁମାର ଦୀକ୍ଷିତଙ୍କ ଉପସ୍ଥିତିରେ ଆଜି ସୂର୍ଯ୍ୟପୂଜା, ଶାଳାପୂଜା, ଅଗ୍ନି ସ୍ଥାପନ,୧୦୮ ଆହୁତି ଏବଂ ଆଳତି ଆରମ୍ଭ ହୋଇଛି। ପରେ ଯଜ୍ଞ ପୁରୋହିତଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଗତ ସନ୍ଧ୍ୟାରେ ବିପିନି ବିହାରୀ ସାମଲଙ୍କ ପ୍ରବଚ, ଓଡ଼ିଶୀ ନୃତ୍ୟ ଓ ଢେମେସା, ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ କମିଟିର ସଦସ୍ୟ ଅରୁଣ ସାହୁ, ନାରାୟଣ ସାହୁ, ବାବୁଲି ସାହୁ, ଗଣେଶ ସାହୁ, ତପନ ସାହୁ, ପ୍ରକାଶ ସାହୁ, ରାଜେନ୍ଦ୍ର ସାହୁ, ଈଶ୍ୱର ସାହୁ, ବିଜୟାନନ୍ଦ ସାହୁ, ତାପସ ସାହୁ, ଦିପୁ ସାହୁ, ବାବାଜି ଗୁରୀଆ, ସୁଦାମ ଚରଣ ସାହୁ, ସୌମ୍ୟ ରଞ୍ଜନ ନାହକ, ମହେନ୍ଦ୍ର କୁମାର ସାହୁ, ରାଜା ପୁଷ୍ଟି, ସ୍ୱାଧୀନ ସାହୁ, ଲୋକନାଥ ସାହୁ, ଭରତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଡିଜେଲ ଚୋରି ବେଳେ ଚଢ଼ଉ

**ତୁରୁମୁଙ୍ଗା,୨୨।୨(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ୧୦ ଚକିଆ ଗାଡିରେ ଦୁର୍ବୃତ୍ତମାନେ ଆସି ରାଜପଥ ଉପରେ ଛିଡା ହୋଇଥିବା ଟ୍ରକ ଗୁଡ଼ିକରୁ ତେଲ ଚୋରି ଉଦ୍ୟମ କରୁଥିବା ଜାଣି ପୁଲିସ ଚଢ଼ଉ କରିଥିଲା। ତେବେ ଚଢ଼ଉ ସମୟରେ ପୁଲିସ ଗାଡିକୁ ଧକ୍କା ଦେଇ ଟ୍ରକ୍‌ଟି କେନ୍ଦୁଝର ଆଡ଼କୁ ପଳାଇଥିବା ସମୟରେ ପୁଲିସ ଟ୍ରକ୍‌କୁ ପିଛା କରିଥିଲା। ତେବେ ବାଉଁଶୁଳି-ଉଖୁଣ୍ଡା ରାସ୍ତାରେ ଦୁର୍ବୃତ୍ତମାନେ ଟ୍ରକକୁ ଛାଡି ଅନ୍ଧାରର ସୁଯୋଗ ନେଇ ଜଙ୍ଗଲ ଭିତରକୁ ପଳାଇ ଫେରାର ହୋଇଯିବାରେ ସକ୍ଷମ ହୋଇଥିଲେ। ପୁଲିସ ଘଟଣାସ୍ଥଳରୁ ଟ୍ରକ୍‌କୁ ଜବତ କରିବା ସହ ଟ୍ରକ୍ ଡାଲାରୁ ୩ଟି ଡ୍ରମ ସହ ପମ୍ପ ମେସିନ୍ ପୁଲିସ୍ ଜବତ କରିଛି।

## ଛିଡ଼ା ହୋଇଥିବା ଟ୍ରକ୍‌ରେ ଲାଗିଲା ନିଆଁ

**ବଡ଼ବିଲ,୨୨।୨(ସମିସ):** କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୨୦ନଂ ଜାତୀୟ ରାଜପଥ ସର୍ବଦା ଖବରରେ ରହୁଥିବା ଜଣାପଡିଛି କେତେବେଳେ ଦୁର୍ଘଟଣା ଘଟି ଅକାଳରେ ଜୀବନ ହାନି ହେଉଥିବା ବେଳେ କେତେବେଳେ ଅଘଟଣ ଘଟି ଧନ ହାନି ହେଉଛି। ସେହିପରି ଆଜି ସକାଳେ ଏକ ହାଇୱା ଟ୍ରକ୍ ଓଏମ୍‌ସି ପରିଚାଳିତ ଗୁଆଲି ଲୌହ ଖଣି ନିକଟରେ ଛିଡା ହୋଇଥିବା ବେଳେ ସେଥିରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା ତେବେ ସ୍ଥାନୀୟ ଲୋକ ଅଗ୍ନିସେବା ବାହିନୀକୁ ଖବର ଦେବା ପରେ ସେମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଏଥିରେ କାହାର କୌଣସି ଜୀବନହାନି ହୋଇନଥିବା ବେଳେ ଗାଡିଟି ସମ୍ପୂର୍ଣ୍ଣ ଜଳିଯାଇଥିବା ଜଣାପଡିଛି। ସର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା କୁହାଯାଉଥିବା ବେଳେ ରୁଗୁଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି।



## ସତ୍‌ସଙ୍ଗ କେନ୍ଦ୍ରର ବାର୍ଷିକ ଉତ୍ସବ ୩ରେ

**ସୋସୋ,୨୨।୨(ସମିସ):** ହାଟଡିହୀ ବ୍ଲକ ସୋସୋ ସତ୍‌ସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ଆଞ୍ଚଳିକ ଗୁରୁଭାଇ ଓ ମା'ମାନଙ୍କୁ ନେଇ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ବିଂଶତମ ବାର୍ଷିକ ବିଶେଷ ସତସଙ୍ଗ ମାର୍ଚ୍ଚ ୩ ତାରିଖରେ ଅନୁଷ୍ଠିତ ହେବ ନେଇ ନିଷ୍ପତି ହୋଇଛି। ଏହି ସ୍ୱସ୍ତି ତୀର୍ଥଯଜ୍ଞରେ ବହୁ ସଂଖ୍ୟାରେ ଯୋଗଦେବା ଅଧ୍ୱର୍ଯ୍ୟୁ କର୍ମି ଜଗନ୍ନାଥ ପ୍ରଧାନ ସୂଚନା ଦେଇଛନ୍ତି।

## କୁଶ ପଟ୍ଟନାୟକ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ | ଭଦ୍ରକକୁ ହରାଇ କଟକ ବିଜୟୀ



**ଆନନ୍ଦପୁର,୨୨।୨(ସମିସ):** ଆନନ୍ଦପୁର ଷ୍ଟାଡିୟମ ପଡିଆଠାରେ ରାଜ୍ୟସ୍ତରୀୟ କୁଶରଞ୍ଜନ ପଟ୍ଟନାୟକ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଆନନ୍ଦପୁର କ୍ରୀଡା ସଂସଦ ସମ୍ପାଦକ ନବରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ବିଧାୟକ ଯୋଗ ଦେଇ ଉଦଘାଟନ କରିବା ସହିତ ଆଜିର ପ୍ରଥମ ମ୍ୟାଚରେ ଅଂଶଗ୍ରହଣ କରିଥିବା ଦୁଇ ଦଳର ଖେଳାଳିଙ୍କୁ ପୁଷ୍ପଗୁଚ୍ଛ ଦେଇ ଉତ୍ସାହିତ କରିଥିଲେ। ସମ୍ମାନୀତ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ରାକେଶ କୁମାର ରାମ, କାଉନସିଲର କୃଷ୍ଣଚନ୍ଦ୍ର ରଣା, କୁଶ ପଟ୍ଟନାୟକଙ୍କ କନ୍ୟା ସୁଶ୍ରୀ ଅନିଷା ପଟ୍ଟନାୟକ ଯୋଗ ଦେଇଥିଲେ। ରେଫରି ଭାବେ ଆଲୋକ ଦେହୁରୀ, ସୁଜିତ ରାଜହଂସ, ଅଏସକାନ୍ତ ସ୍ୱାଇଁ ଏବଂ ଏମଏସ ବାଗ୍ ଖେଳକୁ ପରିଚାଳନା କରିଥିଲେ। ଗୋଲକି ଜଜ୍ ଭାବେ ମନୋରଞ୍ଜନ ସିଂ, ରାମଚନ୍ଦ୍ର ସାହୁ ଓ ଆଜିର ମ୍ୟାଚର ଶ୍ରେଷ୍ଠ ଖେଳାଳୀ ଚୟନ ପାଇଁ ବିଚାରକ ଭାବେ ପୂର୍ବତନ ଖେଳାଳି ବିନୋଦ ବିହାରୀ ମିଶ୍ର, ଗଗନ ସିଂ ଦାୟିତ୍ୱ ନିର୍ବାହ କରିଥିଲେ। ଖେଳରେ ମୁରଲୀଧର ମିଶ୍ର, ରମେଶ କୁମାର ସିଂ, ଅକ୍ଷୟ ମହାନ୍ତି, ଅଶୋକ ରାଉଳ, ଅଜୟ ସେଠୀ, ହାଡିବନ୍ଧୁ ଖୁଣ୍ଟିଆ, ଆଦିକନ୍ଦ ମହାକୁଡ, ବିପିନି ବିହାରୀ ଚକ୍ର, ଜ୍ୟୋତିରଞ୍ଜନ ଜେନା, ନରେନ୍ଦ୍ର ସାହୁ, ବିରଜା ନାୟକ, ପ୍ରଶନ ପରିଡା, ଅଖିଳ ପଟ୍ଟନାୟକ, ଲୁଲୁ ଚାନ୍ଦ, ସୁନେନ୍ୟା ବଳିଆରସିଂ ପ୍ରମୁଖ ସହଯୋଗ କରିଥିଲେ।

## ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଦାବି

ଆନନ୍ଦପୁର, ୨୨।୨(ସମିସ): ରାଜ୍ୟରେ ସାମ୍ବାଦିକମାନଙ୍କୁ ସାମାଜିକ ଓ ବୃତ୍ତିଗତ ସୁରକ୍ଷା ପାଇଁ ଏକ ଆଇନ ପ୍ରଣୟନ କରିବା ଦାବି କରି ଏସ୍‌ୟୁଜେ କେନ୍ଦୁଝର ଶାଖା ପକ୍ଷରୁ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ କୁମାର ମିଶ୍ର ଓ କେନ୍ଦୁଝର ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀକୁମାର ମିଶ୍ରଙ୍କ ନେତୃତ୍ୱରେ ସାମ୍ବାଦିକ ଗତିକୃଷ୍ଣ ଭୂୟାଁ, ସଞ୍ଜୟ ଦଳେଇ, ଅବିନାଶ ଶତପଥୀ, ରାଜୀବ ଜେନା, ରାଜେନ୍ଦ୍ର ଦାଶ, ସ୍ୱପ୍ନେଶ୍ୱର ପଣ୍ଡା, ନାରାୟଣ ସାହୁ, ସ୍ମୃତିରଞ୍ଜନ ବିହାରୀ, ବିଭୂତି ଜେନା, ସନ୍ତୋଷ ରାଉତ, ସତ୍ୟଜିତ ସାହୁ ପ୍ରମୁଖ ଆଜି ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଦାବି କରି ଏହି ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି।

## ହନୁମାନଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ



ଚମ୍ପୁଆ, ୨୨।୨(ସମିସ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଜିଆ ପଞ୍ଚାୟତର କଇଁତା ଗ୍ରାମରେ ଶ୍ରୀ ରାମଙ୍କ ପରମ ଭକ୍ତ ପ୍ରଭୁ ହନୁମାନଙ୍କର ପ୍ରାଣ ପ୍ରତିଷ୍ଠା ଉତ୍ସବ ଭକ୍ତିପୁତ ଭାବେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ଦ୍ୱାରା ପରିଚାଳିତ ଏହି ଉତ୍ସବରେ ଗତ ବୁଧବାର ଦିନ ଅଧିବାସ ସହ ବୈତରଣୀ ନଦୀ ରାମତୀର୍ଥ ଠାରୁ ୧୦୮ କଳସ ଯାତ୍ରା କରାଯାଇଥିଲା। ହନୁମାନ ଚାଳିସା ପାଠ କରାଯିବା ପରେ ଆଜି ପ୍ରତ୍ୟୁଷରୁ ସୂର୍ଯ୍ୟ ପୁଜା ଓ ଯଥା ରିତୀନତୀ ଅନୁଯାୟୀ ପୁଜା କାର୍ଯ୍ୟ ସମାପନ କରାଯିବା ପରେ ନାମ କରଣ ଓ ଗୀତା ପାଠ କରାଯାଇଥିଲା। ଆସନ୍ତା କାଲି ଏହି ଉତ୍ସବର ପୂର୍ଣ୍ଣାହୁତି ଦିଆଯିବ ବୋଲି ପୁଜା କମିଟି ପକ୍ଷ୍ୟରୁ ସୂଚନା ମିଳିଛି।

## ପ୍ରବାସୀ ଶ୍ରମିକମାନଙ୍କ ପାଇଁ ଆଇନ ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର, ୨୨।୨(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ କେନ୍ଦୁଝର ସୌଜନ୍ୟରୁ ଜିଲ୍ଲା ମୁଖ୍ୟାଳୟରେ ଅବସ୍ଥିତ ରୋଟାରୀ କ୍ଲବ ପରିସରରେ ପ୍ରବାସୀ ଶ୍ରମିକମାନଙ୍କ ପାଇଁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ଅଧକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଅଶୋକ କୁମାର ପଣ୍ଡାଙ୍କ ନିର୍ଦ୍ଦେଶରେ ଉକ୍ତ କାର୍ଯ୍ୟକ୍ରମରେ ପ୍ରାଧିକରଣ ସଚିବ ମାମୀ ବେହେରା ଯୋଗଦେଇ ପ୍ରବାସୀ, ପଞ୍ଜିକୃତ, ଅଣପଞ୍ଜିକୃତ ଶ୍ରମିକମାନଙ୍କ ପାଇଁ ଆଇନଗତ ଦିଗ ଗୁଡିକୁ ଅବତାରଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଟୋପ କୁଜୁର, ସହକାରୀ ଶ୍ରମ ଅଧିକାରୀ ଦୀପ୍ତିମୟୀ ରାଉଳ ଯୋଗଦେଇ ଶ୍ରମିକମାନଙ୍କୁ କିମ୍ବା ସେମାନଙ୍କ ପରିବାରବର୍ଗଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା, ନିର୍ଯାତନା ଦେଉଥିବା ମାଲିକ, ଠିକାଦାରମାନଙ୍କ ପାଇଁ ଦଣ୍ଡବିଧାନର ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ତଦାଶା ସମ୍ପାଦକ ଅକ୍ଷୟ କୁମାର ଚକ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରୀ କ୍ଲବ ସମ୍ପାଦକ ମହେଶ ଚାଓ୍ୱଡା, ସାମ୍ବାଦିକ ସତ୍ୟଜିତ ମିଶ୍ର, ପ୍ରାଧିକରଣର ଦେବବ୍ରତ କୁମାର ଦାସ ଉପସ୍ଥିତ ଥିଲେ।

## ବାଲ୍ୟ ବିବାହ ରୋକିଲା ପ୍ରଶାସନ



ତେଲକୋଇ, ୨୨।୨(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକର ଦୁର୍ଗମ ଅଞ୍ଚଳରେ ଆଜିବି ବାଲ୍ୟ ବିବାହ ପ୍ରଥା ଚାଲିଥିବା ଏହି ଘଟଣାରୁ ପରିଲକ୍ଷିତ ହୋଇଛି। ମାତ୍ର ଘଟଣା ଜଣାପଡ଼ିବା ପରେ ଆୟୋଜିତ ହେବାକୁ ଥିବା ବାଲ୍ୟ ବିବାହକୁ ପ୍ରଶାସନ ପକ୍ଷରୁ ବନ୍ଦ କରି ଦିଆ ଯାଇଛି। ତେବେ ସୂଚନା ମୁତାବକ ଶିବନାରାୟଣପୁର ଗୋଡା ପଞ୍ଚାୟତ ବିରିଗୁଡା ସାହିରେ ଜଣେ ୧୪ ବର୍ଷ ନାବାଳିକାକୁ ତାଙ୍କ ପରିବାର ଲୋକ ବିବାହ କରିବାକୁ ଗତ ୧୪ ତାରିଖରେ ନିର୍ବନ୍ଧ ସାରିଥିଲେ। ଏହି ଖବର କୌଣସି ମତେ ତେଲକୋଇ ମହିଳା ଓ ଶିଶୁ ବିକାଶ ବିଭାଗ ପାଖରେ ପହଞ୍ଚିଥିଲା। ଏହାପରେ ବିଭାଗୀୟ ଅଧିକାରିଣୀ ଅମିତା ପଣ୍ଡା ବିଭାଗୀୟ କର୍ମଚାରୀ, ପୁଲିସ ପ୍ରଶାସନ ଓ ସ୍ୱେଚ୍ଛା ସେବୀ ସଂଗଠନ ୟୁଏସିର କର୍ମଚାରୀଙ୍କୁ ନେଇ ନାବାଳିକାଙ୍କ ଘରେ ପହଞ୍ଚି ବୁଝାସୁଝା କରି ବିବାହ କରିବାକୁ ବାରଣ କରିଥିଲେ। ଏହା ସହିତ ନାବାଳିକାଙ୍କ ଅଭିଭାବକଙ୍କ ଠାରୁ ଏକ ଲିଖିତ ପ୍ରତିଶ୍ରୁତି ଆଣିଥିଲେ।

**ନିୟମିତ ଆସୁନାହାନ୍ତି କୃଷି କର୍ମଚାରୀ**

# ପରାମର୍ଶ ନ ପାଇ ଚାଷୀ ନିରାଶ

ତେଲକୋଇ, ୨୨।୨(ସମିସ)

ତେଲକୋଇ ବ୍ଲକ କେନ୍ଦୁଝର ଜିଲ୍ଲାର ଅନ୍ୟତମ କୃଷି ବହୁଳ ଅଞ୍ଚଳ। କୃଷି ଓ କୃଷକଙ୍କ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ତେଲକୋଇ ସଦର ମହକୁମାରେ ବ୍ଲକସ୍ତରୀୟ କୃଷି କାର୍ଯ୍ୟାଳୟ ରହିଛି। ମାତ୍ର କୃଷି କାର୍ଯ୍ୟାଳୟକୁ ନିୟମିତ ଅଧିକାରୀ ଓ କର୍ମଚାରୀ ଆସୁନଥିବାରୁ ଅଞ୍ଚଳର ଚାଷୀ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଚାଷୀ ବାରମ୍ବାର ଅଭିଯୋଗ କରୁଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଲାଗି ରହିଛି। ଜିଲ୍ଲା କୃଷି ଅଧିକାରୀ ଯେତେ କଟକଣା କଲେ ସୁଦ୍ଧା ତେଲକୋଇ କୃଷି କାର୍ଯ୍ୟାଳୟ ଅଧିକାରୀ, ସେଲ ସେଣ୍ଟର ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସମେତ ଆଉ କେତେକ କୃଷି ଅଧିଦର୍ଶକ ବିଭାଗୀୟ ଅଧିକାରୀଙ୍କ କଟକଣାକୁ 'ଫୁ' କରି ଉଡାଇ ଦେଇଛନ୍ତି। କୃଷି ଅଧିଦର୍ଶକମାନେ ମଧ ନିଜନିଜ କର୍ମକ୍ଷେତ୍ରକୁ ସଠିକ୍ ସମୟରେ ଯାଉ ନଥିବା ଅଭିଯୋଗ ହୋଇଛି। ଅନେକ କର୍ମଚାରୀ ଘରେ ରହି ଅନ୍ୟତ୍ର କ୍ଷେତ୍ର ପରିଦର୍ଶନରେ




ଯାଇଥିବା କହି ଚାଷୀଙ୍କୁ ଭୂଆଁ ବୁଲାଉ ଥିବା ସଙ୍ଗୀନ ଅଭିଯୋଗ ହୋଇଛି। ଗତ ଶନିବାର, ସୋମବାର ଓ ବୁଧବାର ଆଧା କର୍ମଚାରୀଙ୍କୁ ଛାଡି କୌଣସି କୃଷି କର୍ମଚାରୀ ଆସି ନଥିବା ଅଭିଯୋଗ ହୋଇଛି। ଆଧା କର୍ମଚାରୀଙ୍କ ହାତରେ ଏବେ କୃଷି କାର୍ଯ୍ୟାଳୟ ଚାଲୁଥିବା ଦେଖିବାକୁ ମିଳିଛି। ଏପରିକି ବୁଧବାର ବିଭାଗୀୟ ଜିଲ୍ଲା କାର୍ଯ୍ୟାଳୟରୁ ଚାଷୀଙ୍କ ପାଇଁ କିଛି ସୂଚନା ଫଳକ ତେଲକୋଇ କାର୍ଯ୍ୟାଳୟକୁ ଏକ ଟ୍ରକ୍‌ରେ ଆସିଥିବା ବେଳେ ଏହାକୁ ରିସିଭ କରି ଗଚ୍ଛିତ କରି ରଖିବାକୁ ମଧ କୌଣସି କର୍ମଚାରୀ ନଥିବା ଦେଖିବାକୁ ମିଳିଛି। ଶେଷରେ ଟ୍ରକ୍‌ରେ ଆସିଥିବା କର୍ମଚାରୀ ସୂଚନା ଫଳକ ଗୁଡ଼ିକୁ ଗାଡିରୁ ଓହ୍ଲାଇ କାର୍ଯ୍ୟାଳୟ ପଛ ପାର୍ଶ୍ୱରେ ରଖି ଚାଲିଯାଇଥିବା ଦେଖିବାକୁ ମିଳିଛି। କୃଷି କର୍ମଚାରୀଙ୍କ ଉପସ୍ଥିତିରେ ଆସିଥିବା

ସରକାରୀ ସାମଗ୍ରୀ ରଖାଯିବା ବଦଳରେ କୃଷି କାର୍ଯ୍ୟାଳୟର ରାତ୍ର ଜଗୁଆଳି ଏହାକୁ ରିସିଭ୍ କରିଥିବା କୁହାଯାଉଛି। ସେଲ ସେଣ୍ଟର୍ ଦାୟିତ୍ୱରେ ଥିବା କର୍ମଚାରୀ ସମସ୍ତ ଗୋଦାମ ଗୃହକୁ ତାଲା ଠୁଙ୍କି ଘରେ ରହିଥିବା ବେଳେ ଆସିଥିବା ମୂଲ୍ୟବାନ ସାମଗ୍ରୀ ବାହାରେ ରହୁଥିବା ଦେଖିବାକୁ ମିଳିଛି। ନିଜ ମନଇଚ୍ଛାରେ କର୍ମଚାରୀ କାର୍ଯ୍ୟାଳୟକୁ ଆସୁଥିବାରୁ ଅଞ୍ଚଳର ଚାଷୀ କୃଷି ଭିତ୍ତିକ ସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜିଲ୍ଲା କୃଷି ଅଧିକାରୀ ମିହିର କୁମାର ସାହୁଙ୍କୁ ପଚାରି ବାରୁ ଏହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଚମ୍ପୁଆ ଏନ୍‌ଏସିରେ ବଣ୍ଟାଗଲା ବର୍ଦ୍ଧିତ ଭତ୍ତା

ଚମ୍ପୁଆ, ୨୨।୨(ସମିସ): ରାଜ୍ୟ ସରକାରଙ୍କ ନିଷ୍ପତି କ୍ରମେ ଭତ୍ତା ହିତାଧିକାରୀ ମାନଙ୍କ ପାଇଁ ବର୍ଦ୍ଧିତ ଭତ୍ତା ଆଜି ଚମ୍ପୁଆ ଏନ୍‌ଏସିର ବିଭିନ୍ନ ୱାର୍ଡରେ ବଣ୍ଟା ଯାଇଛି। ପୁର୍ବରୁ ୫୦୦ ଟଙ୍କା ଭତ୍ତା ପାଉଥିବା ହିତାଧିକାରୀ ମାନଙ୍କୁ ୧ ହଜାର ଟଙ୍କା, ୮୦ ବର୍ଷରୁ ଉର୍ଦ୍ଧ୍ୱ ଭତ୍ତାଧାରୀଙ୍କୁ ୭ ଶହ ଟଙ୍କା ବଦଳରେ ୧୨ ଶହ ଟଙ୍କା ଓ ୯ ଶହ ଟଙ୍କା ଭତ୍ତା ପାଉଥିବା ହିତାଧିକାରୀମାନଙ୍କୁ ୧୪ ଶହ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ଚମ୍ପୁଆ ଏନ୍‌ଏସିର ୯, ୧୦ ଓ ୧୧ ନମ୍ବର ୱାର୍ଡରେ ଏନ୍‌ଏସି କର୍ମଚାରୀ ପ୍ରଶାନ୍ତ ମହାନ୍ତିଙ୍କ ଦ୍ୱାରା ଏହି ଭତ୍ତା ବଣ୍ଟନ କରାଯାଇଥିବା ବେଳେ ୩, ୪, ୫ ନମ୍ବର ୱାର୍ଡରେ ହରେକୃଷ୍ଣ ନାଏକ; ୬, ୭, ୮ ନମ୍ବର ୱାର୍ଡରେ ଟେନିସ ପାତ୍ର, ୧୨ ନମ୍ବର ୱାର୍ଡରେ ବିମଳ ସାହୁ ଏବଂ ୧, ୨ ୱାର୍ଡରେ ବିକାଶ ମହାନ୍ତ ଏହି ଭତ୍ତା ବଣ୍ଟନ କରିଥିଲେ।

## ଆଙ୍ଗୁଳିଆ ଶିବ ମନ୍ଦିରର ବାର୍ଷିକ ଉତ୍ସବ



ନାରଦପୁର, ୨୨।୨(ସମିସ): ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ଗ୍ରାମ ପଞ୍ଚାୟତର ଆଙ୍ଗୁଳିଆ ଗାଁ ଶିବ ମନ୍ଦିରରେ ଆଜି ୪ର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ଦିର ପରିଚାଳନା କମିଟିର ମୁଖ୍ୟ କିଶୋର କୁମାର ନାଏକଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ପୂଜାରେ ସଂକଳ୍ପ ଭାବେ ଚିନ୍ତାମଣି ନାଏକ ଓ ଅନୁସୟା ନାଏକ ରହିଥିବା ବେଳେ ମନ୍ଦିର ପୂଜକ ତଥା କୂଳ ପୁରୋହିତ ଜଗନ୍ନାଥ ମିଶ୍ର ଓ ପୂଜକ ଗୋଲକ ବିହାରୀ ପଣ୍ଡାଙ୍କ ପୌରୋହିତ୍ୟରେ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏଥିରେ କମିଟିର ସଦସ୍ୟ ପ୍ରଭାକର ମହାନ୍ତ, ପବିତ୍ର ନାଏକ, ପୁରୁଷତ୍ତମ ନାଏକ, ଯଶବନ୍ତ ରଞ୍ଜଡ଼ି, ଦିବ୍ୟ ଲୋଚନ ନାଏ କ, ସନ୍ତୋଷ କୁମାର ବେହେରା, ବିଶ୍ୱନାଥ ନାଏକ, ବିପିନ ପାତ୍ର, ନାଉରୀ ମୁଣ୍ଡା, ଦୁର୍ଯ୍ୟଧନ ପାତ୍ର, ସେବକ ମାୟାଧର ବେହେରା, ପ୍ରଫୁଲ୍ଲ ନାଏକ, କିରାଣୀ ମହାନ୍ତ, ବୀଣାପାଣି ମହାନ୍ତ, ପୁତକୁନି ପାତ୍ର, ଦୂର ପାତ୍ରଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବିଜୁଳି ନାହିଁ ତ ମୋବାଇଲ ନାହିଁ

ବଡ଼ବିଲ, ୨୨।୨(ସମିସ): କେନ୍ଦୁଝର ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ହୋଇଥିବା ବେଳେ ଖଣିଜ ସମ୍ପଦରୁ ରାଜସ୍ୱ ଆଦାୟରେ ମଧ ଆଗୁଆ।, ହେଲେ ମୌଳିକ ସୁବିଧା ପାଇବାରେ ସର୍ବଦା ପଛୁଆ ଭାବେ ପରିଚିତ। ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ରୋଇଡା, ସେରେଣ୍ଡା, ବଡ଼ବିଲ, ଗୁଆଲି ଓ ଭଦ୍ରାସାହି ଅଞ୍ଚଳରେ ବିଜୁଳି ଚାଲିଗଲେ ମୋବାଇଲ ନେଟୱର୍କ ମଧ ଚାଲିଯାଉଥିବା ଅଭିଯୋଗ ହେଉଛି। ବିଶେଷ କରି ବିଏସ୍‌ଏନ୍‌ଲ ସେବା ସବୁଠାରୁ ବେଶି ପ୍ରଭାବିତ ହେଉଛି। ଭୂୟାଁରୋଇଡା ଅଞ୍ଚଳରେ ହାତୀଙ୍କ ଉପଦ୍ରବ ପାଇଁ ଅଧିକାଂଶ ସମୟରେ ବିଜୁଳି କଟି ଦିଆଯାଉଥିବାରୁ ଗ୍ରାମବାସୀ ତଥା ଛାତ୍ରଛାତ୍ରୀ ପ୍ରଭାବିତ ହେଉଛନ୍ତି। ଏଠାରେ ଇଣ୍ଟରନେଟର ଏକମାତ୍ର ସୁବିଧା ବିଏସ୍‌ଏନ୍‌ଏଲ୍ ଦ୍ୱାରା ମିଳୁଥିବା ବେଳେ ଦୈନିକ ୧୮/୨୦ ଘଣ୍ଟା ବିଜୁଳି ରହୁ ନ ଥିବାରୁ ନେଟ୍‌ୱର୍କ ମଧ ରହୁନାହିଁ। ସେହିପରି ସେରେଣ୍ଡାରେ ମଧ ବିଜୁଳି ଗଲା ମାତ୍ରେ ନେଟୱର୍କ ରହୁ ନ ଥିବାରୁ ଜନସାଧାରଣ ଓ ଛାତ୍ରଛାତ୍ରୀ ନାହିଁ ନ ଥିବା ହଇରାଣ ହେଉଥିବା ଜଣାପଡ଼ିଛି।



ତେବେ ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା ଉକ୍ତ ସମସ୍ୟାର କୌଣସି ପ୍ରକାର ସମାଧାନ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

## ଶବର ସମାଜ ପକ୍ଷରୁ ନୀଳମାଧବଙ୍କ ଜନ୍ମୋତ୍ସବ

ବେଲବାହାଳି, ୨୨।୨(ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଉସାହିରେ ନୀଳମାଧବଙ୍କ ମେଢ଼ ପୂଜା ୮୨ ବର୍ଷ ହେବ ପୂଜାର୍ଚ୍ଚନା କରାଯାଇ ଉତ୍ସବ ପାଳନ କରାଯାଇଛି। ଆଦିବାସୀ ସଂସ୍କୃତିକ ଶବର ସମାଜ ମହାସଂଘ ପକ୍ଷରୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ମୁଖ୍ୟ ବ୍ୟକ୍ତି ମାନେ ଯୋଗଦାନ କରିଛନ୍ତି। ଗତ ତିନିଦିନି ଧରି ଶବରମାନଙ୍କର ମୁଖ୍ୟ ଆରାଧ ଦେବତା ପ୍ରଭୁ ନୀଳମାଧବଙ୍କ ପୂଜା ପାଇଁ ସ୍ଥାନୀୟ ପୁଷ୍କରଣୀରୁ କଳସ ବୁଡାଇ ମୁଖ୍ୟ ସଂକଳ୍ପରେ ବିଷ୍ଣୁ ପ୍ରସାଦ ଦେହୁରୀ ବସିଥିବା ବେଳେ ଗ୍ରାମର ୯ ଜଣ ଭକ୍ତ ସଂକଳ୍ପରେ ବସିଛନ୍ତି। ଏଥିରେ ପୂଜକ ରବୀନ୍ଦ୍ର କୁମାର ପାଢ଼ୀ, ନିତ୍ୟାନନ୍ଦ ପାଢ଼ୀ ରୀତିନୀତିରେ ପୂଜାର୍ଚ୍ଚନା କରି ଶବର ସମାଜ ପାଇଁ ମଙ୍ଗଳ କାମନା କରିଛନ୍ତି। ମହାସଭାରେ ମୁଖ୍ୟଅତିଥି ଭାବେ ଶବର ସମାଜର ରାଜ୍ୟ ସଭାପତି ବିଦ୍ୟାଧର ଦେହୁରୀ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଭାପତି ଇନ୍ଦ୍ରମଣି ଦେହୁରୀ ଗ୍ରାମର ମୁଖ୍ୟ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗବତ ଦେହୁରୀ ଓ କେନ୍ଦୁଝର ଜିଲ୍ଲାର ପ୍ରତି ବ୍ଲକର ଜଣେ ଜଣେ ମୁଖ୍ୟ ଏବଂ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।



## ଫୁଟବଲ ଟୁର୍ଣ୍ଣାମେଣ୍ଟ; ବାଉଁଶ ଗଡ଼ିଆ ଚାମ୍ପିଅନ

ସୋସୋ, ୨୨।୨(ସମିସ)

ହାଟଡିହୀ ବ୍ଲକର ଆଦିବାସୀ ବହୁଳ କେ. ବାଳିପାଳ ପଞ୍ଚାୟତ ମୟୂରନଚା ମିନି ଷ୍ଟାଡିୟମରେ ବଡ଼ମେଶ୍ୱର କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ବାଲେଶ୍ୱର ଜିଲ୍ଲାର ବାଉଁଶଗଡ଼ିଆ ଓ କେନ୍ଦୁଝର ଜିଲ୍ଲାର ପତଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଉଁଶ ଗଡ଼ିଆ ଚାମ୍ପିଅନ ହୋଇଥିଲା। ଏହି ପୁରସ୍କାର ବିତରଣୀ ଉତ୍ସବରେ କେନ୍ଦୁଝର ସଦର ବିଧାୟକ ମୁଖ୍ୟ ସଚେତକ ମୋହନ ଚରରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଆଲୋକ ସେଠୀ, ରାମଚନ୍ଦ୍ର ସାହୁ, ବିବେକାନନ୍ଦ ରାଉତ, ସରପଞ୍ଚ କୁନ୍ତଳା ନାଇକ ଓ ସମିତିସଭ୍ୟା ଗୋଦାବରୀ ନାୟକ, ଜ୍ଞାନରଞ୍ଜନ ସାମନ୍ତସିଂହାର ପ୍ରମୁଖ ଯୋଗ ଦେଇ ରନର୍ସ



ଓ ଚାମ୍ପିଅନ ଟିମ୍‌କୁ ପୁରସ୍କୃତ କରିଥିଲେ। ରେଫେରୀ ଭାବେ ଚମ୍ପେଇ ସୁରେନ୍, କେଦାର ମ୍ୟାଚ୍ ପରିଚାଳନା କରିଥିଲେ।

ଯୁବକ ସଂଘର ସଭାପତି ଆନନ୍ଦ ପ୍ରଦାନ, ବୈଲୋଚନ ନାୟକ, ମୁନା ହୋ, ଉପେନ୍ଦ୍ର ନାୟକ, ଭଗବାନ ନାୟକ, ରମଣ ବିଶ୍ୱାଳ, ନାରାୟଣ ହୋ, ଦିବାକର ହୋ, ନରେନ୍ଦ୍ର ହୋ, ଆଶିଷ୍ ଝାଲିଆଳ, ଲୋକନାଥ ଖଣ୍ଡେଇ, ଭରତ ଚନ୍ଦ୍ର ନାଇକ, ରଘୁନାଥ ନାଇକ, ମନୋରଞ୍ଜନ ଦେହୁରୀ ପ୍ରମୁଖ ସଦସ୍ୟମାନେଙ୍କ ଦ୍ୱାରା ପରିଚାଳନା ଓ ସହଯୋଗ କରୁଛନ୍ତି। କେନ୍ଦୁଝର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଜିଲ୍ଲାରୁ ୩୨ଟି ଆଦିବାସୀ ଟିମ୍ ଏଥିରେ ଯୋଗଦେଇଥିଲେ।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର



ହାଟଡ଼ିହୀ/ସୋସୋ, ୨୨।୨(ସମିସ)

ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ହାଟଡ଼ିହୀ ବ୍ଲକର ୪ଟି ପୃଥକ ସ୍ଥାନରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପଞ୍ଚାୟତରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ହାଟଡିହୀ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ, ଉପାଧକ୍ଷ ରତିକାନ୍ତ ରାଉତ ଅତିଥି ଭାବେ ଯୋଗଦେଇଥିଲେ।

ହାଟଡ଼ିହୀ ପଞ୍ଚାୟତର ସରପଞ୍ଚ ଚିନ୍ମୟ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମିତିସଭ୍ୟ କୈଳାସ ରାଉତ, ପିଇଓ ଶରତ ଚନ୍ଦ୍ର ବେଜ୍, ଜିଆରଏସ୍ ସସ୍ମିତା ବେହେରା, ପ୍ରମୁଖଙ୍କ ସହ ମିଶନ ଶକ୍ତି ମହିଳା ଓ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତର ନାଏବ ସରପଞ୍ଚ ସ୍ନେହାଂଶୁ ଦାଶଙ୍କ ସହ ତ୍ରୈଲୋକ୍ୟନାଥ ସାହୁ, ସବ୍ୟସାଚୀ ବାରିକ, ଶିବାନନ୍ଦ ନାୟକ, ଚନ୍ଦ୍ରଧ୍ୱଜ ସାହୁ, ସୁଶାନ୍ତ ବୈଠା, ଆର୍ତ୍ତବନ୍ଧୁ ସୁଆର, ରବୀନ୍ଦ୍ର କୁଅଁର, ହରେକୃଷ୍ଣ ବେହେରା ପ୍ରମୁଖ ପରିଚାଳନା କରିଥିଲା ବେଳେ ଗ୍ରାମର ଯୁବଗୋଷ୍ଠୀ ଏଥିରେ ସହଯୋଗ କରିଥିଲେ। ପନ୍ଦାଡୋ ପଞ୍ଚାୟତର ସରପଞ୍ଚ ସସ୍ମିତା ଓଝାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିଇଓ ଉର୍ମିଳା ମୁର୍ମୁ, ଜିଆର୍‌ଏସ ପଙ୍କଜ ତ୍ରିପାଠୀ, ନାଏବ ସରପଞ୍ଚ ଗିରିଧାରୀ ଜେନା, ସରପଞ୍ଚ ପ୍ରତିନିଧି ନିକୁଞ୍ଜ ଓଝା ପ୍ରମୁଖଙ୍କ ସହ ମିଶନ ଶକ୍ତି ମହିଳା ଗୋଷ୍ଠୀ ଏବଂ ଗ୍ରାମବାସୀଙ୍କ ମଧ୍ୟରୁ ଚନ୍ଦ୍ରମଣି ଜେନା, ନାରାୟଣ ପ୍ରସାଦ ଜେନା, ବିଶ୍?ନାଥ ଜେନା, ଗୋବିନ୍ଦ ଜେନା, ସୁରେନ୍ଦ୍ର ରାଉତ ପ୍ରମୁଖ ସାମିଲ ହୋଇଥିଲେ। ବଞ୍ଚୋ ସରପଞ୍ଚ ପ୍ରଶାନ୍ତ କୁମାର ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡି ନେତା ଅଭିମନ୍ୟୁ ସେଠୀ, ପୂର୍ବତନ ସରପଞ୍ଚ ଶଶାଙ୍କ ଶେଖର ପୁହାଣ, ପିଇଓ ଜିତେନ୍ଦ୍ର ଜେନା, ଜିଆରଏସ୍ ସୌଭାଗ୍ୟରାଣୀ ରାୟସର୍ଦ୍ଦାର ପ୍ରମୁଖଙ୍କ ସହ ଗ୍ରାମର ଯୁବଗୋଷ୍ଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅକରୁଆ ପଞ୍ଚାୟତର ସରପଞ୍ଚ ହେମଲତା ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମିତିସଭ୍ୟା ସୁଭଦ୍ରା ଜେନା, ସରପଞ୍ଚ ପ୍ରତିନିଧି ଚତୁର୍ଭୁଜ ସ୍ୱାଇଁ, ପଞ୍ଚାୟତ ବିଜେଡି ସଭପତି ବିଶ୍ୱନାଥ ଖଟୁ, ପିଇଓ ହରିହର ସେଠୀ, ଜିଆରଏସ୍ ପ୍ରଶାନ୍ତ ବାରିକ, ନାଏବ ସରପଞ୍ଚ କୈଳାସ ଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜୀବନାନନ୍ଦ ଜେନା, ନିରାକାର ଜେନା, ମୁକ୍ତିକାନ୍ତ ଜେନା, ଆନନ୍ଦ ନାୟକ, ରଞ୍ଜନ ଜେନା, ଯୋଗେନ୍ଦ୍ର ଜେନା, ମିଥୁନ ଜେନା ପ୍ରମୁଖ ପରିଚାଳନା କରିଥିଲା ବେଳେ ଗ୍ରାମର ଯୁବଗୋଷ୍ଠୀ ଏଥିରେ ସହଯୋଗ କରିଥିଲେ।

## ଖଲଣାରେ ସ୍ମୃତିଚାରଣ ସଭା

ଆନନ୍ଦପୁର, ୨୨।୨(ସମିସ): ଖଲଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ମାଝୀଙ୍କ ଧର୍ମପତ୍ନୀ ବାୟାଣୀ ମାଝୀଙ୍କ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସମାଜସେବୀ ବଲ୍ଲଭ ମାଝୀଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ବିଚିତ୍ର କୁମାର ଚକ୍ର ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ବ୍ରହ୍ମାନନ୍ଦ ପଟ୍ଟନାୟକ ପୂର୍ବତନ ସମିତିସଭ୍ୟ ମନ୍ମଥ ରାଉତ୍ ଅଧ୍ୟାପକ ସନଥ ରଥ କପିଳେନ୍ଦ୍ର ମାଝୀ ସ୍ଥାନୀୟ ସରପଞ୍ଚ ଜ୍ୟୋସ୍ନାରାଣୀ ନାୟକ ସମାଜସେବୀ ରତୀକାନ୍ତ ବରାଳ, ସୁବ୍ରତ ଚକ୍ର, ତ୍ରିଲୋଚନ ପରିଡ଼ା, ମନୋଜ ସ୍ୱାଇଁ ବିପିନି ମାଝୀ ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ। ଏହାକୁ ବଲ୍ଲଭ ମାଝୀଙ୍କ ସହପାଠୀ ତଥା ସାଥୀ ନିରାକାର ଚକ୍ର, ପ୍ରିତିରଞ୍ଜନ ଚକ୍ର ଓ ପ୍ରସନ୍ନ ଜେନା, ମନୋଜ ଦାସ, ଶିଶିର କାନ୍ତ ସ୍ୱାଇଁ, ମନୋଜ ଦାସ, ଦୀପକ ଦାସ, ସନ୍ତୋଷ ମହାପାତ୍ର, ଗୋପୀନାଥ ରାଉତ୍, ନିତ୍ୟାନନ୍ଦ ଓଝା, କୈଳାଶ ସାହୁ, ଟିକନ ମାଝୀ, ଓକିଲ ରବୀନ୍ଦ୍ର ମାଝୀ ପ୍ରମୁଖ ପରିଚାଳନା କରିଥିଲେ।

## ସ୍ୱପ୍ନେଶ୍ୱର ମହାଦେବଙ୍କ ପ୍ରତିଷ୍ଠା ଉତ୍ସବ

ତୁରୁମୁଙ୍ଗା, ୨୨।୨(ସମିସ)

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଚିନାମାଳି ପଶି ପଞ୍ଚାୟତ ନୂଆପଡ଼ା ଗ୍ରାମର ପବିତ୍ର ସୀତାନଦୀ କୂଳରେ ମନୋରମ ପ୍ରାକୃତିକ ପରିବେଶରେ ସ୍ୱପନେଶ୍ୱର ମହାଦେବଙ୍କ ତ୍ରିଦିବସୀୟ ପ୍ରତିଷ୍ଠା ପର୍ବ ଗୁରୁବାର ଠାରୁ ଆରମ୍ଭ ହୋଇଛି। ପ୍ରଥମେ ଦିନରେ ଅଙ୍କୁରା ରୋପଣ ସହ କଳସ ଯାତ୍ରା ଆସିବା ପରେ ଘଟ ସ୍ଥାପନ କରାଯାଇଥିଲା। ସନ୍ଧ୍ୟାରେ ଅଧିବାସ ପୂଜା ଓ ଧାନ୍ୟ ଅଧିବାସ ଅନୁଷ୍ଠିତ ହୋଇଛି। କମିଟି ପକ୍ଷରୁ ନିରଞ୍ଜନ ନାଏକ, ଲକ୍ଷ୍ମୀଧର ମହାନ୍ତ, ମହେଶ୍ୱର ନାଏକ, ମିନତୀ ନାଏକ ଓ ମଞ୍ଜୁଲତା ନାଏକଙ୍କ ଉପସ୍ଥିତିରେ ପୂଜକ ଅଲେଖ ଚନ୍ଦ୍ର ତ୍ରିପାଠୀ, ଅଜିତ ଦାଶ, ନିରଞ୍ଜନ କର, ବିଜୟ ପାଣିଗ୍ରାହୀ ଓ ସଦାଶିବ ଦାଶ, ପ୍ରମୁଖ କର୍ତ୍ତା ଭାବେ ଉପସ୍ଥିତ ମଧୁସୂଦନ ନାଏକ ଓ ତାଙ୍କ ପତ୍ନୀ ବାସନ୍ତୀ ନାଏକ, ଦଶରଥ ବାରିକ ଓ କାଞ୍ଚନ ବାରିକ ଓ ଧନେଶ୍ୱର ମହାନ୍ତ ଓ କୁନ୍ତଳା ମହାନ୍ତଙ୍କ ଉପସ୍ଥିତିରେ ପୂଜାବିଧି ପରିଚାଳିତ ହୋଇଛି। ପ୍ରଥମ ଦିବସରେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ବ୍ଲକ ଉପାଧ୍ୟକ୍ଷା ବୀଣାପାଣି ନାୟକ, ମୃଷାଖରୀ ସରପଞ୍ଚ ଭାମାମଣି ଦାଶ, ଡୁମୁରିଆ ସରପଞ୍ଚ ଗୌରହରି ନାଏକ, ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି ଓ ଚିନାମାଳି ପଶି ସରପଞ୍ଚ ଝୁମିତା ନାୟକ, ପୂର୍ବତନ ସରପଞ୍ଚ କନକ ଲତା ନାୟକ, ଓଡ଼ିଶା କୁଡୁମିସେନା ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତ, ପାଟଣା ବିଡିଓ ଶିବଶଙ୍କର ମୁର୍ମୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ.ସିଦ୍ଧ ମାଝୀ, କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ଝା ପ୍ରମୁଖ କାର୍ଯ୍ୟକ୍ରମ ରେ ସାମିଲ ଥିଲେ। ଏଠାରେ ମିନାବଜାର ପଡ଼ିଥିବା ବେଳେ ମଲ୍ଲୀପଶି ଓ ନୂଆପଡ଼ାର ସଂକୀର୍ତ୍ତନ ଦଳ ମାଁ ହିଙ୍ଗୁଳା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଜାରି ରଖିଛନ୍ତି।

**ଏଫ୍ଆଇଏଚ୍ ପୁରୁଷ ପ୍ରୋ ଲିଗ୍**

# ଅଷ୍ଟ୍ରେଲିଆର ବିଜୟ ଛକା

ରାଉରକେଲା/ଭୁବନେଶ୍ୱର, ୨୨।୨ (ସମିସ)

ଚଳିତ ଏଫ୍ଆଇଏଚ୍ ପୁରୁଷ ପ୍ରୋ ଲିଗ୍ ପ୍ରତିଯୋଗିତାରେ ଅଷ୍ଟ୍ରେଲିଆ ହକି ଦଳ ଅପରାଜେୟ ଧାରା ଜାରି ରଖି ୬ଷ୍ଠ ବିଜୟ ହାସଲ କରିଛି। ଗୁରୁବାର ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ଅଷ୍ଟ୍ରେଲିଆ ୪-୧ ଗୋଲରେ ସହଜରେ ଆୟର୍ଲାଣ୍ଡକୁ ପରାସ୍ତ କରି ବିଜୟରେ ଛକା ମାରିଛି। ଚଳିତ ପ୍ରୋ ଲିଗ୍‌ରେ ଅଷ୍ଟ୍ରେଲିଆ ଏଥିସହ ୬ଷ୍ଠ ମ୍ୟାଚରୁ ୬ଷ୍ଠ ବିଜୟ ସହ ୧୮ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଅପରପକ୍ଷରେ ବିଶ୍ୱ ମାନ୍ୟତାର ଦ୍ୱାଦଶ ସ୍ଥାନରେ ଥିବା ଆୟର୍ଲାଣ୍ଡ ସମାନ ସଂଖ୍ୟକ ମ୍ୟାଚରୁ ୬ଷ୍ଠ ପରାଜୟ ସହ ପଏଣ୍ଟ ଟେବଲରେ ବର୍ତ୍ତମାନ ପର୍ଯ୍ୟନ୍ତ ଖାତା ଖୋଲିବାରେ ଅସମର୍ଥ ହୋଇଛି।

ବିର୍ସା ମୁଣ୍ଡାରେ ଗୁରୁବାର ସନ୍ଧ୍ୟାରେ ଖେଳାଯାଇଥିବା ଏହି ମ୍ୟାଚରେ ବିଶ୍ୱ ମାନ୍ୟତାର ୫ମ ସ୍ଥାନରେ ରହିଥିବା ଶକ୍ତିଶାଳୀ ଅଷ୍ଟ୍ରେଲିଆ ଦଳକୁ ଆରମ୍ଭରୁ ଆୟର୍ଲାଣ୍ଡ କଡ଼ା ଟକ୍କର ଦେଇଥିଲା। ଫଳରେ ପ୍ରଥମ ଦୁଇ କ୍ୱାର୍ଟରରେ ଅଷ୍ଟ୍ରେଲିଆ ଗୋଲସ୍କୋର କରିପାରି ନ ଥିଲା। ତେବେ ପ୍ରଥମାର୍ଦ୍ଧ ପରେ ଅଷ୍ଟ୍ରେଲିଆ ଅଧିକ ଆକ୍ରମଣାତ୍ମକ ଆଭିମୁଖ୍ୟ ନେଇ ଖେଳିଥିଲା। ଯାହା ଫଳରେ ୩ୟ କ୍ୱାର୍ଟରରେ ଦଳ ଦୁଇଟି ଗୋଲ୍ ଦେବାରେ ସଫଳ ହୋଇଥିଲା। ୩୩ତମ ମିନିଟ୍‌ରେ ବ୍ଲେକ ଗ୍ରୋଭର ଓ ୪୦ତମ ମିନିଟ୍‌ରେ ନାଥନ ଏଫରମସ୍ ଏହି ଦୁଇଟି ଗୋଲ୍ ଦେଇଥିଲେ। ୪୪ତମ ମିନିଟ୍‌ରେ କିନ୍ତୁ ଆୟର୍ଲାଣ୍ଡର ଶେନ୍ ଓଡୋନୋଘୁଏ ଗୋଟିଏ ଗୋଲ୍ ଶୁଝିଦେଇଥିଲେ। ଏହାସତ୍ତ୍ୱେ ୩ୟ କ୍ୱାର୍ଟର ସୁଦ୍ଧା ଅଷ୍ଟ୍ରେଲିଆ ୨-୧ରେ ଆଗୁଆ ରହିଥିଲା। ଶେଷରେ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ଅଷ୍ଟ୍ରେଲିଆ ଆଉ ଦୁଇଟି ଗୋଲ୍ ଦେଇ ମ୍ୟାଚକୁ ୪-୧ରେ ହାତେଇନେଇଥିଲା। ଗ୍ରୋଭର ୫୨ତମ ମିନିଟ୍‌ରେ ତାଙ୍କର ୨ୟ ଗୋଲଟି ଦେଇଥିଲେ। ସେହିଭଳି ୫୬ତମ ମିନିଟ୍‌ରେ ଜ୍ୟାକ୍ ୱେଲଚ୍ ଦଳ ପାଇଁ ୪ର୍ଥ ଗୋଲସ୍କୋର କରିଥିଲେ। ଅଷ୍ଟ୍ରେଲିଆ ଓ ଆୟର୍ଲାଣ୍ଡ ମଧ୍ୟରେ ଓଭରଅଲ୍ ଏହା ୫ମ ମ୍ୟାଚ୍ ଥିଲା। ଯେଉଁଥିରେ ଅଷ୍ଟ୍ରେଲିଆ ସମସ୍ତ ୫ ମ୍ୟାଚ୍ ଜିତି ଏକକ ଅଗ୍ରଣୀ ରହିଛି।




## ଶୀର୍ଷରେ ନେଦରଲାଣ୍ଡସ ଅପରିବର୍ତ୍ତିତ

ଅପରପକ୍ଷରେ ରାଉରକେଲାରେ ଗୁରୁବାର ଖେଳାଯାଇଥିବା ୨ୟ ମ୍ୟାଚରେ ବିଶ୍ୱର ଏକ ନମ୍ବର ଦଳ ନେଦରଲାଣ୍ଡସ ୪-୩ ଗୋଲରେ ସ୍ପେନକୁ ପରାସ୍ତ କରିଛି। ବିଜୟୀ ଦଳର ଜିପ୍ ଜନସେନ ୨ଟି ଗୋଲ୍ ଦେଇଥିଲେ। ସ୍ପେନ ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ୨ଟି ଗୋଲ୍ ଦେଇଥିଲେ ମଧ୍ୟ ପରାଜୟକୁ ଏଡ଼ାଇପାରି ନ ଥିଲା। ନେଦରଲାଣ୍ଡସ ଏଥିସହ ୧୧ତମ ମ୍ୟାଚରୁ ୬ଷ୍ଠ ବିଜୟ, ୩ ଡ୍ର ଏବଂ ୨ଟି ଲେଖାଏ ପରାଜୟ ଓ ବୋନସ୍ ପଏଣ୍ଟ ସହ ୨୩ ପଏଣ୍ଟ ପାଇ ଟେବଲ୍ ତାଲିକାର ଶୀର୍ଷରେ ଅପରିବର୍ତ୍ତିତ ରହିଛି। ସ୍ପେନ ୭ମ ମୁକାବିଲାରୁ ୫ମ ପରାଜୟ ସହ ୪ ପଏଣ୍ଟ ପାଇ ୭ମ ସ୍ଥାନରେ ରହିଛି।

# ଉଦୀୟମାନ କ୍ରୀଡ଼ାବିତ୍‌ଙ୍କୁ ଆର୍ଥିକ ପୁରସ୍କାର

**ଭୁବନେଶ୍ୱର, ୨୨।୨ (ସମିସ):** ରାଜ୍ୟର ଉଦୀୟମାନ କ୍ରୀଡ଼ାବିତ୍‌ଙ୍କୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଆର୍ଥିକ ପ୍ରୋତ୍ସାହନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଗୁରୁବାର ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ୫୯ ଆଥ୍ଲେଟ୍‌ଙ୍କୁ ୯ ଲକ୍ଷ ୫୦୦ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି। ହକି, ରଗ୍‌ବୀ, କାୟାକିଂ ଓ କାନୋଇଂରେ ଏହି କ୍ରୀଡ଼ାବିତ୍‌ମାନେ ପଦକ ନିକଟରେ ଜାତୀୟ ପ୍ରତିଯୋଗିତାରେ ପଦକ ସଫଳତା ପାଇଥିଲେ।




ଭୋପାଳରେ ଅନୁଷ୍ଠିତ ୩୪ତମ ଉପ-କନିଷ୍ଠ ଓ କନିଷ୍ଠ କାନୋଇଂ ସ୍ପ୍ରିଣ୍ଟ ପ୍ରତିଯୋଗିତାରେ ଓଡ଼ିଶାର ୧୯ କ୍ରୀଡ଼ାବିତ୍ ଅଂଶଗ୍ରହଣ କରି ୪୦ ପଦକ ଜିତିଥିଲେ। ସେମାନଙ୍କୁ ୭ ଲକ୍ଷ ୪୦,୫୦୦ ଟଙ୍କା ଦିଆଯାଇଛି। ସେହିଭଳି ଓଡ଼ିଶାର ଉଭୟ ବାଳକ ଓ ବାଳିକା ୧୪ ବର୍ଷରୁ କମ୍ ରଗ୍‌ବୀ ଦଳ ଜାତୀୟ ଉପ-କନିଷ୍ଠ ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତିଥିବାରୁ ସେମାନଙ୍କୁ ଏକ ଲକ୍ଷ ୨୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ରଗ୍‌ବୀ ଖେଳାଳିମାନେ ପ୍ରତ୍ୟେକ ୫ ହଜାର ଟଙ୍କା ପାଇଥିଲେ। ଏହାବାଦ୍ ୧୪ ବର୍ଷରୁ କମ୍ ଗ୍ରାସରୁଟ୍ ହକି ଦଳର ସମସ୍ତ ଖେଳାଳିଙ୍କୁ ମୋଟ୍ ୪୦ ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା। ଏଥିସହ ନୂଆ-ଓ' ଡିଜିଟାଲ ପ୍ରତିଯୋଗିତାର ୨୭ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏହି ପୁରସ୍କାର ପ୍ରଦାନ ଉତ୍ସବରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ।



ରାଉରକେଲାରେ ପ୍ରତିଷ୍ଠା କରାଯାଇଥିବା ଅତ୍ୟାଧୁନିକ ଜିମ୍ନାଷ୍ଟିକ ଏକାଡେମୀ, ପାନପୋଷ ହକି କ୍ରୀଡ଼ା ଛାତ୍ରାବାସର ଅନୁଧ୍ୟାନ କରିବା ସହ ଖେଳାଳି ଓ ପ୍ରଶିକ୍ଷକଙ୍କ ସହ ମତବିନିମୟ କରୁଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

**● ୪ରୁ ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ଟେନିସ**

# ପୁରସ୍କାର ରାଶି ୨.୫ ଲକ୍ଷ ଟଙ୍କାକୁ ବୃଦ୍ଧି

**ଭୁବନେଶ୍ୱର, ୨୨।୨ (ସମିସ):** ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ସର୍ବଭାରତୀୟ ଟେନିସ ପ୍ରତିଯୋଗିତାକୁ ଏଥର ଆଉ ଏକ ସ୍ୱୀକୃତି ମିଳିଛି। ପ୍ରତ୍ୟେକ ବର୍ଷ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତା ଚଳିତବର୍ଷଠାରୁ ଏହା ଏଆଇଟିଏ ପୁରୁଷ ଟେନିସ ଟୁର୍ଣ୍ଣାମେଣ୍ଟ ଭାବେ ବିବେଚିତ ହେବ। ଏଥିରେ ସଫଳତା ପାଇଥିବା ପ୍ରତିଯୋଗୀଙ୍କୁ ଏଆଇଟିଏ ପଏଣ୍ଟ ମଧ୍ୟ ମିଳିବ। ଏହି ସଫଳତାକୁ ଆଧାର କରି ଆୟୋଜକମାନେ ଏହି ଟୁର୍ଣ୍ଣାମେଣ୍ଟର ପୁରସ୍କାର ରାଶିରେ ବୃଦ୍ଧି କରିଛନ୍ତି। ଏଥର ମୋଟ ପୁରସ୍କାର ରାଶି ୨.୫ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ଏହା ଫଳରେ ରାଜ୍ୟରେ ଆୟୋଜିତ ହେଉଥିବା ଏସମସ୍ତ ଏଆଇଟିଏ ପ୍ରତିଯୋଗିତାରେ ଏହି ରାଶି ସର୍ବାଧିକ। ଚଳିତବର୍ଷ ଏହି ପ୍ରତିଯୋଗିତା ପୂର୍ବପରି ଗୁରୁକୂଳ ଟେନିସ ରିସର୍ଟ ଓ କଣ୍ଟ୍ରି କ୍ଲବ୍ ପରିସରରେ ଏହି ପ୍ରତିଯୋଗିତା ଆୟୋଜିତ ହେବ ଓ ଏହା ମାର୍ଚ୍ଚ ୪ରୁ ଆରମ୍ଭ ହୋଇ ୮ରେ ଶେଷ ହେବ। ଏଥିରେ ରାଜ୍ୟର ୧୫ଜଣ ଖେଳାଳିଙ୍କ ସମେତ ସମଗ୍ର ଦେଶରୁ ୧୯୦ ଜଣ ଖେଳାଳି ଅଂଶଗ୍ରହଣ କରିବେ ବୋଲି ରିସର୍ଟ ନିର୍ଦ୍ଦେଶକ ଚିନ୍ମୟ ପ୍ରଧାନ ପ୍ରକାଶ କରିଛନ୍ତି। ଏଠାରେ ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟୁର୍ଣ୍ଣାମେଣ୍ଟ ଆୟୋଜନ କମିଟି ଅଧ୍ୟକ୍ଷ ଡାକ୍ତର ପ୍ରତାପ ପ୍ରଧାନ, ସ୍ୱର୍ଗତ ସନ୍ଦୀପଙ୍କ ପିତା ଜଗଦାନନ୍ଦ ମହାପାତ୍ର ଓ ଭାଇ ସଞ୍ଜୀବ ମହାପାତ୍ର, ଓଡ଼ିଶା ଟେନିସ ସଂଘ ଉପସଭାପତି ଶୁଭ୍ରାଂଶୁ ଶେଖର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାଟି ଓଟିଏ ଓ ଖୋର୍ଦ୍ଧା ଜିଲ୍ଲା ଟେନିସ ସଂଘ ବ୍ୟାନରରେ ଆୟୋଜିତ ହେବ।




# ଆଜିଠାରୁ ଯୁବା ଓପନ ବାସ୍କେଟବଲ୍

**ଭୁବନେଶ୍ୱର, ୨୨।୨ (ସମିସ):** ଯୁବା ଓପନ ବାସ୍କେଟବଲ ପ୍ରତିଯୋଗିତା ଚଳିତ ସଂସ୍କରଣ ଆସନ୍ତାକାଲି ବା ଶୁକ୍ରବାରଠାରୁ ଖେଳାଯିବ। ପୂର୍ବରୁ ଏହା ଶହୀଦ ନଗରସ୍ଥିତ ଇଙ୍ଗା ବାସ୍କେଟବଲ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଏଥର ପ୍ରତିଯୋଗିତାରେ ସମଗ୍ର ରାଜ୍ୟରୁ ୧୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ଅଂଶଗ୍ରହଣକାରୀ ଦଳ ଗୁଡ଼ିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତିଯୋଗିତାଟି ଲିଗ୍ ଭିତ୍ତିରେ ଖେଳାଯିବ। ଏଥିରେ ଭାଗ ନେଇଥିବା ଦଳ ମଧ୍ୟରୁ ଗ୍ରୁପ୍-ଏ'ରେ ହାଇଦରାବାଦ୍, ଝାଡଖଣ୍ଡ ଓ ରାଉରକେଲା, ଗ୍ରୁପ୍-ବି'ରେ ଯୁବା ବାସ୍କେଟବଲ ସଂଘ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଓ ଛତିଶଗଡ଼, ଗ୍ରୁପ୍-ସି'ରେ ପୁରୀ, ରାଞ୍ଚି ଓ ଆନ୍ଧ୍ରପ୍ରଦେଶ ଏବଂ ଗ୍ରୁପ୍-ଡି'ରେ ଯୁବା ବାସ୍କେଟବଲ ସିନିଅର, ଓଲଭସ୍ ପ୍ୟାକ୍ ଓ କିଟ୍ ସ୍ଥାନ ପାଇଛନ୍ତି। ଶୁକ୍ରବାର ସନ୍ଧ୍ୟା ୫ଟାରୁ ପ୍ରତିଯୋଗିତା ଆରମ୍ଭ ହେବ ଓ ୨୫ ତାରିଖ ରବିବାର ରାତିରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ସଭାପତି ବିଶ୍ୱଜିତ ମହାନ୍ତି ଓ ସମ୍ପାଦକ ଦେବାଶିଷ ଚକ୍ର ପ୍ରକାଶ କରିଛନ୍ତି। ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳକୁ ୩୫,୦୦୦ ଟଙ୍କା ଓ ଟ୍ରଫି, ରନର୍ସ ଅପ୍ ଦଳକୁ ୧୫,୦୦୦ ଟଙ୍କା ଓ ଟ୍ରଫି, ତୃତୀୟସ୍ଥାନିତ ଦଳକୁ ୭,୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ ବୋଲି ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ପାତ୍ର ସଚନା ଦେଇଛନ୍ତି। ଏଥିଲାଗି ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କର୍ପୋରେଟର ରାଜକିଶୋର ଦାସ, ସିଦ୍ଧାନ୍ତ ଦାସ, ରୁଦ୍ର ରାଓ, ମନୋରଞ୍ଜନ ଗରାବଡ୍ଡୁ, ମିଥୁନ ବିଶୋଇ, ସବ୍ୟସାଚୀ ରାୟ ପ୍ରମୁଖ ଉପସ୍ଥିତ ଥିଲେ।



ଏହି ପ୍ରତିଯୋଗିତା ଅବସରରେ ରାଜ୍ୟର ସୁନାମଧନ୍ୟ ଖେଳାଳି ସୌଭାଗ୍ୟ ଓଝା, ଜିଏମ୍ ଅଳକାନନ୍ଦା, କେ ବିବେକ, ଲିଜାଲିନ୍ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ଉଦ୍‌ଘାଟନୀ ଉତ୍ସବରେ ଏମ୍‌ପି ଅଚ୍ୟୁତ ସାମନ୍ତ, ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ ଓ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଅତିଥିଭାବେ ଯୋଗଦେବେ ବୋଲି ଉପଦେଷ୍ଟା ସରୋଜ ପାତ୍ର ସୂଚନା ଦେଇଛନ୍ତି।

# ଭାରୋତ୍ତୋଳନରେ ପୁନିତଙ୍କୁ ରୌପ୍ୟ



**ଭୁବନେଶ୍ୱର, ୨୨।୨ (ସମିସ):** ଆସାମରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟକ୍ରୀଡା ପ୍ରତିଯୋଗୀତାରେ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ର ପୁନିତ୍ ଚନ୍ଦ୍ର ସାହୁ ଗୁରୁବାର ରୌପ୍ୟ ପଦକ ଜିତିଛନ୍ତି। ପୁରୁଷ ଭାରୋତ୍ତୋଳନର ୧୦୨ କିଗ୍ରା ଓଜନବର୍ଗରେ ପୁନିତ୍ ମୋଟ୍ ୨୯୮ କିଗ୍ରା ଭାର ଉଠାଇ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଯେଉଁଥିରେ ସେ ସ୍ନାଚରେ ୧୨୭ କିଗ୍ରା ଏବଂ କ୍ଲିନ ଆଣ୍ଡ ଜର୍କରେ ୧୭୧ କିଗ୍ରା ଓଜନ ଉଠାଇଥିଲେ। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**● ହୁସିନାରା ନିଲୋଫର୍ କପ୍**

# ୯ ୱିକେଟ୍‌ରେ ଜିତିଲା ଯଦୁପୁର

**ଭୁବନେଶ୍ୱର, ୨୨।୨ (ସମିସ):** ତମାଣ୍ଡୋ କ୍ରିକେଟ୍ ପଡ଼ିଆରେ ଚାଲିଥିବା ହୁସିନାରା ନିଲୋଫର୍ କପ୍‌ରେ ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଯଦୁପୁର ସହଜ ବିଜୟ ହାସଲ କରିଛି। ଏହି ମ୍ୟାଚରେ ଯଦୁପୁର ୯ ୱିକେଟ୍‌ରେ ସୁଧାନଗର ଦଳ (ଆଇଆର୍‌ସି ଭିଲେଜ)କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ସୁଧାନଗର ଦଳ ୧୬.୩ ଓଭରରେ ୧୨୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସୌରଭ ଦାସ ୪୫, ଅମୂଲ୍ୟ ପାତ୍ର ୪୧ ରନ କରିଥିଲେ। ପ୍ରତିପକ୍ଷ ଯଦୁପୁର ଦଳର ରବୀନ୍ଦ୍ର ନାୟକ ୪ ଏବଂ ସ୍ୱାଧୀନ ପାଇକରାୟ ଓ ଶେଖ୍ ସଲମାନ ୨ଟି ଲେଖାଏ ୱିକେଟ୍ ପାଇଥିଲେ। ଜବାବରେ ଏମ୍‌ଡି ତାବ୍ରେଜ (୫୦*) ଓ ଗିରିଶ ନାୟକ (୩୮)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ଯଦୁପୁର ୧୨.୩ ଓଭରରେ ଗୋଟିଏ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

# ମୁମ୍ବାଇ ଇଣ୍ଡିଆନ୍ସ-ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମ ମୁକାବିଲା

ମୁମ୍ବଇ,୨୨।୨(ଏଜେନ୍ସି)

ଦେଶର ସର୍ବବୃହତ୍ ମହିଳା ଟି-୨୦ ଲିଗ୍ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ)ର ଦ୍ୱିତୀୟ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହେବ। ଫେବୃଆରୀ ୨୩ରୁ ମାର୍ଚ୍ଚ ୧୭ ମଧ୍ୟରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୫ଟି ଫ୍ରାଞ୍ଚାଇଜ ଅଂଶଗ୍ରହଣ କରିବେ। ସେଗୁଡିକ ହେଲା ମୁମ୍ବାଇ ଇଣ୍ଡିଆନ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ଗୁଜରାଟ ଜାଏଣ୍ଟସ, ଦିଲ୍ଲୀ କ୍ୟାପିଟାଲ୍ସ ଓ ୟୁପି ୱାରିୟର୍ସ। ଦଳଗୁଡିକ ଟୁର୍ଣ୍ଣାମେଣ୍ଟରେ ମୋଟ୍ ୨୨ଟି ମ୍ୟାଚ୍ ଖେଳିବେ। ଏଥିରେ ୨୦ଟି ଲିଗ୍ ମ୍ୟାଚ୍, ଗୋଟିଏ ଏଲିମିନେଟର ଓ ଫାଇନାଲ ମୁକାବିଲା ସାମିଲ ରହିଛି। ଶୁକ୍ରବାର ଉଦ୍‌ଘାଟନୀ ମ୍ୟାଚ୍‌ରେ ଗତଥରର ବିଜେତା ମୁମ୍ବାଇ ଇଣ୍ଡିଆନ୍ସ ଓ ଉପ- ବିଜେତା ଦିଲ୍ଲୀ କ୍ୟାପିଟାଲ୍ସ ପରସ୍ପରକୁ ଭେଟିବେ। ଲିଗ୍‌ର ସବୁ ମ୍ୟାଚ୍ ରାତି ୭.୩୦ରୁ ଆରମ୍ଭ ହେବ। ଟୁର୍ଣ୍ଣାମେଣ୍ଟରେ ଗୋଟିଏ ହେଲେ ବି ଡବଲ ହେଡର ନାହିଁ। ଅର୍ଥାତ ଏଥର ଗୋଟିଏ ଦିନରେ ଦୁଇଟି ମ୍ୟାଚ୍ ଖେଳାଯିବ ନାହିଁ।

## ବେଙ୍ଗାଲୁରୁ, ଦିଲ୍ଲୀରେ ଖେଳାଯିବ ମ୍ୟାଚ୍

ଟୁର୍ଣ୍ଣାମେଣ୍ଟର ମ୍ୟାଚ୍‌ଗୁଡିକ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ ଓ ଦିଲ୍ଲୀର ଅରୁଣ ଜେଟ୍‌ଲି ଷ୍ଟାଡିୟମରେ ଆୟୋଜିତ ହେବ। ଗତ ପ୍ରଥମ ସଂସ୍କରଣରେ ସବୁ ମ୍ୟାଚ୍ ମୁମ୍ବଇରେ ଖେଳାଯାଇଥିଲା। ଏଥର କିନ୍ତୁ କୌଣସି ମ୍ୟାଚ୍ ମୁମ୍ବାଇରେ ଖେଳାଯିବ ନାହିଁ।




**ମହିଳା ପ୍ରିମିୟର ଲିଗ୍-୨ ଆଜିଠାରୁ**

## ମ୍ୟାଚ୍ ପୂର୍ବରୁ ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ

ଉଦ୍‌ଘାଟନୀ ମ୍ୟାଚ୍ ପୂର୍ବରୁ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଏକ ରଙ୍ଗାରଙ୍ଗ ଉଦ୍‌ଘାଟନୀ ମ୍ୟାଚ୍ ଆୟୋଜିତ ହେବ। ଏଥିରେ ଏକାଧିକ ବଲିଉଡ ତାରକାମାନେ କାର୍ଯ୍ୟକ୍ରମ ପରିବେଷଣ କରିବା ସହ ଦର୍ଶକଙ୍କ ମନୋରଞ୍ଜନ କରିବେ। ସୁପରଷ୍ଟାର ଶାହରୁଖ ଖାନ, କାର୍ତ୍ତିକ ଆର୍ଯ୍ୟନ, ସିଦ୍ଧାର୍ଥ ମାଲହୋତ୍ରା, ଟାଇଗର ଶ୍ରଫ୍, ଶାହିଦ କପୁର ଓ ବରୁଣ ଧାୱନ ବିଭିନ୍ନ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରିବେ। ଧୂମ୍‌ଧାମ୍‌ରେ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହେବ।

## ଫର୍ମାଟ ଅପରିବର୍ତ୍ତିତ

ପ୍ରଥମ ସଂସ୍କରଣର ଫର୍ମାଟରେ ହିଁ ଏଥର ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଅର୍ଥାତ ଲିଗ୍‌ର ଫର୍ମାଟରେ କୌଣସି ପରିବର୍ତ୍ତନ କରାଯିବ ନାହିଁ। ଗ୍ରୁପ୍ ପର୍ଯ୍ୟାୟରେ ସବୁ ଦଳ ନିଜର ୮ଟି ମ୍ୟାଚ୍‌ରେ ପରସ୍ପର ସହ ଦୁଇଟି ଲେଖାଏ ମ୍ୟାଚ୍ ଖେଳିବେ। ଲିଗ ରାଉଣ୍ଡ ପରେ ଅଙ୍କ ତାଲିକାର ଶ୍ରେଷ୍ଠ ଦଳ ଫାଇନାଲରେ ପ୍ରବେଶ କରିବେ। ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ଦଳ ସେମିଫାଇନାଲ ବଦଳରେ ପରସ୍ପର ସହ ପ୍ଲେ- ଅଫ୍ ବା ଏଲିମିନେଟର ମ୍ୟାଚ୍ ଖେଳିବେ। ତାଲିକାର ନିମ୍ନରେ ଥିବା ଦୁଇଟି ଦଳ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିବେ। ଗୁଜରାଟର ନବାଗତ କାଶବି ଗୌତମ ଓ ଅଷ୍ଟ୍ରେଲିଆର ଆନାବେଲ ସଦରଲାଣ୍ଡ ୨ କୋଟି ଟଙ୍କାରେ ବିକ୍ରି ହୋଇ ସବୁଠାରୁ ଦାମୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ହରମନପ୍ରୀତ କୌର ମୁମ୍ବାଇ, ମେଗ୍ ଲାନିଂ ଦିଲ୍ଲୀ, ସ୍ମୃତି ମନ୍ଧାନା ବାଙ୍ଗାଲୋର, ଏଲିସା ହିଲି ୟୁପି ଓ ବେଥ ମୁନି ଗୁଜରାଟ ଦଳର ନେତୃତ୍ୱ ନେବେ। ଲିଗ୍‌ରେ ଏଥର ଅଷ୍ଟ୍ରେଲିଆର ୧୩ ଖେଳାଳି ସାମିଲ ହୋଇଛନ୍ତି ଓ ୩ଜଣ ଖେଳାଳି ବିଭିନ୍ନ୍ ଦଳର ନେତୃତ୍ୱ ନେବେ। ସେହିପରି ଇଂଲଣ୍ଡର ୬ ଓ ଦକ୍ଷିଣ ଆଫ୍ରିକାର ୫ ଖେଳାଳି ବିଭିନ୍ନ ଦଳ ତରଫରୁ ପ୍ରତିନିଧିତ୍ୱ କରିବେ। ଏଥର ଏହି ଲିଗ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।



## ଆଜିର ରାଶିଫଳ

**ମେଷ:** ନୂଆ କାମ ଆରମ୍ଭ କରିବା ପାଇଁ ଭଲ ସମୟ। ଧାର କରଜରୁ ଦୂରେଇ ରହିବେ। ବ୍ୟବସାୟରେ କ୍ଷତି ହେବ। ପ୍ରିୟବନ୍ଧୁଙ୍କୁ ନିଜ ମନକଥା କହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ। ସମ୍ପତ୍ତି ବିବାଦ ସମାଧାନ ହେବ।

**ମିଥୁନ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟୀ ନୂଆ ବ୍ୟବସାୟର ଯୋଜନା କରିବେ। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ।

**କର୍କଟ:** ପଡ଼ୋଶୀଙ୍କ ସାହାଯ୍ୟ ମିଳିବ। କ୍ରୀଡ଼ାବିତ୍ ଶୁଭ ଖବର ପାଇବେ। ଜମି କାରବାରରେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ମନପସନ୍ଦ କାମରୁ ସଫଳତା ମିଳିବ। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ। ଧନ ଆଗମନ ହେବ। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନାଚ, ଗୀତ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହେବେ। ଚାକିରିରେ ବଦଳି ସମ୍ଭାବନା ଅଛି।

**ତୁଳା:** ମନ ଖୁସି ରହିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବନ୍ଧୁଙ୍କ କଥା ଖରାପ ଲାଗିବ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। ଆୟ ସହ ଖର୍ଚ୍ଚ ବଢ଼ିବ।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। କଳାକାର, ଡାକ୍ତରଙ୍କୁ ଶୁଭ ଖବର ମିଳିବ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ବିବାହକୁ ନେଇ ଚିନ୍ତାରେ ରହିବେ। ନୂଆ ନିଯୁକ୍ତି ଅବସର ମିଳିବ। ନିଜ ପାଇଁ ସମୟ ବାହାର କରିବେ। ବୈବାହିକ ଜୀବନ ସୁଖମୟ ହେବ। ଅର୍ଥ ସଞ୍ଚୟ ଯୋଜନା କରିବେ।

## ଆଜିର ଇତିହାସ

- ୧୪୬୮: ମୁଦ୍ରଣ ଯନ୍ତ୍ରର ଉଦ୍ଭାବକ ଜୋହାନ୍ସ ଗୁଟେନବର୍ଗଙ୍କ ପରଲୋକ।
- ୧୯୬୯: ଅଭିନେତ୍ରୀ ମଧୁବାଲାଙ୍କ ଦେହାନ୍ତ।
- ୧୯୮୧: ଦକ୍ଷିଣପନ୍ଥୀ ସେନା ବିଦ୍ରୋହ, ସ୍ପେନ୍‌ରେ ରାଜନୈତିକ ଅସ୍ଥିରତା।
- ୨୦୦୬: ଇରାକ୍‌ରେ ଦେଶବ୍ୟାପୀ ହିଂସାକାଣ୍ଡରେ ୧୦୬ ଜଣଙ୍କ ମୃତ୍ୟୁ।
- ୨୦୧୦: ଭାରତର ପ୍ରସିଦ୍ଧ ଚିତ୍ରଶିଳ୍ପୀ ଏମ୍. ଏଫ୍ ହୁସେନ୍‌ଙ୍କୁ କତାର ସରକାର ନାଗରିକତା ପ୍ରଦାନ କଲେ।



# ଅକ୍ଟୋବରରେ 'ଦେବରା'

ଚଳିତବର୍ଷ ମୁକ୍ତିଲାଭ କରିବାକୁ ଥିବା ଫିଲ୍ମଗୁଡ଼ିକ ମଧ୍ୟରେ ଜୁନିୟର୍ ଏନିଟିଆର୍ ଓ ଜାହ୍ନବୀ କପୁରଙ୍କ ଅଭିନୀତ 'ଦେବରା-୧'କୁ ନେଇ ଦର୍ଶକଙ୍କ ମଧ୍ୟରେ ଜବରଦସ୍ତ କ୍ରେଜ୍ ରହିଛି। ଏହି ଫିଲ୍ମ ୫ ଅପ୍ରେଲ୍‌ରେ ରିଲିଜ୍ ହେବାର ଥିଲା। ତେବେ ଦର୍ଶକଙ୍କୁ ଏଥିପାଇଁ ଆହୁରି କିଛିଦିନ ଅପେକ୍ଷା କରିବାକୁ ପଡ଼ିବ। ଏହାର ଟିଜର୍ ଜାରି ହେବା ଦିନଠାରୁ ଦର୍ଶକଙ୍କ ମଧ୍ୟରେ ଏହାକୁ ନେଇ ଜବରଦସ୍ତ ଉତ୍ସାହ ଦେଖିବାକୁ ମିଳିଛି। ଇତିମଧ୍ୟରେ ଜୁନିୟର୍ ଏନ୍‌ଟିଆର୍ ସାମାଜିକ ଗଣମାଧ୍ୟମରେ 'ଦେବରା'ରୁ ତାଙ୍କ ଲୁକ୍ ସେୟାର୍ କରିବା ସହିତ ଫିଲ୍ମର ନୂଆ ରିଲିଜ୍ ତାରିଖ ଘୋଷଣା କରିଛନ୍ତି। ଏହି ଫିଲ୍ମ ଏବେ ଅକ୍ଟୋବର ୧୦, ୨୦୨୪ରେ ରିଲିଜ୍ ହେବ। 'ଦେବରା'ରେ ସୈଫ୍ ଅଲ୍ଲୀ ଖାନ୍ ମଧ୍ୟ ଲିଡ୍ ରୋଲ୍‌ରେ ନଜର ଆସିବେ। ଏହି ଫିଲ୍ମ ମାଧ୍ୟମରେ ଜାହ୍ନବୀ ସାଉଥ୍ ଇଣ୍ଡଷ୍ଟ୍ରୀରେ ଡେବ୍ୟୁ କରିବେ। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ କେ. ଶିବା ରହିଛନ୍ତି। ଏହା ଏକ ବହୁଭାଷୀ ଫିଲ୍ମ ହେବ। ଏହା ତାମିଲ୍, ତେଲୁଗୁ, ମଲାୟାଲମ୍, ହିନ୍ଦୀ ଓ କନ୍ନଡ଼ରେ ରିଲିଜ୍ ହେବ। 'ଦେବରା'ର ନିର୍ମାତା ଏଥିରେ ଉନ୍ନତମାନର ଭିଏଫ୍‌ଏକ୍ସ ଏବଂ ସର୍ବୋତ୍ତମ ସିନେମାଟୋଗ୍ରାଫି ଦେବାକୁ ଚାହୁଁଛନ୍ତି। ଏଥିପାଇଁ ଅଧିକ ସମୟ ଦରକାର। ତେଣୁ ଏହାକୁ ଏପ୍ରିଲ୍‌ରେ ରିଲିଜ୍ ନ କରି ଆଉ କିଛି ଦିନ ଘୁଞ୍ଚାଇ ଦେବା ପାଇଁ ଏହାର ନିର୍ମାତା ସ୍ଥିର କରିଥିବା ଚର୍ଚ୍ଚା ହେଉଛି।

# ସୂର୍ଯ୍ୟକିରଣରେ ୨୦ ମିନିଟ୍...



ଦିନକୁ ସୂର୍ଯ୍ୟକିରଣରେ ୨୦ ମିନିଟ୍ ଅତିବାହିତ କରିବା ହିତକର ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ଶରୀରକୁ ଠିକ୍ ଭାବେ ଭିଟାମିନ୍ ଡି' ମିଳିଥାଏ। ସୂର୍ଯ୍ୟକିରଣରେ ୨୦ ମିନିଟ୍ ଛିଡ଼ା ହେବା ଦ୍ୱାରା ଚର୍ମର କୌଣସି କ୍ଷତି ହୋଇ ନ ଥାଏ। ତା'ସହ ଚର୍ମକର୍କଟ ହେବା ଆଶଙ୍କା ମଧ୍ୟ ନ ଥାଏ। ତେବେ ଏହାଠାରୁ ଅଧିକ ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସୁଥିଲେ, ସନସ୍କ୍ରିନ୍ ଲଗାଇବା ନେଇ ପରାମର୍ଶ ଦିଆଯାଇଛି। ତେବେ ଭିଟାମିନ୍-ଡି' ଦ୍ୱାରା ଭଲ ନିଦ ହେବା ସହ ଚର୍ମ, ମାଂସପେଶୀ, ଇମ୍ୟୁନିଟି ଓ ଖାଦ୍ୟନଳୀ ସୁସ୍ଥ ରହେ। ଜଣକର ଚର୍ମ, ଭୌଗୋଳିକ ସ୍ଥାନ ତଥା ତା'ର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ଉପରେ କେତେ ପରିମାଣର ସେ ସୂର୍ଯ୍ୟକିରଣ ଗ୍ରହଣ କରିବେ ତାହା ନିର୍ଭର କରେ। ଦିନର ମଧ୍ୟଭାଗରେ ଅନ୍ତତଃ ୧୦ରୁ ୩୦ ମିନିଟ୍ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିବା ଦ୍ୱାରା ପ୍ରଚୁର ମାତ୍ରାରେ ଭିଟାମିନ୍ ଡି' ମିଳିଥାଏ। ଏହା ଶରୀରର ଅସ୍ଥିମଜ୍ଜା ଓ ରୋଗପ୍ରତିରୋଧକ ଶକ୍ତି ପାଇଁ ନିହାତି ଜରୁରୀ। ସେହିଭଳି ଯେଉଁମାନଙ୍କର ତ୍ୱଚାର ରଙ୍ଗ କଳା ବା ଗାଢ଼, ସେମାନେ ଦିନକୁ ୩୦ ମିନିଟ୍ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିବା ଭଲ। ଏହାର କାରଣ ହେଉଛି ଏଭଳି ଲୋକଙ୍କର ମେଲାନିନ୍ ଅଧିକ ଥିବାରୁ ସେମାନଙ୍କଠାରେ ସୂର୍ଯ୍ୟକିରଣକୁ ସହିବାର କ୍ଷମତା ରହିଥାଏ। ଅନ୍ୟପଟେ ଥଣ୍ଡା ଜଳବାୟୁରେ ରହୁଥିବା ଲୋକେ ଦିନକୁ ଦୁଇ ଘଣ୍ଟା ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିଲେ ଭିଟାମିନ୍ ଡି' ପ୍ରଚୁର ପରିମାଣରେ ମିଳିଥାଏ। ତେବେ ଅତ୍ୟଧିକ ଖରା ଶରୀର ପାଇଁ କ୍ଷତିକାରକ ହୋଇଥିବା ବେଳେ ଏହାଦ୍ୱାରା ତ୍ୱଚା ସମସ୍ୟା ଏବଂ ଚର୍ମକର୍କଟ ଆଶଙ୍କା ଅଧିକ ଥାଏ। ତା'ସହ ଟାଣଖରାକୁ ବାହାରିବା ବେଳେ ସନସ୍କ୍ରିନ୍ ସାଙ୍ଗକୁ ଶରୀରକୁ ଯଥାସମ୍ଭବ ଘୋଡ଼ାଇ ରଖିବା ଉଚିତ।

# କିଛି ମୁହୂର୍ତ୍ତ ପାଇଁ ଅଟକିଯାଏ ସହର



ଭାରତରେ ଅନେକଗୁଡ଼ିଏ ସହର ଅଛି, ଯାହାର ନିଜସ୍ୱ ସ୍ୱତନ୍ତ୍ରତା ରହିଛି। ଏଇ ଯେମିତି ତେଲଙ୍ଗାନାର ନାଲଗୋଣ୍ଡା ସହର। ଏଠାରେ ପ୍ରତ୍ୟେକ ଦିନ ସକାଳ ୮ ଟାରେ ଲାଉଡ୍ ସ୍ପିକରରେ ସହରର ବିଭିନ୍ନ ସ୍ଥାନରେ ଜାତୀୟ ସଙ୍ଗୀତ ବଜାଯାଏ। ଜାତୀୟ ସଙ୍ଗୀତ ବାଜିବା ମାତ୍ରେ ହିଁ ସହରବାସୀ ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି କିଛିକ୍ଷଣ ଅଟକିଯାଇ ସମସ୍ତେ ନିଜ ସ୍ଥାନରେ ଛିଡ଼ା ହୋଇ ଜାତୀୟ ସଙ୍ଗୀତ ଗାନ କରିବା ସହ ତ୍ରିରଙ୍ଗାକୁ ସମ୍ମାନ ଦେଇଥାନ୍ତି। ନାଲଗୋଣ୍ଡା ସହରର ୧୨ଟି ମୁଖ୍ୟ ଛକରେ ପ୍ରତ୍ୟେକ ଦିନ ସକାଳ ୮ ଟାରେ ଜାତୀୟ ସଙ୍ଗୀତ ବାଜିଥାଏ। ପୂରା ସହର ଜାତୀୟ ସଙ୍ଗୀତକୁ ସମ୍ମାନ ଦେଇ ୫୨ ସେକେଣ୍ଡ ସ୍ଥିର ହୋଇଯାଏ। ସହରର କୁନି ପିଲାଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଜାତୀୟ ସଙ୍ଗୀତ ଗାନ କରିଥାନ୍ତି। ଏଥିପାଇଁ ସହରର ୧୨ଟି ମୁଖ୍ୟ ସ୍ଥାନରେ ଲାଉଡ୍‌ସ୍ପିକର୍ ଲଗାଯାଇଛି। ଏହାଦ୍ୱାରା ଆଖପାଖର ଲୋକେ ଜାତୀୟ ସଙ୍ଗୀତ ଶୁଣି ଏହାକୁ ଗାଇ ପାରିବେ। ଆଗାମୀ ଦିନରେ ସହରର ଅନ୍ୟ ସ୍ଥାନଗୁଡ଼ିକରେ ମଧ୍ୟ ଲାଉଡ୍ ସ୍ପିକର୍ ଲଗାଯାଇ ଜାତୀୟ ସଙ୍ଗୀତ ଗାନ କରିବା ପାଇଁ ସ୍ଥିର କରାଯାଇଛି। ପ୍ରଥମେ ଜମ୍ମିକୁଣ୍ଟ ସ୍ଥାନରେ ଏପରି କରାଯାଉଥିଲା। ଏଥିରୁ ପ୍ରେରିତ ହୋଇ ନାଲଗୋଣ୍ଡାର 'ଜନଗଣମନ ଉତ୍ସବ ସମିତି' ସହରର ବିଭିନ୍ନ ଛକରେ ଏପରି କରିବାକୁ ସ୍ଥିର କରିଥିଲା। 'ଜନଗଣମନ ଉତ୍ସବ ସମିତି' ଏହି କାର୍ଯ୍ୟ ୨୦୨୧ ମସିହାରେ ଆରମ୍ଭ କରିଥିଲା। ଯେତେବେଳେ ସହରର ବିଭିନ୍ନ ସ୍ଥାନରେ ଜାତୀୟ ସଙ୍ଗୀତ ବାଜେ, ସେହି ସମୟରେ ସମିତିର ସଦସ୍ୟମାନେ ସହରର ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଧରି ଠିଆ ହୋଇ ଜାତୀୟ ସଙ୍ଗୀତ ଗାନ କରନ୍ତି। ସହରବାସୀ ମଧ୍ୟ ଜାତୀୟ ସଙ୍ଗୀତ ଗାନ କରି ତ୍ରିରଙ୍ଗାକୁ ସମ୍ମାନ ଜଣାଇଥାନ୍ତି। ଏହି ସମୟରେ ରାସ୍ତାରେ ଯାନବାହନଗୁଡ଼ିକ ମଧ୍ୟ ଅଟକି ଯାଇଥାଏ।

# କର୍କଟ ଏକ ସାମାଜିକ ବ୍ୟାଧି ନୁହେଁ



ସମ୍ପ୍ରତି କର୍କଟ ରୋଗ ଏକ ମୁଖ୍ୟ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭାହୋଇଛି। ଖାଦ୍ୟ, ପରିବେଶ, ପରିବର୍ତ୍ତିତ ଜୀବନଶୈଳୀ ଯୋଗୁଁ କର୍କଟ ରୋଗୀଙ୍କ ସଂଖ୍ୟା ଅଧିକ ମାତ୍ରାରେ ବୃଦ୍ଧି ପାଉଛି। ଏହା ଏକ ଗମ୍ଭୀର ରୋଗ, ଯାହାର ସଠିକ୍ ଚିକିତ୍ସା କରା ନ ଗଲେ; ପରିସ୍ଥିତି ଅଣାୟତ୍ତ ହୋଇଥାଏ। ଯଦିଓ ଏବେ ଉନ୍ନତ ଚିକିତ୍ସା ଦ୍ୱାରା କର୍କଟ ରୋଗର ଉପଚାର ସଫଳ ହେଉଛି ତଥାପି ରୋଗୀଙ୍କ ପାଇଁ ଏକ ସାମଗ୍ରିକ ଏବଂ ବ୍ୟାପକ ଯତ୍ନ ପ୍ରଦାନ କରିବାରେ ଆମେ ପଛରେ ରହିଛୁ। କେତେକ କ୍ଷେତ୍ରରେ କର୍କଟ ରୋଗୀଟିଏ ପକ୍ଷପାତର ଶିକାର ହୋଇ ସମାଜରେ ଭେଦଭାବର ସମ୍ମୁଖୀନ ହୁଏ। କର୍କଟ ଯେ, ଏକ ସାମାଜିକ ବ୍ୟାଧି ନୁହେଁ, ଏ ବିଷୟରେ ସଚେତନତା ସୃଷ୍ଟି କରିବା ସହିତ ଯତ୍ନର ସମାନ ଉପଲବ୍ଧତା ପାଇଁ ସମର୍ଥନ କରିବା ଆବଶ୍ୟକ। ଏହି ମାରାତ୍ମକ ରୋଗ ବିରୋଧରେ ଲଢ଼େଇ ଆଉ ସଫଳ ଚିକିତ୍ସା ସମ୍ପର୍କରେ ଅବଗତ କରାଇବା ମଧ୍ୟ ଦରକାର। ଏଥିସହିତ ରୋଗୀକୁ ସ୍ୱାଭାବିକ ଜୀବନକୁ ଫେରାଇ ଆଣିବାକୁ ଆର୍ଥିକ ସହାୟତା ସହିତ ସେମାନଙ୍କ ଶାରୀରିକ ଓ ମାନସିକ ସୁସ୍ଥତାର ଯତ୍ନ ନେବା ଆମ ପାଇଁ ସେତିକି ଜରୁରି ରହିଛି। ଏ ସମସ୍ତ ଦିଗରେ 'ଅନ୍‌ମାସ୍କ କର୍କଟ' ଲୋକଙ୍କୁ ସଚେତନ କରିବାରେ ମୁଖ୍ୟ ଭୂମିକା ନିଭାଉଛି।

'ଅନ୍‌ମାସ୍କ କର୍କଟ' ଆପୋଲୋ କର୍କଟ କେନ୍ଦ୍ରଗୁଡ଼ିକର ପ୍ରତିବଦ୍ଧତା ଏବଂ ମିଶନକୁ ସୂଚାଇଥାଏ। ଏହା କର୍କଟ ଚିକିତ୍ସା ସେବା ବ୍ୟତୀତ ପ୍ରତ୍ୟେକ ବ୍ୟକ୍ତିଙ୍କର ଡାକ୍ତରୀ ଇତିହାସକୁ ଗୁରୁତ୍ୱ ଦେଇଥାଏ। କର୍କଟ ପୀଡ଼ିତମାନଙ୍କୁ ସାହାଯ୍ୟ କରିବା ସହ ସେମାନଙ୍କ ମନୋବଳ ବୃଦ୍ଧି ପାଇଁ ସଚେତନତା ସୃଷ୍ଟି କରେ। କହିବାକୁ ଗଲେ 'ଅନ୍‌ମାସ୍କ କର୍କଟ' ବିକଶିତ ବିଶ୍ୱ ସ୍ୱାସ୍ଥ୍ୟ ସେବା ଧାରା ସହିତ ଯୋଡ଼ି ହୋଇଛି ସାମଗ୍ରିକ ରୋଗୀ ସେବା।

ଏହି କେନ୍ଦ୍ର ଦ୍ୱାରା ଅଭୂତପୂର୍ବ ଆଲୋଚନା ମାଧ୍ୟମରେ କର୍କଟ ପୀଡ଼ିତଙ୍କ ପ୍ରତି ଭେଦଭାବର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପ୍ରତି ସମାଜକୁ ସଚେତନ କରିବାକୁ ଚେଷ୍ଟା କରାଯାଉଛି। କର୍କଟ ରୋଗରେ ବିଜୟଲାଭ କରିଥିବା ଲୋକମାନେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକୁ ବୁଝି କିପରି ସହାନୁଭୂତି ଲାଭ କରିବେ, ସେହି ଉଦ୍ଦେଶ୍ୟ ନେଇ 'ଅନ୍‌ମାସ୍କ କର୍କଟ' ଏକ ଦୟାଶୀଳ ବିଶ୍ୱ ପାଇଁ ପଥ ପ୍ରଶସ୍ତ କରିବାକୁ ଚାହୁଁଛି। ଏହା ଦ୍ୱାରା ପୀଡ଼ିତଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇପାରିବ। ଏହି ଅଭିଯାନ ଆଗକୁ ବଢୁଥିବା ବେଳେ 'ଅନ୍‌ମାସ୍କ କର୍କଟ' ଏକ ପରିବର୍ତ୍ତନମୂଳକ ଆଲୋଚନା ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଛି। ଏହା ଲୋକଙ୍କ ଭିତରେ ସହାନୁଭୂତି ଜାଗ୍ରତ କରିବ। ଫଳରେ ସମଗ୍ର ବିଶ୍ୱରେ କର୍କଟ ରୋଗରୁ ସୁସ୍ଥ ହୋଇଥିବା ବ୍ୟକ୍ତିମାନେ କର୍କଟ ଚିକିତ୍ସା ବ୍ୟତୀତ ଜୀବନ ପ୍ରତି ପ୍ରତିବଦ୍ଧତାର ଏକ ଶକ୍ତିଶାଳୀ ପ୍ରମାଣ ଭାବେ ଅନ୍ୟମାନଙ୍କୁ ସମାଜରେ ସାଧାରଣ ଭାବେ ବଞ୍ଚିବାକୁ ପ୍ରେରଣା ଯୋଗାଇବେ।

- ଡା. ସ୍ମିତି ଦାସ
ବରିଷ୍ଠ ପରାମର୍ଶଦାତା- ରେଡିଏସନ୍ ଓଙ୍କଲୋଜି
ଆପୋଲୋ କ୍ୟାନସର ସେଣ୍ଟର,
ଭୁବନେଶ୍ୱର




# ନିମୋନିଆ



ନିମୋନିଆ ଏକ ଫୁସ୍‌ଫୁସ୍ ପ୍ରଦାହ ଜନିତ ରୋଗ। ଏହା ସବୁ ବୟସର ଲୋକଙ୍କୁ ପ୍ରଭାବିତ କରିଥାଏ। ବିଶେଷକରି ଛୋଟ ଛୋଟ ପିଲାମାନେ ଏଥିରେ ଅଧିକ ସଂକ୍ରମିତ ହୋଇଥା'ନ୍ତି। ମାଇକୋପ୍ଲାଜ୍‌ମା ନିମୋନିଆ ଏବଂ କ୍ଲାମିଡୋଫିଲା ନିମୋନିଆ ଭଳି ଜୀବାଣୁ ପିଲାମାନଙ୍କଠାରେ ଏହି ରୋଗ ସୃଷ୍ଟି କରେ। ନିମୋନିଆ ଶ୍ୱସନତନ୍ତ୍ରର ପରିଚାଳନାକୁ ଅସ୍ଥାୟୀ ରୂପେ ପ୍ରଭାବିତ କରିଥାଏ। ଯାହାଦ୍ୱାରା ଫୁସ୍‌ଫୁସ୍‌ର କ୍ଷୁଦ୍ର ବାୟୁଭରା ଥଳିଗୁଡ଼ିକରେ ତରଳ ପଦାର୍ଥ ଓ ପୂଜ ଜମା ହୋଇଥାଏ। ଏହାଦ୍ୱାରା ଜଣେ ବ୍ୟକ୍ତି କାଶ, ଛାତି ଯନ୍ତ୍ରଣା, ଫୁସ୍‌ଫୁସ୍ ଫୁଲିବା, ନିଃଶ୍ୱାସପ୍ରଶ୍ୱାସ ନେବାରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର ହୋଇଗଲେ, ରୋଗୀର ମୃତ୍ୟୁ ହୋଇଥାଏ। ତେବେ ଆରମ୍ଭରୁ ନିମୋନିଆକୁ ଚିହ୍ନି ଚିକିତ୍ସା ଆରମ୍ଭ କଲେ, ଆରୋଗ୍ୟ ସମ୍ଭବ ହୋଇଥାଏ।



**କାରଣ:** ଜୀବାଣୁ କିମ୍ବା ଭୂତାଣୁ ଓ ଅଳ୍ପ ମାତ୍ରାରେ କବକ କିମ୍ବା ପରଜୀବୀ ନିମୋନିଆ ସୃଷ୍ଟିର କାରଣ ସାଜିଥାଏ। ବାୟୁ ଦ୍ୱାରା ଏହା ବ୍ୟାପିଥାଏ। ଯେପରିକି କୌଣସି ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିବା ଦ୍ୱାରା ଭୂତାଣୁ, କିମ୍ବା ଜୀବାଣୁ ନିଃଶ୍ୱାସ ମାଧ୍ୟମରେ ଶରୀର ଭିତରକୁ ଯାଇଥା'ନ୍ତି। ତେବେ ନିମୋନିଆର ଅନ୍ୟ କାରଣ ହେଉଛି ଧୂଳି କିମ୍ବା ଧୂମ୍ରପାନ, ଦୀର୍ଘ ସମୟ ଯାଏଁ ଗୋଟିଏ ସ୍ଥିତିରେ ରହିବା, ବିଭିନ୍ନ ଚିକିତ୍ସା ସ୍ଥିତିରେ ସଂଘର୍ଷ ଏବଂ ଦୁର୍ବଳ ରୋଗପ୍ରତିରୋଧକ ଶକ୍ତି।

**ଲକ୍ଷଣ:** ନିମୋନିଆ ଲକ୍ଷଣରେ ଶୁଖିଲା କାଶ, ସାମାନ୍ୟ ଜ୍ୱର, ମୁଣ୍ଡବିନ୍ଧା, ନିଃଶ୍ୱାସ ନେବାରେ ସମସ୍ୟା, ଛାତି ଯନ୍ତ୍ରଣା ଓ ଥକ୍କାପଣ ଆଦି ଦେଖାଯାଏ। ଥଣ୍ଡା, ଝାଳ ବୋହିବା, ଭୋକ ନ ଲାଗିବା, ଝାଡ଼ା ନ ହେବା, ପରିସ୍ରା ପତଳା ହେବା, ନଖ ନୀଳ ପଡ଼ିଯିବା, ମୁଣ୍ଡ ବୁଲାଇବା, ନିଃଶ୍ୱାସପ୍ରଶ୍ୱାସରେ ସମସ୍ୟା ଇତ୍ୟାଦି ଲକ୍ଷଣ ଦେଖାଯାଏ।

**ଉପଚାର:** ନିମୋନିଆର ପ୍ରକାରଭେଦ ଦେଖି ଏହାର ଚିକିତ୍ସା କରାଯାଏ। ଅର୍ଥାତ୍ ସଂକ୍ରମଣର କାରଣ ଏବଂ ଲକ୍ଷଣକୁ ଆଧାର କରି ନିଷ୍ପତ୍ତି ନିଆଯାଏ। ସାଧାରଣତଃ ନିମୋନିଆକୁ ଆଣ୍ଟିବାୟୋଟିକ୍ ଦେଇ ଚିକିତ୍ସା କରାଯାଏ। ଭୂତାଣୁ ଜନିତ ନିମୋନିଆ ପାଇଁ ସ୍ୱତନ୍ତ୍ର ଔଷଧ ରହିଛି। ରୋଗୀର ଅବସ୍ଥା ସାଂଘାତିକ ଥିଲେ, ଡାକ୍ତରଙ୍କ ତତ୍ତ୍ୱାବଧାନରେ ଚିକିତ୍ସା କରାଇବା ଜରୁରି। ଅମ୍ଳଜାନ ସ୍ତର କମ୍ ଥିଲେ ଥେରାପି ଦିଆଯାଏ। ପିଲାମାନଙ୍କୁ ଏହି ସଂକ୍ରମଣରୁ ରକ୍ଷା କରିବା ପାଇଁ ନିୟମିତ ଟିକାକରଣର ଆବଶ୍ୟକତା ରହିଛି। ସତର୍କତା ଅବଲମ୍ବନ କରିପାରିଲେ ନିମୋନିଆକୁ ସମ୍ପୂର୍ଣ୍ଣରୂପେ ପ୍ରତିହତ କରିହେବ। ଚିକିତ୍ସା ସହିତ ସୁଷମ ଆହାର, ବିଶ୍ରାମ, ପର୍ଯ୍ୟାପ୍ତ ପାଣି ପିଇବା ସହିତ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଫିଜିଓଥେରାପି ଆଦି କରାଇବା ଭଲ। ନିମୋନିଆ ପାଇଁ ପ୍ରତିଷେଧକ ଟିକା ଉପଲବ୍ଧ ହେଲାଣି।



# ଚୁଇଂଗମ୍ ଦୂର କରେ ଏସିଡ୍ ରିଫ୍ଲକ୍ସ

ଆହାର ଓ ସ୍ୱାସ୍ଥ୍ୟ

ଆଜିକାଲି ଖାଦ୍ୟପେୟରେ ଅନିୟମିତତା କାରଣରୁ ଅଧିକାଂଶ ଲୋକଙ୍କ ଠାରେ ଅମ୍ଳଜନିତ ସମସ୍ୟା ଦେଖାଯାଉଛି। ଡାକ୍ତରୀ ଭାଷାରେ ଏହାକୁ ଏସିଡ୍ ରିଫ୍ଲକ୍ସ କୁହାଯାଏ। ଏହା ଏକ ହଜମଜନିତ ସମସ୍ୟା। ଏହାଦ୍ୱାରା ଛାତି ଜଳାପୋଡ଼ା ହେବା, ଅମ୍ଳ ଢ଼କାର ଆସିବା, ବାରମ୍ବାର ହିକା ହେବା, ବାନ୍ତି ଲାଗିବା, ଗଳାରେ କିଛି ଅଟକିବା ପରି ଲାଗିବା, ଅଣନିଃଶ୍ୱାସୀ ଲାଗିବା ପରି ଲକ୍ଷଣ ଦେଖାଯାଏ। ଗରିଷ୍ଠ ଭୋଜନ ଗ୍ରହଣ କରିବା ପରେ ଏହି ସମସ୍ୟା ଅଧିକ ଦେଖିବାକୁ ମିଳିଥାଏ। ଅନେକ ସମୟରେ ଏହା ଠିକ୍ ହୋଇଯାଉଥିବାବେଳେ କେତେକାଂଶ କ୍ଷେତ୍ରରେ ଏହା ଜଟିଳ ସମସ୍ୟା ସୃଷ୍ଟି କରେ। ତେଣୁ ଏପରି ଅମ୍ଳଜନିତ ସମସ୍ୟାକୁ ଦୂରେଇବାରେ ଚୁଇଂଗମ୍‌ର ବିଶେଷ ଭୂମିକା ରହିଛି।

ଚୁଇଙ୍ଗମ୍ ଚୋବାଇବା ଦ୍ୱାରା ଅଧିକ ଲାଳ ବାହାରେ। ଲାଳରେ ବାଇକାର୍ବୋନେଟ୍ ପ୍ରାକୃତିକ ଏସିଡ୍ ବଫର ରୂପେ କାମ କରେ। ତେଣୁ ଚୁଇଙ୍ଗମ୍ ଚୋବାଇବା ଦ୍ୱାରା ଲାଳ ଉତ୍ପାଦନ ଅଧିକ ହେଉଥିବାରୁ ଏହା ପେଟଜନିତ ସମସ୍ୟା ତଥା ଏସିଡ୍ ରିଫ୍ଲକ୍ସ ଲକ୍ଷଣକୁ କମ୍ କରିବାରେ ସାହାଯ୍ୟ କରେ। ଅଧିକ ଲାଳ କ୍ଷରିତ ହେବା କାରଣରୁ ପେଟ ଜଳାପୋଡ଼ା ଓ ପେଟ କାଟିବାରୁ ଆରାମ ମିଳିଥାଏ।

# ୱାଟର୍ ଫାଷ୍ଟିଂ

ଆଜିର ବ୍ୟସ୍ତବହୁଳ ଜୀବନରେ ଅନେକ ନିଜ ପାଇଁ ସମୟ ଦେଇପାରୁ ନାହାନ୍ତି। ଏହି କାରଣରୁ ଶରୀରରେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ। ଏଥିରୁ ପ୍ରମୁଖ ସମସ୍ୟା ହେଉଛି ମୋଟାପଣ। ତେଣୁ ସର୍ବଦା ଫିଟ୍ ଓ ପତଳା ଦିଶିବାକୁ ଲୋକେ ଭିନ୍ନ ଭିନ୍ନ ଉପାୟ ଆପଣାଉଥିବାବେଳେ ବର୍ତ୍ତମାନ ୱାଟର ଫାଷ୍ଟିଂ ଟ୍ରେଣ୍ଡରେ ରହିଛି। ଏହାରି ଜରିଆରେ ଜଣେ ବ୍ୟକ୍ତି ବେଶ୍ ସହଜରେ ଓଜନ କମାଇପାରିବ। ୱାଟର ଫାଷ୍ଟିଂରେ କିଛି ଖାଦ୍ୟ ଖାଇବାକୁ ହୁଏ ନାହିଁ। ଏହି ଫାଷ୍ଟିଂ ୨୪ରୁ ୭୨ ଘଣ୍ଟା ଚାଲିଥାଏ। ଏହାଦ୍ୱାରା ସମ୍ପୂର୍ଣ୍ଣ ଶରୀର ଡିଟକ୍ସ ହେବା ସହ ମାଂସ ବୃଦ୍ଧି ହୁଏ ନାହିଁ। ଏହି ଫାଷ୍ଟିଂରେ ଅଧିକରୁ ଅଧିକ ପାଣି ପିଇବା ଦ୍ୱାରା ପରିସ୍ରାଜନିତ ସମସ୍ୟା ରୁହେନି। ବରଂ ଶରୀରରୁ ବର୍ଜ୍ୟବସ୍ତୁ ବାହାରି ଯାଏ। ଶରୀରରେ ଇନ୍‌ସୁଲିନ ସେନ୍‌ସିଟିଭିଟି ବୃଦ୍ଧି ପାଏ। ଇନସୁଲିନ୍ ସଠିକ୍ ଭାବେ କାର୍ଯ୍ୟ କରିଥାଏ। ରକ୍ତ ଶର୍କରା ନିୟନ୍ତ୍ରିତ ରୁହେ। ବର୍ଦ୍ଧିତ କୋଲେଷ୍ଟ୍ରଲ ସ୍ତର କମ୍ ହୁଏ। ହୃଦ୍‌ଜନିତ ସମସ୍ୟା ରୁହେ ନାହିଁ। ଏହି ଫାଷ୍ଟିଂରୁ ଲାଭ ମିଳୁଥିବାବେଳେ କେବଳ ପାଣି ଉପରେ ନିର୍ଭରଶୀଳ ରହୁଥିବାରୁ ଶାରୀରିକ ଶକ୍ତି ହ୍ରାସ ପାଇବାର ଆଶଙ୍କା ଅଧିକ ଥାଏ। ଥକ୍କାପଣ ସୃଷ୍ଟି ହୁଏ। ତେଣୁ ନିଜର ଶାରୀରିକ ସ୍ଥିତିକୁ ଧ୍ୟାନ ଦେଇ ଡାକ୍ତରଙ୍କ ପରାମର୍ଶରେ ଏହି ଫାଷ୍ଟିଂ କରିବା ଆବଶ୍ୟକ।



### ଆଜି ଚତୁର୍ଥ ଟେଷ୍ଟ: ବୁମ୍‌ରାଙ୍କ ଅନୁପସ୍ଥିତି ଅନୁଭୂତ ହେବ, ଜୋର୍‌ଦାର୍ ଲଢ଼େଇ ଲାଗି ଇଂଲଣ୍ଡ ପ୍ରସ୍ତୁତ

# ସିରିଜ୍ କବ୍‌ଜା ଲକ୍ଷ୍ୟରେ ଭାରତ

ରାଞ୍ଚି, ୨୨।୨(ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଚତୁର୍ଥ ମୁକାବିଲା ଆସନ୍ତାକାଲି ବା ଶୁକ୍ରବାରଠାରୁ ସ୍ଥାନୀୟ ଝାଡଖଣ୍ଡ ରାଜ୍ୟ କ୍ରିକେଟ ସଂଘ ପଡ଼ିଆରେ ଖେଳାଯିବ। ଏହା ପୂର୍ବରୁ ଖେଳାଯାଇଥିବା ୩ଟି ମ୍ୟାଚ୍ ମଧ୍ୟରୁ ଭାରତ ୨-୧ରେ ଆଗୁଆ ରହିଛି। ଏଣୁ ଭ୍ରମଣକାରୀ ଇଂଲଣ୍ଡ ଦଳ ଏହି ମ୍ୟାଚ୍ ଜିତି ସିରିଜ୍‌କୁ ବରାବର ସ୍ଥିତିକୁ ଆଣିବା ଲାଗି ସମସ୍ତ ପ୍ରକାର ପ୍ରସ୍ତୁତି ଆଗୁଆ ଶେଷ କରିଛି। ଅନ୍ୟପକ୍ଷରେ ଭାରତ ଏହି ମ୍ୟାଚ୍ ସହ ସିରିଜ୍ କବ୍‌ଜା ଲକ୍ଷ୍ୟରେ ରହିଥିଲାବେଳେ ଇଂଲଣ୍ଡ ଭଳି ଏକ ଶକ୍ତିଶାଳୀ ଦଳକୁ ପରାସ୍ତ କରି ଟେଷ୍ଟ କ୍ରିକେଟରେ ପ୍ରାଧାନ୍ୟ ବିସ୍ତାର ଲାଗି କରିଥିବା ଯୋଜନା ସ୍ପଷ୍ଟ ହୋଇଛି। ଉଭୟ ଦେଶ ମ୍ୟାଚ୍ ବିଜୟ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ମୁକାବିଲା ଲାଗି ଇଂଲଣ୍ଡ ଦଳ ତାହାର ଚୂଡ଼ାନ୍ତ ଏକାଦଶ ଚୟନ କରିଛି। ଦଳ ରାଜକୋଟରେ ଖେଳିଥିବା ଫାଷ୍ଟ ବୋଲର ମାର୍କ ଉଡ୍ ଓ ଲେଗ୍ ସ୍ପିନର ରେହାନ ଅହମ୍ମଦ୍‌ଙ୍କୁ ବାଦ୍ ଦେଇ ଫାଷ୍ଟ ବୋଲିଂ ଅଲରାଉଣ୍ଡର ଓଲି ରବିନସନ ଓ ରିଷ୍ଟ ସ୍ପିନର ସୋଏବ ବସିରଙ୍କୁ ସାମିଲ କରିଛି। ଅନ୍ୟପକ୍ଷରେ ଭାରତ ତାହାର ପ୍ରମୁଖ ତଥା ସବୁଠାରୁ ପ୍ରଭାବଶାଳୀ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ଏହି ମ୍ୟାଚ୍‌ରୁ ବିଶ୍ରାମ ଦେଇଛି। କିନ୍ତୁ ତାଙ୍କ ସ୍ଥାନରେ କିଏ ଖେଳିବେ କିମ୍ବା ଚୂଡ଼ାନ୍ତ ଏକାଦଶର ଖେଳାଳିଙ୍କ ନାମ ଘୋଷଣା କରିନାହିଁ।

**ଖେଳ ଆରମ୍ଭ : ସକାଳ ୯ଟା ୩୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮ , ଜିଓ ସିନେମା**




### ବୁମ୍‌ରାଙ୍କ ବଦଳ ଖେଳାଳିଙ୍କୁ ନେଇ ଦ୍ୱନ୍ଦ୍ୱ

ଇଂଲଣ୍ଡ ବିପକ୍ଷ ୩ଟି ଟେଷ୍ଟରେ ସର୍ବାଧିକ ୧୭ ୱିକେଟ। ୱିକେଟ ପ୍ରତି ହାରହାରି ୧୩.୬୫ ଓ ଓଭର ପ୍ରତି ସବୁଠାରୁ କମ ୨.୫୭ ରନ୍ ବ୍ୟୟ କରିଛନ୍ତି ବୁମ୍‌ରା। ତାଙ୍କ ସ୍ଥାନ ପୂରଣ ହେବା କଷ୍ଟକର। କେବଳ ବିଶ୍ରାମ ଦେବା ଆବଶ୍ୟକ ବୋଲି ତାଙ୍କୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଭାରତୀୟ ଦଳ ଜଣେ ପେସ୍ ବୋଲର କିମ୍ବା ସ୍ପିନରଙ୍କୁ ନେଇ ଏହି ମ୍ୟାଚ୍ ଖେଳିବ ତାହା ସ୍ପଷ୍ଟ ହୋଇନାହିଁ। ପେସ୍ ବୋଲିଂରେ ବେଙ୍ଗଲର ଦୁଇ ବୋଲର ମୁକେଶ କୁମାର ଓ ଆକାଶଦୀପ ରହିଛନ୍ତି। ମୁକେଶଙ୍କ ନିକଟରେ ଟେଷ୍ଟ ମ୍ୟାଚ୍ ଖେଳିବାର ଅଭିଜ୍ଞତା ରହିଛି, କିନ୍ତୁ ତାଙ୍କ ନିକଟରେ ପେସ୍ ନାହିଁ। ଅନ୍ୟପକ୍ଷରେ ଇଂଲଣ୍ଡ ଲାୟନ୍ସ ବିପକ୍ଷ 'ଏ' ଟେଷ୍ଟ ସିରିଜ୍‌ରେ ଆକାଶ ଦୀପ ଦ୍ରୁତଗତିରେ ବୋଲିଂ କରିବା ସହ ୧୧ଟି ୱିକେଟ ନେଇଛନ୍ତି। ସେ ଦ୍ରୁତଗତିରେ ବୋଲିଂ କରିପାରନ୍ତି। ଭାରତୀୟ ଦଳର ଟିମ୍ ମ୍ୟାନେଜମେଣ୍ଟ ଯେପରି ଚିନ୍ତା କରନ୍ତି ତେବେ ଜଣେ ପେସ୍ ବୋଲରଙ୍କୁ ସାମିଲ କରାଗଲେ ମୁକେଶ କୁମାର ଖେଳିବେ। କିନ୍ତୁ ଯଦି ଦଳ ୪ଜଣ ସ୍ପିନରଙ୍କୁ ନେଇ ଖେଳିବ ତେବେ ନିଶ୍ଚିତଭାବେ ଅକ୍ଷର ପଟେଲଙ୍କୁ ସୁଯୋଗ ଦେବ। ଅକ୍ଷର ଭଲ ବ୍ୟାଟିଂ କରିପାରନ୍ତି। ଅନ୍ୟଏକ ସୂତ୍ରରୁ କୁହାଯାଉଛି, ଉଭୟ ଅକ୍ଷର ଓ ମୁକେଶଙ୍କୁ ସାମିଲ କରାଯାଇ ଫର୍ମରେ ନ ଥିବା ରଜତ ପଟିଦାରଙ୍କୁ ବାଦ୍ ଦିଆଯାଇପାରେ।

### ପଟିଦାରଙ୍କୁ ବ୍ୟାଟିଂ ପ୍ରଶିକ୍ଷକଙ୍କ ସମର୍ଥନ

ଲୋକେଶ ରାହୁଲଙ୍କ ଅନୁପସ୍ଥିତିରେ ଦୁଇଟି ଟେଷ୍ଟ ଖେଳିବାର ସୁଯୋଗ ପାଇଥିବା ମଧ୍ୟପ୍ରଦେଶର ରଜତ ପଟିଦାର ୧୧.୫୦ ହାରରେ ମାତ୍ର ୪୬ ରନ୍ କରିଛନ୍ତି। ରାଜକୋଟର ଫ୍ଲାଟ ପିଚ୍‌ରେ ସେ ମାତ୍ର ୫ ଓ ଶୂନ କରିବାକୁ ସମର୍ଥ ହୋଇଥିଲେ। କିନ୍ତୁ ରାହୁଲ ଏହି ମ୍ୟାଚ୍‌ରେ ଖେଳିବେ ନାହିଁ। ଯାହା ଫଳରେ ରଜତ ପଟିଦାର ତାଙ୍କ ସ୍ଥାନ ବଜାୟ ରଖିବେ ବୋଲି ଆଶା କରାଯାଉଛି। ବିଶେଷକରି ବ୍ୟାଟିଂ ପ୍ରଶିକ୍ଷକ ବିକ୍ରମ ରାଠୋରଙ୍କ ମତରେ ଜଣେ ବ୍ୟାଟର ଗୋଟିଏ ମ୍ୟାଚ୍‌ରେ ସ୍କୋର ନ କଲେ ତାଙ୍କୁ ଜଣେ ଖରାପ ଖେଳାଳି ବୋଲି କହିହେବ ନାହିଁ। ଏଯାଏ ସେ ଭଲ ଖେଳିଛନ୍ତି। ରାଜକୋଟ ତାଙ୍କ ଲାଗି ଥିଲା ଦୁର୍ଭାଗ୍ୟ। ଏଥିରୁ ସେ ବାଦ୍ ପଡ଼ିବେ ନାହିଁ ବୋଲି ଆଶା କରାଯାଉଛି। ତାଙ୍କ ସ୍ଥାନ ନେବା ଲାଗି କର୍ଣ୍ଣାଟକର ଦେବଦତ୍ତ ପାଡ଼ିକଲ ପ୍ରସ୍ତୁତ ହୋଇ ରହିଛନ୍ତି। ଏଣୁ ପଟିଦାର ନ ଖେଳିଲେ ପାଡ଼ିକଲ ଡେବ୍ୟୁ କରିପାରନ୍ତି।

### ରବିନସନ, ବସିର ସାମିଲ

ଚତୁର୍ଥ ଟେଷ୍ଟ ମୁକାବିଲାର ଗୋଟିଏ ଦିନ ଆଗରୁ ଇଂଲଣ୍ଡ ତାହାର ଚୂଡ଼ାନ୍ତ ଏକାଦଶର ଖେଳାଳିଙ୍କ ନାମ ଘୋଷଣା କରିଛି। ରାଜକୋଟରେ ୪୩୪ ରନ୍‌ରେ ହାରିଥିବା ଇଂଲଣ୍ଡ ଦଳରୁ ଫାଷ୍ଟ ବୋଲର ମାର୍କ ଉଡ୍ ଓ ଲେଗ୍ ସ୍ପିନର ରେହାନ ଅହମ୍ମଦ୍‌ଙ୍କୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଜୁଲାଇ ମାସରୁ ଆଦୌ ମ୍ୟାଚ୍ ଖେଳି ନ ଥିବା ଫାଷ୍ଟ ବୋଲର ଓଲି ରବିନସନ ଚଳିତ ସିରିଜ୍‌ରେ ପ୍ରଥମ ମ୍ୟାଚ୍ ଖେଳିବେ। ରେହାନଙ୍କ ସ୍ଥାନରେ ରିଷ୍ଟ ସ୍ପିନର ସୋଏବ ବସିର ଦଳକୁ ଫେରିଛନ୍ତି। ଇଂଲଣ୍ଡ ପୁଣିଥରେ ଦୁଇ ଜଣ ଫାଷ୍ଟ ଓ ଦୁଇ ଜଣ ସ୍ପିନରଙ୍କୁ ନେଇ ଏହି ମ୍ୟାଚ୍ ଖେଳିବ। ତୃତୀୟ ସ୍ପିନର ଭାବେ ଜୋ ରୁଟ ରହିଛନ୍ତି। ସେହିପରି ତୃତୀୟ ଫାଷ୍ଟ ବୋଲର ଭାବେ ଅଧିନାୟକ ବେନ୍ ଷ୍ଟୋକ୍ସ ରହିଛନ୍ତି। ଏବେ ସୁଦ୍ଧା ଷ୍ଟୋକ୍ସ ବୋଲିଂ କରିବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଦଳର ଦୁଇ ଫ୍ଲପ୍ ବ୍ୟାଟର ରୁଟ ଓ ଜନି ବେୟାରଷ୍ଟୋଙ୍କ ଠାରୁ ଦଳ ଏକ ବଡ଼ ସ୍କୋର ଆଶା କରୁଛି। ସେହିପରି ଏଠାରେ ଦଳ ଶୀର୍ଷ ୩ ଜଣ ବ୍ୟାଟରଙ୍କ ମଧ୍ୟରେ ଅତିକମ୍‌ରେ ଜଣେ ହେଲେ ବଡ଼ ସ୍କୋର କରିବେ ବୋଲି ଷ୍ଟୋକ୍ସ କହିଛନ୍ତି। ଏହି ମ୍ୟାଚ୍‌ରେ ଆମେ ପୂର୍ବ ରଣନୀତି (ବାଜ୍‌ବଲ) ପରିବର୍ତ୍ତନ କରିବୁ ନାହିଁ। କେବଳ ଆବଶ୍ୟକତାକୁ ନେଇ ନିଜ ଖେଳ ବଦଳାଇବୁ ବୋଲି ଅଧିନାୟକ ଷ୍ଟୋକ୍ସ କହିଛନ୍ତି।

### ପିଚ୍ ସମସ୍ତଙ୍କୁ ସୁହାଇବ

ରାଞ୍ଚି ପିଚ୍ ଉଭୟ ପେସ୍ ଓ ସ୍ପିନରଙ୍କୁ ସୁହାଇବ। ପିଚ୍ ନିର୍ମାତାଙ୍କ ଅନୁଯାୟୀ ଏଠାରେ ପ୍ରଥମ ଦୁଇଦିନ ସକାଳେ ଏକ କିମ୍ବା ଦୁଇ ଘଣ୍ଟା ପେସ୍ ବୋଲରଙ୍କୁ ସୁହାଇବ। ଏହା ପରେ ପିଚ୍ ମନ୍ଥର ହୋଇଯିବ। ଏଭଳି ସ୍ଥିତିରେ ଟସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ। ବୁମ୍‌ରାଙ୍କ ଅନୁପସ୍ଥିତିରେ ମହମ୍ମଦ୍ ସିରାଜଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ମ୍ୟାଚ୍‌ର ଶେଷ ୩ ଦିନ ସ୍ପିନରଙ୍କୁ ସୁହାଇବ ବୋଲି ପିଚ୍ ନିର୍ମାତା କହିଛନ୍ତି। କିନ୍ତୁ ଗତକାଲି ଇଂଲଣ୍ଡର ଓଲି ପୋପ୍ ପିଚ୍‌କୁ ନେଇ ଯେଉଁ ମନ୍ତବ୍ୟ ଦେଇଥିଲେ ତାହାର କିଛି ସତ୍ୟତା ନାହିଁ। ପିଚ୍ ପ୍ରଥମ ଦିନରୁ ଟର୍ଣ୍ଣ ନେବ ନାହିଁ ଇଂଲଣ୍ଡର ଚୂଡ଼ାନ୍ତ ଦଳ ଚୟନରୁ ସ୍ପଷ୍ଟ ହୋଇଛି। ଏଣୁ ପୋପ୍‌ଙ୍କ ଆଶଙ୍କା ତାଙ୍କ ନିଜ ଦଳ ସମର୍ଥନ କରିନାହିଁ।

### ଖେଳାଳି ଦଳ

**ଭାରତ ସମ୍ଭାବ୍ୟ:** ଯଶସ୍ୱୀ ଜୟସ୍ୱାଲ, ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ୍, ରଜତ ପଟିଦାର/ଦେବଦତ୍ତ ପାଡ଼ିକଲ, ସର୍ଫରାଜ ଖାନ୍, ଧ୍ରୁବ ଜୁରେଲ (ୱିକେଟରକ୍ଷକ), ରବିନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ, କୁଲଦୀପ ଯାଦବ (ସମସ୍ତେ ସ୍ପିନର), ମହମ୍ମଦ୍ ସିରାଜ ଓ ମୁକେଶ କୁମାର/ଆକାଶ ଦୀପ।

**ରିଜର୍ଭ**-ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ଶ୍ରୀକର ଭରତ।

**ଇଂଲଣ୍ଡ (ଚୂଡ଼ାନ୍ତ) :** ଜ୍ୟାକ୍ କ୍ରଲୀ, ବେନ୍ ଡକେଟ୍, ଓଲି ପୋପ୍, ଜୋ ରୁଟ, ଜନି ବେୟାରଷ୍ଟୋ, ବେନ୍ ଷ୍ଟୋକ୍ସ (ଅଧିନାୟକ), ବେନ୍ ଫୋକ୍ସ (ୱିକେଟରକ୍ଷକ), ଟମ୍ ହର୍ଟଲୀ ଓ ସୋଏବ ବସିର (ଉଭୟ ସ୍ପିନର), ଓଲି ରବିନସନ ଓ ଜେମ୍ସ ଆଣ୍ଡରସନ (ଉଭୟ ପେସ୍ ବୋଲର)।

# ଆଇପିଏଲ, ଟି-୨୦ ବିଶ୍ୱକପ୍ ଖେଳିବେନି ସାମି

**ନୂଆଦିଲ୍ଲୀ,୨୨।୨(ଏଜେନ୍ସି):** ଦିନିକିଆ ବିଶ୍ୱକପ୍‌ରେ ସଫଳ ପ୍ରଦର୍ଶନ କରିଥିବା ଭାରତୀୟ ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସାମି ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଓ ଟି-୨୦ ବିଶ୍ୱକପ୍ ଖେଳିବେ ନାହିଁ। ଗୋଇଠିରେ ଆଘାତ ସମସ୍ୟା କାରଣରୁ ଅସ୍ତ୍ରୋପଚାର କରାଇବାକୁ ସେ ୟୁକେ ଅର୍ଥାତ ବ୍ରିଟେନ ଯିବେ। ଏଥିପାଇଁ ଲଣ୍ଡନରେ ସେ ଇଞ୍ଜେକସନ ନେଇଥିଲେ। କିନ୍ତୁ ତାହା କାମ ଦେଇ ନଥିଲା। ଫଳରେ ତାଙ୍କୁ ଏବେ ଅସ୍ତ୍ରୋପଚାର କରାଇବାକୁ ପଡିବ। ସାମି ଗୁଜରାଟ ଜାଏଣ୍ଟସ ତରଫରୁ ଆଇପିଏଲ ଖେଳୁଛନ୍ତି। ଅସ୍ତ୍ରୋପଚାର ହେଲେ ସେ



ଚଳିତ ବର୍ଷ ନଭେମ୍ବର ବେଳକୁ ଫିଟ୍ ହେବ ବୋଲି ଆଶା କରାଯାଉଛି। ଗତ ଜାନୁଆରୀରେ ସେ ଲଣ୍ଡନ ଯାଇଥିଲେ ଓ ସେଠାରେ ୩ ସପ୍ତାହ ରହିଥିଲେ। ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ପରାମର୍ଶ କ୍ରମେ ଇଞ୍ଜେକସନ ନେଇଥିଲେ। କିନ୍ତୁ ସମ୍ପୂର୍ଣ୍ଣ ଭାବେ ଫିଟ୍ ହୋଇ ନଥିଲେ। ଏବେ ସେ ୮ ମାସ କ୍ରିକେଟର ଦୂରେଇ ରହିବା ନିଶ୍ଚିତ ହୋଇଛି। ଭାରତରେ ଅନୁଷ୍ଠିତ ଗତ ଦିନିକିଆ ବିଶ୍ୱକପ୍‌ରେ ସେ ମାତ୍ର ୭ଟି ମ୍ୟାଚ୍ ଖେଳି ସର୍ବାଧିକ ୨୪ଟି ୱିକେଟ ଅକ୍ତିଆର କରିଥିଲେ ଓ ପ୍ରଥମ ଭାରତୀୟ ବୋଲର ଭାବେ ସେ ବିଶ୍ୱକପ୍‌ରେ ୫୦ରୁ ଊର୍ଦ୍ଧ୍ୱ ୱିକେଟ ଅକ୍ତିଆର କରିଥିଲେ।

# ଜାତୀୟ ମାଷ୍ଟର୍ସ ଆଥ୍‌ଲେଟିକ୍ସ ଓଡ଼ିଶାକୁ ମିଳିଲା ୧୦ ପଦକ

**ଭୁବନେଶ୍ୱର, ୨୨।୨ (ସମିସ):** ପୁନେଠାରେ ଉଦ୍‌ଯାପିତ ହୋଇଯାଇଥିବା ଜାତୀୟ ମାଷ୍ଟର୍ସ ଆଥ୍‌ଲେଟିକ ପ୍ରତିଯୋଗିତାର ୩୧ତମ ସଂସ୍କରଣରେ ଓଡ଼ିଶା ୧୦ ପଦକ ଜିତିବାରେ ସଫଳ ହୋଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ୩୦ଜଣ ଭେଟେରାନ ଆଥ୍‌ଲେଟ୍ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ପୁରୁଷ ବିଭାଗର ୭୦ ବର୍ଷ ବର୍ଗରେ ଅଶୋକ ବିଶ୍ୱାଳ ୩ଟି ସ୍ୱର୍ଣ୍ଣ ପଦକ ଜିତି ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ସେହିଭଳି ୪୫ ବର୍ଷ ବର୍ଗରେ ମଳୟ ରଞ୍ଜନ ପତି ଗୋଟିଏ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଏହାବାଦ୍ ପୁରୁଷ ବିଭାଗରେ ମଦନ କୁମାର ଶର୍ମା ଜାଭେଲିନରେ ଓ କିଶୋର ଚନ୍ଦ୍ର ରଥ ଟ୍ରିପଲ ଜମ୍ପରେ ରୌପ୍ୟ ପଦକ ଜିତିଛନ୍ତି। ସେହିଭଳି ମହିଳା ୬୦ ବର୍ଷ ବୟସବର୍ଗରେ ସ୍ୱର୍ଣ୍ଣ ପ୍ରିୟା ମହାନ୍ତି ୨ଟି ରୌପ୍ୟ ପଦକ ହାସଲ କରିଛନ୍ତି। ସେ ବାଧା ଦୌଡ଼ ଓ ଟ୍ରିପଲ ଜମ୍ପରେ ଏହି ସଫଳତା ପାଇଛନ୍ତି। ୪୫ ବର୍ଷ ବୟସ ବର୍ଗର ୪୦୦ ମିଟର ଦୌଡ଼ରେ ସୁକାନ୍ତି ପାତ୍ର ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ନିଜ ନାମରେ କରିଛନ୍ତି। ୫ କିମି ୱାକିଂରେ ଅରୁଣ କୁମାର ପାତ୍ର ପୋଡିୟମର ୩ୟ ସ୍ଥାନରେ ରହି କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଛନ୍ତି।







ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ପ୍ରଣତି ନାୟକ ଓ ମନ୍ନତା ମିଶ୍ରଙ୍କୁ ପୁରସ୍କୃତ କରୁଛନ୍ତି

# ଅନ୍ତର୍ଜାତୀୟ ପଦକ ବିଜେତାଙ୍କୁ ପୁରସ୍କାର

ଭୁବନେଶ୍ୱର, ୨୨।୨ (ସମିସ)

**ପ୍ରଣତିଙ୍କୁ ୫, ମନ୍ନତାଙ୍କୁ ୨ ଲକ୍ଷ ଦେଲେ ମୁଖ୍ୟମନ୍ତ୍ରୀ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ପଦକ ଜିତି ରାଜ୍ୟର ଗୌରବ ବଢ଼ାଇଥିବା ଦୁଇ କ୍ରୀଡ଼ାବିତ୍‌ଙ୍କୁ ଗୁରୁବାର ପୁରସ୍କୃତ କରିଛନ୍ତି। ଏହି ଦୁଇ କ୍ରୀଡ଼ାବିତ୍ ହେଲେ ଜିମ୍ନାଷ୍ଟ ପ୍ରଣତି ନାୟକ ଓ ସନ୍ତରଣକାରୀ ମନ୍ନତା ମିଶ୍ର। ଏହି ଦୁଇ କ୍ରୀଡ଼ାବିତ ନିକଟରେ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ପଦକ ଜିତିବାରେ ସମର୍ଥ ହୋଇଥିଲେ। କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ଓଡ଼ିଶା ଏଏମ୍‌ଏନ୍‌ଏସ୍/ଜିମ୍ନାଷ୍ଟିକ୍ସ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଥିବା ପ୍ରଣତି କାଇରୋରେ ଅନୁଷ୍ଠିତ ସମ୍ମାନଜନକ ଜିମ୍ନାଷ୍ଟିକ୍ସ ବିଶ୍ୱକପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏହି ସଫଳତା ଲାଗି ମୁଖ୍ୟମନ୍ତ୍ରୀ ୫ ଲକ୍ଷ ଟଙ୍କା ପ୍ରଦାନ କରି ପ୍ରଣତିଙ୍କୁ ସମ୍ମାନିତ କରିଛନ୍ତି। ସେହିପରି ରାଜ୍ୟର ଅନ୍ୟତମ ଶ୍ରେଷ୍ଠ ସନ୍ତରଣକାରୀ ମନ୍ନତା ମିଶ୍ର ନିକଟରେ ଅନୁଷ୍ଠିତ ବିଆଇଏମ୍‌ଏସ୍‌ଟିଇସି ଆକ୍ୱାଟିକ୍ (ଜଳକ୍ରୀଡ଼ା) ଚାମ୍ପିଅନସିପ୍‌ରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଏଭଳି ସଫଳତା ପାଇବାରେ ସେ ପ୍ରଥମ ଓଡ଼ିଆ। କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ଓଡ଼ିଶା ଆଇଆଇଏସ୍ ସନ୍ତରଣ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଥିବା ମନ୍ନତାଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସମ୍ବର୍ଦ୍ଧିତ କରିବା ସହ ୨ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଉଭୟ କ୍ରୀଡ଼ାବିତ୍‌ଙ୍କୁ ଅଧିକ ସଫଳତା ଲାଗି ଶୁଭକାମନା ଜଣାଇବା ସହ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

**● ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

# ୪ ସ୍ୱର୍ଣ୍ଣସହ ପ୍ରତ୍ୟାଶାଙ୍କୁ ୬ ପଦକ




**ଭୁବନେଶ୍ୱର, ୨୨।୨ (ସମିସ):** ଆସାମରେ ଚାଲିଥିବା ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୪ର୍ଥ ସଂସ୍କରଣରେ ଓଡ଼ିଆ ସନ୍ତରଣ ତାରକା ପ୍ରତ୍ୟାଶା ରାୟଙ୍କ ଚମକ ଜାରି ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟରୁ ପ୍ରତିନିଧିତ୍ୱ କରୁଥିବା ପ୍ରତ୍ୟାଶା ଏହି ସମ୍ମାନଜନକ ପ୍ରତିଯୋଗିତାରେ ୪ର୍ଥ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଡ. ଜାକିର ହୁସେନ ଆକ୍ୱାଟିକ୍ କମ୍ପ୍ଲେକ୍ସରେ ଚାଲିଥିବା ସନ୍ତରଣ ପ୍ରତିଯୋଗିତାରେ ଗୁରୁବାର ଅନୁଷ୍ଠିତ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ପ୍ରତ୍ୟାଶା ୩୧.୦୯ ସେକେଣ୍ଡ ସହ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ହାତେଇ ନେଇଥିଲେ। ପୂର୍ବରୁ ସେ ୪୦୦ ମିଟର ଫ୍ରିଷ୍ଟାଇଲ୍, ୧୦୦ ଓ ୨୦୦ ମିଟର୍ ବ୍ୟାକ୍‌ଷ୍ଟ୍ରୋକରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଏହାବାଦ୍ ସେ ୨୦୦ ମିଟର୍ ଫ୍ରିଷ୍ଟାଇଲରେ ରୌପ୍ୟ ଓ ୪ ଗୁଣା ୧୦୦ ମିଟର ମିଡଲେ ରିଲେରେ କାଂସ୍ୟ ପଦକ ହାସଲ କରିଥିଲେ। ପ୍ରତ୍ୟାଶା ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା-ଜେଏସ୍‌ଡବ୍ଲ୍ୟୁ ସୁଇମିଂ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି) ରେ ପ୍ରଶିକ୍ଷଣ ନେଉଥିବାବେଳେ ଏହି ସଫଳତା ଲାଗି ତାଙ୍କୁ ରାଜ୍ୟ କ୍ରୀଡ଼ା ଜଗତରୁ ଶୁଭେଚ୍ଛାର ସୁଅ ଛୁଟିଛି। ବିନାୟକ ପ୍ରସାଦ ରାୟ ମ୍ୟାନେଜର ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଦଳ ସହ ଆସାମ ଯାତ୍ରା କରିଛନ୍ତି।

# ଧୋନି-କୋହଲି ମୁହାଁମୁହିଁ

ନୂଆଦିଲ୍ଲୀ,୨୨।୨(ଏଜେନ୍ସି)




ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ର ଆଗାମୀ ସଂସ୍କରର ମାର୍ଚ୍ଚ ୨୨ରୁ ଆରମ୍ଭ ହେବ। ଉଦ୍‌ଘାଟନୀ ମ୍ୟାଚ୍‌ରେ ମହେନ୍ଦ୍ର ସିଂ ଧୋନି ଓ ବିରାଟ କୋହଲି ନିଜ ଦଳ ସହ ପରସ୍ପରକୁ ଭେଟିବେ। ଧୋନିଙ୍କ ନେତୃତ୍ୱରେ ଚେନ୍ନାଇ ସୁପର କିଙ୍ଗସ ଷଷ୍ଠ ଓ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର ବାଙ୍ଗାଲୋର ପ୍ରଥମ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛି। ସେହିପରି ଏଥର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ମୁମ୍ବାଇ ଇଣ୍ଡିଆନ୍ସ ଟୁର୍ଣ୍ଣାମେଣ୍ଟ ଖେଳିବ। ରୋହିତ ଶର୍ମାଙ୍କୁ ନେତୃତ୍ୱରୁ ବାଦ ଦେଲା ପରେ ହାର୍ଦ୍ଦିକଙ୍କ ନେତୃତ୍ୱ ଓ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ। ପୂର୍ବରୁ ହାର୍ଦ୍ଦିକ ଗୁଜରାଟ ଟାଇଟନ୍ସର ନେତୃତ୍ୱ ନେଇଥିଲେ ଓ ଦଳକୁ ଚାମ୍ପିଅନ କରାଇଛନ୍ତି।

### ପନ୍ତଙ୍କ ଉପରେ ନଜର

ତାରକା ୱିକେଟରକ୍ଷକ ବ୍ୟାଟର ଋଷଭ ପନ୍ତଙ୍କ ଏବେ ସମସ୍ତଙ୍କ ନଜରରେ ରହିଛନ୍ତି। କାର ଦୁର୍ଘଟଣା ପରେ ସେ ପ୍ରଥମଥର ପାଇଁ କୌଣସି ପ୍ରତିଯୋଗିତାମୂଳକ କ୍ରିକେଟ ଖେଳିବେ। ୨୬ ବର୍ଷୀୟ ପନ୍ତ ନିକଟରେ ଏକ ଅଭ୍ୟାସ ମ୍ୟାଚ୍ ଖେଳି ନିଜ ଫିଟ୍‌ନେସର ପ୍ରମାଣ ଦେଇଛନ୍ତି। ତେବେ ସେ ୱିକେଟରକ୍ଷଣ କରିବେ ନାହିଁ ବୋଲି ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାନେଜମେଣ୍ଟ ସୂଚନା ଦେଇଛି। ତେଣୁ ସେ ଏଥର କେବଳ ବ୍ୟାଟିଂ ଉପରେ ମନୋନିବେଶ କରିବେ। ତାଙ୍କ ପ୍ରତ୍ୟାବର୍ତ୍ତନରେ ଦିଲ୍ଲୀର ମଧ୍ୟକ୍ରମ ଆହୁରି ଦୃଢ଼ ହେବ। ଦିଲ୍ଲୀ କୋଚ୍ ରିକି ପଣ୍ଟିଂ ପନ୍ତଙ୍କ ପ୍ରତ୍ୟାବର୍ତ୍ତନ ନେଇ ବେଶ ଉତ୍ସାହିତ ଅଛନ୍ତି। ୨୦୧୬ରେ ପନ୍ତ ଆଇପିଏଲ ପଦାର୍ପଣ କରିଛନ୍ତି ଓ ଦିଲ୍ଲୀ ପାଇଁ ନିୟମିତ ଭାବେ ସ୍ଥିର ପ୍ରଦର୍ଶନ କରିଛନ୍ତି। ସେ ୩୦ଟି ମ୍ୟାଚ୍‌ରେ ଦିଲ୍ଲୀର ନେତୃତ୍ୱ ନେଇଛନ୍ତି ଓ ଦଳକୁ ୧୬ଟିରେ ବିଜୟୀ କରାଇଛନ୍ତି। ଏପର୍ଯ୍ୟନ୍ତ ସେ ୯୮ଟି ଆଇପିଏଲ ମ୍ୟାଚ୍ ଖେଳି ୨,୮୩୮ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ୧୫ ଅର୍ଦ୍ଧଶତକ ଓ ଗୋଟିଏ ଶତକ ସାମିଲ ରହିଛି।

### ଆଇପିଏଲ୍ -୧୭ :ପ୍ରଥମ ପର୍ଯ୍ୟାୟ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ | ସମୟ |
|---|---|---|---|
| ୨୨/୩ | ଚେନ୍ନାଇ- ବାଙ୍ଗାଲୋର | ଚେନ୍ନାଇ | ରାତି ୮ଟା |
| ୨୩/୩ | ପଞ୍ଜାବ- ଦିଲ୍ଲୀ | ମୋହାଲି | ଅପରାହ୍ଣ ୩.୩୦ |
| ୨୩/୩ | କୋଲକାତା- ହାଇଦ୍ରାବାଦ୍ | କୋଲକାତା | ରାତି ୭.୩୦ |
| ୨୪/୩ | ରାଜସ୍ଥାନ- ଲକ୍ଷ୍ନୌ | ଜୟପୁର | ଅପରାହ୍ଣ ୩.୩୦ |
| ୨୪/୩ | ଗୁଜରାଟ- ମୁମ୍ବାଇ | ଅମହ୍ମଦାବାଦ୍ | ରାତି ୭.୩୦ |
| ୨୫/୩ | ବାଙ୍ଗାଲୋର- ପଞ୍ଜାବ | ବେଙ୍ଗାଲୁରୁ | ରାତି ୭.୩୦ |
| ୨୬/୩ | ଚେନ୍ନାଇ- ଗୁଜରାଟ | ଚେନ୍ନଇ | ରାତି ୭.୩୦ |
| ୨୭/୩ | ହାଇଦ୍ରାବାଦ- ମୁମ୍ବାଇ | ହାଇଦରାବାଦ୍ | ରାତି ୭.୩୦ |
| ୨୮/୩ | ରାଜସ୍ଥାନ- ଦିଲ୍ଲୀ | ଜୟପୁର | ରାତି ୭.୩୦ |
| ୨୯/୩ | ବାଙ୍ଗାଲୋର- କୋଲକାତା | ବେଙ୍ଗାଲୁରୁ | ରାତି ୭.୩୦ |
| ୩୦/୩ | ଲକ୍ଷ୍ନୌ- ପଞ୍ଜାବ | ଲକ୍ଷ୍ନୌ | ରାତି ୭.୩୦ |
| ୩୧/୩ | ଗୁଜରାଟ- ହାଇଦ୍ରାବାଦ | ଅହମ୍ମଦାବାଦ୍ | ଅପରାହ୍ଣ ୩.୩୦ |
| ୩୧/୩ | ଦିଲ୍ଲୀ- ଚେନ୍ନାଇ | ବିଶାଖାପାଟଣା | ରାତି ୭.୩୦ |
| ୧/୪ | ମୁମ୍ବାଇ- ରାଜସ୍ଥାନ | ମୁମ୍ବଇ | ରାତି ୭.୩୦ |
| ୨/୪ | ବାଙ୍ଗାଲୋର- ଲକ୍ଷ୍ନୌ | ବେଙ୍ଗାଲୁରୁ | ରାତି ୭.୩୦ |
| ୩/୪ | ଦିଲ୍ଲୀ- କୋଲକାତା | ବିଶାଖାପାଟଣା | ରାତି ୭.୩୦ |
| ୪/୪ | ଗୁଜରାଟ- ପଞ୍ଜାବ | ଅହମ୍ମଦାବାଦ | ରାତି ୭.୩୦ |
| ୫/୪ | ହାଇଦ୍ରାବାଦ- ଚେନ୍ନାଇ | ହାଇଦରାବାଦ୍ | ରାତି ୭.୩୦ |
| ୬/୪ | ରାଜସ୍ଥାନ- ବାଙ୍ଗାଲୋର | ଜୟପୁର | ରାତି ୭.୩୦ |
| ୭/୪ | ମୁମ୍ବାଇ- ଦିଲ୍ଲୀ | ମୁମ୍ବଇ | ଅପରାହ୍ଣ ୩.୩୦ |
| ୭/୪ | ଲକ୍ଷ୍ନୌ- ଗୁଜରାଟ | ଲକ୍ଷ୍ନୌ | ରାତି ୭.୩୦ |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର